ଧରିତ୍ରୀ 51 Years

# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ସେପ୍ଟେମ୍ବର ୧୫/୨୦୨୫ (୧୬ ପୃଷ୍ଠା) Bhubaneswar, Monday, September 15/2025 Page 16 ₹ 7.00 | BERHAMPUR

୫୧ଶ ଭାଗ ୨୯୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 291 ମୂଲ୍ୟ₹୭/-

DSPL-255



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ନିଯୁକ୍ତି ମେଳା

ମୁଖ୍ୟମନ୍ତ୍ରୀ
## ଶ୍ରୀ ମୋହନ ଚରଣ ମାଝୀଙ୍କ
କରକମଳରେ
## ନୂତନ ଭାବେ ଚୟନୀତ ୭ଟି ବିଭାଗର
## ୧୬୮୬ ଜଣ ପ୍ରାର୍ଥୀଙ୍କୁ
# ନିଯୁକ୍ତିପତ୍ର ପ୍ରଦାନ

| | |
|---|---|
| ୩୪ | କୃଷି ଓ କୃଷକ ସଶକ୍ତିକରଣ ବିଭାଗ |
| ୬୧ | ଅର୍ଥ ବିଭାଗ |
| ୪୧୩ | ଜଳସମ୍ପଦ ବିଭାଗ |
| ୩୭ | ଆଇନ ବିଭାଗ |
| ୨୩ | ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ |
| ୯୮୨ | ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ |
| ୧୩୬ | ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗ |

**୧୫ ସେପ୍ଟେମ୍ବର ୨୦୨୫ | ଇଡ଼କୋ ପ୍ରଦର୍ଶନୀ ପଡିଆ, ୟୁନିଟ୍ - ୩, ଭୁବନେଶ୍ୱର**

କୃଷି ଓ କୃଷକ ସଶକ୍ତିକରଣ ବିଭାଗ | ଅର୍ଥ ବିଭାଗ | ଜଳସମ୍ପଦ ବିଭାଗ | ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ |
ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ | ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗ

**ଓଡ଼ିଶା ସରକାର**

OIPR-32001/13/0012/2526

## ଆସାମରେ ୫.୯ ତୀବ୍ରତାର ଭୂକମ୍ପ

ଆସାମରେ ରବିବାର ଅପରାହ୍ନ ୪ଟା ୪୧ ମିନିଟ୍ ସମୟରେ ୫.୯ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇଛି। ଏହାର କମ୍ପନ ଉତ୍ତର ପଶ୍ଚିମବଙ୍ଗ, ଭୁଟାନରେ ମଧ ଅନୁଭୂତ ହୋଇଥିଲା। ଭୂକମ୍ପର କେନ୍ଦ୍ରସ୍ଥଳ ଉଦଲଗୁରି ଜିଲାରେ ୫ କିଲୋମିଟର ଗଭୀରରେ ବୋଲି ଜଣାପଡ଼ିଛି। ଭୂମିକମ୍ପକୁ ନେଇ ଆତଙ୍କ ଖେଳିଯିବା ସହ ଲୋକେ ଘରୁ ବାହାରି ଆସିଥିଲେ। ତେବେ ଆହତ କିମ୍ବା କ୍ଷୟକ୍ଷତି ସମ୍ପର୍କିତ ଖବର ମିଳିନାହିଁ।

**ସଂକ୍ଷେପରେ**

## ଆଜି ୱାକ୍ଫ ରାୟ

ନୂଆଦିଲ୍ଲୀ,୧୪।୯

ୱାକ୍ଫ (ସଂଶୋଧନ) ଆଇନ, ୨୦୨୫ର ସାମ୍ବିଧାନିକ ବୈଧତାକୁ ଚ୍ୟାଲେଞ୍ଜ କରି ଦାଏର ପିଟିଶନଗୁଡ଼ିକ ଉପରେ ସୁପ୍ରିମକୋର୍ଟ ସୋମବାର ଅନ୍ତରୀଣ ରାୟ ଶୁଣାଇବେ। ପ୍ରଧାନ ବିଚାରପତି ବି.ଆର୍. ଗବଇ ଏବଂ ଜଷ୍ଟିସ୍ ଏ.ଜି. ମସିହଙ୍କ ଖଣ୍ଡପୀଠ ଉଭୟ ପକ୍ଷଙ୍କ ଯୁକ୍ତି ଶୁଣିବା ପରେ ମେ’ ୨୨ରେ ରାୟ ସଂରକ୍ଷିତ ରଖିଥିଲେ। ଅନ୍ୟତମ ପିଟିଶନର ଏଆଇଏମ୍ଆଇଏମ୍ ମୁଖ୍ୟ ତଥା ହାଇଦ୍ରାବାଦ ଏମ୍‌ପି ଅସାଦୁଦ୍ଦିନ ଓ୍ୱାଇସି ସଂଶୋଧିତ ଆଇନର ପ୍ରମୁଖ ବ୍ୟବସ୍ଥାଗୁଡ଼ିକ ଉପରେ ପ୍ରଶ୍ନ ଉଠାଇ ପିଟିଶନ ଦାଏର କରିଥିଲେ। ‘ୱାକ୍ଫ ବାଏ କୋର୍ଟସ୍, ୱାକ୍ଫ ବାଏ ୟୁଜର କିମ୍ବା ୱାକ୍ଫ ବାଏ ଡିଡ୍ ଭାବେ ଘୋଷିତ ସମ୍ପତ୍ତିଗୁଡ଼ିକୁ ରଦ୍ଦ କରିବା କ୍ଷମତା, ରାଜ୍ୟ ୱାକ୍ଫ ବୋର୍ଡ ଓ କେନ୍ଦ୍ରୀୟ ୱାକ୍ଫ କାଉନ୍‌ସିଲ୍ ଗଠନ ଏବଂ ୱାକ୍ଫ ସମ୍ପତ୍ତି ସରକାରୀ ଜମି ବୋଲି ଜିଲାପାଳଙ୍କ ତଦନ୍ତରୁ ଜଣାପଡିଲେ, ତାହାକୁ ୱାକ୍ଫ ବିବେଚନା କରାଯିବ ନାହିଁ ଆଦି ବ୍ୟବସ୍ଥାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା। ଅନ୍ତରୀଣ ରାୟ ସଂରକ୍ଷିତ ରଖିବା ପୂର୍ବରୁ ଖଣ୍ଡପୀଠ ଆବେଦନକାରୀମାନଙ୍କ ଓକିଲ ଏବଂ କେନ୍ଦ୍ର ସରକାରଙ୍କ ତରଫରୁ ପ୍ରତିନିଧିତ୍ୱ କରୁଥିବା ସଲିସିଟର ଜେନେରାଲ ତୁଷାର ମେହେଟ୍ଟାଙ୍କ ଯୁକ୍ତି ଶୁଣାଣି କରିଥିଲେ।

## ରୁଷିଆ ତୈଳ ବିଶୋଧନାଗାରରେ ୟୁକ୍ରେନ୍‌ର ଡ୍ରୋନ୍ ଆକ୍ରମଣ

ମସ୍କୋ,୧୪।୯

ରୁଷିଆର ସର୍ବବୃହତ୍ ତୈଳ ବିଶୋଧନାଗାର ଉପରେ ୟୁକ୍ରେନ୍ ଶନିବାର ରାତିରେ ଡ୍ରୋନ୍ ଆକ୍ରମଣ କରିବାରୁ ନିଆଁ ଲାଗିଯାଇଛି। ଉତ୍ତରପଶ୍ଚିମ ଲେନିନ୍‌ଗ୍ରାଡ୍ ଅଞ୍ଚଳରେ ଥିବା କିରିଶି ରିଫାଇନାରିରେ ଏହି ଆକ୍ରମଣ ହୋଇଛି। କିଛି ସପ୍ତାହ ହେଲା ୟୁକ୍ରେନ୍ ରୁଷିଆର ତୈଳ ଭିତ୍ତିଭୂମିକୁ ଟାର୍ଗେଟ କରିଆସୁଛି। କିରିଶି ରିଫାଇନାରିରୁ ବାର୍ଷିକ ୧୭.୭ ନିୟୁତ ମେଟ୍ରିକ୍ ଟନ୍ ବା ଦୈନିକ ୩,୫୫,୦୦୦ ବ୍ୟାରେଲ୍ ତୈଳ ଉତ୍ପାଦନ ହୋଇଥାଏ। ଆକ୍ରମଣ ପରେ ଉକ୍ତ ଅଞ୍ଚଳର ରାତି ଆକାଶରେ ଧୂଆଁର ବାଦଲ ଦେଖାଯାଇଥିଲା। କିରିଶି ଅଞ୍ଚଳରେ ୩ଟି ଡ୍ରୋନ୍‌କୁ ଖସାଇ ଦିଆଯାଇଥିବାବେଳେ ଏହାର ଭଗ୍ନାବଶେଷ ରିଫାଇନାରି ଉପରେ ପଡ଼ି ନିଆଁ ଲାଗିଯାଇଥିବା ଆଞ୍ଚଳିକ ଗଭର୍ନର ଆଲେକ୍‌ଜାଣ୍ଡାର ଡ୍ରୋଜ୍‌ଡେଙ୍କୋ କହିଛନ୍ତି। ଏଥିରେ କେହି ଆହତ ହୋଇ ନ ଥିବାବେଳେ ନିଆଁକୁ ଆୟତ୍ତ କରାଯାଇଛି।

**ଦିଲ୍ଲୀରେ ଆଜି**



ଆମେରିକାରେ ଭାରତୀୟଙ୍କ ହତ୍ୟାର ପ୍ରତିବାଦରେ ନୂଆଦିଲ୍ଲୀର ଯନ୍ତରମନ୍ତରଠାରେ ରବିବାର ସଂଯୁକ୍ତ ହିନ୍ଦୁ ସାମ୍ମୁଖ୍ୟ ଓ ରାଷ୍ଟ୍ରବାଦୀ ଶିବସେନା ପକ୍ଷରୁ ବିକ୍ଷୋଭ କରାଯାଉଛି। (ଫଟୋ– ଚମନ ଗୌତମ)

# ଗାଳିର ବିଷ ପିଇଯିବି: ମୋଦି

- ପାକ୍ ଆତଙ୍କବାଦୀଙ୍କ ସହ ହାତ ମିଳାଇଥିଲା କଂଗ୍ରେସ
- ଅନୁପ୍ରବେଶକୁ ବିଫଳ କରିବା ପାଇଁ ମିଶନ ଖୁବ୍‌ଶୀଘ୍ର

ଗୁଆହାଟୀ,୧୪।୯

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ତାଙ୍କ ଦିବଂଗତ ମା’ ହୀରାବେନ୍‌ଙ୍କୁ ଟାର୍ଗେଟ କରି ଖରାପ ଭାଷାରେ ଗାଳିଗୁଲଜ କରାଯାଇଥିବାରୁ ଏହାକୁ ନେଇ ବିବାଦ ଜୋର୍‌ଦାର ହୋଇଛି। ଏନେଇ ପ୍ରଧାନମନ୍ତ୍ରୀ ମୁଖ୍ୟ ବିରୋଧୀ ଦଳ କଂଗ୍ରେସକୁ କଡ଼ା ସମାଲୋଚନା କରିଛନ୍ତି। ସେ କହିଛନ୍ତି, ଜନସାଧାରଣ ହେଉଛନ୍ତି ତାଙ୍କ ଭଗବାନ୍, ମାଲିକ ଓ ‘ରିମୋଟ୍ କଣ୍ଟ୍ରୋଲ’। ଅନ୍ୟ କେହି ତାଙ୍କ ନିୟନ୍ତ୍ରଣକାରୀ ନୁହନ୍ତି। ସେଥିପାଇଁ ସେ ନିଜ ଯନ୍ତ୍ରଣାକୁ ଜନସାଧାରଣଙ୍କ ଆଗରେ ଉପସ୍ଥାପନ କରିଛନ୍ତି। ସେ ଶିବଭକ୍ତ ଏବଂ ଗାଳିର ବିଷକୁ ପିଇଯିବେ ବୋଲି ଆସାମର ଦରାଙ୍ଗଠାରେ ଏକ ଜନସଭାକୁ କହିଛନ୍ତି।


ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି

ନିର୍ବାଚନ ହେବାକୁ ଥିବା ବିହାରରେ ଆର୍‌ଜେଡି–କଂଗ୍ରେସ ମଞ୍ଚରୁ କଂଗ୍ରେସ ନେତାମାନେ ପ୍ରଧାନମନ୍ତ୍ରୀ ଓ ତାଙ୍କ ମା’ଙ୍କ ପ୍ରତି ଅପମାନଜନକ ମନ୍ତବ୍ୟ ଦେଇଥିଲେ। ପ୍ରଧାନମନ୍ତ୍ରୀଙ୍କ ମା’ଙ୍କୁ ନେଇ କଂଗ୍ରେସ ଏକ ଏଆଇ ପ୍ରସ୍ତୁତ ଭିଡିଓ ସୋସିଆଲ ମିଡିଆରେ ଛାଡ଼ିଥିଲା, ଯାହାକୁ ନେଇ ବିବାଦ ବଢ଼ିଛି। ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କୁ ତତ୍କାଳୀନ ଉପା ଅଧ୍ୟକ୍ଷା ସୋନିଆ ଗାନ୍ଧୀ ନିୟନ୍ତ୍ରଣ କରୁଥିଲେ। ସେହିପରି ବର୍ତ୍ତମାନର କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଗାନ୍ଧୀ ପରିବାର ଦ୍ୱାରା ନିୟନ୍ତ୍ରିତ। ତେଣୁ ପ୍ରଧାନମନ୍ତ୍ରୀ ରିମୋଟ କଣ୍ଟ୍ରୋଲ ଶବ୍ଦ ବ୍ୟବହାର କରିଛନ୍ତି। ମୋଦି କହିଛନ୍ତି, କଂଗ୍ରେସ କ୍ରମାଗତ ଭାବେ ଦେଶ ବିରୋଧୀ ଶକ୍ତି ଏବଂ ପାକିସ୍ତାନ ଦ୍ୱାରା ପ୍ରତିପାଳିତ ଆତଙ୍କବାଦୀଙ୍କ ପକ୍ଷ ନେଇଆସିଛି। ଆମ ବୀର ସୈନିକମାନଙ୍କ ପଛରେ ଛିଡ଼ାହେବା ପରିବର୍ତ୍ତେ କଂଗ୍ରେସ ଅନୁପ୍ରବେଶକାରୀ ଏବଂ ଦେଶର ଏକତା ପ୍ରତିବିପଦ ସୃଷ୍ଟି କରୁଥିବା ଲୋକଙ୍କୁ ସମର୍ଥନ କରିଆସିଛି। ଜମି ଦଖଲ କିମ୍ବା ରାଷ୍ଟ୍ରର ଜନସଂଖ୍ୟାକୁ ବଦଳାଇବା ପାଇଁ ଭାଜପା କଦାପି ଅନୁପ୍ରବେଶକାରୀଙ୍କୁ ଅନୁମତି ଦେବ ନାହିଁ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ଆସାମରେ ଭାଜପା ସରକାରଙ୍କ କାର୍ଯ୍ୟକୁ ପ୍ରଶଂସା କରି ପ୍ରଧାନମନ୍ତ୍ରୀ କହିଥିଲେ, କଂଗ୍ରେସ ସରକାର ସମୟରେ ହୋଇଥିବା ଭୁଲ୍ ସୁଧାରିବା ଓ ବେଆଇନ ଦାବି ହଟାଇବା କାର୍ଯ୍ୟ ଆରମ୍ଭ ହୋଇଛି। ରାଜ୍ୟରେ କଂଗ୍ରେସ ଶାସନ ବେଳେ କୃଷକଙ୍କ ଜମି ଏବଂ ଉପାସନା ସ୍ଥଳୀଗୁଡ଼ିକୁ ଦଖଲ କରାଯାଇଥିଲା। ସରକାର ‘ଜନସାଂଖ୍ୟିକ ମିଶନ’ ଆରମ୍ଭ କରିବାକୁ ଯାଉଛନ୍ତି। ଅନୁପ୍ରବେଶକାରୀଙ୍କୁ ସହାୟତା ପାଇଁ ଭାରତର ସୀମାନ୍ତ ଅଞ୍ଚଳର ଜନସଂଖ୍ୟାରେ ପରିବର୍ତ୍ତନ ନିମନ୍ତେ ହୋଇଥିବା ପୂର୍ବଚିନ୍ତିତ ଷଡ଼ଯନ୍ତ୍ରକୁ ପ୍ରତିହତ କରିବା ଏହି ମିଶନର ଲକ୍ଷ୍ୟ। ଅନୁପ୍ରବେଶକାରୀ ଓ ସେମାନଙ୍କ କବଳରୁ ଦେଶବାସୀଙ୍କ ସୁରକ୍ଷା ଭାଜପା ସରକାରଙ୍କ ଲକ୍ଷ୍ୟ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଅନୁପ୍ରବେଶକାରୀଙ୍କ କବ୍‌ଜାରେ ଥିବା ଅନେକ ଲକ୍ଷ ବିଘା ଜମିକୁ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କ ନେତୃତ୍ୱାଧୀନ ସରକାର ଫେରାଇ ଆଣିଛନ୍ତି ଓ ଉକ୍ତ ଅଞ୍ଚଳ ଜବରଦଖଲ ମୁକ୍ତ ହୋଇଛି।

### ଆସାମକୁ ୧୮,୫୩୦ କୋଟିର ପ୍ରକଳ୍ପ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସାମରେ ୧୮,୫୩୦ କୋଟି ଟଙ୍କା ମୂଲ୍ୟର ପ୍ରକଳ୍ପ ଉଦ୍‌ଘାଟନ ଓ ଶୁଭାରମ୍ଭ କରିଛନ୍ତି। ସେ ଗୋଲାଘାଟ ଜିଲାର ନୁମାଲିଗଡ଼ରେ ୫,୦୦୦ କୋଟି ଟଙ୍କାର ବାଉଁଶ ଭିତ୍ତିକ ଇଥାନୋଲ କାରଖାନାକୁ ଉଦ୍‌ଘାଟନ କରିବା ସହ ନୁମାଲିଗଡ଼ ରିଫାଇନେରୀରେ ୭,୨୩୦ କୋଟି ଟଙ୍କା ମୂଲ୍ୟରେ ପ୍ରତିଷ୍ଠା ହେବାକୁ ଥିବା ପେଟ୍ରୋ ଫ୍ଲୁଇଡାଇଜ୍‌ଡ କାଟାଲାଇଟିକ୍ କ୍ରାକର ୟୁନିଟ୍‌ର ଶିଳାନ୍ୟାସ କରିଛନ୍ତି। ଦ୍ୱିତୀୟ ପିଢ଼ିର ବାୟୋଇଥାନୋଲ ପ୍ଲାଣ୍ଟ ହେଉଛି ଏକ ଶୂନ୍ୟବର୍ଜ୍ୟ ପ୍ରକଳ୍ପ, ଯେଉଁଠି ବାଉଁଶ ଗଛର ସମସ୍ତ ଅଂଶକୁ ବ୍ୟବହାର କରାଯିବ। ବିଶ୍ୱରେ ଏହା ପ୍ରଥମ। ଏହା ଗ୍ରାମାଞ୍ଚଳ ଅର୍ଥନୀତିକୁ ୨୦୦ କୋଟି ଟଙ୍କା ବଢ଼ାଇବ ବୋଲି ଆଶା କରାଯାଉଛି। ଉତ୍ତରପୂର୍ବାଞ୍ଚଳ ରାଜ୍ୟରୁ ୫ ଲକ୍ଷ ଟନ୍ ବାଉଁଶ ସଂଗ୍ରହ କରାଯିବ, ଯେଉଁଥିରୁ ୫୦ ହଜାର ଲୋକ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଉପକୃତ ହେବେ। ସେହିପରି ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିବା ପଲିପ୍ରାପାଇଲିନ୍ ପ୍ଲାଣ୍ଟ ପ୍ଲାଷ୍ଟିକ୍ ଉତ୍ପାଦନର ମାଇଲଖୁଣ୍ଟ, ଯେଉଁଠି ବାର୍ଷିକ ୭୫ ହଜାର ଶ୍ରମଦିବସ ସୃଷ୍ଟି ହେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଦରାଙ୍ଗ ଜିଲା ମଙ୍ଗାଲଡୋଇଠାରେ ପ୍ରଧାନମନ୍ତ୍ରୀ ୬,୩୦୦ କୋଟିଟଙ୍କାର ସ୍ୱାସ୍ଥ୍ୟ ଓ ଭିତ୍ତିଭୂମି ପ୍ରକଳ୍ପର ଶିଳାନ୍ୟାସ କରିଥିଲେ।

## ହିଂସାକାରୀଙ୍କୁ ଆଇନର କାଠଗଡ଼ାକୁ ଅଣାଯିବ: ସୁଶୀଳା

କାଠମାଣ୍ଡୁ, ୧୪।୯

ନେପାଳର ନବନିଯୁକ୍ତ ଅନ୍ତରୀଣ ପ୍ରଧାନମନ୍ତ୍ରୀ ସୁଶୀଳା କାର୍କି ରବିବାର ସିଂହ ଦରବାର ସଚିବାଳୟରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏକ ଖବରଦାତା ସମ୍ମିଳନୀରେ ସୁଶୀଳା କହିଛନ୍ତି, ସେ ୬ ମାସରୁ କମ୍ ସମୟ ପାଇଁ ଅନ୍ତରୀଣ ସରକାରଙ୍କ ଦାୟିତ୍ୱରେ ରହିବେ। ମାର୍ଚ୍ଚରେ ସଂସଦୀୟ ନିର୍ବାଚନ ପରେ ସେ ଏବଂ ତାଙ୍କ ଟିମ୍ ଶାସନତନ୍ତ୍ରକୁ ନୂତନ ସରକାରଙ୍କୁ ହସ୍ତାନ୍ତର କରିବେ। ଏହି



ଅବଧି ମଧ୍ୟରେ ଦେଶର ସମ୍ବିଧାନ ଏବଂ ଗଣତନ୍ତ୍ରକୁ ରକ୍ଷା କରିବା ପାଇଁ ସେ ପ୍ରୟାସ କରିବେ। ଗତ ୮ ଏବଂ ୯ ତାରିଖରେ ଜେନ୍–ଜି ପକ୍ଷରୁ କରାଯାଇଥିବା ବିକ୍ଷୋଭ

**ମୃତକଙ୍କୁ ଦିଆଯିବ ଶହୀଦ ମାନ୍ୟତା**

ପ୍ରଦର୍ଶନର ତଦନ୍ତ ହେବ ଏବଂ ହିଂସା ଓ ଭଙ୍ଗାରୁଜାରେ ସାମିଲ ଲୋକଙ୍କୁ ଆଇନର କାଠଗଡ଼ାକୁ ଅଣାଯିବ। ହିଂସାରେ ପ୍ରାଣ ହରାଇଥିବା ଲୋକଙ୍କୁ ଶହୀଦର ମାନ୍ୟତା ଦିଆଯିବା ସହ ସେମାନଙ୍କ ପରିବାରକୁ ୧୦ ଲକ୍ଷ ନେପାଳୀ ଟଙ୍କା କ୍ଷତିପୂରଣ ଦିଆଯିବ। ସେହିପରି ଆହତଙ୍କ ଖର୍ଚ୍ଚ ମଧ୍ୟ ଅନ୍ତରୀଣ ସରକାର ବହନ କରିବେ ବୋଲି ସେ କହିଛନ୍ତି। ଅନ୍ୟପକ୍ଷେ ଜେନ୍–ଜି ପକ୍ଷରୁ ହୋଇଥିବା ଆନ୍ଦୋଳନ ପ୍ରଭାବରେ ଦେଶରେ ଏକ ଦୁର୍ନୀତିମୁକ୍ତ ରାଜନୈତିକ ବ୍ୟବସ୍ଥା ନିର୍ମାଣ ହେବ ବୋଲି ନେପାଳ ଜେନ୍–ଜିର କୋର୍ କମିଟି ସଦସ୍ୟ ତାନ୍‌କା ଧାମି ଏବଂ ଅର୍ଜୁନ ଶାହି କହିଛନ୍ତି। ଜେନ୍–ଜି ଆନ୍ଦୋଳନ ଦେଶର ଯୁବ ନାଗରିକମାନଙ୍କ ପାଇଁ ଉତ୍ତମ ସୁଯୋଗ ସୃଷ୍ଟି କରିଛି। ସେହିପରି ଭାରତ ଏବଂ ଅନ୍ୟାନ୍ୟ ଦେଶ ନେପାଳରେ ନିବେଶ କରିବେ ବୋଲି ଉଭୟେ ଆଶା ପ୍ରକଟ କରିଛନ୍ତି।

## ଭିନ୍ନକ୍ଷମ ପୁଅ ସହ ୧୩ ମହଲାରୁ ଡେଇଁ ମହିଳାଙ୍କ ଆତ୍ମହତ୍ୟା

ନଏଡ଼ା,୧୪।୯

ଗ୍ରେଟର ନଏଡ଼ାର ଏସ୍ ସିଟି ସୋସାଇଟିରେ ଥିବା ଏକ ବିଲ୍ଡିଂର ୧୩ତମ ମହଲାରୁ ଜଣେ ୩୭ ବର୍ଷୀୟା ମହିଳା ତାଙ୍କ ୧୧ ବର୍ଷର ଭିନ୍ନକ୍ଷମ ପୁଅଙ୍କ ସହ ଡେଇଁ ଆତ୍ମହତ୍ୟା କରିଛନ୍ତି। ଉଭୟଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ରବିବାର ସକାଳ ୧୦ଟାରେ ଏହି ଘଟଣା ଘଟିଥିବାବେଳେ ବିସ୍ରାଖ ଥାନା ପୋଲିସ ପହଞ୍ଚି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ମୃତା ସାକ୍ଷୀ ଚାୱଲାଙ୍କ ଫ୍ଲାଟ୍‌ରୁ ପୋଲିସ ଏକ ସୁଇସାଇଡ୍ ନୋଟ୍ ଜବତ କରିଛି। ସାକ୍ଷୀ ତାଙ୍କ ସ୍ୱାମୀ ଦର୍ପନ ଚାୱଲାଙ୍କ ଉଦ୍ଦେଶ୍ୟରେ ଲେଖିଛନ୍ତି, ଆମେ ଦୁନିଆଁ ଛାଡୁଥିବାରୁ ଦୁଃଖିତ। ଆମେ ଆଉ ତୁମକୁ ଅସୁବିଧାରେ ପକାଇବାକୁ ଚାହୁଁନାହୁଁ। ଆମ ଉପସ୍ଥିତି ତୁମ ଜୀବନକୁ ବରବାଦ କରିବ ନାହିଁ। ଆମ ମୃତ୍ୟୁ ପାଇଁ କେହି ଦାୟୀ ନୁହନ୍ତି।

## ଆମେ ଯୁଦ୍ଧ ଚାହୁଁନୁ

**ଟ୍ରମ୍ପଙ୍କ ଟାରିଫ୍‌ର ଜବାବ ଦେଲା ଚାଇନା**

ବେଜିଂ,୧୪।୯

ରୁଷିଆରୁ ତୈଳ କିଣୁଥିବା ଚାଇନା ଉପରେ ୫୦ରୁ ୧୦୦ ପ୍ରତିଶତ ଟାରିଫ୍ ଲଗାଇବାକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନାଟୋ ରାଷ୍ଟ୍ରଗୁଡ଼ିକୁ କହିଥିବାବେଳେ ବେଜିଂ ଏହାର ଦୃଢ଼ ଜବାବ ଦେଇଛି। ଚାଇନା ବହିର୍ବ୍ୟାପାର ମନ୍ତ୍ରୀ ୱାଙ୍ଗ୍ ୟି କହିଛନ୍ତି, ତାଙ୍କ ଦେଶ ଉତ୍ତେଜନପୂର୍ଣ୍ଣ ପ୍ରସଙ୍ଗଗୁଡ଼ିକର ସମାଧାନ ପାଇଁ ଶାନ୍ତି ଆଲୋଚନାକୁ ପ୍ରୋତ୍ସାହିତ କରିବାକୁ ପ୍ରତିଶ୍ରୁତିବଦ୍ଧ। ଚାଇନା ଯୁଦ୍ଧ ଯୋଜନା କରେନି କି ସେଥିରେ ସାମିଲ ହୁଏ ନାହିଁ। ଯୁଦ୍ଧ ସମସ୍ୟାର ସମାଧାନ କରିପାରିବ ନାହିଁ ଏବଂ କଟକଣା କେବଳ ସେଗୁଡ଼ିକୁ ଜଟିଳ କରିବ ବୋଲି ୱାଙ୍ଗ୍ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ଜାତିସଂଘ ଘୋଷଣାପତ୍ରର ଉଦ୍ଦେଶ୍ୟ ଓ ସିଦ୍ଧାନ୍ତର ସୁରକ୍ଷା ପାଇଁ ମିଳିତ ଭାବେ ବହୁପକ୍ଷୀୟବାଦକୁ ସୁଦୃଢ଼ କରିବା ଉପରେ ୱାଙ୍ଗ୍ ଗୁରୁତ୍ୱାରୋପ କରିଛନ୍ତି। ଚାଇନା ଏବଂ ୟୁରୋପ ପ୍ରତିଦ୍ୱନ୍ଦ୍ୱୀ ହେବା ବଦଳରେ ବନ୍ଧୁ ହୋଇ ରହିବା ଆବଶ୍ୟକ ଓ ପରସ୍ପରର ମୁହାଁମୁହିଁ ହେବା ପରିବର୍ତ୍ତେ ସହଯୋଗ କରିବା ଜରୁରୀ ବୋଲି ସେ କହିଛନ୍ତି। ୟୁକ୍ରେନ୍ ଯୁଦ୍ଧ ବନ୍ଦ କରିବାକୁ ହେଲେ ଚାଇନା ଉପରେ ୫୦ରୁ ୧୦୦% ଟାରିଫ୍ ଲଗାଇବାକୁ ହେବ ବୋଲି ଟ୍ରମ୍ପ ଶନିବାର ନାଟୋ ରାଷ୍ଟ୍ରଗୁଡ଼ିକୁ କହିଥିଲେ। ଏଥିସହିତ ରୁଷିଆରୁ ନାଟୋ ରାଷ୍ଟ୍ରଗୁଡ଼ିକ ତେଲ କିଣା ବନ୍ଦ କରିବାକୁ ସେ ପରାମର୍ଶ ଦେଇଦେଇଥିଲେ। ସବୁ ନାଟୋ ଦେଶ ମସ୍କୋରୁ ତୈଳ କିଣା ବନ୍ଦ କରିଦେଲେ ସେ ରୁଷିଆ ଉପରେ ବଡ଼ କଟକଣା ଲଗାଇବେ ବୋଲି ଟ୍ରୁଥ୍ ସୋସିଆଲରେ ଟ୍ରମ୍ପ ଲେଖିଥିଲେ।

## ପ୍ରୀତି ସରନ୍ ଜାତିସଂଘ ସିଇଏସ୍‌ସିଆର୍ ଅଧ୍ୟକ୍ଷ



ନ୍ୟୁୟର୍କ,୧୪।୯(ପି.ଟି.)

ଭାରତର ପୂର୍ବତନ କୂଟନୀତିଜ୍ଞ ପ୍ରୀତି ସରନ୍ ଜାତିସଂଘର ସମ୍ମାନଜନକ ଆର୍ଥିକ, ସାମାଜିକ ଓ ସାଂସ୍କୃତି ଅଧିକାର କମିଟି (ସିଇଏସ୍‌ସିଆର୍)ର ଅଧ୍ୟକ୍ଷ ନିର୍ବାଚିତ ହୋଇଛନ୍ତି। ସଦସ୍ୟ ରାଷ୍ଟ୍ରଗୁଡ଼ିକ ଦ୍ୱାରା ଅର୍ଥନୀତି ଏବଂ ସାମାଜିକ ଅଧିକାର ଉପରେ ଅନ୍ତର୍ଜାତୀୟ ଅନୁବନ୍ଧଗୁଡ଼ିକର କାର୍ଯ୍ୟକାରିତାକୁ ଏହି କମିଟି ତଦାରଖ କରିଥାଏ। ପ୍ରୀତିଙ୍କର ଭାରତୀୟ ବିଦେଶ ସେବାରେ ୩୬ ବର୍ଷରୁ ଉର୍ଦ୍ଧ୍ୱ କ୍ୟାରିୟର ରହିଛି। ସେ ଏସିଆ, ଆଫ୍ରିକା, ୟୁରୋପ ଏବଂ ଆମେରିକାରେ ଭାରତୀୟ ମିଶନରେ ରାଷ୍ଟ୍ରଦୂତ ଭାବେ କାର୍ଯ୍ୟ କରିଛନ୍ତି। ଶୀର୍ଷ ପଦବୀକୁ ପ୍ରୀତି ନିର୍ବାଚିତ ହେବା ବୈଶ୍ୱିକ ସ୍ତରରେ ମାନବାଧିକାରକୁ ପ୍ରୋତ୍ସାହିତରେ ନୂଆଦିଲ୍ଲୀର ଅବଦାନ ଏବଂ ନେତୃତ୍ୱକୁ ସ୍ୱୀକୃତି ବୋଲି ଜାତିସଂଘରେ ଭାରତର ସ୍ଥାୟୀ ମିଶନ ପକ୍ଷରୁ କୁହାଯାଇଛି। ସିଇଏସ୍‌ସିଆର୍ ଜାତିସଂଘ ମାନବାଧିକାର ଆୟୋଗର ପ୍ରଶାସନିକ ନିୟନ୍ତ୍ରଣରେ କାର୍ଯ୍ୟ କରିଥାଏ। ପ୍ରୀତି ବହିର୍ବ୍ୟାପାର ମନ୍ତ୍ରଣାଳୟର ସଚିବ (ପୂର୍ବ) ଭାବେ ୨ ବର୍ଷ କାର୍ଯ୍ୟ କରିବା ପରେ ୨୦୧୮ରେ ଅବସର ନେଇଥିଲେ।



# ଧରିତ୍ରୀ
DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ସୋମବାର, ସେପ୍ଟେମ୍ବର ୧୫/୨୦୨୫ | Bhubaneswar, Monday, September 15/2025 | ପୃଷ୍ଠା-୧









ବେଆଇନ ଆପ୍ରବାସୀମାନଙ୍କୁ ବ୍ରିଟେନରୁ ବାହାର କରିବା ଦାବିରେ କେନ୍ଦ୍ରୀୟ ଲଣ୍ଡନରେ ରବିବାର 'ୟୁନାଇଟ୍ ଦ କିଙ୍ଗଡମ୍' ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

# ନିଯୁକ୍ତି ପାଇଁ ଶାରୀରିକ ପରୀକ୍ଷା ଭାରି: ୨ ମୃତ

- ଛତ୍ରପୁରରେ ହୋମ୍‌ଗାର୍ଡ ପରୀକ୍ଷାର୍ଥୀଙ୍କ ମୃତ୍ୟୁ
- ଝାରସୁଗୁଡ଼ାରେ ଓଏସ୍‌ଏପି ବାଟାଲିୟନ ପରୀକ୍ଷା ପ୍ରସ୍ତୁତି ବେଳେ ନେପାଳୀ ଯୁବକଙ୍କ ମୃତ୍ୟୁ


ଶିବରାମ ପ୍ରଧାନ


ଗୋବିନ୍ଦ କୁମାଲ

ସୁରକ୍ଷା ବାହିନୀ ଓ ପୋଲିସ ବିଭାଗରେ କାର୍ଯ୍ୟ କରିବା ପାଇଁ ଯୁବଗୋଷ୍ଠୀଙ୍କ ମଧ୍ୟରେ ଆଗ୍ରହ ଦେଖିବାକୁ ମିଳୁଛି। ଏପରି କି ହୋମ୍‌ଗାର୍ଡ ପଦବୀ ପାଇଁ ଉଚ୍ଚ ଶିକ୍ଷା ଡିଗ୍ରୀଧାରୀମାନେ ମଧ୍ୟ ଆବେଦନ କରୁଛନ୍ତି। ହେଲେ ସେମାନେ ଶାରୀରିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାବେଳେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏପରି କି କେତେଜଣ ଶାରୀରିକ ପରୀକ୍ଷା ସମୟରେ ପ୍ରାଣ ମଧ୍ୟ ହରାଉଛନ୍ତି। ପୂର୍ବରୁ ଏଭଳି ଏକାଧିକ ଘଟଣା ଦେଖିବାକୁ ମିଳିଥିବାବେଳେ ରବିବାର ଆଉ ୨ ଯୁବକଙ୍କ ଜୀବନ ଯାଇଛି। ଛତ୍ରପୁରଠାରେ ହୋମ୍‌ଗାର୍ଡ ନିଯୁକ୍ତି ପାଇଁ ଦୌଡ଼ ପ୍ରତିଯୋଗିତା ଚାଲିଥିବା ସମୟରେ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଝାରସୁଗୁଡ଼ାରେ ଆସନ୍ତା ୧୭ରେ ହେବାକୁ ଥିବା ଓଏସ୍‌ଏପି ଦ୍ୱିତୀୟ ବାଟାଲିୟନରେ ନିଯୁକ୍ତି ପାଇଁ ଶାରୀରିକ ଅଭ୍ୟାସବେଳେ ଜଣେ ନେପାଳୀ ଯୁବକଙ୍କ ପ୍ରାଣହାନି ଘଟିଛି।

ଛତ୍ରପୁର/ ଝାରସୁଗୁଡ଼ା,୧୪।୯ (ଦିଲୀପ ସାମଲ/ସନ୍ତୋଷ ପାଢ଼ୀ/ ଆଶିଷ ରଞ୍ଜନ ଦାଶ)

ହୋମଗାର୍ଡ ପଦବୀ ପାଇଁ ଗଞ୍ଜାମ ପୋଲିସ ଜିଲା ଅଧୀନରେ ଛତ୍ରପୁରସ୍ଥିତ ରିଜର୍ଭ ପୋଲିସ ପଡ଼ିଆରେ ରବିବାର ଦୌଡ଼ ପରୀକ୍ଷା ଚାଲିଥିବାବେଳେ ଜଣେ ଚାକିରି ଆଶାୟୀଙ୍କ ମୃତ୍ୟୁ ଘଟିଛି । ସେ ହେଲେ ତାରସିଂ ଥାନା ଅଞ୍ଚଳର ଶିବରାମ ପ୍ରଧାନ । ଶିବରାମ ଦୌଡ଼ିବା ବେଳେ ଅସୁସ୍ଥ ହୋଇପଡ଼ିଥିଲେ । ତାଙ୍କୁ ତୁରନ୍ତ ଛତ୍ରପୁର ହସ୍ପିଟାଲ ଓ ସେଠାରୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା । ଚିକିତ୍ସାଧୀନ ଅବସ୍ଥାରେ ଶିବରାମଙ୍କ ମୃତ୍ୟୁ ଘଟିଛି । ଏହି ଘଟଣାପରେ ଅପରାହ୍ଣରେ ଚାଲିଥିବା ପ୍ରାର୍ଥୀମାନଙ୍କ ଶାରୀରିକ ପରୀକ୍ଷାକୁ ସ୍ଥଗିତ ରଖାଯାଇଥିଲା । ଫଳରେ ଆଶାୟୀମାନେ ଘରକୁ ଫେରି ଯାଇଥିଲେ । ☞ପୃଷ୍ଠା-୨

# ବିଷାକ୍ତ ମଦ ପିଇ ଯୁବକଙ୍କ ମୃତ୍ୟୁ ଅଭିଯୋଗ

ସୋନପୁର/ ବିନିକା,୧୪।୯ (ମୃତ୍ୟୁଞ୍ଜୟ ଶତପଥୀ/ ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ଥାନା ତୁଲୁଣ୍ଡପାଲି ଗାଁର ରଘୁ ଭୋଇ(୪୩)ଙ୍କ ବିଷାକ୍ତ ମଦ ପିଇବା କାରଣରୁ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ରବିବାର ସକାଳେ ରଘୁ ଗାଁ ନିକଟ ପୋଖରୀ କୂଳରେ ପଡ଼ି ରହିଥିବା ଦେଖିବାକୁ ମିଳିଥିଲା । ଖବର ପାଇ ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ରଘୁଙ୍କ ମୃତଦେହ ଡାକ୍ତରଖାନା ଶବାଗାରରେ ରହିଛି, ସୋମବାର ବ୍ୟବଚ୍ଛେଦ କରାଯିବ । ତେବେ ସ୍ଥାନୀୟ ଅଞ୍ଚଳରେ ବିକ୍ରି ହେଉଥିବା ବିଷାକ୍ତ ଖୋଲା ମଦପିଇ ସ୍ୱାମୀଙ୍କ ମୃତ୍ୟୁ ଘଟିଥିବା ରଘୁଙ୍କ ସ୍ତ୍ରୀ ଆହ୍ଲାଦିନୀ ଅଭିଯୋଗ ☞ପୃଷ୍ଠା-୨

# ବ୍ରିଟେନ୍‌ରେ ତେଜିଲା ଜାତୀୟତାବାଦୀ ଆନ୍ଦୋଳନ

**ବ୍ରିଟେନ୍‌ରେ ଦକ୍ଷିଣପନ୍ଥୀ ଆକ୍ଟିଭିଷ୍ଟ ଟମି ରବିନ୍‌ସନ୍‌ଙ୍କ ନେତୃତ୍ୱରେ ତେଜିଛି ମୁସଲିମ୍ ବିରୋଧୀ ଭାବାବେଗ। ସଦ୍ୟ ଜାତୀୟତାବାଦୀ ଆନ୍ଦୋଳନ ଏଭଳି ସମୟରେ ମୁଣ୍ଡ ଟେକିଛି, ଯେତେବେଳେ କି ଇଂଲିଶ୍ ଚ୍ୟାନେଲ ଅତିକ୍ରମ କରି ଦେଶକୁ ଆସୁଥିବା ଆପ୍ରବାସୀମାନଙ୍କୁ ନେଇ ଜାରି ବିତର୍କ ବ୍ରିଟେନ୍‌କୁ ଦୁଇଭାଗରେ ବିଭକ୍ତ କରିଦେଇଛି। ବିଦେଶରୁ ଦେଶାନ୍ତରୀ ହୋଇ ବ୍ରିଟେନ୍‌କୁ ଆସୁଥିବା ଲୋକେ ସ୍ଥାନୀୟ ବ୍ରିଟିଶ୍‌ମାନଙ୍କ ନିଯୁକ୍ତି ଓ ଅନ୍ୟ ସୁବିଧାଗୁଡ଼ିକୁ ଛଡ଼ାଇ ନେବା ସହ ଆପରାଧିକ କାର୍ଯ୍ୟ ଭିଆଉଥିବା ଅଭିଯୋଗ ବଢ଼ିବାରେ ଲାଗିଛି। ଏପରି କି ଇଥିଓପିଆର ଜଣେ ବ୍ୟକ୍ତି ଲଣ୍ଡନ୍ ଉପକଣ୍ଠରେ ଜଣେ ୧୪ ବର୍ଷୀୟା ଝିଅଙ୍କୁ ବଳାତ୍କାର କରିଥିବା ନେଇ ଅଭିଯୋଗ ହୋଇଥିଲା। ଏଭଳି ସ୍ଥଳେ ରବିନ୍‌ସନ୍‌ଙ୍କୁ ଦେଶବାସୀ ସ୍ୱତଃପ୍ରବୃତ୍ତ ସମର୍ଥନ ଅଜାଡ଼ି ଦେଇଛନ୍ତି।**

### ଲଣ୍ଡନ୍‌ରେ ଆପ୍ରବାସନ ନିରୋଧୀ ବିଶାଳ ରାଲି

ଲଣ୍ଡନ୍,୧୪।୯

ବ୍ରିଟେନରେ ମୁଣ୍ଡ ଟେକିଛି ଆପ୍ରବାସୀ ବିରୋଧୀ ଆନ୍ଦୋଳନ । ସରକାରଙ୍କ ପ୍ରବାସନ ନିରୋଧୀ ନୀତିକୁ ବିରୋଧ କରି ଲଣ୍ଡନରେ ଦକ୍ଷିଣପନ୍ଥୀ କର୍ମୀ ଟମି ରବିନ୍‌ସନ୍‌ଙ୍କ ନେତୃତ୍ୱରେ ପ୍ରାୟ ୧,୫୦,୦୦୦ ବିକ୍ଷୋଭକାରୀ ଜାତୀୟ ପତାକା ଓ ବ୍ୟାନର ଧରି କେନ୍ଦ୍ରୀୟ ଲଣ୍ଡନ୍‌ରେ 'ୟୁନାଇଟ୍ ଦ କିଙ୍ଗଡମ୍' ରାଲିରେ ସାମିଲ ହୋଇଛନ୍ତି । ଅନ୍ୟପକ୍ଷେ ଏହି ଆନ୍ଦୋଳନର ମୁକାବିଲା ପାଇଁ 'ଷ୍ଟାଣ୍ଡ ଅପ୍ ଦି ରେସିଜମ୍' ଗୋଷ୍ଠୀ ପକ୍ଷରୁ 'ମାର୍ଚ୍ଚ ଏଗେନ୍‌ଷ୍ଟ ରେସିଜମ୍' ଶୋଭାଯାତ୍ରା କରାଯାଇଛି । ଏହି ଗୋଷ୍ଠୀ ଦେଶରେ ବର୍ଣ୍ଣବାଦକୁ ବିରୋଧ କରି ପ୍ରବାସୀଙ୍କ ଅଧିକାର ପାଇଁ ଲଢ଼େଇ କରିବାକୁ ପ୍ରତିଶ୍ରୁତିବଦ୍ଧ ହୋଇଛି । ଏମାନଙ୍କ ରାଲିରେ ପ୍ରାୟ ୫,୦୦୦ ☞ପୃଷ୍ଠା-୨

### ଦକ୍ଷିଣପନ୍ଥୀ ଟମି ରବିନ୍‌ସନ୍ କିଏ



ଟମି ରବିନ୍‌ସନ୍‌ଙ୍କ ପ୍ରକୃତ ନାମ ହେଉଛି ଷ୍ଟିଫେନ୍ ୟାକ୍ସଲେ ଲେନୋନ୍ । ଜଣେ ଆପ୍ରବାସୀବିରୋଧୀ ତଥା ଇସ୍‌ଲାମବିରୋଧୀ ଆକ୍ଟିଭିଷ୍ଟ ଭାବେ ରବିନ୍‌ସନ୍ ଜଣାଶୁଣା । ତାଙ୍କ ମା' ଆୟର୍ଲାଣ୍ଡର ହୋଇଥିବାବେଳେ ବାପା ବ୍ରିଟେନ୍ ବାସିନ୍ଦା । ରବିନ୍‌ସନ୍ ୨୦୦୯ରେ ନିଜ ସହର ଲୁଟୋନ୍‌ରେ ଇଂଲିଶ୍ ଡିଫେନ୍ସ ଲିଗ୍ (ଇଡିଏଲ୍) ପ୍ରତିଷ୍ଠା କରି ପ୍ରଥମେ ☞ପୃଷ୍ଠା-୨


**ଆଜିର ସମ୍ପାଦକୀୟ**

ବିକ୍ଷୋଭରୁ ପରିବର୍ତ୍ତନ


# ଦ୍ରବ୍ୟର ସଂଶୋଧିତ ମୂଲ୍ୟ ତୁରନ୍ତ ଉଲ୍ଲେଖ କର: ମନ୍ତ୍ରୀ

ଭୁବନେଶ୍ୱର,୧୪।୯ (ରବିନାରାୟଣ ଜେନା)

ଦ୍ରବ୍ୟ ଓ ସେବାକର(ଜିଏସ୍‌ଟି) ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏକ ଐତିହାସିକ ନିଷ୍ପତ୍ତି ନେଇଛନ୍ତି। ଜିଏସ୍‌ଟି ପରିଷଦ ବୈଠକରେ ଯେଉଁ ସଂଶୋଧନ ହୋଇଛି ତାହାକୁ ତୃଣମୂଳସ୍ତରରେ ଗ୍ରାହକମାନେ ଯେଭଳି ପାଇପାରିବେ ସେଥିପ୍ରତି ଗୁରୁତ୍ୱ ଦିଆଯାଉଛି। ପ୍ରତ୍ୟେକ ପ୍ୟାକିଂରେ ପୁରୁଣା ମୂଲ୍ୟ ସହିତ ସଂଶୋଧିତ ନୂତନ ମୂଲ୍ୟ (ଏମ୍‌ଆର୍‌ପି) ତୁରନ୍ତ ଉଲ୍ଲେଖ କରିବାକୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ରବିବାର ମନ୍ତ୍ରୀ ପାତ୍ର ସମସ୍ତ ଉତ୍ପାଦକ, ପ୍ୟାକର୍ ଓ ଆମଦାନୀକାରୀଙ୍କୁ ସଂଶୋଧିତ ଜିଏସ୍‌ଟି ହ୍ରାସକୁ ସାମଗ୍ରୀ ପ୍ୟାକ୍‌ରେ ପ୍ରତିଫଳିତ କରିବାକୁ କହିଛନ୍ତି। ସେ କହିଛନ୍ତି ଯେ, ସାମଗ୍ରୀରେ ନୂଆ ଏମ୍‌ଆର୍‌ପି ପ୍ରଦର୍ଶନ କରିବାକୁ ହେବ। ସମସ୍ତ ☞ପୃଷ୍ଠା-୨

# ନୂଆ ପ୍ରଜାତିର ମାଛ ଆବିଷ୍କୃତ

## ମଣିପୁର ମଧୁର ଜଳରେ ରହିଛନ୍ତି 'ଗାରା ନାମ୍ଭାଶିଏନ୍‌ସିସ୍'

ଇମ୍ଫାଲ, ୧୪।୯

ମଣିପୁର କାମ୍‌ଜୋଙ୍ଗ ଜିଲାର ତାରେତ୍‌ଲୋକ ନଦୀରେ ନୂତନ ପ୍ରଜାତିର ଏକ ମଧୁର ଜଳ ମାଛକୁ ଆବିଷ୍କାର କରାଯାଇଛି। ପିଅର ରିଭ୍ୟୁଡ୍ ସାଇଣ୍ଟିଫିକ୍ ଜର୍ନାଲ ଜୁଟାକ୍ସାରେ ଏ ସମ୍ପର୍କିତ ଏକ ଅଧ୍ୟୟନ ପ୍ରକାଶ ପାଇଛି। ଲାବୋନିନ୍ ମାଛର ନୂତନ ପ୍ରଜାତି 'ଗାରା ନାମ୍ଭାଶିଏନ୍‌ସିସ୍'କୁ ସ୍ଥାନୀୟ କାସୋମ ଖୁଲ୍ଲେନ ନିକଟସ୍ଥ ନାମ୍ଭାଶି ଉପତ୍ୟକାର ତାରେତଲୋକ ନଦୀରେ ଏହି ମାଛ ଠାବ ହୋଇଛି। ମଣିପୁରର ଧନ୍‌ମଞ୍ଜୁରୀ ୟୁନିଭର୍ସିଟି (ଡିଏମ୍‌ୟୁ) ଆସୋସିଏଟ୍ ପ୍ରଫେସର ବୁଙ୍ଗଡନ୍ ଶାଙ୍ଗନିଙ୍ଗମଙ୍କ ନେତୃତ୍ୱରେ ଗବେଷକମାନେ 'ଗାରା ନାମ୍ଭାଶିଏନ୍‌ସିସ୍' ମାଛକୁ ଆବିଷ୍କାର କରିଛନ୍ତି। ଶାଙ୍ଗନିଙ୍ଗମ କହିଛନ୍ତି, ଏହି ପ୍ରଜାତିର ମାଛ ଚିହ୍ନଟ ପରେ ସେ ଏବଂ ତାଙ୍କ ଟିମ୍ ଜୁଟାକ୍ସା ପତ୍ରିକାରେ ପ୍ରକାଶନ ନିମନ୍ତେ ଏକ ଅଧ୍ୟୟନପତ୍ର ଦାଖଲ କରିଥିଲେ। ତେବେ ନିକଟରେ 'ଗାରା ନାମ୍ଭାଶିଏନ୍‌ସିସ୍' ମାଛର ଆବିଷ୍କାରକୁ ଜୁଟାକ୍ସା ସ୍ୱୀକୃତି ଦେଇଛି। ଶାଙ୍ଗନିଙ୍ଗମ ଆହୁରି କହିଛନ୍ତି, ଏହି ମାଛର ଆକାର ୯ରୁ ୧୪ ସେ.ମି. ମଧ୍ୟରେ ହୋଇଥିବାବେଳେ ଏହା ସ୍ଥାନୀୟ ଅଞ୍ଚଳରେ ନୁଟୁଙ୍ଗନୁ ନାମରେ ପରିଚିତ। ଏହି ନୂତନ ପ୍ରଜାତିର ମାଛଙ୍କଠାରେ ଚତୁର୍ଭୁଜ ଆକାରର ଏକଖଣ୍ଡି ଶୁଣ୍ଢ ରହିଛି। ଶୈବାଳ ଆଚ୍ଛାଦିତ କଙ୍କଣ ଶଯ୍ୟା, ପଥର, ବାଲି, ସୂକ୍ଷ୍ମ ପଙ୍କ ଆଦି ମିଶ୍ରିତ ପଦାର୍ଥ ଥିବା ଦ୍ରୁତ ପ୍ରବାହିତ ନଦୀରେ 'ଗାରା ନାମ୍ଭାଶିଏନ୍‌ସିସ୍'କୁ ଆବିଷ୍କାର କରାଯାଇଥିଲା। ପୂର୍ବୋତ୍ତର ଭାରତ, ପୂର୍ବ ହିମାଳୟ ଓ ଇଣ୍ଡୋ ବର୍ମା ଅଞ୍ଚଳର ଚିନ୍ଦୱିନ୍, ବ୍ରହ୍ମପୁତ୍ର, ବରାକ୍, କଲାଦାନ ନଦୀ ସହ ଭୁଟାନ, ତିବ୍ବତ, ବାଂଲାଦେଶକୁ ସଂଲଗ୍ନ ଅଞ୍ଚଳରେ ଥିବା ନଦୀରେ ଏହି ପ୍ରଜାତିର ମାଛ ରହିଛନ୍ତି ବୋଲି ଅଧ୍ୟୟନରେ ପ୍ରକାଶ ପାଇଛି।






ଧରିତ୍ରୀ 51 Years
ଭୁବନେଶ୍ୱର, ସୋମବାର, ୧୫ ସେପ୍ଟେମ୍ବର, ୨୦୨୫



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଖୋର୍ଦ୍ଧା ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ବାଲିଅନ୍ତା ବ୍ଲକ ଅନ୍ତର୍ଗତ ବେଣ୍ତପୁରସ୍ଥିତ କଲ୍ୟାଣ ମଣ୍ଡପ, ସମୟ: ସକାଳ ୯ଟା।
- ପ୍ରୟାସ ନବରାତ୍ରୀ ଦାଣ୍ଡିଆ ମହୋତ୍ସବ ନିମନ୍ତେ ଖବରଦାତା ସମ୍ମିଳନୀ, ସ୍ଥାନ: ବୁଦ୍ଧମନ୍ଦିର, ୟୁନିଟ୍ ୩, ସମୟ: ଅପରାହ୍ନ ୪ଟା।
- ମାସିକ ସାଂସ୍କୃତିକ କାର୍ଯ୍ୟକ୍ରମ 'ସଙ୍ଗୀତାୟନ' ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ବିଦ୍ୟାକନକ ସୃଜନାନୁଷ୍ଠାନ ପକ୍ଷରୁ ଆୟୋଜିତ ନାଟ୍ୟ ଲହରୀ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।
- ସିଆର୍‌ଏପିଟିଏସ୍ ଫାଉଣ୍ଡେଶନ୍ ପକ୍ଷରୁ ଇଞ୍ଜିନିୟର୍ସ ଦିବସ ପାଳନ, ସ୍ଥାନ: ବୁଦ୍ଧମନ୍ଦିର, ସମୟ: ସନ୍ଧ୍ୟା ୭ଟା ୩୦।

## କଟକ

- କଟକ ସିଟି ଇଞ୍ଜିନିୟର୍ସ କ୍ଲବ ପକ୍ଷରୁ ୫୮ତମ ଯନ୍ତ୍ରୀ ଦିବସ ସମାରୋହ, ସ୍ଥାନ: ଶ୍ରୀରାମ ଚନ୍ଦ୍ର ଭବନ, ସମୟ: ସକାଳ ୯ଟା ୩୦।
- ଧନେଶ୍ୱର ରଥ ଫାଉଣ୍ଡେଶନ ପକ୍ଷରୁ ପୂଜ୍ୟପୂଜା ସମାରୋହ ୨୦୨୫, ସ୍ଥାନ: ଜୟଶ୍ରୀ ଅଡିଟୋରିୟମ, ଡ୍ରିମ୍ସ ବିଶ୍ୱବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ପୂର୍ଣ୍ଣିମା ଫାଉଣ୍ଡେଶନ ପକ୍ଷରୁ ସାର ଏମ୍ ବିଶେଶ୍ୱରାୟଙ୍କ ୧୬୫ତମ ଜୟନ୍ତୀ ଓ ଯନ୍ତ୍ରୀ ଦିବସ, ସ୍ଥାନ: ମହାନଦୀ ଭବନ, ମହାନଦୀବିହାର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଦି ଓଡ଼ିଶା ଇଞ୍ଜିନିୟର୍ସ ଫୋରମ ପକ୍ଷରୁ ୫୮ତମ ଯନ୍ତ୍ରୀ ଦିବସ ପାଳନ, ସ୍ଥାନ: ସାରଳା ଭବନ, ବିଜୁ ପଟ୍ଟନାୟକ ଛକ, ସମୟ: ସନ୍ଧ୍ୟା ୬ଟା ୩୦।
- ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାରିଣୀ ସଂଘ ଭକ୍ତିପସରାର ସପ୍ତବିଂଶତମ ବାର୍ଷିକ ଉତ୍ସବ ପ୍ରବଚନର ଉଦ୍‌ଯାପନୀ ଦିବସ, ସ୍ଥାନ: ଶ୍ରୀବଳଦେବଜୀଉ ମନ୍ଦିର ପରିସର, ରାଣୀହାଟ, ସମୟ: ସନ୍ଧ୍ୟା ୭ଟା।
- କଟକ ସତସଙ୍ଗ ବିହାର ଆନୁକୂଲ୍ୟରେ ଖାନନଗର ଗୁରୁଭ୍ରାତାଙ୍କ ପକ୍ଷରୁ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ଭାଦ୍ର ପରିକ୍ରମା ସତସଙ୍ଗ, ସ୍ଥାନ: ଗୋପାଳଜୀଉ ମନ୍ଦିର, ସମୟ: ସନ୍ଧ୍ୟା ୭ଟା ୩୦।

## ପୁରୀ

- ସର୍ବଭାରତୀୟ ବାଳିକା ଓ ବାଳକ କନିଷ୍ଠ ବର୍ଗ ଟେନିସ ଟୁର୍ନାମେଣ୍ଟ, ସ୍ଥାନ: ସାଇ ଏକାଡେମୀ, ଫୁଲ ଅଳସା, ସାକ୍ଷୀଗୋପାଳ, ସମୟ: ସକାଳ ୮ଟା।
- ଇନ୍‌ଡୋର ଷ୍ଟାଡିୟମ ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ: ଉତ୍କଳ ମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟ, ସାକ୍ଷୀଗୋପାଳ, ସମୟ: ପୂର୍ବାହ୍ନ ୧୧ଟା।

## ବାଲେଶ୍ୱର

- କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା,ସ୍ଥାନ:କଣ୍ଟେଇ ଛକ, ବାଲେଶ୍ୱର, ସମୟ:ସକାଳ ୭ଟା ୩୦।
- ୫୮ତମ ଇଞ୍ଜିନିୟର୍ସ ଦିବସ ପାଳନ,ସ୍ଥାନ:ଭେନିୟା ପାରାଡାଇଜ୍, ବାଲେଶ୍ୱର,ସମୟ:ପୂର୍ବାହ୍ନ ୧୦ଟା।
- ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଜନଅଭିଯୋଗ ଶୁଣାଣି ଶିବିର,ସ୍ଥାନ:ବ୍ଲକ କାର୍ଯ୍ୟାଳୟ, ନୀଳଗିରି,ସମୟ:ପୂର୍ବାହ୍ନ ୧୦ଟା।

## ଭଦ୍ରକ

- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ବ୍ଲକ ସମ୍ମିଳନୀ କକ୍ଷ, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୦ଟା।
- ବନ୍ଧୁମିଳନ ଓ ପ୍ରସାଦ ସେବନ, ସ୍ଥାନ: କୁଆଁସ କାଞ୍ଚନ ଗଣେଶ ପୂଜା ମଣ୍ଡପ, ଭଦ୍ରକ, ସମୟ: ଅପରାହ୍ନ ୧ଟା।

## କେନ୍ଦୁଝର

- ଜିଲାସ୍ତରୀୟ ଶିଶୁ ମହୋତ୍ସବ, ମହକ ଆଣ୍ଡ ଉତ୍ସାହ, ସ୍ଥାନ: କେନ୍ଦୁଝରର ଶଙ୍କରପୁର ଧରଣୀଧର ସ୍ପୋର୍ଟସ କମ୍ପ୍ଲେକ୍ସ, ସମୟ: ପୂର୍ବାହ୍ନ ୯ ଟା।
- ମା' ମଙ୍ଗଳା ମନ୍ଦିର ଓ ଶ୍ରୀ ଜଗନ୍ନାଥ ମନ୍ଦିରର ଷୋଡ଼ଶ ଦିନାତ୍ମକ ପୂଜା, ସ୍ଥାନ: ଯୋଡ଼ା, ସମୟ: ପୂର୍ବାହ୍ନ ୧୦ଟା।

## ମୟୂରଭଞ୍ଜ

- ମୟୂରଭଞ୍ଜ ଆଥଲେଟିକ ଆସୋସିଏସନ ବିଲ୍ଡିଂର ଶୁଭ ଉଦ୍‌ଘାଟନ, ସ୍ଥାନ:ଷ୍ଟାଡିୟମ ବାରିପଦା,ସମୟ:ସକାଳ ୯ଟା
- ଝୁମର କର୍ମଶାଳା, ସ୍ଥାନ: ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ପରିସର, ତକତପୁର, ବାରିପଦା,ସମୟ: ଅପରାହ୍ନ ୩ଟା।

## ବ୍ରହ୍ମପୁର

- ଚାରାରୋପଣ କାର୍ଯ୍ୟକ୍ରମ,ସ୍ଥାନ: ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ,ସମୟ: ପୂର୍ବାହ୍ନ ୧୦ଟା।

## ଗଞ୍ଜାମ

- ଗ୍ରାମପଞ୍ଚାୟତ ସ୍ତରୀୟ ଜନଶୁଣାଣି, ସ୍ଥାନ: ଆସିକା ବ୍ଲକ ବାଲିଛାଇ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ; ବୁଗୁଡ଼ା, ମୋଟାବାଡ଼ି ; ନିମଖଣ୍ଡି ପେଣ୍ଠ ପଞ୍ଚାୟତ କାର୍ଯ୍ୟାଳୟ,ଦିଗପହଣ୍ଡି, ସମୟ: ପୂର୍ବାହ୍ନ ୧୦ ଟା।
- ଏସ୍‌ଆର୍‌ଏଫ୍ କେମିକାଲ ଆଣ୍ଡ ସ୍ପେସିଆଲ ନିମନ୍ତେ ଭିତ୍ତିପ୍ରସ୍ତର, ସ୍ଥାନ: ଟାଟା ଷ୍ଟିଲ ସ୍ପେସିଆଲ ଇକୋନୋମିକ ଜୋନ୍ ଲିମିଟେଡ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ରାଜନୀତି ବିଜ୍ଞାନ ବିଭାଗର ପାଠଚକ୍ର, ସ୍ଥାନ: ବୁଗୁଡ଼ା,ପିପୁଲ୍ସ କଲେଜ, ସମୟ: ପୂର୍ବାହ୍ନ ୧୧ ଟା ।
- ହାତୀ ସଭା, ସ୍ଥାନ: ରାମଜୀ କଲେଜ ପରିସର, ଭୀଷ୍ମଗିରି ଗାଁ, ଦିଗପହଣ୍ଡି, ସମୟ: ମଧ୍ୟାହ୍ନ ୧୨ ଟା।

## ଢେଙ୍କାନାଳ

- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ହିନ୍ଦୋଳ ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଏଏପି ପକ୍ଷରୁ ଗଣଧାରଣା, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ ଫାଟକ ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା୩୦।

## ଜଗତ୍‌ସିଂହପୁର

- ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ଜଗତ୍‌ସିଂହପୁର ଜିଲାରେ ଓସ୍‌ୱାସର କାର୍ଯ୍ୟକାରିତା ଉପରେ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହ, ସମୟ: ଅପରାହ୍ନ ୧ଟା୩୦।

## କେନ୍ଦ୍ରାପଡ଼ା

- ପ୍ରଶାସନିକ ମିଳିତ ଜନଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି ଗୃହ, ମହାକାଳପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ମା'ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: କୋରୁଆ, ଗରଦପୁର, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର

- ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି, ସ୍ଥାନ: ବଡ଼ଚଣା ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।

## ନୟାଗଡ଼

- ଜିଲାପାଳଙ୍କ ଜନଶୁଣାଣି, ସ୍ଥାନ: ଖଣ୍ଡପଡା ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ।
- ସ୍ୱାସ୍ଥ୍ୟସେବାର ଟାସ୍କଫୋର୍ସ ବୈଠକ, ସ୍ଥାନ: ବଡପଣ୍ଡୁସର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ: ଅପରାହ୍ନ ୩ଟା ।
- ବିମଳାଙ୍କ ଷୋଡଶ ପୂଜାର ଦିତୀୟ ଦିବସ, ସ୍ଥାନ:କଣ୍ଟିଲୋ ନୀଳମାଧବ ପୀଠ, ସମୟ: ସନ୍ଧ୍ୟା ୭ଟା ।

## ରାୟଗଡ଼ା

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ଗୁଣପୁର ଉପ ଜିଲାପାଳ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହ , ସମୟ: ପୂର୍ବାହ୍ନ ୧୦ଟା ୩୦ ।

## ନବରଙ୍ଗପୁର

- ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ଉମରକୋଟ ପୌର କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ।
- ପଞ୍ଚାୟତ ସମିତି ସାଧାରଣ ବୈଠକ, ସ୍ଥାନ: ଝରିଗାଁ ପଞ୍ଚାୟତ ସମିତି ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା ।
- ଏମ୍‌ଜିଏନ୍‌ଆରଇଜିଏସ୍ ଜନ ଶୁଣାଣି ଶିବିର, ସ୍ଥାନ: ଡାବୁଗାଁ ବ୍ଲକ୍ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ ଟା।

## କୋରାପୁଟ

- ଜିଲାସ୍ତରୀୟ ଜନଶୁଣାଣି, ସ୍ଥାନ: ବ୍ଲକ ସଭାଗୃହ, ନାରାୟଣପାଟଣା, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: ଅତଣ୍ଡା ପଞ୍ଚାୟତ, ନନ୍ଦପୁର ବ୍ଲକ୍, ସୋରିଷ ପଦର ପଞ୍ଚାୟତ କାର୍ଯ୍ୟାଳୟ,ସେମିଳିଗୁଡ଼ା ବ୍ଲକ, ସ୍ଥାନ: ଲିଟିଗୁଡା ପଞ୍ଚାୟତ କାର୍ଯ୍ୟାଳୟ ପରିସର,ଲିଟିଗୁଡା ବ୍ଲକ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା।
- ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ଦାବିପତ୍ର, ସ୍ଥାନ: ତହସିଲ କାର୍ଯ୍ୟାଳୟ, ପଟ୍ଟାଙ୍ଗି, ସମୟ: ପୂର୍ବାହ୍ନ ୧୧ଟା।

## ମାଲକାନଗିରି

- ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: କୋରୁକୋଣ୍ଡା ବ୍ଲକ୍ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ସମ୍ବଲପୁର

- ଯୋଗ ପରିବାର ଆୟୋଜନରେ ନିଃଶୁଳ୍କ ଯୋଗ ଶିବର, ସ୍ଥାନ : ହାୱା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ : ସକାଳ ୬ଟା ।
- ଜିଲା ପ୍ରଶାସନର ମିଳିତ ଜନ ଶୁଣାଣୀ କାର୍ଯ୍ୟକ୍ରମ, ସ୍ଥାନ : ଜୁଜୁମୁରା ବ୍ଲକ କାର୍ଯ୍ୟାଳୟ, ସମୟ : ପୂର୍ବାହ୍ନ ୧୦ଟା ।
- ସତ୍ୟନାରାୟଣ ବହିଦାର ସାହିତ୍ୟ ପରିଷଦ ପକ୍ଷରୁ ସମ୍ବଲପୁରୀ କବିତା ପାଠୋତ୍ସବ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ଅପରାହ୍ନ ୫ଟା ।

## ବଲାଙ୍ଗୀର

- ନଗର କଂଗ୍ରେସ ପକ୍ଷରୁ ଜିଲାପାଳ କାର୍ଯ୍ୟାଳୟ ଘେରାଉ କାର୍ଯ୍ୟକ୍ରମ, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୧ଟା
- ନଗର କଂଗ୍ରେସ ପକ୍ଷରୁ ପଥପ୍ରାନ୍ତ ନାଟକ ପରିବେଷଣ, ସ୍ଥାନ: ବିକ୍ରମ ଛକ, ସମଲେଶ୍ୱରୀ ମନ୍ଦିର ଛକ, ସୁଦପଡା ହନୁମାନ ମନ୍ଦିର ଛକ, ପୁରୁଣା ସରକାରୀ ବସଷ୍ଟାଣ୍ଡ ଛକ ଓ ଭାଗିରଥି ଛକ, ବଲାଙ୍ଗୀର ସମୟ: ଅପରାହ୍ନ ୫ଟାରୁ

## ରାଉରକେଲା

- ଶାରଦୀୟ ଦୁର୍ଗାପୂଜା ପ୍ରସ୍ତୁତି ବୈଠକ, ସେକ୍ଟର-୧୬, ସମୟ: ପୂର୍ବାହ୍ନ ୧୦ଟା।
- ଦୁର୍ଗାପୂଜା ସୁବର୍ଣ୍ଣ ଜୟନ୍ତୀ ପାଇଁ ଖବରଦାତା ସମ୍ମିଳନୀ, ସ୍ଥାନ: ଗଙ୍ଗାଧରପାଲୀ, ଦୁର୍ଗାପୂଜା ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।

## ସୁନ୍ଦରଗଡ଼

- ଜିଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣୀ ଶିବିର, ସ୍ଥାନ: ସଦଭାବନା ଭବନ, ସୁନ୍ଦରଗଡ,ସମୟ: ପୂର୍ବାହ୍ନ ୧୦ଟା୩୦।

## ବରଗଡ଼

- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର,ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ଅମ୍ବାଭୋନା,ସମୟ:ପୂର୍ବାହ୍ନ ୧୦ଟା।
- ଦୁର୍ଗାପୂଜା ସୁବର୍ଣ୍ଣ ଜୟନ୍ତୀ ମହୋତ୍ସବ କମିଟିର ଖବରଦାତା ସମ୍ମିଳନୀ,ସ୍ଥାନ:ଜଗନ୍ନାଥ ନଗର ଦୁର୍ଗା ମଣ୍ଡପ,ସମୟ:ପୂର୍ବାହ୍ନ ୧୦ଟା।

## କଳାହାଣ୍ଡି

- ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଜୟପାଟଣା ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଅଗ୍ରସେନ ଜୟନ୍ତୀ ପାଳନ, ସ୍ଥାନ: ଜୁନାଗଡ଼ ଅଗ୍ରେସନ ଭବନ, ସମୟ: ଅପରାହ୍ନ ୪ଟା।

## ବୌଦ୍ଧ

- ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣୀ ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ କଣ୍ଟାମାଳ, ସମୟ:ପୂର୍ବାହ୍ନ ୧୦ଟା।

## ଦେବଗଡ଼

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣ, ସ୍ଥାନ: ବାରକୋଟ ବ୍ଲକ କଣ୍ଟାପାଳି ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ପଞ୍ଚାୟତ ସ୍ତରୀୟ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଲୁତୁରପଙ୍କ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ, ବୀରମହାରାଜପୁର, ସମୟ: ପୂର୍ବାହ୍ନ ୧୦ଟା ।
- ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଅଭିଯେଗ ଶୁଣାଣି ଶିବିର, ସ୍ଥାନ: ତରଭା ବ୍ଲକ କମସରା ପଞ୍ଚାୟତ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଷୋହଳ ପୂଜାର ଦ୍ୱିତୀୟ ଦିବସ, ସ୍ଥାନ: ମାହେଶ୍ୱରୀ ମନ୍ଦିର କର୍ଡାପାଲ, ମୁର୍ଷୁଣ୍ଡି ପଞ୍ଚାୟତ, ବୀରମହାରାଜପୁର, ସମୟ: ଅପରାହ୍ନ ୧ଟା।

## ନୂଆପଡ଼ା

- ପଞ୍ଚାୟତସ୍ତରୀୟ ନୂଆଖାଇ ଭେଟ୍‌ଘାଟ, ସ୍ଥାନ: ଖଡ଼ିଆଳ ବ୍ଲକ ସାନମହେଶ୍ୱର ପଞ୍ଚାୟତ ରଜାମୁଣ୍ଡା ଖେଳପଡିଆ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସିନାପାଲି, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାପାଳଙ୍କ ବର୍ଦ୍ଧିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ସିନାପାଲି ବ୍ଲକ ଛତିଗୁଡ଼ା ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୩ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର କର୍ମକ୍ଷେତ୍ରରେ ଅନ୍ୟମନସ୍କ ହେତୁକ କୌଣସି ଭୁଲ୍ କାମ କରି ଅନୁତପ୍ତ ହେବେ। ସାମାଜିକ ସ୍ତରରେ ସାଂସ୍କୃତିକ କିମ୍ବା ଆନୁଷ୍ଠାନିକ କର୍ମ ସମ୍ପାଦନରେ ମୁଖ୍ୟ ଭୂମିକା ଗ୍ରହଣ କରିପାରନ୍ତି। କଚେରି ମାମଲାରେ ପ୍ରତିପକ୍ଷ ପ୍ରତିଶ୍ରୁତି ରକ୍ଷାକରି ଠିକ୍ ସମୟରେ ଆସିବେ। ପାରିବାରିକ ଜୀବନ ସୁଖ, ସନ୍ତୋଷରେ କଟିବାର ଆଶା ରହିଛି।

**ବୃଷ** କର୍ମକ୍ଷେତ୍ରରେ ପରିସ୍ଥିତିକୁ ସଜାଡି ନେବା ସାଙ୍ଗକୁ ଦୃଢ଼ ପଦକ୍ଷେପ ନେଇ କାର୍ଯ୍ୟ ହାସଲ କରିବେ। ସାହିତ୍ୟ ଓ କ୍ରୀଡ଼ା ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ। ବ୍ୟବସାୟିକ ଦିଗରୁ ଦିନଟି ମନ୍ଦ ନୁହେଁ, ଫଳତଃ ମାନସିକ ସ୍ଥିତି ବହୁତ ଭଲ ରହିବ। ଅଫିସ୍‌ରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହୋଇପାରନ୍ତି।

**ମିଥୁନ** ପାରିବାରିକ ଜୀବନରେ ଚାପର ବଶବର୍ତ୍ତୀ ହୋଇ କେତେକ କାମ କରିବାକୁ ବାଧ୍ୟ ହେବେ। ପଡ଼ୋଶୀ ମାନେ ଈର୍ଷାନ୍ୱିତ ହୋଇ ଭିନ୍ନ ପ୍ରକାରର ମନ୍ତବ୍ୟ ଦେଇପାରନ୍ତି। ବ୍ୟବସାୟ, ପରିବହନ ଓ ବାଣିଜ୍ୟରେ ସ୍ଥିତି ମାନ୍ଦା ହେବନାହିଁ। ଆଜି ଅଫିସ୍‌ରୁ ଫେରନ୍ତା ବାଟରେ ନୂତନ ମିତ୍ରତା ସୃଷ୍ଟି କରିପାରନ୍ତି।

**କର୍କଟ** ପ୍ରତ୍ୟେକ ଦିଗରୁ ଦିନଟି ଖୁସି ଓ ଆନନ୍ଦରେ ଅତିବାହିତ ହେବାର ସୁଯୋଗ ଲଭିବେ। ବନ୍ଧୁମାନଙ୍କ ପ୍ରେରଣା ଲାଭକରି ଆଗାମୀ ଆନୁଷ୍ଠାନିକ କାର୍ଯ୍ୟ ସକାଶେ ତତ୍ପରତା ବଢ଼ିପାରେ। ପୂର୍ବକଳ୍ପିତ ଯୋଜନାକୁ ବାସ୍ତବ ରୂପ ଦେବାରେ ସଫଳ ହେବେ। ନିର୍ମାଣ, ପରିବହନ, ସଭାସମିତି, ସାମ୍ବାଦିକତା ପ୍ରଭୃତି କ୍ଷେତ୍ରରେ ସମସ୍ୟା ଦୂର ହେବ।

**ସିଂହ** ଦୀର୍ଘଦିନରୁ ଯାହା ଆଜିଯାଏ ଚାହୁଁଛନ୍ତି ତାହା ପାଇବା ସକାଶେ ଅନୁକୂଳ ଦିନଟିଏ। ସଭାସମିତି କିମ୍ବା ଆଲୋଚନା କ୍ଷେତ୍ରରେ ଯୁକ୍ତିତର୍କଠାରୁ ଦୂରେଇ ରହିବା ଭଲ। ସାମାଜିକ ସ୍ତରରେ ନୀତିଗତ କାମରୁ ପ୍ରଶଂସିତ ହେବାର ସୁଯୋଗ ପାଇବେ। ଭୁଲ୍ ବୁଝାମଣାରୁ ପାରିବାରିକ ଶାନ୍ତି ଓ ସୁସ୍ଥତା ବ୍ୟାହତ ହୋଇପାରେ।

**କନ୍ୟା** କୌଣସି ତ୍ରୁଟି ନ ଥାଇ ମଧ୍ୟ ବାରମ୍ବାର ସମସ୍ୟା ବୃଦ୍ଧି ପାଉଥିବାରୁ ଅନ୍ୟମାନଙ୍କ ପ୍ରତି ଭଲ ଧାରଣା ହ୍ରାସ ପାଇପାରେ। ପାରିବାରିକ ଆବଶ୍ୟକତା ପୂରଣ ସକାଶେ ଧାର ସୂତ୍ରରେ ଅର୍ଥ ଆଣିବେ। କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିରେ ଚାପ ବଢ଼ିଯିବ। ଆଜିର ଯାତ୍ରା, ବାଣିଜ୍ୟ, ଯୋଗାଯୋଗ, ଗମନାଗମନ ପାଇଁ ଅସୁବିଧା ହେବନାହିଁ।

**ତୁଳା** ଆଜି ଖଳଲୋକଙ୍କ ଦ୍ୱାରା ସୁନିୟନ୍ତ୍ରିତ କାର୍ଯ୍ୟ ଲାଗି କର୍ମକ୍ଷେତ୍ରରେ ଅପମାନଜନକ ସ୍ଥିତିରୁ ରକ୍ଷା ମିଳିବ। ବାଧ୍ୟବାଧକତାବଶତଃ ଇଚ୍ଛା ନଥିଲେ ମଧ୍ୟ କେତେକ କାମ କରିବାକୁ ପଡ଼ିପାରେ। ଅଭାବ ପୂରଣ ଦିଗରେ ବନ୍ଧୁଙ୍କ ସାହାଯ୍ୟ କାମକୁ ଆସିବାର ସୂଚନା ରହିଛି। ଈର୍ଷାପରାୟଣ ହୋଇ ଆତ୍ମୀୟସ୍ୱଜନ ବିରୁଦ୍ଧାଚରଣ କରିପାରନ୍ତି।

**ବିଛା** ଆଶା ପୂରଣ ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହେବାରେ ସମ୍ପର୍କୀୟଙ୍କ ଅବଦାନକୁ ଭୁଲିପାରିବେ ନାହିଁ। ରାଜନୈତିକ ସ୍ତରରେ ନେତୃସ୍ଥାନୀୟ ବ୍ୟକ୍ତି ବିଶେଷଙ୍କ ଦ୍ୱାରା ଉପକୃତ ହୋଇପାରନ୍ତି। ପରକଥାକୁ ପ୍ରାଧାନ୍ୟ ଦେଲେ ପାରିବାରିକ କ୍ଷେତ୍ରରେ ଅଶାନ୍ତି ଆସିବ। ସ୍ୱାସ୍ଥ୍ୟହାନି କାରଣରୁ ବାରମ୍ବାର ଧାଁ ଧଉଡ କରିବାକୁ ପଡ଼ିପାରେ।

**ଧନୁ** କର୍ମକ୍ଷେତ୍ରରେ ବନ୍ଧୁମାନଙ୍କ ସାହାଯ୍ୟ ଓ ସଦିଚ୍ଛା ଲାଭ କରି ଖୁସି ରହିବେ। ଅପ୍ରିୟ ସତ୍ୟ ଭାଷଣରୁ ଦୂରେଇ ରହନ୍ତୁ ନଚେତ୍ ଅଯଥା ଅଶାନ୍ତି ସୃଷ୍ଟି ହେବାର ଆଶଙ୍କା ରହିଛି। ଅଜଣା ବ୍ୟକ୍ତିଙ୍କ ଦ୍ୱାରା ଚେଷ୍ଟା କରୁଥିବା କାମରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ନିଜର କୌଣସି କାମ ହାସଲ ପାଇଁ ପର ଉପରେ ନିର୍ଭର କରିପାରନ୍ତି।

**ମକର** ସାଧାରଣ କଥାକୁ କେନ୍ଦ୍ରକରି ପରିବାରରେ କଳହ ଦେଖାଦେଇପାରେ। ଧୈର୍ଯ୍ୟର ସହ ସମସ୍ୟାର ମୁକାବିଲା କରିପାରିଲେ ନିଶ୍ଚିତ ସଫଳତା ହାସଲ କରିବେ। ମାଲିମକଦ୍ଦମା ତଥା ବିବାଦୀୟ କ୍ଷେତ୍ରରେ ପରିସ୍ଥିତି ଭିନ୍ନରୂପ ନେଇପାରେ। ବନ୍ଧୁଙ୍କ ଜରିଆରେ ଅପରାହ୍ନେ ଆଶା କରୁଥିବା ଜିନିଷଟି ପାଇ ଖୁସି ହୋଇଯିବେ।

**କୁମ୍ଭ** ପରିବାରରେ ଅଯଥା ସନ୍ଦେହଜନିତ କଳହ ଲାଗିରହିବ। କର୍ମକ୍ଷେତ୍ରରେ ଯୋଜନାଗୁଡ଼ିକ ଠିକ୍ ଭାବେ କାର୍ଯ୍ୟକାରୀ କରିବା କଷ୍ଟକର ହେବ। ବନ୍ଧୁଙ୍କୁ ସନ୍ତୁଷ୍ଟ କରିବାକୁ ଯାଇ ଭାବବିହ୍ୱଳ ହୋଇ କାମ କରିପାରନ୍ତି। ଆଜିର ଯାତ୍ରା, ବାଣିଜ୍ୟ, ରାଜନୀତି, ଚଳଚ୍ଚିତ୍ରରେ ଥିବା ସମସ୍ୟାର ସମାଧାନ ହୋଇଯିବ।

**ମୀନ** ଆଜିର ଯାତ୍ରା, ବାଣିଜ୍ୟ, ବ୍ୟବସାୟ ଓ ବନ୍ଧୁମିଳନ ପ୍ରୀତିପ୍ରଦ ରହିବ। ସମସ୍ୟା ବିଜଡିତ ପରିସ୍ଥିତିରେ ବନ୍ଧୁଙ୍କ ସହାନୁଭୂତି ଲାଭ କରି କାମ ହାସଲ କରିବେ। ସାମାଜିକ ସ୍ତରରେ ଜନହିତକର କାର୍ଯ୍ୟରେ ନିଜକୁ ଲିପ୍ତ ରଖିପାରନ୍ତି। ବାଟରେ ବନ୍ଧୁଙ୍କ ଦେଖା ନ ପାଇ ବ୍ୟସ୍ତ ହେବାକୁ ପଡ଼ିପାରେ।

ଆଜି ସେପ୍ଟେମ୍ବର ୧୫ ତାରିଖ, ଅଭିଯନ୍ତା (ଇଞ୍ଜିନିୟର୍ସ ଦିବସ), ଭାରତରତ୍ନ ସାର୍ ଏମ୍. ବିଶ୍ୱେଶ୍ୱରାୟାଙ୍କ ଜୟନ୍ତୀ, ମାସାନ୍ତ, ଆଶ୍ୱିନ କୃଷ୍ଣ ନବମୀ, ସୋମବାର, ରାଶିନକ୍ଷତ୍ର-ସକାଳ ଘ.୦୭।୩୨ ମି. ଗତେ, ଆର୍ଦ୍ରା/ମିଥୁନ, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ ମହାଳୟା ବିଧିରେ କରାଯିବ, ସକାଳ ଘ.୦୫।୩୭ ଗତେ ଘ. ୦୭।୦୮ ମଧ୍ୟେ, ଘ.୧୦।୨୮ ଗତେ ଘ.୧୨।୫୪ ମଧ୍ୟେ ଶୁଦ୍ଧ ଶୁଭବେଳା। ସକାଳ ଘ.୦୭।୦୮ ଗତେ ଘ.୦୮।୩୯ ମଧ୍ୟେ ରାହୁ କାଳ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ମନ ଗଢେ ପାଠ
ଘର ଗଢେ କାଠ ।**

ପାଠ ବା ଜ୍ଞାନ ମଣିଷକୁ ଦିଗ୍‌ଦର୍ଶନ ଦେଇଥାଏ। ଜୀବନରେ ଉଚିତ ମାର୍ଗ ଦର୍ଶାଇଥାଏ। ଜ୍ଞାନ ବଳରେ ମଣିଷର ସବୁବେଳେ ଜିତାପଟ ହୋଇଥାଏ। ସେହିପରି ଘର ଗଢିବାରେ କାଠର ବହୁତ ଆବଶ୍ୟକତା ରହିଥାଏ। ଘରର ଆସବାବପତ୍ରଠୁ ଆରମ୍ଭ କରି ସୌଖୀନ ବସ୍ତୁ ପର୍ଯ୍ୟନ୍ତ ସବୁଥିରେ କାଠ ଲୋଡା ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ମାଉସୀ ମା
ଖରାବେଳେ ଦିଏ ଖଣ୍ଡିଆ ଦାଆ।**

ମା' ଯେମିତି ପିଲାଙ୍କ ଯତ୍ନ ନେଇଥାଏ ଓ ସ୍ନେହ ଶ୍ରଦ୍ଧା କରିଥାଏ, ତାହା ସେମିତି ଆଉ କେହି କରିପାରି ନ ଥାନ୍ତି। ମାଆର ଭଉଣୀ ସାବତ ମାଆ କେବେ ଜନ୍ମଦାତ୍ରୀ ମାଆ ପରି ହୋଇପାରି ନ ଥାଏ। କେବେ ବି ସେ ଜନ୍ମକଲା ମାଆ ପରି ପିଲା ମନର ଭାବ, ଆବେଗ ବୁଝିପାରି ନ ଥାଏ। ଅନେକ ସମୟରେ ଏଭଳି ମାଆଠାରୁ ହତାଦର ବା ଅବହେଳାର ଶିକାର ହେବାକୁ ପଡୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ



ରବିବାର ଅପରାହ୍ନ ୪ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

# ଦେଶର ବିକାଶକୁ ଦ୍ରୁତ କରିବ ଏକ ରାଷ୍ଟ୍ର ଏକ ନିର୍ବାଚନ : ସୁନୀଲ ବଂଶଲ

ଭୁବନେଶ୍ୱର,୧୪।୯ (ରବିନାରାୟଣ ଜେନା) ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ର ଭାରତ। ମାତ୍ର ଏଠାରେ ବାରମ୍ବାର ନିର୍ବାଚନ ହେବା ଯୋଗୁ ଅନେକ ସମସ୍ୟା ସୃଷ୍ଟି ହେଉଛି। ଏହାକୁ ବଦଳାଇ ଗୋଟିଏ ରାଷ୍ଟ୍ର, ଗୋଟିଏ ନିର୍ବାଚନ କରି ଏହି ବ୍ୟବସ୍ଥାରେ ସଂସ୍କାର ଆଣିବା ପାଇଁ ପ୍ରୟାସ ଆରମ୍ଭ ହୋଇଛି। ଏହା ଦେଶର ବିକାଶ ଓ ସମୃଦ୍ଧିକୁ ଦ୍ରୁତଗତିରେ ଆଗକୁ ନେବାରେ ସହାୟକ ହେବ ବୋଲି ଭାଜପା ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ସୁନୀଲ ବଂଶଲ କହିଛନ୍ତି। ରବିବାର ସୋଆ ବିଶ୍ୱବିଦ୍ୟାଳୟଠାରେ 'ଏକ ରାଷ୍ଟ୍ର ଏକ ନିର୍ବାଚନ' ଶୀର୍ଷକ ଆଲୋଚନାଚକ୍ରରେ ଅଂଶଗ୍ରହଣ କରି ବଂଶଲ କହିଛନ୍ତି, ୨୦୧୯ ସାଧାରଣ ନିର୍ବାଚନ ଖର୍ଚ୍ଚ ୬୦,୦୦୦ କୋଟି ଟଙ୍କା ଥିବାବେଳେ ୨୦୨୪ ଲୋକ ସଭା ନିର୍ବାଚନ ଖର୍ଚ୍ଚ ୧.୩୫ ଲକ୍ଷ କୋଟିରେ ପହଞ୍ଚିଛି। ସେହିପରି ଦେଶରେ ବାରମ୍ବାର ନିର୍ବାଚନ ହେବା ଦ୍ୱାରା ୪-୭ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ ହେଉଛି ବୋଲି ସେ କହିଥିଲେ।

## ପ୍ରଥମ ପୃଷ୍ଠାରୁ...

### ବ୍ରିଟେନ୍‌ରେ ତେଜିଲା ...

ଲୋକ ସାମିଲ ହୋଇଛନ୍ତି। ଉଭୟ ଗୋଷ୍ଠୀ ମୁହାଁମୁହିଁ ଅବସ୍ଥାରେ ଥିବାବେଳେ ରବିନ୍‌ସନ୍‌ଙ୍କ ସମର୍ଥକ ଓ ମେଟ୍ରୋପଲିଟାନ୍ ପୋଲିସ ମଧ୍ୟରେ ସଂଘର୍ଷ ହୋଇଛି। ବିକ୍ଷୋଭକାରୀମାନେ ବୋତଲ ଓ ଟେକାମାଡ଼ କରିବାରୁ ୨୬ ପୋଲିସ କର୍ମଚାରୀ ଆହତ ହୋଇଛନ୍ତି, ଯାହାଙ୍କ ମଧ୍ୟରୁ ୪ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ସ୍ଥିତି ଯେପରି ନିୟନ୍ତ୍ରଣ ବାହାରକୁ ନ ଯିବ ସେଥିଲାଗି ୧,୦୦୦ରୁ ଊର୍ଦ୍ଧ୍ୱ ପୋଲିସ କର୍ମଚାରୀଙ୍କୁ ମୁତୟନ କରାଯାଇଛି। ପୋଲିସ ୨୫ ବିକ୍ଷୋଭକାରୀଙ୍କୁ ଗିରଫ କରିଛି। ସେମାନଙ୍କ ବିରୋଧରେ ହିଂସାତ୍ମକ କାର୍ଯ୍ୟକଳାପ, ଆପରାଧିକ ଉଦ୍ଦେଶ୍ୟ ରଖି ଭଙ୍ଗାରୁଜା ଆଦି ଅଭିଯୋଗରେ ମାମଲା ରୁଜୁ କରାଯାଇଛି। ପଲିଟିକାଲ ଆକ୍ଟିଭିଷ୍ଟ ଟୋମି ରବିନ୍‌ସନ୍‌ଙ୍କ ସମର୍ଥକମାନେ ଚଳାଇଥିବା ଏହି ଆନ୍ଦୋଳନକୁ ଅଭିବ୍ୟକ୍ତି ସ୍ୱାଧୀନତା ପାଇଁ ଉଦ୍ଦିଷ୍ଟ ବୋଲି କୁହାଯାଉଛି। ୟୁରୋପର ବହୁ ସଂଖ୍ୟକ ଇନ୍‌ଫ୍ଲୁଏନ୍ସର ଓ ଦକ୍ଷିଣପନ୍ଥୀ ରାଜନେତା ଏହାକୁ ସମର୍ଥନ କରିଛନ୍ତି। ୟୁରୋପରୁ ମୁସଲିମ୍ ସଂସ୍କୃତିକୁ ବିଦା କରିବା ପାଇଁ ରବିନ୍‌ସନ୍‌ଙ୍କ ନେତୃତ୍ୱରେ ଚାଲିଥିବା ବିକ୍ଷୋଭ ଏକ ଯଥାର୍ଥ ପଦକ୍ଷେପ ବୋଲି ଫ୍ରାନ୍ସର ଦକ୍ଷିଣପନ୍ଥୀ ନେତା ଏରିକ୍ ଜେମୋର କହିଛନ୍ତି। ଇତିମଧ୍ୟରେ ଟେସ୍‌ଲା ସିଇଓ ତଥା ସାମାଜିକ ଗଣମାଧ୍ୟମ ମଞ୍ଚ X' ମାଲିକ ଏଲନ୍ ମସ୍କ ଏକ ଭିଡିଓ ଲିଙ୍କ୍ ଜରିଆରେ ଆନ୍ଦୋଳନକାରୀଙ୍କୁ ସମ୍ବୋଧିତ କରି ବ୍ରିଟେନ୍‌ର ବାମପନ୍ଥୀ ସରକାରକୁ ନିନ୍ଦା କରିଛନ୍ତି। ବ୍ରିଟିଶ୍ ହେବା ଖୁସିର କଥା। କିନ୍ତୁ ବର୍ତ୍ତମାନ ବ୍ରିଟେନ୍‌କୁ ବରବାଦ କରାଯାଉଛି। ଆରମ୍ଭରୁ ଏହା ଏକ ଧୀର ଅବକ୍ଷୟ ଥିଲା, ଯାହାକି ପରବର୍ତ୍ତୀ ସମୟରେ ଦେଶକୁ ଅନିୟନ୍ତ୍ରିତ ଭାବେ ଧ୍ୱଂସ କରିବାକୁ ବସିଛି ବୋଲି ମସ୍କ କହିଛନ୍ତି। ରବିନ୍‌ସନ୍ ନିଜ ସମର୍ଥକମାନଙ୍କୁ ସମ୍ବୋଧିତ କରି କହିଛନ୍ତି, ବ୍ରିଟେନ୍‌କୁ ନିର୍ମାଣ କରିଥିବା ବ୍ରିଟିଶ୍‌ଙ୍କ ତୁଳନାରେ ବର୍ତ୍ତମାନ ଦେଶର ଆଇନଅଦାଲତ ଆପ୍ରବାସୀମାନଙ୍କୁ ଅଧିକ ଅଧିକାର ପ୍ରଦାନ କରିଛି। ଏହି ଧାରାକୁ ଉଚ୍ଛେଦ କରିବାକୁ ପଡ଼ିବ। ୟୁନିୟନ୍ ଜ୍ୟାକ୍ ଧରିଥିବା ତାଙ୍କ ସମର୍ଥକମାନେ ଏହା ଶୁଣିବା ପରେ ସ୍ଲୋଗାନ ଦେଇଥିଲେ, 'ବହୁତ ହୋଇଗଲା'। 'ଏବେ ସେମାନଙ୍କୁ ବିଦା କର'। 'ଆମ ପିଲାଛୁଆଙ୍କୁ ସୁରକ୍ଷା ଦିଅ'।

### ଦକ୍ଷିଣପନ୍ଥୀ ଟମି...

ଚର୍ଚ୍ଚାକୁ ଆସିଥିଲେ। ତାଙ୍କ ଦ୍ୱାରା ପ୍ରତିଷ୍ଠିତ ଏହି ଜାତୀୟତାବାଦୀ ତଥା ଇସ୍‌ଲାମବିରୋଧୀ ସଙ୍ଗଠନ ହେଉଛି ବ୍ରିଟେନ୍‌ର ଅନ୍ୟତମ ସର୍ବାଧିକ ପ୍ରଭାବଶାଳୀ ଦକ୍ଷିଣପନ୍ଥୀ ଅର୍ଗାନାଇଜେଶନ୍, ଯାହାକି ୨୦୧୦ ଦଶକର ମଧ୍ୟଭାଗ ପର୍ଯ୍ୟନ୍ତ ସକ୍ରିୟ ରହିଥିଲା। ରବିନ୍‌ସନ୍ ୨୦୧୧ରେ ଜେନ୍ନା ଲେନ୍ନୋନ୍‌ଙ୍କୁ ବିବାହ କରିଥିଲେ। ଏହାର ୧୦ ବର୍ଷ ପରେ ଏହି ଦମ୍ପତି ପରସ୍ପରଠାରୁ ବିଚ୍ଛେଦ ହୋଇ ଛାଡ଼ପତ୍ର ପନ୍ଥା ଆପଣାଇଥିଲେ। ଏହାର କିଛିଦିନ ପରେ ରବିନ୍‌ସନ୍‌ଙ୍କୁ ଦେବାଳିଆ ଘୋଷଣା କରାଯାଇଥିଲା। ୨୦୨୧ରେ ଏକ ହାଇକୋର୍ଟ ରାୟକୁ ଅମାନ୍ୟ କରିବାରୁ ଗତବର୍ଷ ଅକ୍ଟୋବରରେ ତାଙ୍କୁ ୧୮ ମାସ ପାଇଁ ଜେଲ ଦଣ୍ଡାଦେଶ ହୋଇଥିଲା। ରବିନ୍‌ସନ୍ ବିଲିଅନେୟାର ଏଲନ୍ ମସ୍କଙ୍କୁ ନିଜର ଜଣେ ସମର୍ଥକ ବୋଲି କହିଥାନ୍ତି। ରବିନ୍‌ସନ୍ ଜେଲରେ ଥିବାବେଳେ ମସ୍କ ତାଙ୍କ ସମର୍ଥନରେ ବାହାରିଥିଲେ। ତାଙ୍କ ବିରୋଧରେ ଆହୁରି କେତେକ ଆପରାଧିକ ମାମଲା ରହିଥିବା ଜଣାପଡ଼ିଛି।

### ନିଯୁକ୍ତି ପାଇଁ ଶାରୀରିକ ...

ପରବର୍ତ୍ତୀ ନିର୍ଦ୍ଦେଶ ପରେ ପୁଣି ପ୍ରାର୍ଥୀମାନଙ୍କ ସାକ୍ଷାତ୍‌କାର ହେବ ବୋଲି ସୂଚନା ମିଳିଛି। ଏନେଇ ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ ପାତ୍ରଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, ପ୍ରାର୍ଥୀ ଶିବରାମ ଦୌଡ଼ିବା ବେଳେ ଅସୁସ୍ଥ ହୋଇ ପଡିଥିଲେ। ବ୍ରହ୍ମପୁର ବଡ଼ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ପରିବାର ଲୋକେ ପହଞ୍ଚିବା ପରେ ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ଏସ୍‌ପି କହିଛନ୍ତି। ସୂଚନାଯୋଗ୍ୟ, ଗତ ମେ ୨୯ ତାରିଖରେ ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିଠାରେ ହୋମଗାର୍ଡ ନିଯୁକ୍ତି ପାଇଁ ଶାରୀରିକ ପରୀକ୍ଷା ସମୟରେ ୨ ପ୍ରାର୍ଥୀଙ୍କ ମୃତ୍ୟୁ ହୋଇଥିଲା। ଅନ୍ୟ ୬ଜଣ ଗୁରୁତର ହୋଇଥିଲେ।

ସେହିପରି ଓଏସ୍‌ଏପି ଦ୍ୱିତୀୟ ବାଟାଲିୟନରେ ନିଯୁକ୍ତି ନିମନ୍ତେ ଶାରୀରିକ ପରୀକ୍ଷା ପାଇଁ ଝାରସୁଗୁଡ଼ା ଜିଲା ଓଏମ୍‌ପିସ୍ଥିତ ଓଏସ୍‌ଏପି ପଡ଼ିଆରେ ରବିବାର ଅଭ୍ୟାସ କରୁଥିବାବେଳେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ନେପାଳର ଗୋବିନ୍ଦ କୁମାଲ(୨୦)। ଆସନ୍ତା ୧୭ରେ ଓଏସ୍‌ଏପି ଦ୍ୱିତୀୟ ବାଟାଲିୟନରେ ନିଯୁକ୍ତି ପାଇଁ ଶାରୀରିକ ପରୀକ୍ଷା ହେବ। ନେପାଳୀ ଗୁର୍ଖାମାନଙ୍କ ପାଇଁ କିଛି ପଦବୀ ସଂରକ୍ଷିତ ରହିଛି। ତେଣୁ ନେପାଳର ବହୁ ସଂଖ୍ୟକ ଯୁବକ ଆସି ଝାରସୁଗୁଡ଼ାସ୍ଥିତ ଓଏମ୍‌ପି ଅଞ୍ଚଳରେ ରହି ଓଏସ୍‌ଏପି ପଡ଼ିଆରେ କିଛିଦିନ ହେବ ଅଭ୍ୟାସ ଜାରି ରଖିଛନ୍ତି। ରବିବାର ସକାଳେ ଗୋବିନ୍ଦ ତାଙ୍କ ସାଙ୍ଗମାନଙ୍କ ସହିତ ଅଭ୍ୟାସ କରୁଥିବାବେଳେ ହଠାତ୍ ତଳେ ପଡ଼ିଯାଇଥିଲେ। ଚିକିତ୍ସା ପାଇଁ ତାଙ୍କୁ ଝାରସୁଗୁଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତ୍ୟୁର କାରଣ ଅସ୍ପଷ୍ଟ ଥିବାବଳେ ହୃଦ୍‌ଘାତରେ ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି। ଗୋବିନ୍ଦଙ୍କ ପରିବାର ଲୋକେ ଝାରସୁଗୁଡ଼ାରେ ପହଞ୍ଚିବା ପରେ ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ଜଣାପଡ଼ିଛି।

### ବିଷାକ୍ତ ମଦ ପିଇ ...

କରିଛନ୍ତି । ଚୋରା ମଦ ବିକ୍ରି ବନ୍ଦ କରିବା ପାଇଁ ପରିବାର ଲୋକେ ଦାବି କରିଛନ୍ତି। ଏନେଇ ବିନିକା ଥାନାରେ ଆହ୍ଲାଦିନୀଙ୍କ ଲିଖିତ ଅଭିଯୋଗକୁ ଆଧାର କରି ପୋଲିସ ଏକ ମାମଲା ରୁଜୁ କରିଛି। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ଓ ତଦନ୍ତ ସେ ଦିଗରେ ଯିବ ବୋଲି ବିନିକା ଥାନା ଆଇଆଇସି ସତ୍ୟ ନାରାୟଣ ପ୍ରଧାନ କହିଛନ୍ତି। ରଘୁ ମୂଲ ମଜୁରି କରି ପରିବାର ପ୍ରତିପୋଷଣ କରୁଥିଲେ। ତାଙ୍କର ଗୋଟିଏ ୭ ବର୍ଷର ଝିଅ ଓ ୧୦ ବର୍ଷର ପୁଅ ଅଛନ୍ତି। ସ୍ୱାମୀଙ୍କ ମୃତ୍ୟୁ ପରେ ଆହ୍ଲାଦିନୀ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି। ବିନିକା ଅଞ୍ଚଳରେ ଚୋରା ଦେଶୀ ମଦ କାରବାର ବୃଦ୍ଧିପାଇଛି। ସବୁଠି ଚୋରା ମଦ ମିଳୁଥିବାରୁ ଯୁବପିଢ଼ି ପଥଭ୍ରଷ୍ଟ ହେଉଛନ୍ତି। ପୋଲିସ ଓ ଅବକାରୀ ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।

### ଦ୍ରବ୍ୟର ସଂଶୋଧିତ ...

ମୂଲ୍ୟ ସ୍ଲାବ୍‌ରେ ଜିଏସ୍‌ଟି ହ୍ରାସ ହୋଇଛି, ଅନେକ ସାମଗ୍ରୀରେ ସମ୍ପୂର୍ଣ୍ଣ ଛାଡ଼ ହୋଇଛି। ଏହା ପ୍ରଧାନମନ୍ତ୍ରୀଙ୍କର ଏକ ଐତିହାସିକ ନିଷ୍ପତ୍ତି, ଯାହା ସାଧାରଣ ଲୋକଙ୍କର ଆର୍ଥିକ ବୋଝ କମାଇବାରେ ସହାୟକ ହୋଇପାରିବ। ମନ୍ତ୍ରୀ ପାତ୍ର କହିଛନ୍ତି, ଆମ ବିଭାଗ ଏହାକୁ ପୂର୍ଣ୍ଣ ସମର୍ଥନ ଦେଉଛି, ଲାଭଗୁଡ଼ିକ ଗ୍ରାହକଙ୍କ ପାଖେ ତୁରନ୍ତ ପହଞ୍ଚିବା ଉଚିତ।

୨୦୨୫ର ଡିସେମ୍ବର ୩୧ ତାରିଖ ପର୍ଯ୍ୟନ୍ତ ପ୍ୟାକ୍ ହୋଇଥିବା ଆବଶ୍ୟକ ସାମଗ୍ରୀ ପୁରୁଣା ଲେବୁଲ୍ ରଖିପାରିବ, କିନ୍ତୁ ନୂଆ ଦର ୨୨ ସେପ୍ଟେମ୍ବର ୨୦୨୫ରୁ ଲାଗୁ ହେବ ଏବଂ ବର୍ଷ ଶେଷ ସୁଦ୍ଧା ଏହାକୁ ସମ୍ପୂର୍ଣ୍ଣ ଭାବେ ଲାଗୁ କରାଯିବ ବୋଲି ମନ୍ତ୍ରୀ କହିଥିଲେ ।

# ପବ୍ଲିକ ଡୋମେନ୍‌ରେ ରହିବ ଅଧିକାରୀଙ୍କ କାର୍ଯ୍ୟଶୈଳୀ

## ଆଇଏଏସ୍‌ଙ୍କ ସମେତ ସବୁବର୍ଗ ଅଧିକାରୀଙ୍କ ପାଇଁ ପ୍ରସ୍ତୁତ ହେବ 'ଇଆର୍'

## ୨ମାସରେ ଶେଷ ଲାଗି ସବୁ ବିଭାଗୀୟ ମୁଖ୍ୟ, ଜିଲାପାଳଙ୍କୁ ନିର୍ଦ୍ଦେଶ

ଭୁବନେଶ୍ୱର,୧୪।୯(ରବିନାରାୟଣ ଜେନା)

ରାଜ୍ୟରେ କେଉଁ ବର୍ଗର ଅଧିକାରୀଙ୍କ କାର୍ଯ୍ୟ (ସେବା) କ'ଣ ଏବଂ ସେମାନେ ତାଙ୍କ କାର୍ଯ୍ୟକାଳ ମଧ୍ୟରେ କ'ଣ ସବୁ ସେବା ପ୍ରଦର୍ଶନ କରିଛନ୍ତି ବା ଦୁର୍ନୀତି କରିଛନ୍ତି ତା'ର ଚିଳିକିଣି ହିସାବ ରାଜ୍ୟ ସରକାର କରିବେ ଏବଂ ଏ ସମସ୍ତ ତଥ୍ୟ ଲୋକମାନେ ପବ୍ଲିକ ଡୋମେନ୍‌ରେ ଦେଖିପାରିବେ। ସରକାରକୁ ସ୍ୱଚ୍ଛ, ଉତ୍ତରଦାୟୀ କରିବା ସହିତ ଅଧିକାରୀଙ୍କ କାର୍ଯ୍ୟଶୈଳୀ ସମ୍ପର୍କରେ ଲୋକଲୋଚନରେ ଅବଗତ କରାଇବା ଲକ୍ଷ୍ୟ ନେଇ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ସରକାର ହାତକୁ ନେଇଛନ୍ତି। ଏହାକୁ ନେଇ ପ୍ରଥମ ପର୍ଯ୍ୟାୟରେ ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍) ଅଧିକାରୀଙ୍କ ସହିତ ଭାରତୀୟ ପୋଲିସ ସେବା (ଆଇପିଏସ୍), ଓଡ଼ିଶା ପ୍ରଶାସନିକ ସେବା (ଓଏଏସ୍), ଓଡ଼ିଶା ବିତ୍ତ ସେବା (ଓଏଫ୍‌ଏସ୍), ଓଡ଼ିଶା ପୋଲିସ ସେବା (ଓପିଏସ୍) ଏବଂ ଓଡ଼ିଶା ଶିକ୍ଷା ସେବା (ଓଇଏସ୍) ଅଧିକାରୀଙ୍କ କାର୍ଯ୍ୟନିର୍ବାହୀ ରେକର୍ଡ ପ୍ରସ୍ତୁତ ହେବ। ଏହାପରେ ପର୍ଯ୍ୟାୟକ୍ରମେ ଅନ୍ୟ ବର୍ଗର ଅଧିକାରୀଙ୍କ ରେକର୍ଡସିଟ୍ ପ୍ରସ୍ତୁତ ହୋଇ ମାନବ ସମ୍ବଳ ପରିଚାଳନା ସେବା (ଏଚ୍‌ଆର୍‌ଏମ୍‌ଏସ୍) ପୋର୍ଟାଲରେ ଅପ୍‌ଲୋଡ୍ କରାଯିବ; ଯାହାଦ୍ୱାରା ଏଚ୍‌ଆର୍‌ଏମ୍‌ଏସ୍ ତଥ୍ୟ ଶକ୍ତ ହେବା ସହିତ ଅଧିକାରୀଙ୍କ କାର୍ଯ୍ୟ ସମ୍ପାଦନା ବିବରଣୀ ଅପ୍ ଡେଟ୍ ରହିବ, ଯାହାକି ସରକାରଙ୍କୁ ବିଭିନ୍ନ ସମୟରେ ସହାୟତା କରିବ। ଏହି ପ୍ରକ୍ରିୟା ୨ମାସ ମଧ୍ୟରେ ଶେଷ କରିବାକୁ ହେବ। ଯଦି ଏହି ସମୟରେ କୌଣସି ଅଧିକାରୀ ତଥ୍ୟ ଦେବା କିମ୍ବା ଅନ୍ୟ କୌଣସି ବ୍ୟତିକ୍ରମ କରନ୍ତି ତେବେ ଏହାକୁ ସାଙ୍ଘାତିକ ଭାବେ ଗ୍ରହଣ କରାଯିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। ଏସଂକ୍ରାନ୍ତରେ ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ମୁଖ୍ୟଶାସନ ସଚିବ(ଏସିଏସ୍) ସୁରେନ୍ଦ୍ର କୁମାର ସମସ୍ତ ବିଭାଗ ମୁଖ୍ୟ, ମୁଖ୍ୟ ଦପ୍ତରର ସମସ୍ତ ବିଭାଗୀୟ ମୁଖ୍ୟ, ଆର୍‌ଡିସି ଓ ଜିଲାପାଳମାନଙ୍କୁ ପତ୍ର ଲେଖି ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ଦର୍ଶାଇଛନ୍ତି। ଗତ ୧୧ ତାରିଖରେ ଏସିଏସ୍ ପ୍ରଦାନ କରିଥିବା ପତ୍ରରେ ଦର୍ଶାଇଛନ୍ତି ଯେ, ରାଜ୍ୟ ସରକାରଙ୍କ ଅଧୀନସ୍ଥ ସବୁ ବର୍ଗର ଅଧିକାରୀମାନେ ନିଜର ଏଚ୍‌ଆର୍‌ଏମ୍‌ଏସ୍ ଖାତାରେ ଲଗ୍ ଇନ୍ କରିବେ। ପ୍ରତ୍ୟେକ ଅଧିକାରୀ ନିଜର 'ଇଆର' ସିଟ୍‌କୁ ଦେଖିବେ ଓ ଡାଉନଲୋଡ୍ କରି ସେଥିରେ ଥିବା ବିବରଣୀ ଯାଞ୍ଚ କରିବେ। ଯଦି କୌଣସି ତଥ୍ୟ ଭୁଲ୍ କିମ୍ବା ଅସମ୍ପୂର୍ଣ୍ଣ ଥାଏ ତେବେ ସେହି ଅଧିକାରୀ ତୁରନ୍ତ ବିଭାଗର ଡ୍ରଇଂ ଏବଂ ଡିସ୍‌ବର୍ସିଂ ଅଫିସର (ଡିଡିଓ)ଙ୍କୁ ଅବଗତ କରିବେ, ଯାହାଫଳରେ ସଂଶୋଧନ ହୋଇପାରିବ। ଯାଞ୍ଚ ପରେ ଅଧିକାରୀ ଏଚ୍‌ଆର୍‌ଏମ୍‌ଏସ୍ ପୋର୍ଟାଲରେ ଅପଲୋଡ୍ କରି ଏହା ଠିକ୍ ବୋଲି ଦର୍ଶାଇବେ। ଏହି ସମସ୍ତ ପ୍ରକ୍ରିୟା ୨ମାସ ମଧ୍ୟରେ ଶେଷ ହେବା ଆବଶ୍ୟକ। ସମସ୍ତ ପ୍ରକ୍ରିୟା ଶେଷ ହେବା ପରେ ଅଧିକାରୀଙ୍କ ଉକ୍ତ ବିବରଣୀକୁ ପବ୍ଲିକ ଡୋମେନ୍‌ରେ ଅପ୍‌ଲୋଡ୍ କରାଯିବ। ପରବର୍ତ୍ତୀ ପର୍ଯ୍ୟାୟରେ ଏହାକୁ ଅନ୍ୟ ଅଧିକାରୀଙ୍କ ଲାଗି ମଧ୍ୟ ଉପଯୋଗ କରାଯିବ। ଯଦି କୌଣସି ଅଧିକାରୀ ସରକାରଙ୍କ ନିର୍ଦ୍ଦେଶକୁ ବେଖାତିର କରନ୍ତି ତାହାକୁ ଗୁରୁତ୍ୱର ସହ ଗ୍ରହଣ କରାଯିବ ବୋଲି ଏସିଏସ୍ ଦର୍ଶାଇଛନ୍ତି।

# ସମୁଦ୍ରରେ ବୁଡ଼ିଯାଇ ଜଣେ ନିଖୋଜ

## ସୁନାପୁର ବେଳାଭୂମି ବୁଲି ଯାଇଥିଲେ ୪ ସାଙ୍ଗ

ଚିକିଟି,୧୪।୯(ପ୍ରକାଶ ଚନ୍ଦ୍ର ସାହୁ)

ଗଞ୍ଜାମ ଜିଲା ଚିକିଟି ବ୍ଲକ ଅନ୍ତର୍ଗତ ସୁନାପୁର ବେଳାଭୂମିରେ ରବିବାର ଏକ ଅଘଟଣ ଘଟିଛି। ୪ ସାଙ୍ଗ ବୁଲିବାକୁ ଆସି ସମୁଦ୍ରରେ ଗାଧୋଉ ଥିବାବେଳେ ବୁଡିଯାଇ ଜଣେ ନିଖୋଜ ଅଛନ୍ତି। ସେ ହେଲେ ଚିକିଟି ବ୍ଲକ କେ. ନୂଆଗାଁ ପଞ୍ଚାୟତ ଲିଆଖାଇ ଗ୍ରାମର ଅମିତ ପ୍ରଧାନ (୧୮)। ଦମକଳ ବାହିନୀ ଖୋଜାଖୋଜି ଜାରି ରଖିଥିଲେ ମଧ୍ୟ ସନ୍ଧ୍ୟା ସୁଦ୍ଧା ତାଙ୍କ ପତ୍ତା ମିଳିନାହିଁ। ଲିଆଖାଇ ଗ୍ରାମର ଅମିତ, ରାଜେଶ ପ୍ରଧାନ (୧୯), ଆଶିଷ ପ୍ରଧାନ (୧୮), ଦୀପକ ପ୍ରଧାନ (୨୨) ସାଙ୍ଗ ହୋଇ ବସ୍‌ଯୋଗେ ସୁନାପୁର ବେଳାଭୂମିକୁ ବୁଲିବାକୁ ଯାଇଥିଲେ। ସମୁଦ୍ର ଭିତରେ ସେମାନେ ଗାଧୋଇବାର ମଜା ନେଉଥିବାବେଳେ ଜୁଆର ଆସିବାରୁ ରାଜେଶ, ଦୀପକ, ଆଶିଷ ଉଦ୍ଧାର ପାଇଯାଇଥିଲେ। ହେଲେ ଅମିତ ଆଉ ଫେରି ନ ଥିଲେ। ୩ ସାଙ୍ଗ ସେଠାକାର ବ୍ଲୁ ଫାର୍ଗର ହୋମଗାର୍ଡଙ୍କୁ ଏହା କହିଥିଲେ। ଖବରପାଇ ବ୍ରହ୍ମପୁର ଦମକଳ ବାହିନୀ ଓ ମେରାଇନ ଥାନା ପୋଲିସ ସେଠାରେ ପହଞ୍ଚି ଖୋଜାଖୋଜି କରିଥିଲେ ମଧ୍ୟ ଅମିତଙ୍କ ପତ୍ତା ମିଳିନି। ସ୍ଥାନୀୟ ଲୋକେ କହିଛନ୍ତି, ପୂର୍ବରୁ ବନସଂରକ୍ଷଣ ସମିତି ଜରିଆରେ ବେଳାଭୂମିରେ ହୋମଗାର୍ଡ ନିଯୁକ୍ତି ଦିଆଯାଇଥିଲା। ବର୍ତ୍ତମାନ କେହି ହୋମ୍‌ଗାର୍ଡ ନାହାନ୍ତି। କେତେଜଣ ଲୋକ ବେଆଇନ ଭାବେ ଟିକସ ଆଦାୟ କରୁଥିଲେ ବି ବେଳାଭୂମି ସଫେଇ ହେଉନାହିଁ। ସେଠାରେ ସୁରକ୍ଷା ପାଇଁ କୌଣସି ବ୍ୟବସ୍ଥା ହୋଇ ନ ଥିବାରୁ ଏଭଳି ଅଘଟଣ ଘଟିଲା ବୋଲି ଅଭିଯୋଗ କରିଛନ୍ତି।


ଅମିତ ପ୍ରଧାନ

# ମହାନଦୀରେ ଭାସି ନାତି ମୃତ, ପୁତୁରା ନିଖୋଜ

## ମହିଳାଙ୍କ ଦଶାହକର୍ମ ବେଳେ ଅଘଟଣ

ତିର୍ତ୍ତୋଲ,୧୪।୯(ଗୌରାଙ୍ଗ ଚରଣ ସ୍ୱାଇଁ)

ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ବ୍ଲକ କୋଲର ପଞ୍ଚାୟତ ଅନ୍ତର୍ଗତ ନାଗପୁରା ଗ୍ରାମରେ ରବିବାର ଏକ ଅଘଟଣ ଘଟିଛି। ଜଣେ ମହିଳାଙ୍କ ଦଶାହ କର୍ମବେଳେ ନଦୀରେ ବୁଡ଼ି ନାତିଙ୍କ ମୃତ୍ୟୁ ଘଟିଥିବା ବେଳେ ପୁତୁରା ନିଖୋଜ ହୋଇଯାଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ମହାନଦୀର ତାଳତୋଲ ପୋଲ ନିକଟରେ ନାଗପୁରା ଗ୍ରାମର ନର୍ମଦା ଜେନାଙ୍କ ଦଶାହକର୍ମ ଚାଲିଥିଲା। ଏହି ସମୟରେ ନଦୀରେ ସ୍ନାନ କରିବାକୁ ନର୍ମଦାଙ୍କ ନାତି ରୁଦ୍ରନାରାୟଣ ଜେନା (୨୨) ଯାଇଥିଲେ। ମାତ୍ର ନଦୀର ପ୍ରଖର ସ୍ରୋତରେ ସେ ଭାସିଯାଇଥିଲେ। ତାଙ୍କୁ ଉଦ୍ଧାର କରିବାକୁ ନର୍ମଦାଙ୍କ ପୁତୁରା ତଥା ରୁଦ୍ରନାରାୟଣଙ୍କ ଦାଦା ସମ୍ପଦ ଜେନା ନଦୀରେ ଖୋଜାଖୋଜି କରୁଥିବାବେଳେ ସେ ମଧ୍ୟ ନିଖୋଜ ହୋଇଯାଇଛନ୍ତି। ସ୍ଥାନୀୟ ଲୋକେ ରୁଦ୍ରନାରାୟଣଙ୍କୁ ପାଣିରୁ ଉଦ୍ଧାର କରି ମଣିଜଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଛନ୍ତି।


# ୧୭ରୁ 'ସୁସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନ'


## ଶୁଭାରମ୍ଭ କରିବେ ପ୍ରଧାନମନ୍ତ୍ରୀ

ଭୁବନେଶ୍ୱର,୧୪।୯(ବନ୍ଦନା ସେଠୀ)

ସାରା ଦେଶରେ ମହିଳା ଓ ବାଳିକାଙ୍କ ବିଭିନ୍ନ ରୋଗର ସ୍କ୍ରିନିଂ, ପୁଷ୍ଟିସାର ଏବଂ ସୁସ୍ଥତା ସେବା ଉପରେ ଧ୍ୟାନ କେନ୍ଦ୍ରିତ କରିବାକୁ 'ସୁସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନ' ଆରମ୍ଭ ହେବ। ଆସନ୍ତା ୧୭ ତାରିଖରେ ମଧ୍ୟପ୍ରଦେଶର ଧର୍ ଜିଲାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଅଭିଯାନର ଶୁଭାରମ୍ଭ କରିବେ। ଅକ୍ଟୋବର ୨ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଅଭିଯାନର ସଫଳତା ଲାଗି ଓଡ଼ିଶାରେ ବ୍ୟାପକ ପଦକ୍ଷେପ ନିଆଯିବ ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଅଭିଯାନର ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ୟୁନିଟ-୩ସ୍ଥିତ ଇଡ୍‌କୋ ପଡ଼ିଆରେ ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ପ୍ରମୁଖ ଉପସ୍ଥିତ ରହିବେ। ସେହିପରି ସୁନ୍ଦରଗଡ଼ ସରକାରୀ ମେଡିକାଲ କଲେଜରେ ହେବାକୁ ଥିବା ଆଞ୍ଚଳିକ କାର୍ଯ୍ୟକ୍ରମର ଶୁଭାରମ୍ଭରେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଯୋଗଦେବେ। ରାଜ୍ୟ କାର୍ଯ୍ୟକ୍ରମରେ ୫ହଜାରରୁ ଅଧିକ ମହିଳା ହିତାଧିକାରୀ ଅଂଶଗ୍ରହଣ କରିବେ। ଏମାନେ ଟିବି, ଏନ୍‌ସିଡି, ରକ୍ତହୀନତା, କର୍କଟ ଆଦି ରୋଗର ସ୍କ୍ରିନିଂ କରି ସେମାନଙ୍କ ସ୍ୱାସ୍ଥ୍ୟ ଆବଶ୍ୟକତା ଅନୁଯାୟୀ ପୁଷ୍ଟିସାର ଏବଂ ଖାଦ୍ୟ ବିବିଧତା ଉପରେ ପରାମର୍ଶ ଦେବେ। ମହିଳା ଓ ଝିଅମାନଙ୍କୁ ଉଚ୍ଚ ରକ୍ତଚାପ, ମଧୁମେହ, ମୁଖ, ସ୍ତନ ଏବଂ ଗର୍ଭାଶୟ କର୍କଟ, ରକ୍ତହୀନତା, ଟିବି, ସିକିଲସେଲ ରୋଗ, ମାତୃ ସ୍ୱାସ୍ଥ୍ୟ ଏବଂ ଏନ୍‌ସିଡି ପାଇଁ ସ୍କ୍ରିନିଂ ଲାଗି ଲକ୍ଷ୍ୟ ରଖାଯାଇଛି। ଆୟୁଷ୍ମାନ ଆରୋଗ୍ୟ ମନ୍ଦିର, ପିଏଚ୍‌ସି, ୟୁପିଏଚ୍‌ସି, ସିଏଚ୍‌ସି, ୟୁସିଏଚ୍‌ସି ଏବଂ ଦୂରଦୂରାନ୍ତ ଗ୍ରାମଗୁଡ଼ିକରେ ଶିବିର ଆୟୋଜନ କରାଯିବ। ଗର୍ଭବତୀଙ୍କ ପାଇଁ ବିଶେଷଜ୍ଞଙ୍କ ଦ୍ୱାରା ପ୍ରସବ ପୂର୍ବ ପରୀକ୍ଷା ସୁନିଶ୍ଚିତ କରାଯିବ। ଟିକାକରଣ ହୋଇ ନ ଥିବା ଝିଅମାନଙ୍କୁ ନିୟମିତ ଟିକାକରଣରେ ଅନ୍ତର୍ଭୁକ୍ତ କରାଯିବ ଏବଂ ରକ୍ତହୀନତାରେ ଆକ୍ରାନ୍ତ ମହିଳା ଓ ଝିଅମାନେ ମାଗଣା ଚିକିତ୍ସା ପାଇବେ। ଏହାସହିତ ଅକ୍ଟୋବର ୧ରେ ସାରା ରାଜ୍ୟରେ ରକ୍ତଦାନ ଶିବିର ଆୟୋଜନ କରାଯିବ। ପ୍ରଥମ ପର୍ଯ୍ୟାୟରେ ସମସ୍ତ ମହିଳା ସେବା ପ୍ରଦାନକାରୀ ଏବଂ ଆଗଧାଡ଼ିର କର୍ମୀଙ୍କ ସ୍କ୍ରିନିଂ କରାଯିବ।




DSPL-



DSPL-257


ପ୍ରତ୍ୟେକ ବିଷୟ ତା'ର ଅନ୍ତର୍ନିହିତ ସତ୍ୟ ପାଇଁ ସମର୍ଥନ– ଯୋଗ୍ୟ ହୋଇଥାଏ । ପ୍ରତି ସତ୍ତାର ସତ୍ୟ କେବେ ବି ଗତିହୀନ ହୋଇ ନ ପାରେ । ବିଶ୍ୱ ପ୍ରତି ମୁହୂର୍ତ୍ତରେ ଗତିକରି ଚାଲିଛି । ଯାହା ବିନେ ସଂପୂର୍ଣ୍ଣ ସତ୍ୟ ବୋଲି ବିବେଚିତ ହୋଇଥିଲା– ତାହା ଆଜି ଆଂଶିକ ସତ୍ୟ ବୋଲି ପ୍ରମାଣିତ ହେଉଛି । –ଶ୍ରୀମା



# ବିକ୍ଷୋଭରୁ ପରିବର୍ତ୍ତନ

ବିଶ୍ୱବ୍ୟାପୀ ଜନବିକ୍ଷୋଭ ପୂର୍ଣ୍ଣମାତ୍ରାରେ ଜୁଆର ଭଳି ମାଡ଼ିଆସୁଛି । ସମ୍ପ୍ରତି ନେପାଳରେ 'ଜେନ୍ ଜି' ବର୍ଗ ଯେଉଁଭଳି ବିକ୍ଷୋଭ ପ୍ରଦର୍ଶନ କରି ସେଠାକାର ସରକାରକୁ ଗଡ଼ାଇଦେଲେ, ଯୁବବର୍ଗର ଶକ୍ତି କେତେ ତାହା ଜଣାପଡ଼ିଗଲା । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ନେପାଳରେ 'ଜେନ୍ ଜି' କୌତୁହଳ ଭାବେ 'ଡିସ୍କର୍ଡ' ନାମକ ଏକ ଆପ୍ ମାଧ୍ୟମରେ ନିଜର ଅନ୍‌ଲାଇନ୍ ଭୋଟିଂ କରି ସୁଶୀଳା କାର୍କି ନାମ୍ନୀ ସୁପ୍ରିମ୍‌କୋର୍ଟର ପୂର୍ବତନ ପ୍ରଥମ ମହିଳା ପ୍ରଧାନ ବିଚାରପତିଙ୍କୁ ଅନ୍ତରୀଣ ସରକାରରେ ପ୍ରଧାନମନ୍ତ୍ରୀ କରାଇଛନ୍ତି । କୌତୁହଳପୂର୍ଣ୍ଣ ଏଇଥିପାଇଁ ଯେ, ୨୮ ବର୍ଷରୁ କମ୍ ବୟସର ଯୁବତୀଯୁବକମାନେ ୫ ଜଣ ପ୍ରାର୍ଥୀଙ୍କୁ ଭୋଟ ଦେଇଥିଲେ । ତନ୍ମଧ୍ୟରୁ ସୁଶୀଳା ୩,୮୩୩ ଭୋଟ ପାଇଥିଲେ, ଯାହା ସମଗ୍ର ଭୋଟର ୫୦ ପ୍ରତିଶତ ବୋଲି ଗଣମାଧ୍ୟମରୁ ଜଣାପଡ଼ିଛି । ଏହାର ଅର୍ଥ ହେଲା ମାତ୍ର ୭ କି ୮ ହଜାର ପିଲା ଭୋଟ ଦେଇଛନ୍ତି । ନେପାଳର ମୋଟ ଜନସଂଖ୍ୟା ୨ କୋଟି ୯୭ ଲକ୍ଷ । ଅର୍ଥାତ୍ ମୋଟ ଜନସଂଖ୍ୟାର ମାତ୍ର ୦.୦୨୩୫ ପ୍ରତିଶତ ଭୋଟ ଦେଇଛନ୍ତି । ସେଥିରେ ଯଦି ଅନ୍ତରୀଣ ସରକାର ଗଠନ ହୁଏ, ତାହା କିଭଳି ଗଣତାନ୍ତ୍ରିକ ପଦ୍ଧତିକୁ ବଞ୍ଚାଇ ରଖିପାରିବ ମନରେ ସନ୍ଦେହ ଉପୁଜୁଛି । ନେପାଳ ଏକ କ୍ଷୁଦ୍ର ଦେଶ ନୁହେଁ । ୧,୪୭,୫୧୬ ବର୍ଗ କିଲୋମିଟର ବ୍ୟାପ୍ତ ଏହି ଗୋର୍ଖା ଭୂଖଣ୍ଡର ଇତିହାସ ଯୁଦ୍ଧ ଓ ବୀରତ୍ୱରେ ଭରପୂର । ତେବେ 'ଡିସ୍କର୍ଡ'ରେ ଭୋଟିଂ ଏହିସବୁ ଇତିହାସକୁ ପାଣିଚିଆ କରିଦେଉଛି । ଡିସ୍କର୍ଡରେ ଅଧିକାଂଶ ସଦସ୍ୟ ନିଜ ମୁହଁର ଫଟୋ କିମ୍ବା ନାମ ଦିଅନ୍ତି ନାହିଁ । ଏହି ସଫ୍ଟୱେର ତାହାର ବ୍ୟବହାରକାରୀ କେଉଁ ସ୍ଥାନରେ ଅବସ୍ଥାପିତ ସେଭଳି ତଥ୍ୟକୁ ସମ୍ପୂର୍ଣ୍ଣ ଭାବେ ଗୋପନୀୟ ରଖିଥାଏ । ତେଣୁ ମତ ଦେଇଥିବା ଭୋଟରମାନେ ସମସ୍ତେ ନେପାଳୀ ବୋଲି କହିହେବ ନାହିଁ । ଏହା ହେଉଛି ଆଧୁନିକ ଗଣତନ୍ତ୍ରର ସଦ୍ୟ ରୂପ । ଏଭଳି ଖାମଖିଆଲ ଆଭିମୁଖ୍ୟ ରଖିଥିବା ଯୁବପିଢ଼ି ଅତି ସହଜରେ ସରକାର ଓ ବ୍ୟବସ୍ଥାକୁ ବଦଳାଇ ଦେଇପାରିଲେ । ଆଜିର ସ୍ଥିତିରେ କେହି ଭାବିବା ଉଚିତ ନୁହେଁ ଯେ ପୋଲିସ, ସୈନ୍ୟବାହିନୀ, ପ୍ରବଳ ଅର୍ଥ, ଦଳୀୟ କର୍ମୀ କିମ୍ବା ଗୁଣ୍ଡାଙ୍କ ସମର୍ଥନ ମାଧ୍ୟମରେ ଶାସନ କ୍ଷମତାକୁ ବାନ୍ଧି ରଖିହେବ । ଲକ୍ଷ୍ୟକଲେ ଜଣାପଡ଼େ ଯେ, ନେପାଳରେ କେବଳ ରାଜନୈତିକ ବ୍ୟକ୍ତିଙ୍କୁ ଲକ୍ଷ୍ୟ କରି ଆକ୍ରମଣ କରାଯାଇନାହିଁ । ଅଧିକ ଆକ୍ରମଣର ଶିକାର ହୋଇଛନ୍ତି ସରକାରୀ ଅଫିସର ଓ କର୍ମଚାରୀ । ସଶସ୍ତ୍ର ପୋଲିସ ଥାଇ ମଧ୍ୟ ରିଲ୍ସ ତିଆରି କରୁଥିବା ଝିଅପୁଅଙ୍କ ସାମ୍ନାରେ ସମସ୍ତେ ଅଥର୍ବ ପାଲଟିଯାଇଥିଲେ । ଏହା ହେଲା ଶ୍ରୀଲଙ୍କାରେ ଆରମ୍ଭ ହୋଇ ବାଂଲାଦେଶ ଦେଇ ନେପାଳରେ ପହଞ୍ଚିଥିବା ଏସିଆ ମହାଦେଶର ଏପର୍ଯ୍ୟନ୍ତର ବୈପ୍ଳବିକ ଧ୍ୱନି ।

ଏହି ସମୟରେ ୟୁରୋପକୁ ଗଲେ ସେଠାରେ ମଧ୍ୟ ମୁସଲମାନ ଆପ୍ରବାସୀଙ୍କ ବିରୋଧରେ ବିକ୍ଷୋଭ ସୃଷ୍ଟି ହୋଇ ସ୍ଥାନୀୟ ସରକାରଗୁଡ଼ିକୁ ଦୋହଲାଇ ଦିଆଯାଇଥିବା ଦେଖାଗଲାଣି । ୧୦ ସେପ୍ଟେମ୍ବରରେ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରଁଙ୍କ ବିରୋଧରେ 'ବ୍ଲକ୍ ଏଭ୍ରିଥିଙ୍ଗ୍' ବିକ୍ଷୋଭ ସେଠାକାର ସରକାରକୁ ଅଡୁଆରେ ପକାଇଛି । ୧୩ ସେପ୍ଟେମ୍ବରରେ ବ୍ରିଟେନ୍‌ରେ ଟମି ରବିନ୍‌ସନଙ୍କ ନେତୃତ୍ୱରେ ଦକ୍ଷିଣପନ୍ଥୀଙ୍କ ଆପ୍ରବାସୀ ବିରୋଧୀ ବିକ୍ଷୋଭରେ ପ୍ରାୟ ଦେଢ଼ ଲକ୍ଷ ଲୋକ ସାମିଲ ହୋଇଥିବା ଦେଖିବାକୁ ମିଳିଛି । 'ୟୁନାଇଟ୍ ଦ କିଙ୍ଗଡମ୍'ର ଅଂଶବିଶେଷ ଭାବେ 'ଉିଇ ୱାଣ୍ଟ ଆୱାର କଣ୍ଟ୍ରି ବ୍ୟାକ୍' ବା 'ଆମେ ଆମ ଦେଶ ଫେରିପାଇବା ଚାହୁଁ' ସ୍ଲୋଗାନ ଦେଇ ସେମାନେ ଲଣ୍ଡନର ୱେଷ୍ଟମିନିଷ୍ଟରଠାରେ ବିକ୍ଷୋଭ କରିଛନ୍ତି । ଅତ୍ୟଧିକ ମୁସଲମାନ ପ୍ରୀତି କେର୍ ଷ୍ଟାର୍ମର ସରକାରକୁ ସାଧାରଣ ନାଗରିକଙ୍କଠାରୁ ଦୂରେଇ ଦେଲାଣି । ୟୁରୋପର ସମସ୍ୟା ଏସିଆଠାରୁ ଭିନ୍ନ । ପୃଥିବୀରେ ୫୭ ବୃହତ୍ ମୁସଲମାନ ଦେଶ ଥିବା ସତ୍ତ୍ୱେ ଉତ୍ତର ଆଫ୍ରିକା ଓ ମଧ୍ୟପ୍ରାଚ୍ୟରୁ ନିଜକୁ ଅନୁପ୍ରବେଶକାରୀ ଭାବେ ମୁଖ୍ୟତଃ ଯୁବପୁରୁଷମାନେ ୟୁରୋପର ବିଭିନ୍ନ ଦେଶରେ ଜୋର୍ ଜବରଦସ୍ତ ପ୍ରବେଶ କରିବାରେ ଲାଗିଛନ୍ତି । ସେମାନେ କୌଣସି ମୁସଲମାନ ଦେଶକୁ ଯିବାକୁ ପସନ୍ଦ କରୁନାହାନ୍ତି । ଜର୍ମାନୀ ଭଳି ରାଷ୍ଟ୍ରରେ ଅତ୍ୟଧିକ ଦୟା ଦର୍ଶାଇ ଏହିଭଳି ଇସ୍‌ଲାମୀୟମାନଙ୍କୁ କିଛିବର୍ଷ ଧରି ଶରଣାର୍ଥୀ ଭାବେ ସବୁ ସୁବିଧା ଦିଆଯାଇ ଥଇଥାନ କରାଯାଉଛି । କିଛି କାମ ନ କରି ସେମାନଙ୍କୁ ସରକାରୀ ବାସଗୃହ, ଭତ୍ତା ଏବଂ ସ୍ୱାସ୍ଥ୍ୟ ସୁବିଧା ଦିଆଯିବା ଫଳରେ ସ୍ଥାନୀୟ ନାଗରିକଙ୍କ ମନରେ କ୍ରୋଧ ସୃଷ୍ଟି ହେଲାଣି । ଆଶ୍ଚର୍ଯ୍ୟର ବିଷୟ ହେଉଛି ଏହି ଅନୁପ୍ରବେଶକାରୀମାନେ ପରିବାର ସହ ଆସୁନାହାନ୍ତି । କେବଳ ଯୁବ ଯୁବପିଢ଼ି ଏହିଭଳି ଭାବେ ୟୁରୋପରେ ପ୍ରବେଶ କରୁଛନ୍ତି । କିଛିମାସ ବସବାସ କରିବା ପରେ ସେମାନେ ବିଭିନ୍ନ ବିକ୍ଷୋଭ ପ୍ରଦର୍ଶନ ସହିତ ମୁସଲମାନ ଧର୍ମର ସଙ୍କଳିତ ବିଧାନ 'ସରିଆ' ଆଇନକୁ ପ୍ରଣୟନ କରିବା ପାଇଁ ସ୍ୱର ଉତ୍ତୋଳନ ଆରମ୍ଭ କଲେଣି । ଭୋଟ ଲୋଭରେ ଅନେକ ରାଜନୈତିକ ଦଳ ଏହିଭଳି ଦେଶବିରୋଧୀ କାର୍ଯ୍ୟ କରୁଥିବା ଗୋଷ୍ଠୀକୁ ସମର୍ଥନ ଜଣାଉଛନ୍ତି । ପୂର୍ବରୁ ଜର୍ମାନୀରେ ଆଞ୍ଜେଲା ମାର୍କେଲ, ବର୍ତ୍ତମାନର ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରଁ ଏବଂ ବ୍ରିଟେନର ଏବେକାର ପ୍ରଧାନମନ୍ତ୍ରୀ କେର୍ ଷ୍ଟାର୍ମର ଭୋଟ ଲୋଭରେ ବିପଦ ସୃଷ୍ଟି କରୁଛନ୍ତି ବୋଲି ସାଧାରଣରେ ମତ ପ୍ରକାଶ ପାଇଲାଣି । ଲଣ୍ଡନର 'ୟୁନାଇଟ୍ ଦ କିଙ୍ଗଡମ୍' ଶୋଭାଯାତ୍ରାରେ ବିପୁଳ ଜନସମାଗମ ପ୍ରମାଣ କରୁଛି ଯେ, ମୁସଲମାନ ଅନୁପ୍ରବେଶକାରୀଙ୍କ ପ୍ରତି ତ୍ରୁଟିପୂର୍ଣ୍ଣ ଆଭିମୁଖ୍ୟ ଯୋଗୁ ସେହି ମହାଦେଶରେ ଶାସନ ବ୍ୟବସ୍ଥା ପଲଟିଯାଇପାରେ ।

ନେପାଳରେ 'ଜେନ୍ ଜି', ବାଂଲାଦେଶରେ 'ଛାତ୍ର ସମାଜ' ଭଳି ବ୍ରିଟେନ୍‌ରେ 'ଟମି ରବିନସନ୍' କୌଣସି ବିଧିବଦ୍ଧ ରାଜନୈତିକ ଦଳ ସହ ଜଡ଼ିତ ନୁହନ୍ତି । କିନ୍ତୁ ସେଇମାନେ ପରିବର୍ତ୍ତନ ଘଟାଉଛନ୍ତି । ଏଥିରୁ ସ୍ପଷ୍ଟ ଜଣାପଡୁଛି ଯେ, ଆସନ୍ତା ସମୟରେ ଗଣତନ୍ତ୍ର ପାଇଁ ରାଜନୈତିକ ଦଳ କିମ୍ବା ପ୍ରତିଷ୍ଠିତ ନେତା ମଙ୍ଗ ଧରିପାରିବେ ନାହିଁ । ହୁଏତ ସେମାନଙ୍କ ବେଳକାଳ ପୂରିଆସିଲାଣି ।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 5 | | | | | | 4 | 2 |
| | | | | | 5 | | | |
| | | 8 | 4 | | | | 3 | |
| | | | | 1 | | | | |
| 2 | | 4 | | 6 | | | | |
| 9 | | | | 2 | 4 | 8 | | |
| 5 | | | | | 2 | 1 | | 9 |
| | | 7 | | | | 6 | | |
| 8 | | | 3 | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 4 | 1 | 8 | 5 | 6 | 3 | 2 | 7 | 9 |
| 5 | 9 | 2 | 8 | 7 | 4 | 3 | 6 | 1 |
| 6 | 7 | 3 | 1 | 9 | 2 | 8 | 5 | 4 |
| 1 | 2 | 9 | 3 | 8 | 6 | 5 | 4 | 7 |
| 8 | 4 | 5 | 9 | 2 | 7 | 6 | 1 | 3 |
| 3 | 6 | 7 | 4 | 5 | 1 | 9 | 8 | 2 |
| 9 | 8 | 4 | 7 | 3 | 5 | 1 | 2 | 6 |
| 7 | 3 | 6 | 2 | 1 | 8 | 4 | 9 | 5 |
| 2 | 5 | 1 | 6 | 4 | 9 | 7 | 3 | 8 |

ଗତକାଲିର ଉତ୍ତର



ହରେକୃଷ୍ଣ ପଣ୍ଡା

# ନୂତନ ଆର୍ଥିକ ମହାଶକ୍ତି

ବିଶ୍ୱରେ ଆଜି ପର୍ଯ୍ୟନ୍ତ ସୁପରପାୱାର ବୋଲାଇ ଆସିଥିବା ଆମେରିକା ତା'ର ପ୍ରତିପତ୍ତି ଏବେ ହରାଇବାକୁ ଯାଉଛି । 'ବିନାଶ କାଳେ ବିପରୀତ ବୁଦ୍ଧି' ଗୋଟିଏ ପରେ ଗୋଟିଏ ଟ୍ରମ୍ପଙ୍କ ମୁଣ୍ଡକୁ ଜୁଟୁଛି । ଆଜି ପର୍ଯ୍ୟନ୍ତ ଆମେରିକାକୁ ଟକ୍କର ଦେବା ପାଇଁ କୌଣସି ରାଷ୍ଟ୍ର ଚିନ୍ତା କରି ନ ଥିଲେ । ଚାଇନା ହେଉ ଅବା ଅନ୍ୟ ଯେକୌଣସି ରାଷ୍ଟ୍ର ତାଟି ତଳେ ରହି ଆମେରିକା ଉପରେ ପଥର ବୃଷ୍ଟି କରୁଥିଲେ । କିନ୍ତୁ ଅନ୍ତର୍ଜାତୀୟ ସ୍ତରରେ ଶକ୍ତି ପ୍ରଦର୍ଶନ କିମ୍ବା ପ୍ରତିରୋଧ ଭଳି କାର୍ଯ୍ୟ କରି ନଥିଲେ । ଆମେରିକାର ଟାରିଫ୍‌କୁ ନେଇ ଏସିଆ ମହାଦେଶରେ ଯେଉଁ ଗୁଞ୍ଜରଣ ସୃଷ୍ଟି ହେଲା, ତା'ର ଯଥାର୍ଥ ରୂପ ଦେବାରେ ଭାରତ ସମେତ ରୁଷିଆ, ଚାଇନା, ଅନ୍ୟ ୨୫ଟି ଦେଶକୁ ନେଇ ଏବେ ବିଶ୍ୱ ମଞ୍ଚରେ ଏକ ନୂତନ ଆର୍ଥିକ ଶକ୍ତିର ଅଭ୍ୟୁଦୟ ଘଟିଛି । ଏହା ଏବେ ସମ୍ଭବ ହେଉ ବା ନ ହେଉ, କିନ୍ତୁ ଏବେଠାରୁ ଏହାର ସୂତ୍ରପାତ ଘଟିଲା । ଟ୍ରମ୍ପଙ୍କ ନାଲିଆଖି ପରୋକ୍ଷରେ ଏଭଳି ଏକ ମହାଶକ୍ତିକୁ ଜନ୍ମ ଦେଇଛି ବୋଲି କୁହାଯାଉଛି । ଏହି ମହାଶକ୍ତିର ଉତ୍‌ଥାନକୁ ଆଉ ଭବିଷ୍ୟତରେ ରୋକିବା କଷ୍ଟକର ହେବ । କାରଣ ଏହାର ପ୍ରଚ୍ଛଦରେ ରହିଛି ଏସୀୟ ଏକତାର ସ୍ୱପ୍ନ । ଏହି ସ୍ୱପ୍ନ କେବଳ ଭାରତର ମୌଳିକ ଚିନ୍ତାଧାରା । ସ୍ୱାଧୀନତା ପୂର୍ବରୁ ମହାନ୍ ସ୍ୱାଧୀନତା ସଂଗ୍ରାମୀ, ଯୋଗୀ ଶ୍ରୀଅରବିନ୍ଦ ଏହା ଘୋଷଣା କରିଯାଇଛନ୍ତି ।

ଭାରତ ବିଶ୍ୱର ମଙ୍ଗଳ ଚିନ୍ତା କରେ । ବସୁଧୈବ କୁଟୁମ୍ବକମ୍ ଭାରତର ରାଷ୍ଟ୍ରୀୟ ସ୍ୱର । ଭାରତର ଇଚ୍ଛାଶକ୍ତି ଯୋଗୁ ବେଜିଂଠାରୁ ମସ୍କୋ ଓ ନୂଆଦିଲ୍ଲୀ ପର୍ଯ୍ୟନ୍ତ ଅର୍ଥନୈତିକ ଶକ୍ତିର କେନ୍ଦ୍ର ହେବାକୁ ଯାଉଛି । ପ୍ରାଥମିକ ସ୍ତରରେ ଚାଇନାର ଏକଚାଟିଆ ନୀତି ହୁଏତ ଏହି ଅର୍ଥନୈତିକ ବଳୟକୁ ସାକାର କରିବାରେ ସମର୍ଥ ହୋଇ ନ ପାରେ । କିନ୍ତୁ ଆହୁରି ଅନେକ ଦେଶ ଏହି କରିଡରକୁ ସମର୍ଥନ ଯୋଗାଇବା ଆଶା ଜଳ ଜଳ ହୋଇ ଦେଖାଯାଉଛି । ଅନ୍ୟପକ୍ଷରେ ଦେଖିବାକୁ ଗଲେ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ୍ ମରୀଚିକା ପଛରେ ଧାଉଁଥିବା ଅନୁଭବ କରାଯାଉଛି । ଟ୍ରମ୍ପ୍ ଗାଦି ଛାଡ଼ିବା ପୂର୍ବରୁ ନୋବେଲ ପୁରସ୍କାର ହସ୍ତଗତ କରିବାକୁ ବେଶ ବିଚଳିତ ଓ ତତ୍ପର । ସେଥିପାଇଁ ୟୁକ୍ରେନ୍ ଶାନ୍ତି ଆଲୋଚନାକୁ ପ୍ରାଥମିକତା ଦେଇଛନ୍ତି । ଶାନ୍ତି ପୁରସ୍କାର ଚାହୁଁଥିବା ଆମେରିକାର ରାଷ୍ଟ୍ରପତି ବିଭିନ୍ନ ବିବାଦ ସ୍ଥଳୀରେ ପହଞ୍ଚି ନିଜକୁ ମଧ୍ୟସ୍ଥ ଭାବେ ଉପସ୍ଥାପନ କରୁଛନ୍ତି । ଏବେ ଏହି ଭୂମିକା ତୁଲାଇବାକୁ ଯାଇ ଭେନେଜୁଏଲା ସହ ଉତ୍ତେଜନା ବଢ଼ାଇଛନ୍ତି । ନିଶା ମାଫିଆଙ୍କ ସହ ମୁକାବିଲା କରିବାକୁ ଯାଇ ଏହି ଦେଶର ଉପକୂଳରେ ତିନି ଯୁଦ୍ଧ ଜାହାଜ ମୁତୟନ କରି ସମାଧାନ ପରିବର୍ତ୍ତେ ଉତ୍ତେଜନା ବଢ଼ାଇ ଚାଲିଛନ୍ତି ।



ସେଠାକାର ରାଷ୍ଟ୍ରପତି ନିକୋଲାସ୍ ମାଦୁରୋ ଏହାକୁ ବିରୋଧ କରି ଆମେରିକା ଏକ ଅବିଶ୍ୱାସର ପାତ୍ର ବୋଲି କହିଛନ୍ତି । ଭେନେଜୁଏଲା ଶାନ୍ତି ଓ ସାର୍ବଭୌମ ସହ ଆଗକୁ ବଢ଼ୁଥିବା ବେଳେ ଆମେରିକା ଏକ ସ୍ୱାଧୀନ ଏବଂ ସ୍ୱତନ୍ତ୍ର ଦେଶକୁ ମୁଣ୍ଡ ନୁଆଁଇବାକୁ ବାଧ କରୁଥିବା ଅଭିଯୋଗ କରିଛି । ନିଶା ଚୋରାଚାଲାଣର ଦ୍ୱାହି ଦେଇ ଭେନେଜୁଏଲା ଉପରେ ଟ୍ରମ୍ପ୍ ଯେଉଁ ରାଗ ଶୁଝାଇବାକୁ ଚେଷ୍ଟା କରୁଛନ୍ତି, ତାକୁ ପ୍ରତିହତ କରିବା ପାଇଁ ତାଙ୍କ ରାଷ୍ଟ୍ରପତି ମଧ୍ୟ ସମାନ ବଳ ଦେଖାଇ ଚାଲିଛନ୍ତି । ଶାନ୍ତି ପୁରସ୍କାର ପାଇଁ ଟ୍ରମ୍ପ୍ ସ୍ଥିର ହୋଇ ପାରୁନାହାନ୍ତି । ଇସ୍ରାଏଲ–ପାଲେଷ୍ଟାଇନ ମଧ୍ୟରେ ମଧ୍ୟସ୍ଥତା କରିବାକୁ ସେ ମଧ୍ୟ ଆଶାପୋଷଣ କରିଛନ୍ତି । ଅପରପକ୍ଷରେ ଇରାନ ସହ ଲଢ଼େଇ ନ କରି ଏବେ ଶାନ୍ତିର କଥା କହୁଛନ୍ତି । ମୋଟ ଉପରେ କହିବାକୁ ଗଲେ ଟ୍ରମ୍ପ୍ ନିଜ ଦେଶର ଗୁରୁତ୍ୱକୁ ହ୍ରାସ କରି ଚାଲିଛନ୍ତି । ଆମେରିକାର ନୀତି ଯାହା, ତାହା କେବେ ବିଶ୍ୱ ଶାନ୍ତି ପ୍ରତିଷ୍ଠା କରିପାରିବ ନାହିଁ ବୋଲି ବିଶ୍ୱବାସୀ ଭଲ କରି ଜାଣନ୍ତି ।

ଟ୍ରମ୍ପଙ୍କର ଏଭଳି ନାଟକ ମୂଳରେ ରହିଛି ଅନେକ ଅକୁହା କଥା । ସେ ଏଥର ନିର୍ବାଚନରେ ଜିତିବା ପାଇଁ ଆମେରିକାବାସୀଙ୍କୁ ଯେଉଁ ପ୍ରତିଶ୍ରୁତି ଦେଇଥିଲେ, ତାହାକୁ ପାଳନ କରିବା ସ୍ଥିତିରେ ନାହାନ୍ତି । ବର୍ତ୍ତମାନର ଅବସ୍ଥାରୁ ଯାହା ଜଣାପଡ଼େ, ଆମେରିକୀୟ ଅର୍ଥନୀତି ଭବିଷ୍ୟତରେ ସଙ୍କଟାପନ୍ନ ହେବାକୁ ଯାଉଛି । ବିବର୍ତ୍ତନର ତାଳ ଦେଇ ଦେଶଗୁଡ଼ିକ ଯେପରି ଆଗେଇ ଚାଲିଛନ୍ତି, ଭବିଷ୍ୟତରେ ଅର୍ଥନୀତି ହିଁ କେବଳ ପ୍ରତି ଦେଶର ଆଭିମୁଖ୍ୟ ହେବ । ବାଣିଜ୍ୟ କ୍ଷେତ୍ରରେ ଉତ୍ପାଦନ ଉପରେ ସମସ୍ତେ ନିର୍ଭର କରିବେ । ଅସ୍ତ୍ରଶସ୍ତ୍ର କାରବାର, ସୀମା ବିବାଦ ପ୍ରତି କୌଣସି ଦେଶ ଲକ୍ଷ୍ୟ ରଖିବେ ନାହିଁ । ସେ କ୍ଷେତ୍ରରେ ଆମେରିକା ହିଁ ଶତ୍ରୁ ବୋଲାଉଥିବା ଦେଶ ଉପରେ ନିର୍ଭରଶୀଳ ହୋଇ ରହିବ । ଇତିହାସର ପୃଷ୍ଠା ଲେଉଟାଇଲେ ବିଶ୍ୱରେ ଅଧିକାଂଶ ରାଷ୍ଟ୍ର ଆମେରିକାର ଶତ୍ରୁରାଷ୍ଟ୍ର ହୋଇ ରହିଛନ୍ତି । ବେଳ ଆସିଲେ ଶତ୍ରୁରାଷ୍ଟ୍ର ପୁଣି ଇତିହାସ ପୃଷ୍ଠାକୁ ଯେ ନ ଲେଉଟାଇବେ ତାହା କିଏ କହିବ! ଭାରତ ପ୍ରତି ଟ୍ରମ୍ପ୍ ବିଷୋଦ୍‌ଗାର କରିବାର ବାହ୍ୟ କାରଣଟି ହେଲା ପାକିସ୍ତାନ ପ୍ରତି ଭାରତର ସିନ୍ଦୂର ଅପରେଶନ । ଏଥିରେ ଭାରତର ସାମରିକ ଶକ୍ତି ଆମେରିକାକୁ ଟକ୍କର ଦେବା ଭଳି ପ୍ରତ୍ୟୟ ସୃଷ୍ଟି କରିଛି । ୨ୟ କାରଣ ହେଲା, ଟ୍ରମ୍ପଙ୍କ ମଧ୍ୟସ୍ଥତାରେ ପାକିସ୍ତାନର ଯୁଦ୍ଧ ବିରତିକୁ ଭାରତ ପକ୍ଷରୁ ପ୍ରାମାଣିକ ତଥ୍ୟ ପ୍ରଦର୍ଶନ କରି ଦୃଢ଼ ଭାବେ ଖଣ୍ଡନ କରିବା । ଟ୍ରମ୍ପ୍ ଶାନ୍ତି ପୁରସ୍କାର ପାଇବା ପାଇଁ ଏହାକୁ ଶ୍ରେୟ ନେବାର ଯେଉଁ ଆସ୍ଫାଳନ କରିଥିଲେ, ତାହା ପ୍ରଥମ ପାବଚ୍ଛରେ ବିଫଳ ହେବା ଯୋଗୁ ସେ ସେବେଠୁ ଭାରତ ପ୍ରତି ଅସୂୟା ହୋଇ ପଡ଼ିଲେଣି । ଏବେ ଭାରତ ବିରୋଧରେ ଆମେରିକାର ଚକ୍ରାନ୍ତ ଗୋଟିଏ ପରେ ଗୋଟିଏ ପଦାକୁ ଆସିବାରେ ଲାଗିଲାଣି । ରୁଷିଆ–ୟୁକ୍ରେନ ଯୁଦ୍ଧ ବନ୍ଦ ହୋଇଗଲେ ରୁଷିଆର କିଛି ଲାଭ ହେଉ ବା ନ ହେଉ ଆମେରିକାର ବହୁ କ୍ଷତିସାଧନ ହେବ । ଆମେରିକାର ଆଖି ୟୁକ୍ରେନ୍‌ର ବ୍ଲାକ ସି ଉପରେ । ତେଣୁ ଉପରେ ଶାନ୍ତି ପ୍ରସ୍ତାବ ଆଗତ କରି ଭିତରେ ୟୁକ୍ରେନ୍‌କୁ ଯୁଦ୍ଧାସ୍ତ୍ର ଯୋଗାଇ ଚାଲିଛି । ପୁଟିନ୍ ଏବଂ ଟ୍ରମ୍ପଙ୍କ ମଧ୍ୟରେ ଶାନ୍ତି ଚୁକ୍ତି କଥାବାର୍ତ୍ତା ପରେ ପୁଣି ୟୁକ୍ରେନର କ୍ଷେପଣାସ୍ତ୍ର ରୁଷର ପରମାଣୁ ସ୍ଥଳରେ ନିକ୍ଷେପ କରାଯିବା ଆମେରିକାର ମତିଗତିକୁ ସ୍ପଷ୍ଟ କରିଛି । ଅପରପକ୍ଷରେ ଭାରତର ଶକ୍ତିକୁ ଆମେରିକା ନିଜ ସପକ୍ଷରେ ନେବାରେ ବିଫଳ ହେବା ଯୋଗୁ ସେ ଏହି ଦୋଷକୁ ଭାରତ ଉପରେ ଲଦିବାକୁ ଚେଷ୍ଟା ଚଳାଇଛି ।

ଟ୍ରମ୍ପଙ୍କ ଧମକକୁ ନ ଡରି ଭାରତ ସମେତ ଯେତେଗୁଡ଼ିଏ ଦେଶ ଏକଜୁଟ ହୋଇଛନ୍ତି, ସେମାନେ ବାଣିଜ୍ୟ କ୍ଷେତ୍ରରେ ଦୃଢ଼ତାର ସହ ମୁକାବିଲା କରିବା ଏକାନ୍ତ ବିଧେୟ । ରୁଷିଆ–ଭାରତ ସମ୍ପର୍କ ବହୁ ପରୀକ୍ଷିତ । କିନ୍ତୁ ଚାଇନାର ଏବେ ସୁଧୁରିବା ବେଳ । ନିଜକୁ ଏକାଙ୍ଗଚକ୍ରବର୍ତ୍ତୀ ହୋଇ ରହିବା ପାଇଁ ୩୦ ବର୍ଷ ଧରି ଆସିଥିବା ସଂଗ୍ରାମ ସଫଳ ହୋଇ ପାରିନଥିବା ବେଳେ ଆଉ ସେ ଆଶା ନରଖି ଏହି ତ୍ରିଶକ୍ତି ମେଣ୍ଟରେ ନିଜର ବିଶ୍ୱସନୀୟତାକୁ ପ୍ରତିପାଦନ କରିବା ଉଚିତ । ବହୁ ଦେଶ ଆମେରିକାର ମିତ୍ର ହେଲେ ହେଁ ସେମାନେ ଭାରତ ସହ ବନ୍ଧୁତ୍ୱ ରଖିଛନ୍ତି । ୟୁରୋପୀୟ ଦେଶଗୁଡ଼ିକ ମଧ୍ୟରୁ ୪ଟି ଦେଶ ଏବେ ଭାରତ ସପକ୍ଷରେ । ଭାରତର କୂଟନୀତି ରଣକୌଶଳମୂଳକ ହେଲେ ଆମେରିକା ତା'ର କୂଟନୈତିକ ଖେଳ ଦେଖାଇ ପାରିବନି । ନିକଟରେ ଭାରତ ଯେତେଗୁଡ଼ିଏ ବିଦେଶୀ ରାଷ୍ଟ୍ରକୁ ସମ୍ପର୍କର ଡୋରିରେ ବାନ୍ଧି ସାରିଲାଣି, ତାହା ଏହି ମେଣ୍ଟକୁ ଗଢ଼ିବାରେ ସହାୟ ହୋଇପାରିବେ । ଅସଲ କଥା ହେଉଛି ଚାଇନା ନିଜ ଜିଦ୍‌କୁ ଯଦି ଧରି ନ ରଖେ, ପାକିସ୍ତାନକୁ ନେଇ ଭାରତକୁ ଆତଙ୍କବାଦୀ କ୍ଷେତ୍ରରେ ହଇଚଇ ନ କରେ, ତେବେ ଏହି ମେଣ୍ଟକୁ ନେଇ ଏକ ଆର୍ଥିକ ମହାଶକ୍ତି ମୁଣ୍ଡ ଟେକି ଠିଆ ହୋଇପାରିବ । ଆମେରିକା ବେଶୀ ଆଗେଇ ପାରିବ ନାହିଁ । ଜଣାପଡୁଛି, ନିକଟରେ ଚାଇନା ବହିର୍ବ୍ୟାପାର ମନ୍ତ୍ରୀ ନୂଆଦିଲ୍ଲୀ ଆସି ଭାରତ ସହିତ କଥାବାର୍ତ୍ତା କରିବା ଏବଂ ଭାରତର ବହିର୍ବ୍ୟାପର ମନ୍ତ୍ରୀଙ୍କ ମସ୍କୋ ଗସ୍ତ କରି ପୁଟିନଙ୍କୁ ଭେଟିବା, ରୁଷିଆ ସହିତ ସମ୍ପର୍କକୁ ଅଧିକ ମଜଭୁତ କରିବା, ଚାଇନା ସହିତ ଭାରତର ସୀମା ଉପରେ ସହମତିରେ ପହଞ୍ଚିବା ଏବଂ ଟ୍ରମ୍ପଙ୍କୁ ସମ୍ମୁଖୀନ ହେବା କ୍ଷେତ୍ରରେ ଭାରତୀୟ କୂଟନୀତି ପାଇଁ ସ୍ୱଳ୍ପ ଭିତରେ ଏକ ବଡ଼ ପଦକ୍ଷେପ ବୋଲି ମନେହେଉଛି, ଯାହା ଆର୍ଥିକ ମହାଶକ୍ତି ପାଇଁ ଆଶା ସଂଚାର କରିଛି ।

**ସୟେଦପୁର, ଯାଜପୁର**
**ମୋ: ୯୪୩୭୩୧୫୬୨୩**



ନାରାୟଣ ଚନ୍ଦ୍ର ବିଶ୍ୱାଳ

# ମିଠା ସ୍ୱର

ଆମମାନଙ୍କ ଭିତରେ ଅନେକଙ୍କ ଧାରଣା ଯେ ଅଭିନେତା ବା କଣ୍ଠଶିଳ୍ପୀମାନେ କେବଳ ନିଜର ସ୍ୱର ଉପରେ ଧ୍ୟାନ ଦେବା ଦରକାର । ମାତ୍ର ସମସ୍ତଙ୍କ ପାଇଁ ସ୍ୱରର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି । ନିକଟରେ ୟୁନିଭର୍ସିଟି ଅଫ୍ ମିଚିଗାନ ହେଲ୍‌ଥ ସିଷ୍ଟମ୍‌ର ଏକ ରିପୋର୍ଟର ତଥ୍ୟ ଅନୁଯାୟୀ, ଜଣକର ସ୍ୱର ହିଁ ତାକୁ ପରିଚିତ କରାଇ ଦେଇପାରିବ ବାହାର ଦୁନିଆରେ । ଏହା ବ୍ୟକ୍ତିତ୍ୱ ଗଠନରେ ମଧ୍ୟ ସହାୟକ ହୋଇଥାଏ । ଲୋକଟି କ'ଣ କହୁଛି ତାହା ତା'ର ସ୍ୱରରୁ ହିଁ ଅନ୍ୟମାନଙ୍କୁ ଆକର୍ଷିତ କରିନିଏ । ଯଦି ସ୍ୱରଯନ୍ତ୍ରରେ ସାମାନ୍ୟ ବି ତ୍ରୁଟି ରହିଯାଏ ତେବେ ତାହା ଜୀବନ ଉପରେ ମଧ୍ୟ କୁପ୍ରଭାବ ପକାଇଥାଏ । ଶରୀର ପାଇଁ ଯେତିକି ପାଣିର ଆବଶ୍ୟକତା ରହିଛି ସେତିକି ପାଣି ନିୟମିତ ନିଶ୍ଚିତ ପିଅନ୍ତୁ । ଆଲ୍‌କୋହଲ ଏବଂ କାଫେଇନଠାରୁ ଦୂରେଇ ରହନ୍ତୁ । କଥା କହିବା ବା ଗୀତ ଗାଇବାବେଳେ ସ୍ୱର ପେଟିକା ସ୍ୱରତନ୍ତ୍ରୀରେ ଜୋରରେ କମ୍ପନ ସୃଷ୍ଟି ହୋଇଥାଏ । ଉପଯୁକ୍ତ ପରିମାଣର ଜଳ ମିଳିଲେ ତାହା ସ୍ୱର ପେଟିକାକୁ ପିଚ୍ଛିଳ ରଖିଥାଏ ।

ଦୈନିକ ଯେତିକି କଥା କହିବା କଥା ବାସ, ସେତିକି କଥା କହନ୍ତୁ । ଯେଉଁଦିନ ଅଧିକ କିଛି ଆପଣଙ୍କୁ କହିବାକୁ ପଡ଼ିଥାଏ ସେ ଦିନ ତୁଛାଟାରେ ଗପିବା ବନ୍ଦ କରିଦିଅନ୍ତୁ । ଆପଣ ହୁଏତ ଜାଣି ନ ଥିବେ ଯେ କିଛି କ୍ଷଣର ନୀରବତା ଆପଣଙ୍କ ଶରୀର ଭିତରେ ଏକ ପ୍ରକାର ନୂତନ ଉର୍ଜା ସୃଷ୍ଟି କରିଥାଏ । ଏହାସହିତ ଆପଣଙ୍କ ନୀରବତା ସ୍ୱର ପେଟିକାକୁ ଶାନ୍ତମୟ ଗଢ଼ି ତୋଳିବାରେ ସମର୍ଥ ହୋଇଥାଏ । ଯେମିତି କି ଅଧିକ କ୍ଲାସ୍ ନେବାର ଥିଲେ ଶିକ୍ଷକମାନେ କୋଳାହଳମୟ ଷ୍ଟାଫ୍‌ରୁମ୍‌ରେ ଅଧିକ ଗପିବା ଉଚିତ ନୁହେଁ ।

ଉପଚାର ସମ୍ପର୍କରେ ଅନେକ ଲୋକ ଅନେକ କଥା କହିଥାନ୍ତି ଓ ଏହାକୁ ସେମାନଙ୍କୁ ବିଚାର ଭାବେ ଧରି ନେଇଥାନ୍ତି । ତେବେ ସର୍ବପ୍ରଥମେ ଆପଣଙ୍କ କଣ୍ଠ ସ୍ୱରକୁ ମଧୁର ଓ ଲଳିତ ତଥା ଶାନ୍ତମୟ କରିବାକୁ ଥିଲେ ଧୂମପାନ କରନ୍ତୁ ନାହିଁ, ଯଦି କରୁଥାନ୍ତି ତୁରନ୍ତ ଛାଡ଼ି ଦିଅନ୍ତୁ । ଧୂମପାନ ଗଳା କର୍କଟର କାରଣ ହୋଇଥାଏ । କେବଳ ସେତିକି ନୁହେଁ ଅନ୍ୟ କେହି ଧୂମପାନ କରୁଥିଲେ ତା'ର ଆଘ୍ରାଣ ଦ୍ୱାରା ମଧ୍ୟ ସ୍ୱର ପେଟିକାରେ କ୍ଷତି ପହଞ୍ଚାଇଥାଏ । ଉତ୍ତେଜିତ ହୋଇ କଥାବାର୍ତ୍ତା କରିବା, ଗାଳି ଦେବା ଏବଂ ଜୋର କଥା ହେବା ଦ୍ୱାରା ଗଳା ଶୁଷ୍କ ତଥା କ୍ଳାନ୍ତ ହୋଇପଡ଼େ । ସ୍ୱର କର୍କଶ ଶୁଭିଲେ ଏହା ଆମକୁ ସ୍ୱର ପେଟିକାର ଯତ୍ନ ନେବାକୁ ସଚେତନ କରାଇଦିଏ ।

ଯେତେବେଳେ ଆପଣ ଉଚ୍ଚ ବା ନିମ୍ନ ସ୍ୱରରେ ଗୀତ ଗାଉଛନ୍ତି ବେକ ଏବଂ ଗଳାର ମାଂସପେଶୀକୁ ଆରାମ ଦିଅନ୍ତୁ । କେତେକ କଣ୍ଠଶିଳ୍ପୀ ଉଚ୍ଚ ସ୍ୱରରେ ଗୀତ ଗାଇବା ବେଳକୁ ମୁଣ୍ଡକୁ ଉପରକୁ ଉଠାଇଥାନ୍ତି ଏବଂ ନିମ୍ନ ସ୍ୱରରେ ଗାଇବାବେଳେ ବେକକୁ ତଳକୁ ଭାଙ୍ଗି ଗାଇଥାନ୍ତି । କଣ୍ଠଶିଳ୍ପୀ ଖୋଦ ସ୍ୱୀକାର କରନ୍ତି ଯେ ବର୍ଷ ବର୍ଷ ଧରି ଏପରି କରିବା ଦ୍ୱାରା ଆମକୁ ଏହାର ମୂଲ୍ୟ ଦେବାକୁ ପଡ଼ିଥାଏ । ଅର୍ଥାତ୍ ଦୀର୍ଘ ସମୟ ଧରି ଏପରି ଚାଲିଲେ କଣ୍ଠରେ ଯନ୍ତ୍ରଣା ଆରମ୍ଭ



ହୋଇଯାଏ । ପରବର୍ତ୍ତୀ ସମୟରେ କଣ୍ଠ କ୍ଷତିଗ୍ରସ୍ତ ହୋଇଥାଏ ଏବଂ ସେହିଠାରୁ ହିଁ ସ୍ୱର ଏକପ୍ରକାର ଦବିବା ଆରମ୍ଭ ହୋଇଥାଏ । ଦୈନନ୍ଦିନ ଆମେ କେଉଁପରି କଥାବାର୍ତ୍ତା କରୁଛେ ତା' ଉପରେ ଆଗେ ଧ୍ୟାନ ଦେବା ଦରକାର । ଅନେକ ଦକ୍ଷ କଣ୍ଠଶିଳ୍ପୀ ମଧ୍ୟ ସେମାନଙ୍କର ସ୍ୱରଯନ୍ତ୍ରର ଠିକ୍ ଭାବେ ଯତ୍ନ ନେଇ ନ ଥାନ୍ତି । ଜଣେ ଗବେଷକଙ୍କ ମତରେ, ଅନେକ ବ୍ୟକ୍ତି (କଣ୍ଠଶିଳ୍ପୀମାନେ ବି ସାମିଲ) କଥା କହିବାବେଳେ ଅଧିକ ଥର ଦୀର୍ଘଶ୍ୱାସ ଛାଡ଼ିଥାନ୍ତି ।

ସର୍ବଦା ନିଜର କଣ୍ଠକୁ ଅଧିକ ମାତ୍ରାରେ ସଫା ରଖନ୍ତୁ ନାହିଁ । ଅଧିକ ଥର ଏହା କରିବା ଦ୍ୱାରା ସ୍ୱରପେଟିକାଗୁଡ଼ିକୁ ଏହା ଦବାଇ ଦେଇଥାଏ ଏବଂ କ୍ଷତି ପହଞ୍ଚାଇଥାଏ । ଯଦି ଆପଣଙ୍କ ସ୍ୱରପେଟିକାରେ କୌଣସି ସମସ୍ୟା ଦେଖାଦିଏ ତେବେ ତୁରନ୍ତ ବାକ୍‌ଶ୍ରବଣ ବିଶେଷଜ୍ଞ ବା ଇଏନ୍‌ଟି ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ । ଯେତେବେଳେ ଆପଣ ଅସୁସ୍ଥ ଥାନ୍ତି ବେଶି କଥାବାର୍ତ୍ତା କରନ୍ତୁ ନାହିଁ । ଥଣ୍ଡା ବା ସଂକ୍ରମଣ ଯୋଗୁ ଆପଣଙ୍କ ସ୍ୱର କର୍କଶ ଶୁଭିଲେ କଥା ଅଳ୍ପ କୁହନ୍ତୁ । ଆପଣଙ୍କ ସ୍ୱର ଯେତେବେଳେ କ୍ଳାନ୍ତ ହୋଇପଡୁଛି ତାକୁ ତୁରନ୍ତ ଆରାମ ଦିଅନ୍ତୁ । କୌଣସି ସଭାସମିତିରେ ଆପଣଙ୍କୁ କହିବାକୁ ପଡୁଥିଲେ ଯେତିକି ସ୍ୱରରେ ଆପଣ ସାଧାରଣରେ କହିବାକୁ ସକ୍ଷମ ବାସ୍ ସେତିକି ସ୍ୱରରେ କୁହନ୍ତୁ । ଅଯଥା ଉଚ୍ଚ ସ୍ୱରରେ କହି ସ୍ୱରପେଟିକାକୁ କ୍ଷତି ପହଞ୍ଚାନ୍ତୁ ନାହିଁ । ମନେରଖନ୍ତୁ, କଣ୍ଠ ସିକ୍ତ ବା ଆର୍ଦ୍ର ରହିଲେ ତାହା ସୁସ୍ଥ ସ୍ୱର ପାଇଁ ଉପଯୋଗୀ ହୋଇଥାଏ । ଧୂଳି ଧୂଆଁ ବାତାବରଣରୁ ନିଜକୁ ମୁକ୍ତ ରଖନ୍ତୁ । ଶ୍ୱାସରେ କୌଣସି ସମସ୍ୟା ଥିଲେ କିମ୍ବା ସାଇନସ ଥିଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ । ସ୍ୱରକୁ ଠିକ୍ ରଖିବା ପାଇଁ ଚାହୁଁଥିଲେ ପାଟି ବାଟେ ଶ୍ୱାସପ୍ରଶ୍ୱାସ ନିଅନ୍ତୁ ନାହିଁ । ତେବେ ନାକ ବନ୍ଦ ରହିଥିଲେ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ । ଜୋରରେ ଘୂରୁଥିବା ପଙ୍ଖା ସାମ୍ନାରେ ବସନ୍ତୁ ନାହିଁ କି ବିଶ୍ରାମ ନିଅନ୍ତୁ ନାହିଁ । ଭାଷଣ ଦେବା ବେଳେ ଏକାବେଳେ ନ କହି ମଝିରେ ମଝିରେ ପାଣି ପିଅନ୍ତୁ । ତେବେ ୪୫ ମିନିଟରୁ ଅଧିକ ସମୟ କୁହନ୍ତୁ ନାହିଁ । ଗାୟକ ଭାବେ ସଙ୍ଗୀତ ପରିବେଷଣ କରୁଥିଲେ ହାଲୁକା ନଖଉଷୁମ ପାଣି ପିଇବା ଭଲ । ତେବେ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସଙ୍ଗୀତ ପରିବେଷଣ ହେଉ ବା ଭାଷଣ କିମ୍ବା କୌଣସି କାର୍ଯ୍ୟକ୍ରମର ସଂଯୋଜନା କୌଣସି ପରିସ୍ଥିତିରେ ନିଶା ଦ୍ରବ୍ୟ ସେବନକରି କାର୍ଯ୍ୟକ୍ରମରେ ଯୋଗଦାନ ରଖନ୍ତୁ ନାହିଁ । କାରଣ ଏହା ନିଶ୍ଚିନ୍ତ ଭାବରେ ଆପଣଙ୍କ କଣ୍ଠସ୍ୱରକୁ କ୍ଷତିଗ୍ରସ୍ତ କରିବ ।

ଶାରୀରିକ ଓ ମାନସିକ କ୍ଳାନ୍ତି ସ୍ୱରକୁ ପ୍ରଭାବିତ କରିଥାଏ । କୌଣସି କାର୍ଯ୍ୟକ୍ରମକୁ ଯିବା ପୂର୍ବରୁ ଉତ୍ତମ ନିଦ୍ରା ଏବଂ ବିଶ୍ରାମ ଲୋଡ଼ା । ଯୋଗ, ପ୍ରାତଃ ଭ୍ରମଣ କରିବା ଭଲ । ଅଧିକ ତେଲ ମସଲାଯୁକ୍ତ ଖାଦ୍ୟ, ଅଧିକ ଚା' ପିଅନ୍ତୁ ନାହିଁ । ଥଣ୍ଡା ପାନୀୟ, ପାନମସଲା ଆଦିଠାରୁ ଦୂରେଇ ରହନ୍ତୁ । ଉଷୁମ ପାଣିରେ ଗର୍ଗଲିଂ (ତଣ୍ଟିରେ ରଖି ଘଡ଼ଘଡ଼ କରିବା) କରନ୍ତୁ । ଦୁଇଥରରୁ ଅଧିକବାର ଖାଆନ୍ତୁ । ନିଶାଦ୍ରବ୍ୟଠାରୁ ଦୂରେଇ ରହିବା ଭଲ । କେବଳ ଥଣ୍ଡା ପାନୀୟ ନୁହେଁ ଫ୍ରିଜର ଥଣ୍ଡା ଖାଦ୍ୟ ଠାରୁ ମଧ୍ୟ ଦୂରେଇ ରହିବା ଭଲ । ତେବେ ଏକାଥରକେ ପେଟପୂରା ଖାଆନ୍ତୁ ନାହିଁ । ଖିଆପିଆ ପରେ ଭଲ ଭାବେ କୁଳି କରନ୍ତୁ । ସବୁବେଳେ ଗୋଟିଏ କଥା ମନେରଖନ୍ତୁ ଯେ ମିଠା ସ୍ୱର ଜଣଙ୍କ ବ୍ୟକ୍ତିତ୍ୱର ଅନନ୍ୟ ପରିଚୟ ଏହାକୁ ଯେପରି ନ ଭୁଲନ୍ତୁ ।

**ବାକ୍ ଶ୍ରବଣ ବିଶେଷଜ୍ଞ, 'ଧ୍ୱନି, ମଙ୍ଗଳାବାଗ, କଟକ, ମୋ: ୯୪୩୮ ୨୭୬୭୬୦**

## ଏଇ ଭାରତରେ

କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଚାଳିତ ରୋବୋ ନିର୍ମାଣ କରିଛନ୍ତି ୨୨ ବର୍ଷୀୟ ରାହୁଲ ଆର୍‌ପାକା । ସେ ଏହାର ନାମ ରଖିଛନ୍ତି ରକ୍ଷକ । କାରଣ ଏହା ଫସଲକୁ ଘାସ ଦାଉରୁ ରକ୍ଷାକରିବ । ଫସଲକୁ ଘାସ କ୍ଷତି କରୁଥିବାରୁ ଏହାକୁ ବାଛିବାରେ କୃଷକମାନେ ଅଧିକ ଖର୍ଚ୍ଚ କରନ୍ତି । ଏକ ଆକଳନରୁ ଜଣାପଡ଼ିଛି ଯେ, ଫସଲରେ ମୋଟ ଯେତିକି ଖର୍ଚ୍ଚ ହୁଏ ତାହାର ୨୦–୨୫% ଘାସ ବଛାରେ ହୋଇଥାଏ । ରାହୁଲ ନିର୍ମାଣ କରିଥିବା ରୋବୋ ଫସଲକୁ କ୍ଷତି ନ କରି ଜମିରୁ ଘାସ ନଷ୍ଟ କରିପାରୁଛି । ରକ୍ଷକ କ୍ଷେତରେ ଏଆଇ ମାଧ୍ୟମରେ ଘାସକୁ ଠାବ କରିବା ପରେ ତାହାକୁ ଲେଜର ଦ୍ୱାରା ନଷ୍ଟ କରିପାରୁଛି । ରାହୁଲ କହନ୍ତି, କମ୍ ସମୟରେ ଏହି କାର୍ଯ୍ୟ କରିପାରୁଥିବାରୁ ଆର୍ଥିକ ଦୃଷ୍ଟିକୋଣରୁ ଏହା କୃଷକଙ୍କ ପାଇଁ ଲାଭଦାୟକ ହେବ । ରାହୁଲ ଏବେ ହାଇଦ୍ରାବାଦସ୍ଥିତ ମହିନ୍ଦ୍ରା ୟୁନିଭର୍ସିଟିରେ ଇଞ୍ଜିନିୟରିଂ ପଢ଼ୁଛନ୍ତି । ଏହି ରୋବୋ ନିର୍ମାଣ କରିବା ପାଇଁ ମହିନ୍ଦ୍ରା କମ୍ପାନୀ ମଧ୍ୟ ସହଯୋଗ କରିଛି । ଏହାକୁ ଟ୍ରାକ୍ଟର ବ୍ୟାଟେରିରେ ଚାର୍ଜ କରାଯାଇପାରୁଛି । ରକ୍ଷକ ରୋବୋ ଆଗାମୀ କିଛି ମାସ ମଧ୍ୟରେ ମାର୍କେଟରେ ଉପଲବ୍ଧ ହେବ । ଏହାର ମୂଲ୍ୟ ୧୦ ଲକ୍ଷ ଟଙ୍କା ରହିବ ବୋଲି ରାହୁଲ କହିଛନ୍ତି ।

## ୫୦ ବର୍ଷ ତଳର ଧରିତ୍ରୀ

**୧୫ ସେପ୍ଟେମ୍ବର ୧୯୭୬**

- ରାଜ୍ୟରେ ହସ୍ତତନ୍ତ କ୍ଷେତ୍ରରେ କାର୍ଯ୍ୟକାରୀ କରିବା ପାଇଁ ଦୁଇଟି ନୂତନ ପରିକଳ୍ପନାକୁ କେନ୍ଦ୍ର ସରକାରଙ୍କ ମଞ୍ଜୁରୀ ପ୍ରଦାନ ।
- ଦଳ ବିରୋଧୀ କାର୍ଯ୍ୟ ହେତୁ ବାଲେଶ୍ୱର ଜିଲା କଂଗ୍ରେସର ସାଧାରଣ ସମ୍ପାଦକ ହରିହର ଦାଶ ମହାପାତ୍ର ସଭ୍ୟ ଧୀରେନ ଜେନା ଓ ଲକ୍ଷ୍ମଣ କମିଲ ଦଳରୁ ସସ୍‌ପେଣ୍ଡ ।

## ପାଠକ ଶ୍ରେଷ୍ଠ ବିଚାରକ

### ଅନ୍‌ଲାଇନ ସେବା ଏକ ପ୍ରହସନ

ମହାଶୟ,

ଅନ୍‌ଲାଇନ ସେବାର ଲୋକପ୍ରିୟତା ଦିନକୁଦିନ ବଢ଼ି ଚାଲିଛି । ସାଧାରଣ ଜନତାଙ୍କ ସୁବିଧା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ କେତେକ ସେବାକୁ ଅନ୍‌ଲାଇନ ମାଧ୍ୟମରେ ଉପଲବ୍ଧ କରାଉଛନ୍ତି । ଲିଜ୍ ହୋଲ୍ଡ ଜମିକୁ ଫ୍ରି ହୋଲ୍ଡରେ କରିବା ପାଇଁ ଅନ୍‌ଲାଇନ ଆବେଦନର ସାତ ମାସ ବିତି ଯାଇଥିଲେ ମଧ୍ୟ ଏହା ଉପରେ କୌଣସି ନିଷ୍ପତ୍ତି ନିଆଯାଇ ନାହିଁ । ଏ ନେଇ ବିଡିଏ ୱେବ୍‌ସାଇଟ ଓ ମେଲ୍ ଦ୍ୱାରା ଅଭିଯୋଗ କଲେ ବି କେହି ଉତ୍ତର ଦେଉନାହାନ୍ତି । ଫଳରେ ମାସ ମାସ ଧରି ଟ୍ରାଞ୍ଜାକଶନ ଅଣ୍ଡର ପ୍ରୋସେସିଂରେ ରହୁଛି । ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କ ଏପରି ମନମୁଖି କିମ୍ବା ଉଦ୍ଦେଶ୍ୟପ୍ରଣୋଦିତ କାର୍ଯ୍ୟ ଦ୍ୱାରା ଲୋକମାନେ ଅଯଥାରେ ହଇରାଣ ହେଉଛନ୍ତି । ଅନ୍‌ଲାଇନ ସେବା ଏକ ପ୍ରହସନରେ ପରିଣତ ହେଲାଣି । ଅବହେଳା କରୁଥିବା କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଗଲେ ଅନ୍‌ଲାଇନ ସେବାର ପ୍ରକୃତ ଉଦ୍ଦେଶ୍ୟ ପୂରଣ ହୋଇପାରିବ ।

**–ଅନନ୍ତ ଚରଣ ସ୍ୱାଇଁ, ଭୁବନେଶ୍ୱର**

## ଚିରନ୍ତନୀ

ଶକତି ନାହିଁ କାହାର, ବିଧିର ନିୟୋଗ–
ଘଟିବ ସେ ଦୁହିଁଙ୍କ ବିୟୋଗ
ଦିବସର ଅବସାନେ ।
ସେ ଲାଗି କି ପଡିଚି ଭାଳେଣି ?
କିଏ ଆର ପାର ଲାଗି ଆଗ ହୋଇ
ମାଗିବ ମେଲାଣି ?

–(ଚକ୍ରବାକ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

DSPL-258

ODISHA
NEW OPPORTUNITIES



**ଶ୍ରୀ ନରେନ୍ଦ୍ର ମୋଦୀ**
ପ୍ରଧାନମନ୍ତ୍ରୀ



**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# କଥା ଦେଇ କଥା ରଖିଲେ ଲୋକଙ୍କ ସରକାର
# ସୃଷ୍ଟି ହେଲା ନୂଆ ରୋଜଗାର

**ନୂତନ ସରକାର ଗଠନ ପରେ ଓଡ଼ିଶାରେ ୫୮ଟି ପ୍ରକଳ୍ପ ମାଧ୍ୟମରେ ୧,୧୧,୮୯୯ରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି**

## ୨୭ଟି ନୂଆ ଶିଳ୍ପ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

**୫୧,୮୨୬ ରୁ ଅଧିକ ନିଯୁକ୍ତି ସୁଯୋଗ | ୨୫,୩୮୦ କୋଟି ଟଙ୍କା ର ପୁଞ୍ଜି ନିବେଶ**

**ମୁଖ୍ୟ ଅତିଥି**

**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ

**ଗରିମାମୟ ଉପସ୍ଥିତି**

**ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ**
ମନ୍ତ୍ରୀ, ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା

**ଭିତ୍ତିପ୍ରସ୍ତର ସ୍ଥାପନ**

ଏସ୍‌ଆରଏଫ୍ ଲିମିଟେଡ୍ | ଏପସିଲନ୍ କାର୍ବନ ଅଶୋକା ପ୍ରାଇଭେଟ୍ ଲିମିଟେଡ୍ | ଗ୍ରୀନପ୍ଲାଏ ଗ୍ରୁପ୍
ଶ୍ରୀ ବଜରଙ୍ଗ ପାୱାର ଆଣ୍ଡ ମେଟାଲିକ୍ସ ଲିମିଟେଡ୍ | ସୋଭା ସୋଲାର ଲିମିଟେଡ୍ | ଫେରୋ ଆଲଏଜ୍ କର୍ପୋରେସନ୍ ଲିମିଟେଡ୍
ମାସ୍ ଇଣ୍ଡିଆ କ୍ଲଥିଙ୍ଗ୍ ପ୍ରାଇଭେଟ୍ ଲିମିଟେଡ୍ | ଅଲ୍ଟ୍ରାଟେକ୍ ସିମେଣ୍ଟ ଲିମିଟେଡ୍ | ହିନ୍ଦୁସ୍ତାନ ଆକ୍ୱା ପ୍ରାଇଭେଟ୍ ଲିମିଟେଡ୍
ଏସ୍‌ଏନ୍‌ଏମ୍ ହୋଟେଲ୍ସ ଆଣ୍ଡ ରିସର୍ଟସ୍ ପ୍ରାଇଭେଟ୍ ଲିମିଟେଡ୍ | ସୁମ୍ପାରିଅଲ୍ ମିଡ଼ିଆ ପ୍ରାଇଭେଟ୍ ଲିମିଟେଡ୍ | ସୁପ୍ରିମ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍
ଆଦିସ୍ତମ୍ ଭେଞ୍ଚର୍ସ ପ୍ରାଇଭେଟ୍ ଲିମିଟେଡ୍ | ଆଇଟିସି ଲିମିଟେଡ୍ | ହୋଟେଲ୍ ପାଲ୍ ରିଜେନ୍ସି ପ୍ରାଇଭେଟ୍ ଲିମିଟେଡ୍
ଏସ୍‌ଏପିଏଲ୍ ଇଣ୍ଡଷ୍ଟ୍ରିଜ୍ ପ୍ରାଇଭେଟ୍ ଲିମିଟେଡ୍ (ୟୁନିଟ୍୨) | ତ୍ରିପଥଗା ଟେକ୍ସଟାଇଲ୍ସ | ବି କେ ଇଣ୍ଟରନ୍ୟାସନାଲ ପ୍ରାଇଭେଟ୍ ଲିମିଟେଡ୍
ଅମ୍ରିତାସ୍ ହେଲ୍‌ଥକେୟାର ପ୍ରାଇଭେଟ୍ ଲିମିଟେଡ୍ | କେଶବ ପ୍ଲାଷ୍ଟଟେକ୍ ପ୍ରାଇଭେଟ୍ ଲିମିଟେଡ୍
ମେଡ଼ିଏଡ୍ ମାର୍କେଟିଂ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍ | ଚୋସୁନ୍ ସର୍ଭେଶ ରେଫ୍ରାକ୍ଟୋରୀଜ୍ ପ୍ରାଇଭେଟ୍ ଲିମିଟେଡ୍
ଜୟ ଭାରତ ସ୍ପାଇସେସ୍ ପ୍ରାଇଭେଟ୍ ଲିମିଟେଡ୍ | ଇଣ୍ଡିଆନ୍ ମେଟାଲ୍ସ ଆଣ୍ଡ ଫେରୋ ଆଲୋଏଜ୍ ଲିମିଟେଡ୍
ମୋଗ୍ଲି ଲାବସ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ | ଲିଣ୍ଡେ ଇଣ୍ଡିଆ ଲିମିଟେଡ୍

**୧୫ ସେପ୍ଟେମ୍ବର ୨୦୨୫ । ଦିବା ୧୦ଘଟିକା । କୃଷି ଶିକ୍ଷା ସଦନ, ଓୟୁଏଟି, ଭୁବନେଶ୍ୱର**

OIPR-14005/13/0069/2526

**ଶିଳ୍ପ ବିଭାଗ, ଓଡ଼ିଶା ସରକାର**

**ସଂକ୍ଷେପରେ**

## ଭୋଜିରୁ ଡିଜେ ଗାଡ଼ି ଜବତ, ୨ ଗିରଫ

ଶେରଗଡ଼,୧୪।୯(ସୂର୍ଯ୍ୟ ନାରାୟଣ ଦାଶ)

ଗଞ୍ଜାମ ଜିଲା ଶେରଗଡ଼ ବ୍ଲକ ଡାକରଡା ପଞ୍ଚାୟତ ଭୁଗୁଡ଼ା ଗ୍ରାମରେ ହେଉଥିବା ଭୋଜିରେ ଡିଜେ ବଜାଇବାକୁ କେନ୍ଦ୍ର କରି ଗଣ୍ଡଗୋଳ ହୋଇଛି। ଫଳରେ ଖବର ପାଇ ପୋଲିସ ପହଞ୍ଚି ୨ଟିଯାକ ଡିଜେ ଗାଡ଼ି ଜବତ କରିଛି। ଉଭୟ ଡିଜେ ଗାଡ଼ିର ମାଲିକଙ୍କୁ ଗିରଫ କରିଛି। ପରେ ବ୍ୟକ୍ତିଗତ ମୁଚଲିକାରେ ସେମାନଙ୍କୁ ଛାଡ଼ିଛି। ସେମାନେ ହେଲେ ଶିବରାମ ସ୍ୱାଇଁ ଓ କେ. ଗୌତମ ଦଳେଇ। ଖବରରୁ ଜଣାପଡ଼ିଛି ଭୁଗୁଡ଼ା ଗ୍ରାମରେ ରବିବାର ଏକ ଭୋଜି ଆୟୋଜନ ହୋଇଥିଲା। ଏଥିପାଇଁ ଆଳିପୁର ଓ ଭୁଗୁଡ଼ା ଗ୍ରାମରୁ ଦୁଇଟି ଡିଜେ ଭଡ଼ାରେ ଆସିଥିଲେ। ଭୋଜିରେ ଉଭୟ ଡିଜେର ମାଲିକ ମୁହାଁମୁହିଁ ହୋଇ ପରସ୍ପରର ସାଉଣ୍ଡକୁ ବଢାଇ ଦେଇଥିଲେ। ଏହାଦ୍ୱାରା ପ୍ରଚଣ୍ଡ ଶବ୍ଦରେ ଗାଁ କମ୍ପିଥିଲା। ଦୁଇ ଡିଜେ ମାଲିକ ଶିବରାମ ଓ କେ. ଗୌତମ ପରସ୍ପରକୁ ମୋର ସାଉଣ୍ଡ ଭଲ ବୋଲି କହି ଯୁକ୍ତିତର୍କ କରି ଗଣ୍ଡଗୋଳ ଲାଗି ପରସ୍ପର ଗାଡ଼ିକୁ ମୁହାଁମୁହିଁ ଧକ୍କା କରିଥିଲେ। ଫଳରେ ଉଭୟ ଗାଡ଼ିର ଡିଜେ ଯନ୍ତ୍ରପାତି ଓ ସେଥିରେ ଥିବା ଲାଇଟ୍‌ଗୁଡ଼ିକ ଭାଙ୍ଗି ଯାଇଥିଲା। ଖବରପାଇ ଶେରଗଡ଼ ଥାନା ଅଧିକାରୀ ବରେନ୍ଦ୍ର ଷଡ଼ଙ୍ଗୀ ପହଞ୍ଚି ୨ ଡିଜେ ଗାଡ଼ିକୁ ଜବତକରି ଉଭୟ ମାଲିକଙ୍କୁ ଗିରଫ କରିଥିଲା। କେସ୍ ନଂ. ୩୮୬/୨୫।

## ବିଦ୍ୟୁତ୍‌କାଟକୁ ନେଇ ଅସନ୍ତୋଷ

ବୁଗୁଡ଼ା,୧୪।୯(କାଳିଚରଣ ଦାଶ)

ବୁଗୁଡ଼ା ଅଞ୍ଚଳରେ 'ଅଘୋଷିତ ବିଦ୍ୟୁତ୍ କାଟ ଯୋଗୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବୁଗୁଡ଼ା ସହରରେ ପ୍ରତିଦିନ କେତେଥର ବିଦ୍ୟୁତ୍ କାଟ ହେଉଛି। ପବନ କି ବର୍ଷା ହେଲେ ଲାଇନ୍ ଆସିବା କାଠକର ପାଠ ହେଉଛି। ରବିବାର ଅପରାହ୍ଣରୁ ରାତି ପର୍ଯ୍ୟନ୍ତ ଦୀର୍ଘ ସମୟ ଧରି ବିଦ୍ୟୁତ୍ କାଟ ଯୋଗୁ ଲୋକେ ନାହିଁ ନ ଥିବା ଅସୁବିଧା ଭୋଗିଛନ୍ତି। ସ୍ଥାନୀୟ ଅଞ୍ଚଳରେ ଅଘୋଷିତ ବିଦ୍ୟୁତ୍ କାଟ ନେଇ ଅସନ୍ତୋଷ ପ୍ରକାଶ ପାଇଛି।

# ତାରାତାରିଣୀ, ଦକ୍ଷିଣ କାଳୀଙ୍କ ପୀଠରେ ଷୋଡ଼ଶ ଉପଚାର ଆରମ୍ଭ

ପୁରୁଷୋତ୍ତମପୁର,୧୪।୯ (ସୀମାଞ୍ଚଳ ମିଶ୍ର)



ମା' ତାରାତାରିଣୀ

ରାଜ୍ୟର ବିଭିନ୍ନ ଶକ୍ତିପୀଠରେ ଆରମ୍ଭ ହୋଇଛି ଷୋଡ଼ଶ ଉପଚାର ପୂଜା। ସେହିପରି ଗଞ୍ଜାମ ଜିଲାର ପୁରୁଷୋତ୍ତମପୁର ଅଞ୍ଚଳରେ ପ୍ରସିଦ୍ଧ ଶକ୍ତିପୀଠ ଇଷ୍ଟଦେବୀ ମା' ତାରାତାରିଣୀ ଓ ଦକ୍ଷିଣକାଳୀଙ୍କ ପୀଠରେ ମଧ୍ୟ ଷୋଡ଼ଶ ଉପଚାର ପୂଜା ରବିବାର ଆରମ୍ଭ ହୋଇଛି। ପବିତ୍ର ମୂଳାଷ୍ଟମୀଠାରୁ ଏହିପୂଜା ଆରମ୍ଭ ହେବାର ପରମ୍ପରା ରହିଆସିଛି। ଏହି ସମୟରେ ମାଙ୍କୁ ୧୦୮ ମାଠିଆ ସୁବାସିତ ଜଳରେ ସ୍ନାନ କରିବା ପରେ ମା'ଙ୍କ ଉତ୍ଥାପନ ହୋଇଥାଏ। ପରେ ଆରମ୍ଭ ହୋଇଥାଏ ମା'ଙ୍କ ଷୋଡ଼ଶ ଉପଚାର ପୂଜାର ବିଭିନ୍ନ ରୀତିନୀତି। ମା'ଙ୍କ ସ୍ନାନ ସହ ଷୋଡ଼ଶ ଉପଚାର ପୂଜାକୁ ନେଇ ଅଞ୍ଚଳରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି।

ରବିବାର ପୂଜାର ପ୍ରଥମ ଦିନରେ ସେବାୟତ ଓ ତାଙ୍କ ପରିବାର ଲୋକେ ପବିତ୍ର ଋଷିକୁଲ୍ୟା ନଦୀକୁ ଯାଇ ସେଠାରେ ପୂଜାର୍ଚ୍ଚନା କରି ୧୦୮ ମାଠିଆରେ ଜଳ ଧରି ୯୯୯ ପାହାଚ ଚଢ଼ି ରତ୍ନଗିରି ପାହାଡ ଉପରେ ପ୍ରତିଷ୍ଠିତ ମା'ଙ୍କ ମନ୍ଦିରରେ ପହଞ୍ଚିଥିଲେ। ମାତ୍ର ଏହି ସମୟରେ ବିଦ୍ୟୁତ୍ ନ ଥିବାରୁ ପାହାଚ ଚଢି ପାଣିଧରି ଯାଉଥିବା ସେବାୟତ ଓ ମହିଳାମାନଙ୍କୁ ହଇରାଣ ହେବାକୁ ପଡିଥିଲା। ପାହାଡ ଉପରେ ଥିବା ବଉଳମାଳିଆ ପଥରେ ନିର୍ମିତ ମନ୍ଦିରର ଗମ୍ଭିରା ମଧ୍ୟରେ ବିଜେ କରିଥିବା ମା' ତାରାତାରିଣୀ ଦୁଇ ଭଉଣୀଙ୍କ ଚଳନ୍ତି ପ୍ରତିମାକୁ ଗୋଟି ପହଣ୍ଡି କରି ସ୍ନାନ ବେଦିକୁ ଆଣି ସ୍ନାନ କରାଯିବା ପରେ ମା' ଶୟନକୁ ଯାଇଥିଲେ। ସୋମବାର ମାଙ୍କ ଉତ୍‌ଥାପନା ରହିଛି। ପୁରୋହିତ ପଣ୍ଡିତ ନୀଳମାଧବ ତ୍ରିପାଠୀ ବେଦମନ୍ତ୍ର ସହକାରେ ଚଣ୍ଡିପାଠ କରୁଛନ୍ତି। ସେବାୟତ ସଂଘ ସଭାପତି ତପନ ରଣା କର୍ତ୍ତା ଦାୟିତ୍ୱରେ ଥିବା ବେଳେ ବାପଜୀ ରଣାଙ୍କ ସମେତ ଅନ୍ୟ ସେବାୟତମାନେ ସହଯୋଗ କରୁଛନ୍ତି। ମୂଳାଷ୍ଟମୀଠାରୁ ମହାଷ୍ଟମୀ ପର୍ଯ୍ୟନ୍ତ ୧୬ ଦିନବ୍ୟାପୀ ତାରାତାରୀଣିଙ୍କ ପୀଠରେ ପ୍ରତ୍ୟହ ଚଣ୍ଡିପାଠ, ହୋମ, ଯଜ୍ଞ ସହ ସ୍ୱତନ୍ତ୍ର ପୂଜା ହେବ। ଷୋଡ଼ଶ ଉପଚାର ପୂଜା ସମୟରେ ମା'ଙ୍କୁ ଦର୍ଶନ କଲେ ସମସ୍ତ ଦୁଃଖ ଲାଘବ ହୁଏ ବୋଲି ଶ୍ରଦ୍ଧାଳୁଙ୍କ ବିଶ୍ୱାସ ରହିଛି। ଭିଡ଼କୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଶାନ୍ତିଶୃଙ୍ଖଳାର ସହ ଦର୍ଶନ ନିମନ୍ତେ ମନ୍ଦିର ପରିସରରେ ପୋଲିସ ମୁତୟନ ହୋଇଛନ୍ତି। ଏସ୍‌ଡିପିଓ ସୁଜିତ ନାୟକ ଓ ଆଇଆଇସି ରାଜେଶ ନାୟକ ତଦାରଖ କରୁଛନ୍ତି। ମାଜିଷ୍ଟ୍ରେଟ ଦାୟିତ୍ୱରେ ପୁରୁଷୋତ୍ତମପୁର ତହସିଲଦାର ବିନୋଦ ବେହେରା ଅଛନ୍ତି।

## ଦେବୀପୀଠରେ ଷୋଡ଼ଶ ପୂଜା ଆରମ୍ଭ



ହିଞ୍ଜିଳି ମା' କନକ ଦୁର୍ଗାଙ୍କ ଭୁବନେଶ୍ୱରୀ ବେଶ।

ହିଞ୍ଜିଳିକାଟୁ,୧୪।୯ (ଦ୍ୱିତୀକୃଷ୍ଣ ପଣ୍ଡା): ହିଞ୍ଜିଳିକାଟୁ ଓ ଆଖପାଖ ଅଞ୍ଚଳରେ ଥିବା ବିଭିନ୍ନ ଦେବୀପୀଠରେ ରବିବାର ମୂଳାଷ୍ଟମୀ ଠାରୁ ଠାରୁ ଷୋଡ଼ଶ ଉପଚାର ଆରମ୍ଭ ହୋଇଛି। ହିଞ୍ଜିଳିର ପ୍ରସିଦ୍ଧ ମା' କନକଦୁର୍ଗା, ସାଉଁଳେଇ ଶ୍ୟାମଳାଇ ମନ୍ଦିର, ଖରିଡା କୁରେଇଶୁଣୀ ମନ୍ଦିରରେ ଷୋହଳ ପର୍ବ ପାଳନ ଉପଲକ୍ଷେ ଶ୍ରଦ୍ଧାଳୁଙ୍କ ଭିଡ଼ ଓ ପଣ୍ଡିତ ପୁରୋହିତଙ୍କ ମନ୍ତ୍ରୋଚ୍ଚାରଣରେ ଯଜ୍ଞ ଓ ପୂଜାର୍ଚ୍ଚନା ହୋଇଛି। ଆଶିନ କୃଷ୍ଣ ମୂଳାଷ୍ଟମୀ ଠାରୁ ଆଶ୍ୱିନ ଶୁକ୍ଳ ମହାଷ୍ଟମୀ ପର୍ଯ୍ୟନ୍ତ ପ୍ରତ୍ୟହ ପୂଜାର୍ଚ୍ଚନା ଓ ଚଣ୍ଡୀପାଠ ଅନୁଷ୍ଠିତ ହେବ। ପ୍ରଥମ ଦିନ ଦେବୀଙ୍କୁ ଭୁବନେଶରୀ ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଛନ୍ତି। ବିଭିନ୍ନ ମନ୍ଦିରରେ ପୂଜା କମିଟି ପକ୍ଷରୁ ଦର୍ଶନାର୍ଥୀଙ୍କ ନିମନ୍ତେ ସୁବନ୍ଦୋବସ୍ତ କରାଯାଇଛି।

# ତିନି କୁଇଣ୍ଟାଲ ଗଞ୍ଜେଇ ଜବତ, ୩ ଗିରଫ

ଫୁଲବାଣୀ, ୧୪।୯(ରାକେଶ କୁମାର ରାଉତ)



ଜବତ ଗଞ୍ଜେଇ ଓ ଗିରଫ ଅଭିଯୁକ୍ତମାନେ।

ଫୁଲବାଣୀ ସଦର ଥାନା ପୋଲିସ ୨ ପୃଥକ ସ୍ଥାନରେ ଚଢାଉ କରି ୩ କୁଇଣ୍ଟାଲ ଗଞ୍ଜେଇ ଜବତ କରିବା ସହିତ ୩ ଜଣଙ୍କୁ ଗିରଫ କରିଛି। ସଦର ଏସ୍‌ଡିପିଓ ଶୁଭେନ୍ଦୁ ବିଶ୍ୱାଳଙ୍କ ନିର୍ଦ୍ଦେଶ କ୍ରମେ ସଦର ଥାନା ଅଧିକାରୀ ସତୀଶ ଚନ୍ଦ୍ର ନାୟକଙ୍କ ତତ୍ତ୍ୱାବଧାନରେ ଏଏସ୍‌ଆଇ ପ୍ରଦୀପ ରାଉଳ ଓ ସସ୍ମିତ ବେହେରା ଶନିବାର ବିଳମ୍ବିତ ରାତିରେ ବଲସକାଟି ଛକ ନିକଟରେ ଏକ ପିକ୍‌ଅପ୍ ଭ୍ୟାନକୁ ଅଟକାଇ ଯାଞ୍ଚ କରିବାରେ ଗାଡିରୁ ୨୨୦ କିଲୋ ଗଞ୍ଜେଇ ମିଳିଥିଲା। ଏହି ଘଟଣାରେ ଡ୍ରାଇଭରଙ୍କୁ ଗିରଫ କରିଥିଲା। ସେ ହେଲେ ଖୋର୍ଦ୍ଧା ଜିଲା ବାଘମାରୀ ଥାନା ଅନ୍ତର୍ଗତ ବଗଡ଼ା ଗ୍ରାମର କୃପାସିନ୍ଧୁ ପରିଡ଼ା। ସେ ଖୋର୍ଦ୍ଧାରୁ ସାର ଆଣି ସେଥିରେ ଗଞ୍ଜେଇ ନେଇ ଫେରୁଥିଲେ ବୋଲି ପୋଲିସ କହିଛି। ସେହିଭଳି ବରପଦା ଛକ ନିକଟରେ ଏକ ଅଟୋ ରିକ୍ସାରୁ ୮୦ କିଲୋ ଗଞ୍ଜେଇ ଜବତ କରାଯାଇଛି। ଏହି ଘଟଣାରେ ବିହାର ଗୋପାଳଗଞ୍ଜ ଥାନା ଅନ୍ତର୍ଗତ ଏକଦରବା ଗ୍ରାମର ରାଜକୁମାର ସାହା ଓ ଭୀମ ଗିରିଙ୍କୁ ଗିରଫ କରାଯାଇଛି। ଏହି ଗଞ୍ଜେଇ ଫିରିଙ୍ଗିଆରୁ ଭୁବନେଶ୍ୱର ଚାଲାଣ ହେଉଥିବା ପୋଲିସ ସୂଚନା ଦେଇଛି। ଏନେଇ ସଦର ଥାନାରେ ୨୨୩/୨୫ରେ ଏକ ମାମଲା ରୁଜୁ ହୋଇଛି।

## ନବରାତ୍ର ପୂଜା ପ୍ରସ୍ତୁତି ବୈଠକ

ଆସିକା,୧୪।୯(ସୁରେନ୍ଦ୍ର ନାଥ ସାହୁ)

ଆସିକାର ଆରାଧ୍ୟା ଦେବୀ ମା' ଖମ୍ବେଶ୍ୱରୀଙ୍କ ନବରାତ୍ର ପୂଜା ଲାଗି ପ୍ରସ୍ତୁତି ବୈଠକ ରବିବାର ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟିର ଅଧ୍ୟକ୍ଷ ସତ୍ୟନାରାୟଣ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ କମିଟିର ସଦସ୍ୟ ମନୋଜ ମୁନୀ, ସଚ୍ଚିଦାନନ୍ଦ ଖଟେଇ, ଯାତ୍ରା କମିଟି ସଭାପତି, ନିମାଇ ପାଣିଗ୍ରାହୀ, ଗ୍ରାମବାସୀଙ୍କ ପକ୍ଷରୁ ଯୋଗେନ୍ଦ୍ର ପ୍ରଧାନଙ୍କ ସମେତ ବହୁ ଶ୍ରଦ୍ଧାଳୁ ଓ ପୂଜକ ଉପସ୍ଥିତ ରହି ସେମାନଙ୍କ ମତ ରଖିଥିଲେ। ପୂଜା ଅବସରରେ ଶ୍ରଦ୍ଧାଳୁଙ୍କ ଦ୍ୱାରା ମା'ଙ୍କ ପୀଠରେ ଅଖଣ୍ଡ ଦୀପ ପ୍ରଜ୍ୱଳନ, ମହାସପ୍ତମୀରୁ ମା'ଙ୍କ ସୁନାବେଶ ଏବଂ ନବରାତ୍ର ଅବସରରେ ବିଧିବଦ୍ଧ ପୂଜାର୍ଚ୍ଚନା ନିମନ୍ତେ ଆଲୋଚନା କରାଯାଇଥିଲା।

## ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିଚାଳନା ଓ ବିକାଶ ସମିତିର ଅଧିବେଶନ

ମୋହନା,୧୪।୯(ମନ୍ମଥ ମିଶ୍ର): ମୋହନା ବ୍ଲକ ଅନ୍ତର୍ଗତ ଗୁଣ୍ଡିମା ଗ୍ରାମ ନିକଟରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିଚାଳନା ଓ ବିକାଶ ସମିତି ଏବଂ କସ୍ତୁରବା ଗାନ୍ଧୀ ବାଳିକା ଛାତ୍ରୀନିବାସ ପରିଚାଳନା କମିଟିର ପ୍ରଥମ ଅଧିବେଶନ ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ସସ୍ମିତା କୁମାରୀ ପାଢ଼ୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୋହନା ତହସିଲଦାର ତଥା କମିଟି ଅଧକ୍ଷ ଚକ୍ରଧର ପାଢ଼ୀ ଯୋଗ ଦେଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷା ବିବରଣୀ ପାଠ କରିଥିଲେ। ଅନୁଷ୍ଠାନ ଏବଂ ଛାତ୍ରୀ ନିବାସରେ ରହିଥିବା ସମସ୍ୟା କବାଟ ଝରକା ଭାଙ୍ଗି ନଷ୍ଟ ହୋଇଥିବା, ନୂତନ ଡ୍ରେନ ନିର୍ମାଣ, ଶୌଚାଳୟ ମରାମତି, କୋଠରିଗୁଡ଼ିକରେ ରଙ୍ଗ ଦେବା, ରାତ୍ର ଜଗୁଆଳଙ୍କ ପାଇଁ ସ୍ୱତନ୍ତ୍ର ଗୃହ ନିର୍ମାଣ,କେମେଷ୍ଟ୍ରି ଲାବ୍ ପାଇଁ ଜଳ ଯୋଗାଣ, ବିଦ୍ୟାଳୟ ସମ୍ମୁଖରେ ବିଶ୍ରାମାଗାର ଓ ସ୍ପିଡ ବ୍ରେକର ନିର୍ମାଣ, ବିଦ୍ୟୁତ୍ ମରାମତି ଓ ବିଦ୍ୟାଳୟକୁ ଜମି ପ୍ରମାଣପତ୍ର ପ୍ରଦାନ ଆଦି ବିଭିନ୍ନ ସମସ୍ୟା ସମ୍ପର୍କରେ ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତହସିଲଦାର ପାଢ଼ୀ ସମସ୍ୟାଗୁଡ଼ିକ ଜାଣିବା ପରେ ସେଗୁଡ଼ିକର ସମାଧାନ ନେଇ ପଦସ୍ଥ ଅଧିକାରୀମାନଙ୍କ ସହ ଆଲୋଚନା କରି ସମାଧାନ କରାଯିବ ପ୍ରତିଶ୍ରୁତି ଦେଇଥିଲେ। ଏହି ଅଧିବେଶନରେ କମିଟି ସଦସ୍ୟ ବିଇଓ ନରେନ୍ଦ୍ର ବେହେରା, ଅବସରପ୍ରାପ୍ତ ଶିକ୍ଷାବିତ ମଧୁସୂଦନ ପାଢ଼ୀ, ହିଲଟପ ସ୍ନାତକ ମହାବିଦ୍ୟାଳୟର ଅଧାପିକା ରୀତା କୁମାରୀ ଶତପଥୀ, ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରଭାକର ସେଠୀ, ସିଆରସିସି ବଳରାମ ବଡ଼ରଇତ, ବାବୁଲା ମାଝୀ, ଶ୍ରବଣ ନାୟକ, ବିଶ୍ୱଜିତ୍ ବାରିକ, ଶେଷଦେବ ସାହୁ, ବାଣୀଶ୍ରୀ ମଲ୍ଲିକ ଉପସ୍ଥିତ ଥିଲେ।

# ରକ୍ତଦାନ ଶିବିର, ୬୮ ୟୁନିଟ୍ ରକ୍ତ ସଂଗ୍ରହ

ଗଞ୍ଜାମ,୧୪।୯(ବିଦ୍ୟାଧର ସାହୁ/ ଅଖିଳ ତରାଇ)

ଗଞ୍ଜାମ ସହର ସ୍ଥିତ ଭାରତୀ ବିଦ୍ୟାପୀଠରେ ରବିବାର ଅପରାହ୍ନରେ ବଜରଙ୍ଗ ଦଳ ଓ ଲକ୍ଷ୍ମୀ ନୃସିଂହ ଗୋଶାଳା ଏବଂ ଗ୍ରାସୀମ ଇଣ୍ଡଷ୍ଟ୍ରିର ମିଳିତ ଆନୁକୂଲ୍ୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବେ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ଭାଜପା ଗଞ୍ଜାମ ଜିଲା ସଭାପତି ସରୋଜ ସାବତ, ମନମୋହନ ମହାରଣା ପ୍ରମୁଖ ଯୋଗଦାନ କରିଥିଲେ। ଏହି ରକ୍ତଦାନ ଶିବରରେ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ ବ୍ଲଡବ୍ୟାଙ୍କ ପକ୍ଷରୁ ୬୮ ୟୁନିଟ୍ ରକ୍ତ ସଂଗୃହୀତ କରାଯାଇଛି। ଏହି ଅବସରରେ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା। ରକ୍ତଦାତଙ୍କୁ ଚାରା ବଣ୍ଟନ କରାଯାଇ ଜୀବନ ପାଇଁ ଯେପରି ରକ୍ତ ବିନ୍ଦୁ ଟିଏ ଲୋଡ଼ା ସେପରି ପରିବେଶ ପାଇଁ ବୃକ୍ଷ ଲୋଡ଼ା ବୋଲି ବାର୍ତ୍ତା ଦିଆଯାଇଥିଲା। ରକ୍ତଦାତାଙ୍କୁ ବଜରଙ୍ଗ ଦଳ ଗଞ୍ଜାମ ପକ୍ଷରୁ ଅଁଳା, ଡାଳିମ୍ବ ଭଳି ବିଭିନ୍ନ ଔଷଧିୟ ବୃକ୍ଷ ପ୍ରଦାନ କରାଯିବା ସହ ବିଦ୍ୟାପୀଠ ପ୍ରାଙ୍ଗଣରେ ବୃକ୍ଷରୋପଣ କରାଯାଇଥିଲା। ଏହି ଶିବିରରେ ଗଞ୍ଜାମ ବଜରଙ୍ଗ ଦଳ ସଭାପତି ପ୍ରଭାତ ସାହୁ, ଆଲେୟା ରେଡ୍ଡୀ, ମନୋଜ ପ୍ରଧାନ, ଗଙ୍ଗାରାମ ରାଉଳ, ଲିଲୁ ତରାଇ, ଶ୍ୱେତ ପ୍ରଧାନ, ଜିତେଶ କୁମାର ବାରିକ, ବିଶ୍ୱନାଥ ମହାକୁଡ଼, ପପୁ ପଣ୍ଡା, ବୁବୁନ ରେଡ୍ଡୀ, ସୁନିଲ ବେହେରା, କୃଷ୍ଣ ପରିଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ ଶୁଭଖୁଣ୍ଟି ସ୍ଥାପନ

ବୁଗୁଡ଼ା,୧୪।୯(କାଳିଚରଣ ଦାଶ)

ବୁଗୁଡ଼ା ବ୍ଲକ୍ ଗୋଲିଆ ଗ୍ରାମରେ ପବିତ୍ର କୁମାର ପୂର୍ଣ୍ଣିମା ଉତ୍ସବ ଅବସରରେ ମା' ଗଜଲକ୍ଷ୍ମୀଙ୍କ ପୂଜା ଉପଲକ୍ଷେ ଅସ୍ଥାୟୀ ପୂଜା ମଣ୍ଡପଠାରେ ଶୁଭଖୁଣ୍ଟି ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଗୋଲିଆ ଗ୍ରାମର ବଜାର ସାହି ବାସିନ୍ଦାଙ୍କ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ପୁରୋହିତ ଭାବେ ଗୋଦାବରୀଶ ହୋତା ଯୋଗଦେଇ ଯଥା ରୀତିନୀତି ପ୍ରକାରେ ପୂଜାପାଠ ସମ୍ପାଦନ କରିଥିଲେ। ସନ୍ତୋଷ ଦୋରା କର୍ତ୍ତା ଭାବେ ଦାୟିତ୍ୱ ନିର୍ବାହ କରିଥିଲେ।

# ଅଧ୍ୟକ୍ଷ, ଭାଇଙ୍କ ଆଗୁଆ ଜାମିନ ଆବେଦନ ଖାରଜ

**ପ୍ରତିଭା ଆବାସିକ କଲେଜ ଯୁକ୍ତ ୨ ଛାତ୍ର ମୃତ୍ୟୁ ଘଟଣା**

ଛତ୍ରପୁର,୧୪।୯(ସନ୍ତୋଷ ପାଢ଼ୀ)

ଗଞ୍ଜାମ ଜିଲା ଛତ୍ରପୁର ପ୍ରତିଭା ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ (ଏଚଏସ୍‌ଏସ୍) ଯୁକ୍ତ ୨ ଦ୍ୱିତୀୟ ବର୍ଷ ଛାତ୍ର ଶୁଭମ ସ୍ୱାଇଁ (୧୭)ଙ୍କ ମୃତ୍ୟୁ ଘଟଣାରେ ଅଧ୍ୟକ୍ଷ ଚିନ୍ମୟ ଦାସ ଏବଂ ତାଙ୍କ ଭାଇ ମୃଣ୍ମୟ ଦାସଙ୍କ ଜାମିନ ଆବେଦନକୁ ହାଇକୋର୍ଟ ଖାରଜ କରି ଦେଇଛନ୍ତି। ଶୁଭମଙ୍କ ମାମୁ ଏହି ଘଟଣାରେ ଏସ୍‌ଆଇଟି କିମ୍ବା କ୍ରାଇମ୍ ବ୍ରାଞ୍ଚ ଦ୍ୱାରା ତଦନ୍ତ କରାଇବା ପାଇଁ ହାଇକୋର୍ଟରେ ପିଟଶନ ଦାଖଲ କରିଥିଲେ। କୋର୍ଟ ଏହାକୁ ଗ୍ରହଣ କରି ଶୁଣାଣି ପାଇଁ ଆସନ୍ତା ୧୮ ତାରିଖକୁ ଧାର୍ଯ୍ୟ କରିଛନ୍ତି। ଏହି ମାମଲାରେ ରାଜ୍ୟ ସରକାର, ଗଞ୍ଜାମ ଏସ୍‌ପି, ଛତ୍ରପୁର ଥାନା ଆଇଆଇସି ଏବଂ ପ୍ରତିଭା ଏଚଏସ୍‌ଏସ୍ ଅଧ୍ୟକ୍ଷଙ୍କୁ ପକ୍ଷଭୁକ୍ତ କରାଯାଇଛି। ଗତ ଜୁନ ୨୫ରେ ଶୁଭମ ନିଖୋଜ ଥିଲେ। ପରେ ରାତିରେ ଶୁଭମଙ୍କ ଖଣ୍ଡବିଖଣ୍ଡିତ ଶରୀର କଲେଜ ପଛପଟ ରେଳ ଧାରଣାରୁ ମିଳିଥିଲା। ପରିବାର ଲୋକ ଜୁନ ୨୭ରେ ଛତ୍ରପୁର ଥାନାରେ ଏତଲା ଦେଇଥିଲେ। ଏଯାଏ ଏ ଦିଗରେ ଉଭୟ ଛତ୍ରପୁର ଓ ବ୍ରହ୍ମପୁର ଜିଆରପି ପୋଲିସ କୌଣସି ତଦନ୍ତ କରିନି କି କାର୍ଯ୍ୟାନୁଷ୍ଠାନ କିଛି ହୋଇନାହିଁ।

# ଆଇଜର ଶିକ୍ଷାନୁଷ୍ଠାନ ନିର୍ମାଣ କାର୍ଯ୍ୟ ନିମ୍ନମାନର ଅଭିଯୋଗ

ଗୋପାଳପୁର,୧୪।୯(ନବୀନ ରାଜ ଆଚାରୀ)

ଗଞ୍ଜାମ ଜିଲା ଲୌଡିଗାଁରେ ଆଇଜର ଶିକ୍ଷାନୁଷ୍ଠାନ ନିର୍ମାଣ କାର୍ଯ୍ୟ ଜାରି ରହିଛି। କୋଠା ନିର୍ମାଣ କାର୍ଯ୍ୟ ନିମ୍ନମାନର ଓ ଅନିୟମିତତା ନେଇ ମୁଖ୍ୟମନ୍ତ୍ରୀ, ରାଜ୍ୟ ଖଣି ଇସ୍ପାତ ଓ ବାଣିଜ୍ୟ ପରିବହନ ମନ୍ତ୍ରୀ, ବ୍ରହ୍ମପୁର ଏମ୍‌ପି, ବ୍ରହ୍ମପୁର ଆଇଜର ନିର୍ଦ୍ଦେଶକ, ମୁଖ୍ୟ ଯନ୍ତ୍ରୀ ସିପିଡବ୍ଲୁଡି ଓ ଶ୍ରମ ଆୟୁକ୍ତଙ୍କ ନିକଟକୁ ଡାକ ଓ ମେଇଲ ଯୋଗେ ଗାରମପେଟା ଗ୍ରାମର ଏସ ରାଜା ରାଓ ଅଭିଯୋଗ ପତ୍ର ପଠାଇଛନ୍ତି। ସୂଚନାନୁସାରେ ରଙ୍ଗେଇଲୁଣ୍ଡା ବ୍ଲକ୍ ଅଧିନସ୍ଥ ଲୌଡ଼ିଗାଁ ନିକଟରେ ଆଇଜର ଶିକ୍ଷାନୁଷ୍ଠାନ ନିର୍ମାଣ କାର୍ଯ୍ୟ ଜାରି ରହିଛି। ପ୍ରାୟ ୮୦ ଶତକଡାରୁ ଊର୍ଦ୍ଧ୍ୱ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିବା ସୂଚନା ମିଳିଛି। ନିର୍ମାଣ କାର୍ଯ୍ୟରେ ନିମ୍ନମାନର ସିମେଣ୍ଟ, ଇଟା ବ୍ୟବହାର କରାଯିବା ସହ ୫୦ ଶତକଡା ସମୁଦ୍ର ବାଲି ଓ କ୍ରସର ଡଷ୍ଟ ଗୁଣ୍ଡ ବ୍ୟବହାର କରାଯାଇଥିବା ନେଇ ଅଭିଯୋଗ ହୋଇଛି। ଏହି ଶିକ୍ଷାନୁଷ୍ଠାନ ସାମୁଦ୍ରିକ ଅଞ୍ଚଳରେ ଗଢ଼ି ଉଠିଥିବାରୁ କୋଠାର ଗୁଣବତ୍ତା ନଥିଲେ ସାମୁଦ୍ରିକ ଝଡ଼ରେ କ୍ଷତିଗ୍ରସ୍ତ ହେବାର ଆଶଙ୍କା ରହିଛି ବୋଲି ଅଭିଯୋଗପତ୍ରରେ ରାଜାରାଓ ଉଲ୍ଲେଖ କରିଛନ୍ତି। ପିଲର ଗୁଡ଼ିକରେ ଲୁହା ରଡ଼ ନିମ୍ନମାନର ଓ ସଠିକ ପାଣି ମଧ ଦିଆଯାଉ ନାହିଁ। କାର୍ଯ୍ୟର ଗୁଣବତ୍ତା ରହୁ ନ ଥିବା ନେଇ ରାଜା ରାଓ ପୂର୍ବରୁ ବହୁବାର ଅଭିଯୋଗ କରିଥିଲେ। ସରକାରୀ ନିୟମାନୁସାରେ ମହିଳା ଓ ପୁରୁଷ ଶ୍ରମ ମୂଲ୍ୟ ମଧ ପ୍ରଦାନ କରାଯାଉନାହିଁ। ଏଥିରେ ବ୍ୟାପକ ଦୁର୍ନୀତି ହୋଇଥିବା ନେଇ ସେ ଅଭିଯୋଗ କରିଛନ୍ତି। କୋଠା ନିର୍ମାଣ ପାଇଁ ସିଏସ୍‌ଆର୍ ପାଣ୍ଠି ୧୫୦୦ କୋଟି ବ୍ୟୟ ବରାଦ ହୋଇଥିବା ବେଳେ ନିକଟବର୍ତ୍ତୀ ଗ୍ରାମଗୁଡ଼ିକର ବିକାଶ ପାଇଁ ଅତିରିକ୍ତ ବ୍ୟୟବରାଦ କରାଯାଇଥିଲେ ମଧ ଆଜି ପର୍ଯ୍ୟନ୍ତ କୌଣସି ପ୍ରକାର ବିକାଶମୂଳକ କାର୍ଯ୍ୟ ହୋଇନାହିଁ। ଆଇଜର ଶିକ୍ଷାନୁଷ୍ଠାନ ନିର୍ମାଣ କାର୍ଯ୍ୟରେ ବାହାର ଲୋକଙ୍କୁ ନିଯୁକ୍ତି ଦିଆଯାଇଥିଲେ ମଧ ସ୍ଥାନୀୟ ଲୋକଙ୍କୁ ଯୋଗ୍ୟତା ଆଧାରରେ ନିଯୁକ୍ତି ଦିଆଯାଇନାହିଁ। ତେଣୁ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ଦେବାକୁ ସେ ଦାବି କରିଛନ୍ତି।


**GOVERNMENT OF ODISHA** No.O-776
**OFFICE OF THE EXECUTIVE ENGINEER**
**RURAL WORKS ELECTRICAL DIVISION**
**BHUBANESWAR**
E-Mail : eerwel_bbsr@yahoo.co.in
**e-Procurement Notice NO - EERWELBBSR - 14/2025-26**

| | | |
|---|---|---|
| 1 | Name of the work | (i) EI to Provision of New Video Conferencing System & Glow Sign Board at O/o Executive Engineer, RW Division, Puri-**7.14 lakhs** (ii) EI to Provision of New Video Conferencing System, Conventional LA, DG Set & Glow Sign Board at 0/0 Executive Engineer RW Division Nimapara- **20.17 lakhs,** (iii) EI to Provision of New Video Conferencing System, Conventional LA & Glow Sign Board at Olo Executive Engineer, RW Division, Nayagarh-**13.44 lakhs** (iv) SITC of 20KVA DG Set, LA, CCTV Camera & Glow Sign Board to RW Circle office Kendrapara-Jajpur at Chandikhole & RW Division Jajpur-II-**26.89 lakhs** (v) SITC of 20KVA DG Set & Glow Sign Board to RW Division office at Kendrapara-I & RW Division office at Kendrapara-II-**20.30lakhs** |
| 2 | Estimated Cost | From **23.56 lakhs** to **39.27 lakhs** (Excluding GST) |
| 3 | Period of completion | **180** days |
| 4 | Date and time of availability of Bid documents in the portal | From Dt.**18.09.2025** at 12.00 A.M. to Dt.**03.10.2025** up to 5.00 P.M. |
| 5 | Date & Time of opening of tender | Dt.**04.10.2025** at 01:00 P.M. |
| 6 | Procurement officer/Name and address of the officer inviting Bids | Executive Engineer, R.W EL.Divn. BBSR At - 1st floor of Divn. Complex, Rasulgarh Behind Esplanade Mall. Dist. - Khordha, Odisha, Pincode-751010 |

Further details can be seen from the Govt. Website www.tenderorissa.gov.in
Sd./- Executive Engineer,
Rural work Electrical Division,
Bhubaneswar
OIPR-25168/11/0019/2526



**GOVERNMENT OF ODISHA** No.O-744
**OFFICE OF THE EXECUTIVE ENGINEER**
**RURAL WORKS ELECTRICAL DIVISION**
**BHUBANESWAR**
E-Mail : eerwel_bbsr@yahoo.co.in
**e-Procurement Notice NO - EERWELBBSR - 12/2025-26**

| | | |
|---|---|---|
| 1 | Name of the work | **(i) Provision of Conventional Lighting Arrestor, DG Set and Glow Sign Board at RW Division Bhadrak-I and Bhadrak-II.-37.56 lakhs (ii) Provision of Conventional Lighting Arrestor, DG Set and Glow Sign Board, AC, Solar Light and Video Conferencing at RW Division Balasore-I and Balasore-II-39.27 lakhs (iii) Provision of Conventional Lighting Arrestor, DG Set and Glow Sign Board, AC, Solar Light and Video Conferencing at RW Circle Balasore-23.56 lakhs (iv) Provision of Conventional Lightning Arrestor, DG Set and Glow Sign Board, AC, Solar Light and Video Conferencing at RW Division Jaleswar - 29.39 lakhs** |
| 2 | Estimated Cost | From **23.56 lakhs** to **39.27 lakhs** (Excluding GST) |
| 3 | Period of completion | **180** days |
| 4 | Date and time of availability of Bid documents in the portal | From Dt.**16.09.2025** at 12.00 A.M. to Dt.**24.09.2025** up to 5.00 P.M. |
| 5 | date & Time of opening of tender | Dt.**25.09.2025** at 01:00 P.M. |
| 6 | Procurement officer/Name and address of the officer inviting Bids | Executive Engineer, R.W EL.Divn. BBSR At - 1st floor of Divn. Complex, Rasulgarh Behind Esplanade Mall. Dist. - Khordha, Odisha, Pincode-751010 |

Further details can be seen from the Govt. Website www.tenderorissa.gov.in
Sd./- Executive Engineer,
Rural work Electrical Division,
Bhubaneswar
OIPR-25168/11/0016/2526



**OFFICE OF THE TRANSPORT COMMISSIONER-CUM-CHAIRMAN**
**STATE TRANSPORT AUTHORITY, ODISHA, CUTTACK**
**TENDER CALL NOTICE**
**Notice No: 13679** **Date- 13/09/2025**
**No.JJ-50** : Sealed tenders are invited for a Request for Proposal (RFP) For "Selection of Transport Management Company (TMC) For 84th Annual Session of The Indian Road Congress at Bhubaneswar by the office of Transport Commissioner for online submission latest by **04/10/2025, 04:00 PM.**
For details, please visit the websites www.odishatransport.gov.in and www.enivida.odisha.gov.in. The RFP will be available on the websites from 15/09/2025.
By the orders of Transport Commissioner, Odisha
Sd./- Joint Commissioner,
Transport (Tech.) STA, Odisha,
Cuttack
OIPR-38003/11/0090/2526



**WATCO**
**OFFICE OF THE GENERAL MANAGER,**
**WATCO DIVISION-I, BHUBANESWAR,**
Vanivihar Square, Bhubaneswar-751022, Odisha, India
Telefax : +91-674-2542821 E-mail - gmdivonewatco@gmail.com
No.C-1048
**NATIONAL COMPETITIVE BIDDING THROUGH e-PROCUREMENT**
**Invitation For Bids (IFB)**
**GMWATCO-I/47/ 2025-26 Dt.10.09.2025**

| | | |
|---|---|---|
| 01 | Name of the work | : **04 Nos. (Four nos works)** |
| 02 | Estimate cost | : Rs.10.00 Lakhs to 24.61 Lakhs |
| 03 | Period of completion | : 60 days |
| 04 | Class of contractor | : "B, C & D" Class |
| 05 | Date & Time of availability of bid document in the portal | : From 11.00 A.M. of Dt.17.09.2025 to 5.00 P.M. of 03.10.2025 |
| 06 | Last date / time of receipt of bids in the portal | : 5.00 P.M. of 03.10.2025 |
| 07 | Date & Time of opening of bids | : AT 12.30 P.M. of 04.10.2025 |
| 08 | Name and address of the Officer Inviting Bid | : General Manager WATCO Division-I, BBSR |

Further details can be seen from the e-Procurement portal "https://www.tendersorissa.gov.in"
Sd./- GENERAL MANAGER,
OIPR-13083/11/0018/2526 WATCO DIVISION-I, BHUBANESWAR



**GOVERNMENT OF ODISHA** No.O-757
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, CUTTACK**
e-mail : serw_ctc@yahoo.com
No. Tender Online RWC-19/2025 **e-Procurement NOTICE** Letter No. 3169 Date : 09.09.2025

1. **Name of the work** : Construction of **Road & Building** works.
2. **Class of contractor**
   c) Estimated cost more than Rs.6.00 Crore & upto Rs.50.00 Crore : Special Class (of Odisha PWD) & relevant class of other licensing authorities.
   d) Estimated cost more than Rs.1.00 Crore & upto Rs.20.00 Crore : A Class (of Odisha PWD) & relevant class of other licensing authorities.
   c) Estimated cost more than Rs.20.00 Lakh & upto Rs.3.00 Crore : B Class (of Odisha PWD) & relevant class of other licensing authorities.
3. **Time for Completion** : As specified in the **Column-7 of the Annexure.**
4. **Detail Projects** : **As per Annexure attached**
5. **Other Details** :

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | | |
| 1 | 2 | 3 | 4 | 5 | 1 | 2 |
| Chief Construction Engineer, Rural Works Circle, Cuttack | Tender Online RWC-19/25 | 16.09.2025 at 11.30 A.M. | 03.10.2025 up to 05.00 P.M. | 03.10.2025 up to 02.00 P.M. | 04.10.2025 at 11.30 A.M. | Will be intimated later |

Further details can be seen from the website www.tendersodisha.gov.in
Sd./- Chief Construction Engineer
Rural Works Circle, Cuttack
OIPR-25097/11/0032/2526



**ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର**
(ଗ୍ରାମ୍ୟ/ପୋଷ୍ଟ-ଆମ୍ବପୁଆ, ଆୟକର ଭବନ ନିକଟରେ, ବ୍ରହ୍ମପୁର-୭୬୦୦୧୧, ଗଞ୍ଜାମ, ଓଡ଼ିଶା)
**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BERHAMPUR**
At/PO-Ambapua, Near Income Tax Office, Berhampur-760011, Ganjam, Odisha)
No.O-714: (E-Mail: serwbpr2004@yahoo.com, Tel. No.-0680-2404287)
**NATIONAL COMPETITIVE BIDDING THROUGH e-Procurement**
**Bid Identification No.Online Tender/25-2025-26/BPR**

| Identification No. | Name of Work | No. of Works | Approx. Estimated Cost (in Lakh) | Class of Contractor | Period of Completion |
|---|---|---|---|---|---|
| Online_Tender/25-2025-26/BPR | Bridge work under SETU BANDHANA YOJANA (SBY) & Road Works under MMSY-TRIP | 03 Nos. | From Rs.318.43 Lakhs to Rs.533.44 Lakhs | "A" Class as applicable | Period of Completion as provided as per Col. No.5 of Annexure of NIT |

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| Chief Construction Engineer, R.W. Circle, Berhampur | Online Tender/25-2025-26/BPR | 18.09.2025 at 10.00 A.M. | 04.10.2025 upto 5.30 P.M. |

(i) EMD/ Bid Security, Cost of Bid Document is to be transferred through Online as per the procedure mentioned in the DTCN.
(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.
Further details & Corrigendum if any can be seen from the website:- www.tendersodisha.gov.in
OIPR-25071/11/0128/2526 Sd./- Chief Construction Engineer, R.W.Circle, Berhampur

**ସଂକ୍ଷେପରେ**

## ଟ୍ରେନ୍‌ରୁ ଖସିପଡ଼ି ଯୁବକ ଗୁରୁତର

ଛତ୍ରପୁର,୧୪।୯(ସନ୍ତୋଷ ପାଢ଼ୀ)

ଛତ୍ରପୁର ବଡ଼ ରେଲଷ୍ଟେଶନ ନିକଟରେ ଚଳନ୍ତା ଏକ୍ସପ୍ରେସ ଟ୍ରେନ୍‌ରୁ ଖସିପଡ଼ି ଜଣେ ଯୁବକ ଗୁରୁତର ହୋଇଛନ୍ତି। ସେ ହେଲେ ଯାଜପୁରରୋଡ ଅଞ୍ଚଳର ଶ୍ରୀନିବାସ ଖଡ଼ଙ୍ଗା। ସାଲିମାରଠାରୁ ଭାସ୍କୋଡଗାମା ଅଭିମୁଖେ ଯାଉଥିବା ଅମରାବତୀ ଏକ୍ସପ୍ରେସ ଟ୍ରେନ (ନଂ.୧୮୦୪୭)ରେ ଶ୍ରୀନିବାସ ଯାଉଥିବା ବେଳେ ଛତ୍ରପୁର ବଡ଼ ରେଳ ଷ୍ଟେଶନରେ ନିକଟରେ କୌଣସି ପ୍ରକାରେ ଖସି ପଡ଼ିଥିଲେ। ତାଙ୍କୁ ଗୁରତର ଅବସ୍ଥାରେ ଉଦ୍ଧାର କରି ଆମ୍ବୁଲାନ୍ସରେ ପ୍ରଥମେ ଛତ୍ରପୁର ହସ୍ପିଟାଲକୁ ନିଆଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ସେଠାରୁ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

## ଗଞ୍ଜାମ ଅତିରିକ୍ତ ଜିଲା ଶିକ୍ଷାଧିକାରୀଙ୍କ ସର୍ଭେ ସମୀକ୍ଷା

ଧରାକୋଟ,୧୪।୯(ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ରାଜ୍ୟରେ ୬ ବର୍ଷରୁ ୧୮ ବର୍ଷ ବୟସର ପିଲାମାନଙ୍କୁ ଚିହ୍ନଟ କରିବା ଓ ବିଦ୍ୟାଳୟ ବାହାରେ ଥିବା ପିଲାମାନଙ୍କୁ ବିଦ୍ୟାଳୟର ମୁଖ୍ୟ ସ୍ରୋତରେ ସାମିଲ କରିବା ଲାଗି ଘରକୁ ଘର ବୁଲି ସର୍ଭେ କାର୍ଯ୍ୟ ସଂପ୍ରତି ରାଜ୍ୟ ସରକାରଙ୍କ ପକ୍ଷରୁ ଚାଲିଛି। ଏହି ଅଭିଯାନକୁ ବ୍ୟାପକ କରିବା ପାଇଁ ଧରାକୋଟ ଗୋଷ୍ଠୀ ଶିକ୍ଷାଧିକରୀଙ୍କ କାର୍ଯ୍ୟାଳୟରେ ଗଞ୍ଜାମ ଜିଲା ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଏସ. ଧନଞ୍ଜୟ ପହଞ୍ଚି ଏହାର ସମୀକ୍ଷା କରିଛନ୍ତି। ସର୍ଭେ କାର୍ଯ୍ୟ ସମୟରେ ଯେପରି ପ୍ରତ୍ୟେକ ପିଲା ବିଦ୍ୟାଳୟ ଅଭିମୁଖି ହେବେ ସେଥିପ୍ରତି ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଛନ୍ତି। ବୈଠକରେ ଗୋଷ୍ଠୀ ଶିକ୍ଷାଧିକରୀ ଅଭିମନ୍ୟୁ ସାହୁ,ଗୋଷ୍ଠୀ ସମ୍ବଳ କେନ୍ଦ୍ର ସଂଯୋଜକ ସୌରୀ ଶଙ୍କର ବେହେରା, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ବିଭୂତି ଭୂଷଣ ପାତ୍ର, ସମସ୍ତ ସିଆରସିସି ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ଗଞ୍ଜାମ ମହାବିଦ୍ୟାଳୟରେ ଆଲୋଚନାଚକ୍ର

ଗଞ୍ଜାମ,୧୪।୯(ବିଦ୍ୟାଧର ସାହୁ)

ଗଞ୍ଜାମ ମହାବିଦ୍ୟାଳୟର ଇତିହାସ ବିଭାଗରେ କଳିଙ୍ଗ ଯୁଦ୍ଧ ବିଷୟରେ ଏକ ଆଲୋଚନାଚକ୍ର ଆୟୋଜିତ ହୋଇଛି। ଅଧକ୍ଷା ଡା.ସ୍ମରଣିକା ହୋତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଭାଗୀୟ ମୁଖ୍ୟ ପ୍ରଭାତୀ ତ୍ରିପାଠୀଙ୍କ ସକ୍ରିୟ ତତ୍ୱାବଧାନରେ ସଫଳ ଭାବରେ ସଞ୍ଚାଳିତ ହୋଇଥିଲା। ଆଲୋଚନାରେ ଅଧାପକ ଡା.ସୁଶାନ୍ତ ସେଠୀ, ଡା.ଲୋକନାଥ ମିଶ୍ର, ରସାନନ୍ଦ କଅଁର ଓ ଅଧାପିକା ଡା. ଖୁସୁବୁ ନାଜ କଳିଙ୍ଗ ଯୁଦ୍ଧର ପୂର୍ବଭୂମିକା, ଯୁଦ୍ଧର ଭୟାବହ ପରିଣାମ, ସମ୍ରାଟ୍ ଅଶୋକଙ୍କ ପଶ୍ଚାତାପ ଓ ଏହାର ଇତିହାସିକ ପ୍ରଭାବ ବିଷୟରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ସିନିୟର ଛାତ୍ରୀଛାତ୍ରମାନଙ୍କ ପରିଚୟାତ୍ମକ ଅଧିବେଶନ ଓ ଆଲୋଚନାରେ ନୂତନ ଛାତ୍ରୀଛାତ୍ରମାନେ ବିଭାଗୀୟ ପରିବେଶ ଓ ପାରମ୍ପରିକତା ସହିତ ପରିଚିତ ହୋଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଆୟୁସ୍ମାନ ପଲାଇ, ପଙ୍କଜ ଦୋରା, ସଂଗ୍ରାମ ସାହୁ, ସମୀର ନାହାକ, କୃଷ୍ଣଚନ୍ଦ୍ର ସାହୁ, ବର୍ଷାରାଣୀ, ଅଙ୍କିତା, ସୁନିତା ପ୍ରମୁଖ ଛାତ୍ରୀଛାତ୍ରମାନେ ସକ୍ରିୟ ଭୂମିକା ନିର୍ବାହ କରିଥିଲେ।

# ଆନ୍ଧ୍ର ଗୋଙ୍ଗା ବ୍ୟାରେଜ ଉଚ୍ଚତା ବୃଦ୍ଧି କାଶୀନଗରରେ କରୁଛି ଚାଷ କ୍ଷତି

ପାରଳାଖେମୁଣ୍ଡି,୧୪।୯(ଗିରିଧାରୀ ପରିଚ୍ଛା)



- ଓଡ଼ିଶା ସହ କରିଥିବା ଚୁକ୍ତି ଖିଲାପ କରିଛି ଆନ୍ଧ୍ର
- ପାଣି ପଶି ୨ଶହ ଚାଷୀଙ୍କ ୩୦୦ ଏକର ଧାନଚାଷ ନଷ୍ଟ

ଲଗାଣ ବର୍ଷା ଯୋଗୁ କାଶୀନଗର ଅଞ୍ଚଳରେ ଧାନ ଫସଲ ନଷ୍ଟ ହୋଇଛି। ଫଳରେ ଏହାକୁ ନେଇ ଚାଷୀ ଚିନ୍ତାରେ ପଡ଼ିଛି। ବର୍ଷା ଯୋଗୁ କେଉଁଠି ପୋଖରୀ ହୁଡା ଭାଙ୍ଗି ପାଣି ଚାଷଜମିରେ ପଶୁଛି ତ ଆଉ କେଉଁଠି ନାଳ ନର୍ଦ୍ଦମା ଦେଇ ନଦୀକୁ ପାଣି ନିଷ୍କାସିତ ହୋଇ ପାରୁ ନ ଥିବାରୁ ଏହି ପାଣି ଚାଷଜମିକୁ ଜଳମଗ୍ନ କରୁଛି। କିଛି ଦିନ ତଳେ କାଶୀନଗର ମୌଜାର ଗାଲିବାଡ଼ି ଯୋରି ପୋଖରୀ ହୁଡା ଭାଙ୍ଗି କାଶୀନଗର ଏନ୍ଏସି, ଇଦୁ ଓ ଭୂପତି ଲକ୍ଷ୍ମୀପୁର ଗ୍ରାମର ୨୦୦ ଚାଷୀଙ୍କ ପ୍ରାୟ ୩୦୦ ଏକର ଚାଷ ଜମିରେ ପାଣି ପଶି ଧାନ ଫସଲ ନଷ୍ଟ କରିଛି। ଆନ୍ଧ୍ରର ଗୋଙ୍ଗା ବ୍ୟାରେଜ ଉଚ୍ଚତା ବୃଦ୍ଧି କାଶୀନଗରରେ ଏପରି ଚାଷ କ୍ଷତି କରୁଥିବା ଅଭିଯୋଗ ହେଉଛି। କ୍ଷତିଗ୍ରସ୍ତ ଚାଷୀମାନେ ଏ ନେଇ ଏନ୍ଏସି ନିର୍ବାହୀ ଅଧିକାରୀ ଭଗବତ ସାହୁଙ୍କୁ ଭେଟି ଘଟଣାସ୍ଥଳ ପରିଦର୍ଶନ କରି କ୍ଷତିପୂରଣ ମିଳିବା ବ୍ୟବସ୍ଥା କରିବାକୁ ଦାବି ଜଣାଇଛନ୍ତି। ଆଲୋଚନା ବେଳେ କାଶୀନଗର ରଇତ ସଂଘ ସମ୍ପାଦକ ତଥା ଏନ୍ଏସି ଉପାଧ୍ୟକ୍ଷ ରଘୁରାମ ସାହୁ ଉପସ୍ଥିତ ରହି ଚାଷୀଙ୍କ ସପକ୍ଷରେ ମତ ଦେଇଛନ୍ତି। ତେବେ ଏନ୍ଏସି ପଦକ୍ଷେପ ନେବାରେ ବିଫଳ ହେଲେ ଚାଷୀ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ବାଧ ହେବେ ବୋଲି ସହ ସଂଘ ଓ କାଶୀନଗର ନାଗରିକ ମହାସଭା ସଭାପତି ପ୍ରଶାନ୍ତ ମିଶ୍ର କହିଛନ୍ତି। ଆନ୍ଧ୍ର ଗୋଙ୍ଗା ବ୍ୟାରେଜ କଂକ୍ରିଟ ୱାଲର ଉଚ୍ଚତା ୩ ଫୁଟ ବଢ଼ାଇ ଦେଇଥିବାରୁ କାଶୀନଗର ଦେଇ ପ୍ରବାହିତ ବଂଶଧାରା ନଦୀଶଯ୍ୟାରେ ଅଧିକ ବାଲି ଗଦା ହେବାରେ ଲାଗିଛି। ଫଳରେ ସ୍ଥାନୀୟ ଅଞ୍ଚଳର ବର୍ଷାପାଣି ପୂର୍ବଭଳି ଆଉ ନଦୀକୁ ନିଷ୍କାସିତ ନ ହୋଇ ଚାଷ ଜମିରେ ପଶୁଛି। ଉକ୍ତ ବ୍ୟାରେଜର କଂକ୍ରିଟ ୱାଲ ଉଚ୍ଚତା ବଢ଼ାଇବା ଓଡିଶା ଓ ଆନ୍ଧ୍ର ମଧରେ ହୋଇଥିବା ଚୁକ୍ତିର ଖିଲାଫ ବୋଲି ଅଭିଯୋଗ ହେଉଛି। ବରିଷ୍ଠ ନାଗରିକ ଗୋପୀନାଥ ଚୌଧୁରୀ କହିଛନ୍ତି, ଗୋଙ୍ଗା ବ୍ୟାରେଜ ଶଟର୍ ନ ଖୋଲିବାରୁ ୧୯୮୦ରେ କାଶୀନଗରଠାରେ ପ୍ରଳୟଙ୍କରୀ ବନ୍ୟା ହୋଇ ବହୁ କ୍ଷୟକ୍ଷତି ହୋଇଥିଲା। ବିଭିନ୍ନ ସୀମା ଅଞ୍ଚଳରେ ଆନ୍ଧ୍ରର ଓଡ଼ିଶା ବିରୋଧୀ କାର୍ଯ୍ୟକଳାପ ରୋକିବା ପାଇଁ ସ୍ଥାନୀୟ ପ୍ରଶାସନ ଓ ଓଡ଼ିଶା ସରକାର ଅଧିକ ଯତ୍ନବାନ ହେବା ଉଚିତ ବୋଲି ଚୌଧୁରୀ କହିଛନ୍ତି।

# ରାସ୍ତା ସମସ୍ୟା ଜିଲା ପ୍ରଶାସନକୁ ଜଣାଇଲେ ଗ୍ରାମବାସୀ



ଜିଲା ପ୍ରଶାସନକୁ ଭେଟିବାକୁ ଆସିଥିବା ଗ୍ରାମବାସୀ।

ପାରଳାଖେମୁଣ୍ଡି,୧୪।୯(ଗିରିଧାରୀ ପରିଚ୍ଛା)

ଗଜପତି ଜିଲା ବୁରୁଡ଼ା ଗ୍ରାମଠାରୁ କାଶୀନଗର ବ୍ଲକର ଶିଆଳି ପଞ୍ଚାୟତକୁ ଯାଇଥିବା ପୂର୍ତ୍ତ ବିଭାଗ ରାସ୍ତା ଉପରେ ଗୁମ୍ମା ବ୍ଲକ ଅନ୍ତର୍ଗତ ଗାଇବା ପଞ୍ଚାୟତର ୨୦ରୁ ଉର୍ଦ୍ଧ୍ୱ ଗ୍ରାମର ଗ୍ରାମବାସୀ ନିର୍ଭର କରନ୍ତି। ଦୀର୍ଘଦିନ ହେଲା ଏହି ରାସ୍ତା ଅତି ଖରାପ ହୋଇପଡି ଗମନାଗମନ ପାଇଁ ଅନୁପଯୁକ୍ତ ହୋଇପଡିଛି। ଏଥିପାଇଁ ଗ୍ରାମବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରଶାସନ ମରାମତି କିମ୍ବା ନୂଆ ରାସ୍ତା ନିର୍ମାଣ କରୁ ନ ଥିବାରୁ ଉକ୍ତ ରାସ୍ତାକୁ ଅଞ୍ଚଳବାସୀ ନିଜସ୍ୱ ଖର୍ଚ୍ଚରେ ବାରମ୍ବାର ମରାମତି କରୁଛନ୍ତି। ମାତ୍ର ସ୍ୱଳ୍ପ ବର୍ଷା ହେଲେ ରାସ୍ତା ଧୋଇ ହୋଇଯାଉଛି। ରାସ୍ତାରେ ବଡ଼ବଡ଼ ଗାତ ସୃଷ୍ଟି ହୋଇ ଯାତାୟାତ କଷ୍ଟକର ହୋଇପଡୁଛି। ଏହି ରାସ୍ତା ଦେଇ ପ୍ରତେହ ଶତାଧିକ ଗ୍ରାମବାସୀ, ଛାତ୍ରୀଛାତ୍ର ସ୍କୁଲ, କଲେଜକୁ ଯାତାୟାତ କରନ୍ତି। ଏ ନେଇ ଅଞ୍ଚଳବାସୀ ନିଜ ଅଞ୍ଚଳର ଏହି ରାସ୍ତା ସମ୍ପର୍କରେ ଜିଲା ପ୍ରଶାସନକୁ ଏକ ସ୍ମାରପତ୍ର ଦେଇଛନ୍ତି। ରାସ୍ତା ନିର୍ମାଣ ଲାଗି ପ୍ରଶାସନ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି।

## ଯୁଗ୍ମ ନିର୍ଦ୍ଦେଶକଙ୍କ ଗଜପତି ଜିଲା ଗସ୍ତ

ପାରଳାଖେମୁଣ୍ଡି,୧୪।୯(ଗିରିଧାରୀ ପରିଚ୍ଛା): ଗଜପତି ଜିଲାର ରାଜ୍ୟ ନୋଡାଲ ଅଫିସର ରୂପେ ରହିଥିବା ଓଡ଼ିଶା ଉଚ୍ଚ ମାଧମିକ ଶିକ୍ଷା ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶକ ସ୍ମୃତିସ୍ନିଗ୍ଧା ମିଶ୍ର ଜିଲ୍ଲାକୁ ଦୁଇଦିନିଆ ଗସ୍ତରେ ଆସି ଛନ୍ତି। ଏହି ଅବସରରେ ସେ ଜିଲାର ନାରାୟଣପୁର ସରକାରୀ ଉଚ୍ଚ ବିଦ୍ୟାଳୟ, ମହେନ୍ଦ୍ରଗଡ଼ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଆର. ଉଦୟଗିରି, ସରକାରୀ ଉଚ୍ଚ ବିଦ୍ୟାଳୟ, ନୂଆ କେରାଣ୍ଡିସ୍ଥିତ ମହିଳା ଉଚ୍ଚ ମାଧମିକ ବିଦ୍ୟାଳୟ ଓ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସମେତ ଅନ୍ୟ କେତେକ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ସେହି ସମୟରେ, ବିଭିନ୍ନ ସରକାରୀ ଯୋଜନାର କାର୍ଯ୍ୟକାରିତା ଓ ଶିକ୍ଷଣ ପ୍ରକ୍ରିୟା ସମ୍ପର୍କରେ ସମୀକ୍ଷା କରିଥିଲେ। ତାଙ୍କର ଏହି ଗସ୍ତ ସମୟରେ ଜିଲା ବିଜ୍ଞାନ ନିରୀକ୍ଷକ ଏ.ରବି କୁମାର, ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକମାନେ ଉପସ୍ଥିତ ଥିଲେ।

# ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା, ଅଭିଯୁକ୍ତ ଗିରଫ

ଦିଗପହଣ୍ଡି/ପାଟପୁର,୧୪।୯
(ଅଶେଷ ନାଥ ମିଶ୍ର/ସିମାଞ୍ଚଳ ସାହୁ)

ବିବାହ କରିବାକୁ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିବା ପରେ ଅଭିଯୁକ୍ତ ପ୍ରତାରଣା କରିଥିବା ନେଇ ଜଣେ ଯୁବତୀ ଶନିବାର ପାଟପୁର ଥାନାରେ ଏତଲା ଦେଇଥିଲେ। ପୋଲିସ ନଂ.୪୨୭/୨୫ ରେ ମାମଲା ରୁଜୁ କରି ଅଭିଯୁକ୍ତ ପବିତ୍ର ନାୟକଙ୍କୁ ଗିରଫ କରିଛି। ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଡାକ୍ତରୀ ମାଇନା ପରେ ରବିବାର ତାଙ୍କୁ ପାଟପୁର ଗ୍ରାମ୍ୟ ନ୍ୟାୟାଳୟକୁ ଚାଲାଣ କରାଯାଇଥିଲା। ଜାମିନ ଆବେଦନ ଖାରଜ ହେବାରୁ ପବିତ୍ରଙ୍କୁ ଦିଗପହଣ୍ଡି ସବ ଜେଲ ହାଜତକୁ ପଠାଇ ଦିଆଯାଇଛି। ସୋମବାର ପୀଡ଼ିତାଙ୍କ ଡାକ୍ତରୀ ମାଇନା କରାଯିବ ବୋଲି ତଦନ୍ତକାରୀ ଅଧିକାରୀ କହିଛନ୍ତି।

ସାନଖେମୁଣ୍ଡି ବ୍ଲକ ପାଟପୁର ଥାନା ଅଞ୍ଚଳର ଯୁବତୀ ଜଣକ ଭୁବନେଶ୍ୱରରେ ରହି କାମ କରୁଥିବା ବେଳେ ତାଙ୍କ ଗ୍ରାମର ଯୁବକ ଭଲ ପାଇ ବିବାହ କରିବାକୁ କହି ଶାରୀରିକ ସମ୍ପର୍କ ରଖିଥିଲେ। ଯୁବତୀ ଜଣକ ଗର୍ଭବତୀ ହୋଇଥିବା ଜାଣିବା ପରେ ଅଭିଯୁକ୍ତ ପରିବାର ଲୋକଙ୍କ ଚାପରେ ଅନ୍ୟ ଜଣଙ୍କୁ ବିବାହ କରିଛନ୍ତି। ଯୁବତୀ ଜଣକ ଏହା ଜାଣିବା ପରେ ଗ୍ରାମକୁ ଆସି ଉକ୍ତ ଯୁବକଙ୍କୁ ବିବାହ କରିବା ପାଇଁ କହିବାରୁ ସେ ତାଙ୍କୁ ଜୀବନରେ ମାରିଦେବା ପାଇଁ ଧମକ ଦେଇଥିବା ଯୁବତୀ ଏତଲାରେ ଦର୍ଶାଇଛନ୍ତି।

## ଚାଲାଣ ବେଳେ ଗଞ୍ଜେଇ ଜବତ, ୮ ଗିରଫ

ଆସିକା,୧୪।୯(ସୁରେନ୍ଦ୍ର ନାଥ ସାହୁ

ଗଞ୍ଜାମ ଜିଲା ଅବକାରୀ ଗୋଇନ୍ଦା ବିଭାଗ ଓ ଆସିକା ଅବକାରୀ ବିଭାଗ ତରଫରୁ ରବିବାର ଆସିକା ଅଞ୍ଚଳରେ ପୃଥକ ୩ଟି ସ୍ଥାନରେ ଚଢାଉ କରାଯାଇ ୭୫କେଜି ଗଞ୍ଜେଇ ଜବତ କରାଯାଇଛି । ଏଥିରେ ୮ ଜଣଙ୍କୁ ଗିରଫ କରାଯାଇଥିଲା ବେଳେ ଗୋଟିଏ କାର, ୨ଟି ବାଇକ, ୨ଟି ସ୍କୁଟି ଓ ୫ଟି ମୋବାଇଲ ଫୋନ ଜବତ କରାଯାଇଛି । ଜବତ ଗଞ୍ଜେଇର ମୂଲ୍ୟ ୪୦ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଆକଳନ କରାଯାଇଛି । ଏହା କନ୍ଧମାଳ ଜିଲାରୁ ଚାଲାଣ ହେଉଥିବା ତଦନ୍ତରୁ ଜଣାପଡିଛି।

ଅବକାରୀ ଦକ୍ଷିଣାଞ୍ଚଳ ଉପଆୟୁକ୍ତ ଡମ୍ବୁରୁଧର ଖଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ଉପ ଅଧୀକ୍ଷକ ଶ୍ରୁତିକାନ୍ତ ରାଉତଙ୍କ ତତ୍ତ୍ୱାବଧାନରେ ଅବକାରୀ ଗୋଇନ୍ଦା ବିଭାଗ ପକ୍ଷରୁ ଆସିକା ଭଞ୍ଜନଗର ରାସ୍ତାର ବାଲିସିରା ନିକଟରେ ଗୋଟିଏ କାରରେ ଚାଲାଣ ହେଉଥିବା ୫୦ କେଜି ଗଞ୍ଜେଇ ସହ କାରକୁ ଜବତ କରାଯାଇଥିଲା। କାରକୁ ରାସ୍ତା ଦେଖାଇ ୨ଟି ବାଇକକୁ ମଧ୍ୟ ଜବତ କରାଯାଇଥିବା ବେଳେ ୬ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ କନ୍ଧମାଳ ଜିଲ୍ଲାର ବୋଲି ଜଣାଯାଇଛି । ସେହିଭଳି ଆସିକା ଅବକାରୀ ବିଭାଗ ପକ୍ଷରୁ ରବିବାର ସକାଳେ କର୍ଣ୍ଣୋଳି ଛକ ନିକଟରୁ ସ୍କୁଟିରେ ଚାଲାଣ ବେଳେ ୧୫କେଜି ଗଞ୍ଜେଇ ଜବତ ସହ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ଅଭିଯୁକ୍ତ ଜଣକ ଛତ୍ରପୁର ଅଞ୍ଚଳର ବୋଲି ଜଣାପଡିଛି । ଅନ୍ୟ ଏକ ଘଟଣାରେ ସୁମନ୍ତପଲ୍ଲୀ ଛକ ନିକଟରୁ ୧୦କେଜି ଗଞ୍ଜେଇ ଜବତ ସହ ଜଣେ ବୁଗୁଡ଼ା ଅଞ୍ଚଳର ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଅବକାରୀ ନିରୀକ୍ଷକ ଡମ୍ବୁରୁଧର ହରିଜନଙ୍କ ତତ୍ତ୍ୱାବଧାନରେ ଅବକାରୀ ସବ ଇନ୍ସପେକ୍ଟର ରାକେଶ ଖୁଣ୍ଟିଆ ଓ କର୍ମଚାରୀମାନେ ଏହି ଚଢାଉରେ ସାମିଲ ଥିଲେ। ଅଭିଯୁକ୍ତଙ୍କ ବିରୋଧରେ ଆସିକା ଅବକାରୀ ଥାନାରେ ପୃଥକ ୨ଟି ମାମଲା ରୁଜୁ କରାଯାଇ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ଭାଜପାର ସେବାପକ୍ଷ କାର୍ଯ୍ୟକ୍ରମ

**ସରକାରଙ୍କ କାର୍ଯ୍ୟ ସମ୍ପର୍କରେ ଲୋକଙ୍କୁ ଜଣାଇଲେ କର୍ମୀ**

ଦାରିଙ୍ଗବାଡ଼ି, ୧୪।୯ (ଅରୁଣ ସାହୁ):ଦାରିଙ୍ଗବାଡି ବ୍ଲକ୍‌ର ଦୁର୍ଗମ ବ୍ରାହ୍ମଣୀଗାଁ ଏବଂ ଦାରିଙ୍ଗବାଡ଼ିଠାରେ ଭାଜପାର ସେବାପକ୍ଷ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ଲୋକଙ୍କ ନିକଟରେ କିଭଳି ପହଞ୍ଚିବ ସେ ନେଇ ଆଲୋଚନା ହୋଇଥିଲା। ସେହିପରି ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅନ୍ତୋଦୟ ଯୋଜନାରେ କଚ୍ଚା ଘରକୁ ପକ୍କା କରାଯିବା ଓ ଯୋଗ୍ୟ ହିତାଧିକାରୀ ଯେମିତି ଏଥିରୁ ବାଦ ନ ପଡ଼ିବେ ସେ ସମ୍ପର୍କରେ କର୍ମକର୍ତ୍ତା ମାନେ କହିଥିଲେ। ବ୍ରାହ୍ମଣୀଗାଁ ଏବଂ ଦାରିଙ୍ଗବାଡି କାର୍ଯ୍ୟକ୍ରମରେ କଂଗ୍ରେସ ଓ ବିଜେଡ଼ି ଛାଡି ଏକାଧିକ ଲୋକ ପ୍ରତିନିଧି ଓ କର୍ମୀ ଭାଜପାର ସାମିଲ ହୋଇଛନ୍ତି। ବ୍ରାହ୍ମଣୀଗାଁ କାର୍ଯ୍ୟକ୍ରମରେ ମଣ୍ଡଳ ସଭାପତି ଗଣେଶ ଡାକୁଆଙ୍କ ଅଧକ୍ଷତାରେ ରାଜ୍ୟ କାର୍ଯ୍ୟକାରିଣୀ ପରିଷଦର ସଦସ୍ୟ ସୁକାନ୍ତ ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଥିଲେ। ଦାରିଙ୍ଗବାଡ଼ିଠାରେ ମଣ୍ଡଳ ସଭାପତି ମିଟୁ ସାହୁଙ୍କ ଅଧକ୍ଷତାରେ କନ୍ଧମାଳ ଏମ୍ପି ସୁକାନ୍ତ ପାଣିଗ୍ରାହୀଙ୍କ ଦାରିଙ୍ଗବାଡି ପ୍ରତିନିଧି ବିଷ୍ଣୁ ଚରଣ ପ୍ରଧାନ, ଜିଲ୍ଲା ସମ୍ପାଦକ ହରେନ ସାହୁ, ସରପଞ୍ଚ ସୁଶ୍ରୀ ଚନ୍ଦ୍ରିକା ମଲ୍ଲିକ, ପୂର୍ବତନ ମଣ୍ଡଳ ସଭାପତି ସନ୍ତୋଷ ସାହୁ, ଅଜିତ ସାହୁ, ଅରୁଣ ପ୍ରଧାନ,ସଂଖ୍ୟାଲଘୁ ସେଲର ସଭାପତି ଦିଲ୍ଲୀପ ପ୍ରଧାନ, ସେବା ପକ୍ଷ ଆବାହକ ସୁବାସ ସାହୁ, ଅମରେଶ ସାହୁ ପ୍ରମୁଖ ଯୋଗଦେଇଥିଲେ।

# ଜିଲା ସରପଞ୍ଚ ସଂଘର ତୃତୀୟ ବାର୍ଷିକ ସମ୍ମିଳନୀ




କାର୍ଯ୍ୟକ୍ରମରେ ଉପସ୍ଥିତ ଏମପି, ମନ୍ତ୍ରୀ, ବିଧାୟକ ଓ ଅନ୍ୟ ଅତିଥି

ପୋଲସରା,୧୪।୯(ସୁବ୍ରତ ବେହେରା)

ଗଞ୍ଜାମ ଜିଲା ସରପଞ୍ଚ ସଂଘର ତୃତୀୟ ବାର୍ଷିକ ସମ୍ମିଳନୀ ରବିବାର ପୋଲସରା ବ୍ଲକ କଶିପଡ଼ା ସ୍ଥିତ ମା' ସିଂହାସନୀ ପୀଠଠାରେ ଅନୁଷ୍ଠିତ ହୋଇଯାଇଛି। ପଣ୍ଡିରିପଡ଼ା ସରପଞ୍ଚ ରଘୁନାଥ ଭୂୟାଁଙ୍କ ଉଦ୍ୟମ ଓ ପୋଲସରା ବ୍ଲକ ସଂଘ ସଭାପତି ତଥା ହାତୀଓଟ ସରପଞ୍ଚ ପ୍ରତିନିଧି ଶୁଶାନ୍ତ ସାହୁଙ୍କ ଅଧକ୍ଷତାରେ ହୋଇଥିବା ଏହି ସମ୍ମିଳନୀରେ ବ୍ରହ୍ମପୁର ଏମ୍ପି ପ୍ରଦୀପ କୁମାର ପାଣିଗ୍ରାହୀ, ଆସିକା ଏମ୍ପି ଅନିତା ଶୁଭଦର୍ଶନୀ ପଟ୍ଟନାୟକ, ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, ରାଜ୍ୟ ସରପଞ୍ଚ ସଂଘର ସତ୍ୟ ନାରାୟଣ ପାଣିଗ୍ରାହୀ, ଦକ୍ଷିଣାଞ୍ଚଳ ଜୋନ ସଭାପତି ଭବାନୀ ଶଙ୍କର ମଲ୍ଲିକ, ଜିଲା ସରପଞ୍ଚ ସଂଘର ସଭାପତି ମନୋରଞ୍ଜନ ଗୌଡ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।

**୮ ଦଫା ଦାବି ଉପସ୍ଥାପନ**

ସରପଞ୍ଚମାନେ ପ୍ରତ୍ୟକ୍ଷ ଭାବରେ ଗ୍ରାମପଞ୍ଚାୟତର ଭୋଟର ମାନଙ୍କ ଦ୍ୱାରା ୫ ବର୍ଷ ପାଇଁ ନିର୍ବାଚିତ ହୋଇଥାନ୍ତି। ଓଡିଶା ଗ୍ରାମପଞ୍ଚାୟତ ଆକ୍ଟ ଅନୁଯାୟୀ ୧୯୬୪ ସେକ୍ସନ ୨୪ ଅନୁସାରେ ଅଢେଇ ବର୍ଷ ପରେ ୱାର୍ଡ ସଭ୍ୟାସଭ୍ୟ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ କରିବାର ନିୟମ ରହିଛି। କିନ୍ତୁ ଦୁଃଖର ବିଷୟ ସରପଞ୍ଚମାନେ ଆକ୍ରୋଶର ଶିକାର ହୋଇ ଉକ୍ତ ନିୟମ ବଳରେ ୱାର୍ଡ ସଭ୍ୟା ସଭ୍ୟଙ୍କ ଦ୍ୱାରା ପଦଚ୍ୟୁତ ହେଉଛନ୍ତି। ବର୍ତ୍ତମାନ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାରେ ଅନେକ ନିୟମରେ ସୁଧାର ଆସିଥିବା ବେଳେ ଗଣତନ୍ତ୍ର ବିରୋଧୀ ଉକ୍ତ ନିୟମକୁ ଜନମତକୁ ସମ୍ମାନ ଜଣାଇ ଉଚ୍ଛେଦ କରାଯାଉ ବୋଲି ସରପଞ୍ଚ ସଂଘ ଦାବି ରଖିଛନ୍ତି। ପଞ୍ଚାୟତିରାଜ ବ୍ୟବସ୍ଥାରେ ଜିଲା ପରିଷଦ, ପଞ୍ଚାୟତ ସମିତି ଓ ଗ୍ରାମ ପଞ୍ଚାୟତର ପ୍ରମୁଖ ଭୂମିକା ରହିଛି। ତେଣୁ ଯୋଜନାର ସଫଳ ରୂପାୟନ ପାଇଁ ସମ୍ପୂର୍ଣ୍ଣ କାର୍ଯ୍ୟଭାର ପଞ୍ଚାୟତ ସମିତିକୁ ନ ଦେଇ ବରାଦ ହେଉଥିବା ଅର୍ଥର ୫୦ ପ୍ରତିଶତ ଗ୍ରାମ ପଞ୍ଚାୟତକୁ ଯୋଗାଇ ଦେବାକୁ ଅନୁରୋଧ କରାଯାଇଛି। ସରପଞ୍ଚମାନଙ୍କ ସମ୍ମାନ ରକ୍ଷା ପାଇଁ ମାସିକ ଅବସର କାଳୀନ ଭତ୍ତା ଅନ୍ୟୁନ୍ୟ ୧୦ ହଜାର ଟଙ୍କା ଓ ଗ୍ରାମପଞ୍ଚାୟତର ତଳସ୍ତରରେ ଲୋକଙ୍କ କାମ କରୁଥିବା ୱାର୍ଡ ସଭ୍ୟା ସଭ୍ୟଙ୍କୁ ମାସିକ ଭତ୍ତା ଅନ୍ୟୁନ୍ୟ ୩ ହଜାର ଟଙ୍କା ପ୍ରଦାନ କରିବା ଏବଂ ପଞ୍ଚାୟତରେ କାର୍ଯ୍ୟ କରୁଥିବା ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ଦେବାର ବ୍ୟବସ୍ଥା କରାଯାଉ ବୋଲି ସଂଘ ପକ୍ଷରୁ ଦାବି କରାଯାଇଛି।

DSPL-259

ଓଡ଼ିଶା ସରକାର

**କାର୍ତ୍ତିକ ହବିଷ୍ୟାଳୀ ବ୍ରତ - ୨୦୨୫**

ଶ୍ରୀକ୍ଷେତ୍ର ପୁରୀରେ ପ୍ରତିବର୍ଷ ପବିତ୍ର କାର୍ତ୍ତିକ ମାସରେ "ରାଇଦାମୋଦର ବ୍ରତ" ପାଳନ କରିବା ନିମିତ୍ତ ଓଡ଼ିଶା ସରକାରଙ୍କ ଦ୍ୱାରା ହବିଷ୍ୟାଳୀ ମା'ମାନଙ୍କ ପାଇଁ ରହଣୀ, ଶ୍ରୀ ଜଗନ୍ନାଥ ଦର୍ଶନ, ମହାପ୍ରସାଦ ସେବନ ଏବଂ ଅନ୍ୟାନ୍ୟ ସମସ୍ତ ବ୍ୟବସ୍ଥା ଜିଲ୍ଲା ପ୍ରଶାସନ, ପୁରୀଙ୍କ ସହାୟତାରେ କରାଯାଉଛି । ଚଳିତ ବର୍ଷ ପୁରୀରେ ହବିଷ୍ୟାଳୀ ବ୍ରତ ପାଳନ କରିବା ପାଇଁ ଆଗ୍ରହୀ ମା'ମାନେ ସେପ୍ଟେମ୍ବର ୧୯ ତାରିଖ ଦିବା ୧୦ ଘଟିକା ଠାରୁ ଧାର୍ଯ୍ୟ ଲକ୍ଷ୍ୟ ପୂରଣ ହେବା ପର୍ଯ୍ୟନ୍ତ ଅନ୍‌ଲାଇନ୍ ଲିଙ୍କ୍ https://edistrict.odisha.gov.in ମାଧ୍ୟମରେ ନିଜର ନାମ ପଞ୍ଜିକରଣ କରିପାରିବେ ।

ଏ ସମ୍ପର୍କରେ ଅଧିକ ଜାଣିବା ପାଇଁ ନିମ୍ନରେ ପ୍ରଦତ୍ତ ଫୋନ୍ ନମ୍ବର ସହିତ ଯୋଗାଯୋଗ କରିବାକୁ ଅନୁରୋଧ ।

**ଆବେଦନର ନିୟମାବଳୀ :**

୧. କେବଳ ବିଧବା ମହିଳା (ସର୍ବୋଚ୍ଚ ବୟସ ସୀମା ୭୦ବର୍ଷ)ଓ ବିବାହିତ ମହିଳା (୫୦ବର୍ଷରୁ ୭୦ବର୍ଷ) ପର୍ଯ୍ୟନ୍ତ ଆବେଦନ କରିପାରିବେ ।
୨. ଶାରୀରିକ ଓ ମାନସିକ ଭାବେ ସୁସ୍ଥ ଥିବା ଆବଶ୍ୟକ ।
୩. ନୂତନ ଆବେଦନକାରୀଙ୍କୁ ପ୍ରାଧାନ୍ୟ ଦିଆଯିବ।

ବି.ଦ୍ର : ଏଠାରେ ଅବଗତ କରାଇଦିଆଯାଉଛି ଯେ, ଅନ୍‌ଲାଇନ୍‌ରେ ପଞ୍ଜିକରଣକରି ହିତାଧିକାରୀ ଭାବେ ଚୟନ ହୋଇଥିବା ମା'ମାନଙ୍କ ବ୍ୟତୀତ ଅନ୍ୟ କୌଣସି ବ୍ୟକ୍ତି ଶିବିର ନିକଟରେ ଆସି ଅପ୍ରତ୍ୟାଶିତ ଅନୁରୋଧକୁ ଗ୍ରହଣ କରାଯିବ ନାହିଁ । ଶିବିରରେ ହିତାଧିକାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଅସୁସ୍ଥ ଥିଲେ ପ୍ରବେଶ ଅନୁମତି ମିଳିବ ନାହିଁ ।



**ଅଧିକ ଜାଣିବା ପାଇଁ ଯୋଗାଯୋଗ କରନ୍ତୁ :**
ଜିଲ୍ଲା ସଂସ୍କୃତି ଅଧିକାରୀ : - ୯୬୯୨୭୨୦୫୯୪, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ : - ୯୪୩୭୩୦୨୬୧୮
ଜିଲ୍ଲା କ୍ରୀଡ଼ା ଅଧିକାରୀ : - ୭୭୩୫୫୧୭୪୮୨, ଜିଲ୍ଲା କାର୍ଯ୍ୟାଳୟ : - (୦୬୭୫୨) ୨୨୨୬୬୪

OIPR-24014/13/0017/2526

## ସଂକ୍ଷେପରେ

### ବଟି ମାଗିବା ସହ ବୋମା ପକାଇ ମାରିଦେବାକୁ ଧମକ

ବ୍ରହ୍ମପୁର, ୧୪।୯(ସୁବାସ ଚନ୍ଦ୍ର ପାଢ଼ୀ)

ବଡ଼ବଜାର ଥାନା ବାଲାଜୀପେଣ୍ଠ ସାହିର ଆକାଶ ପାତ୍ରଙ୍କୁ ବଟି ମାଗିବା ସହ ବୋମା ପକାଇ ଜୀବନରେ ମାରିଦେବାକୁ ଧମକ ମିଳିଛି। ଏନେଇ ସେ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନଂ.୪୫୨/୨୫ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ଗତ ଶୁକ୍ରବାର ରାତି ପ୍ରାୟ ୧୧ଟାରେ ୨ ଯୁବକ ଆକାଶଙ୍କ ଘର ଆଗରେ ପହଁଚି ତାଙ୍କୁ ବଟି ମାଗିଥିଲେ। ସେ ଏହାର ପ୍ରତିବାଦ କରିଥିଲେ। ସେମାନେ ସେଠାରେ ଖଣ୍ଡା ଦେଖାଇ ଭୟଭୀତ କରିଥିଲେ। ଆକାଶ କବାଟ ବନ୍ଦ କରି ଘରେ ରହିଥିଲେ। ଦିପୁ ପାତ୍ର ନାମକ ଜଣେ ଯୁବକ ତାଙ୍କୁ ଘର ବାହାରକୁ ଆସିବାକୁ କହିଥିଲେ। ବୋମା ପକାଇ ସମସ୍ତଙ୍କୁ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଆକାଶଙ୍କ ପାଖରେ କାମ କରୁଥିବା ରବି ଗୌଡ଼ ଏନେଇ ୧୧୨କୁ ଫୋନ କରିଥିଲେ। ପୋଲିସ ଗାଡି ଆସୁଥିବା ଦେଖି ୨ ଦୁର୍ବୃତ୍ତ ସେଠାରୁ ଚମ୍ପଟ ମାରିଥିଲେ। ପରେ ଆକାଶ ଥାନାକୁ ଯାଇ ପୋଲିସ ନିକଟରେ ଜଣାଇଥିଲେ।

### ମାଲିକାଣୀଙ୍କୁ ଅଚେତ କରି ୫୦ ଗ୍ରାମର ଗହଣା ଚୋରି

ବ୍ରହ୍ମପୁର,୧୪।୯(ସୁବାସ ଚନ୍ଦ୍ର ପାଢ଼ୀ)

ବଡ଼ବଜାର ଥାନା ହାଉସିଂବୋର୍ଡ଼ ଶିଶୁ ପାର୍କ ନିକଟରେ ରହୁଥିବା ୱାଇ.ପ୍ରକାଶ ରାଓଙ୍କ ସ୍ତ୍ରୀ ୱାଇ. ଶିରିସାଙ୍କ ଘରୁ ୫୦ ଗ୍ରାମର ଗହଣା ଚୋରି ହୋଇଛି। ଘରର କାମ କରୁଥିବା ମହିଳା କିଛି ମିଶାଇ ତାଙ୍କୁ ଅଚେତ କରି ଗହଣା ନେଇଯାଇଥିବା ଶିରିସା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନଂ.୪୫୩/୨୫ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ଶିରିସାଙ୍କ ଘରେ କାମ କରୁଥିବା ମହିଳା ଜଣଙ୍କ ଗତ ୯ ତାରିଖ ମଧ୍ୟାହ୍ନରେ ତାଙ୍କ ମାଲିକାଣି ଶିରିସାଙ୍କୁ ମଧ୍ୟାହ୍ନ ଭୋଜନ ଖାଇବାକୁ ଦେଇଥିଲେ। ସେ ଉକ୍ତ ଖାଦ୍ୟ ଖାଇବା ପରେ ଅଚେତ ହୋଇଯାଇଥିଲେ। କିଛି ସମୟ ପରେ ସେ ଚେତା ଫେରି ପାଇବାରେ ବେକରେ ପିନ୍ଧିଥିବା ୫ତୁଳା ଓଜନର ମଙ୍ଗଳସୂତ୍ର ଗାୟବ ଥିଲା। ସେ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ପାଇନଥିଲେ। କାମ କରୁଥିବା ମହିଳାଙ୍କୁ ଏନେଇ ପଚାରିବାରୁ ସେ କୌଣସି ସନ୍ତୋଷଜନକ ଉତ୍ତର ଦେଇନଥିଲେ। ଘଟଣା ପରଠାରୁ ସେ ଘରକୁ କାମ କରିବାକୁ ଆସିନଥିଲେ। ଫଳରେ ତାଙ୍କ ଉପରେ ସନ୍ଦେହ ହୋଇଥିଲା। ପରେ ସେ ଏନେଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

### ସୌରଭ ପାର୍ବଣ ଉନ୍ମୋଚିତ

ବ୍ରହ୍ମପୁର,୧୪।୯(ସ୍ମୃତି ରଞ୍ଜନ ମହାଲିକ)

ସୌରଭ ଶାରଦୀୟ ଉତ୍ସବ ରବିବାର ରାମଲିଙ୍ଗେଶ୍ୱର ଟ୍ୟାଙ୍କ ରୋଡ ସ୍ଥିତ ଏକ ଘରୋଇ ହୋଟେଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବତନ ସାହିତ୍ୟ ଏକାଡେମୀ ସଦସ୍ୟ ସୁଶାନ୍ତ ଦାସ ଅଧ୍ୟକ୍ଷତା କରିଥିଲେ। ଏଥିରେ ବିଶିଷ୍ଟ କଣ୍ଠଶିଳ୍ପୀ ଓ କବି ଇଂ ଗଙ୍ଗାଧର ମହାଙ୍କୁଡ କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ। କବି ମନୋରଞ୍ଜନ ପାଣିଗ୍ରାହୀ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। କବି ସୁଶାନ୍ତ ଦାସ ମୁଖ୍ୟ ବକ୍ତା ଥିଲେ। ସାହିତ୍ୟର ବିଭିନ୍ନ ଦିଗ ଓ ସୌରଭ ଶାରଦୀୟ ଉତ୍ସବ ସଂପର୍କରେ ଆଲୋଚନା ହୋଇଥିଲା। ବରିଷ୍ଠ କବି ଡ ଶ୍ୟାମା ପ୍ରସାଦ ମିଶ୍ର, ଗୌର ଚନ୍ଦ୍ର ଷଡଙ୍ଗୀ ସମ୍ମାନିତ ଅତିଥି ଓ ଡା ରାଜେନ୍ଦ୍ର କୁମାର ବେହେରା ସମ୍ମାନିତ ବକ୍ତା ଥିଲେ। ଯୁବ ଗାଳ୍ପିକ ପାର୍ଥ ସାରଥୀ ରାଉତ, କବି ପ୍ରଣୟ ସୁଧା, ବିଶ୍ୱ ମହାପାତ୍ର, ସ୍ୱରୁପ ନାୟକ, ଗାଳ୍ପିକ ଯୋଗେଶ୍ୱର ପଣ୍ଡା, ତ୍ରିଲୋଚନ କାର୍ଜି ଓ ଜନ୍ମେଜୟ ପଣ୍ଡାଙ୍କୁ ସୌରଭ ଶାରଦୀୟ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏଥିସହ ସୌରଭ ପାର୍ବଣ ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା।

### ଡ୍ୟାମରୁ ମୃତଦେହ ଜବତ

ପାତ୍ରପୁର, ୧୪।୯ (ଉମା ଚରଣ ନେପାକ)

ଗଞ୍ଜାମ ଜିଲା ଜରଡ଼ା ଥାନା ଅନ୍ତର୍ଗତ ବୁରାତାଲ ପଞ୍ଚାୟତର ଗୁଡ଼ିପଦର ଗ୍ରାମର ବରଜ ଶବର (୬୦) ତିନିଦିନ ଧରି ନିଖୋଜ ଥିଲେ। ରବିବାର ଅପରାହ୍ଣରେ କଳିଙ୍ଗଦଳା ଡ୍ୟାମରେ ବରଜଙ୍କ ମୃତଦେହ ଭାସୁଥିବା ଦେଖି ପଡୋଶୀ ଗ୍ରାମର କେତେ ଜଣ ଲୋକ ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ଏନେଇ ଜରଡ଼ା ଥାନାକୁ ଜଣାଇଥିଲେ। ଘଟଣା ସ୍ଥଳରେ ପୋଲିସ ପହଞ୍ଚି ବରଜଙ୍କ ଗଳିତ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ପଠାଇଛି। ବରଜ ବୁରାତାଲ ପଞ୍ଚାୟତ ୧୦ ନଂ ୱାର୍ଡ଼ର ୱାର୍ଡମେମ୍ବର ମଙ୍ଗଳା ଶବରଙ୍କ ବାପା ବୋଲି ଜଣାପଡିଛି।

# ୫ ହଜାର ଛାତ୍ରୀଛାତ୍ର, ୫୨୦ ପିଲାଙ୍କ ପାଇଁ ହଷ୍ଟେଲ

- ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ଭିତ୍ତିଭୂମି ଅଭାବ
- ଛାତ୍ରାବାସରେ ୧୬୦, ଛାତ୍ରୀନିବାସରେ ୩୬୦ ଶଯ୍ୟା
- ନୂତନ ହଷ୍ଟେଲ ପାଇଁ ଜାଗା ଅଭାବ

ବ୍ରହ୍ମପୁର,୧୪।୯(ସୁବାସ ଚନ୍ଦ୍ର ପାଢ଼ୀ)

ରାଜ୍ୟର ଅନ୍ୟତମ ସର୍ବ ପୁରାତନ ଶିକ୍ଷାନୁଷ୍ଠାନ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ଭିତ୍ତିଭୂମିର ଅଭାବ ଯୋଗୁ ଉକ୍ତ ଶିକ୍ଷାନୁଷ୍ଠାନ ପ୍ରତି ପିଲାଙ୍କ ଆଗ୍ରହ କମିବାରେ ଲାଗିଛି। ସଂକୁଚିତ କ୍ୟାମ୍ପସ ବିକାଶରେ ପ୍ରତିବନ୍ଧକ ସାଜିଛି। ଶିକ୍ଷାନୁଷ୍ଠାନରେ ସ୍ନାତକ ଓ ସ୍ନାତକୋତ୍ତର ଶ୍ରେଣୀରେ ମୋଟ ୫୬୦୦ ସିଟ୍ ରହିଛି। ଏଠାକୁ ଗଞ୍ଜାମ ସମେତ ଗଞ୍ଜାମ ସମେତ କନ୍ଧମାଳ, ଗଜପତି, ନୟାଗଡ, ବୌଦ୍ଧ, ରାୟଗଡା ଆଦି ଜଲାର ଛାତ୍ରୀଛାତ୍ର ନାମ ଲେଖାଉଛନ୍ତି। ସେମାନେ ରହିବା ପାଇଁ ହଷ୍ଟେଲ ସମସ୍ୟା ସବୁଠୁ ଚିନ୍ତାର ବିଷୟ ହୋଇଛି। ଚଳିତବର୍ଷ ବିଦ୍ୟାର୍ଥୀମାନେ ହଷ୍ଟେଲ ସେବା ପାଇବାରୁ ବଂଚିତ ହେବା ଆଶଙ୍କା ରହିଛି। ଏତେ ଛାତ୍ରୀଛାତ୍ରଙ୍କ ପାଇଁ ଦୁଇଟି ପୁରୁଷ ଛାତ୍ରାବାସ ରହିଛି। ଗୋଟିଏ ଭଗ୍ନ ପ୍ରାୟ। ଅନ୍ୟ ଏକ ହଷ୍ଟେଲରେ ମାତ୍ର ୧୬୦ ଅନ୍ତେବାସୀ ରହିବା ବ୍ୟବସ୍ଥା ରହିଛି। ନୂତନ ଛାତ୍ରୀଛାତ୍ର ରହିବା ନେଇ ଚିନ୍ତାରେ ପଡ଼ିଛନ୍ତି। ବାହାର ଜିଲାରୁ ଆସି ଘରଭଡ଼ା ନେଇ ପଢ଼ିବା ସେମାନଙ୍କ ପାଇଁ ବୋଝ ଉପରେ ନଳିତାବିଡା ସଦୃଶ ହୋଇଛି। ରାଜ୍ୟର ସର୍ବ ପୁରାତନ ଶିକ୍ଷାନୁଷ୍ଠାନ ମଧ୍ୟରୁ ଖଲ୍ଲିକୋଟ କଲେଜ ଅନ୍ୟତମ। ୧୮୫୬ରେ ଖଲ୍ଲିକୋଟ ଜିଲା ସ୍କୁଲ ଭାବେ ଏହି ଶିକ୍ଷାନୁଷ୍ଠାନ ଆରମ୍ଭ ହୋଇଥିଲା।

୧୮୭୮ରେ କଲେଜ ଓ ପରବର୍ତ୍ତୀ ସମୟରେ ସ୍ୱୟଂଶାସିତ କଲେଜରେ ପରିଣତ ହୋଇଛି। ପରେ କ୍ଲଷ୍ଟର ବିଶ୍ୱବିଦ୍ୟାଳୟ ଓ ଏବେ ଏକକ ବିଶ୍ୱବିଦ୍ୟାଳୟର ମାନ୍ୟତା ପାଇଛି। ଶିକ୍ଷାନୁଷ୍ଠାନର ମାନ୍ୟତା ବଢ଼ିଛି, ହେଲେ ଭିତ୍ତିଭୂମି ଅଭାବରୁ ଏହା ପଛରେ ପଡିଛି। ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟର ୨୨ ବିଭାଗରେ ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରୀଛାତ୍ର ସଂଖ୍ୟା ୫ହଜାରରୁ ଅଧିକ। ଚଳିତବର୍ଷ ଯେଉଁ ଶିକ୍ଷାର୍ଥୀମାନେ ଆବେଦନ କରିଛନ୍ତି ସେମାନଙ୍କ ପାଠପଢ଼ା ଆରମ୍ଭ ହେବ। ଛାତ୍ରଙ୍କ ପାଇଁ ୨ଟି ଓ ଛାତ୍ରୀଙ୍କ ପାଇଁ ଝାନ୍ସିରାଣୀ ମହିଳା ହଷ୍ଟେଲରେ ୨୦୦, ସ୍ୱାମୀ ବିବେକାନନ୍ଦ ହଷ୍ଟେଲରେ ୧୬୦ ଛାତ୍ରୀ ରହିବା ବ୍ୟବସ୍ଥା ଅଛି। ସ୍ନାତକ ଛାତ୍ରଙ୍କ ପାଇଁ ରାଧାକ୍ରିଷ୍ଣନ ଛାତ୍ରାବାସରେ ୧୬୦ ସିଟ୍ ରହିଛି। ସ୍ନାତକୋତ୍ତର ଛାତ୍ରଙ୍କ ପାଇଁ ରାମଚନ୍ଦ୍ର ମର୍ଦ୍ଦରାଜ ହଷ୍ଟେଲ ଥିଲା। ଚଳିତବର୍ଷ ଏହି ହଷ୍ଟେଲ ବନ୍ଦ କରିବାକୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇଛନ୍ତି। ପାଖାପାଖି ୧୦୦ ବର୍ଷର ହଷ୍ଟେଲ ଏବେ ଭଗ୍ନପ୍ରାୟ। ୫ହଜାରରୁ ଅଧିକ ଛାତ୍ରୀଛାତ୍ରଙ୍କ ପାଇଁ ୫୨୦ ପଲା ରହିବା ବ୍ୟବସ୍ଥା ସବୁଠୁ ଚିନ୍ତାଜନକ ହୋଇଛି। ସ୍ନାତକୋତ୍ତର ଛାତ୍ରାବାସ ବନ୍ଦ ହେବାରୁ ଆର.କେ.ହଷ୍ଟେଲ ପରିସରରେ ୫୦ ଛାତ୍ର ରହିବା ବ୍ୟବସ୍ଥା କରାଯାଇଛି। ଫଳରେ ସ୍ନାତକ ଛାତ୍ରଙ୍କ ପାଇଁ ୧୧୦ ସିଟ୍ ରହିବ। ବର୍ତ୍ତମାନ ଆର.କେ. ହଷ୍ଟେଲରେ ୧୨୦ ଅନ୍ତେବାସୀ ରହୁଛନ୍ତି। ନିୟମ ରହିଛି କ୍ୟାମ୍ପସଠାରୁ ୫୦ କିମି ଦୂରରେ ଯେଉଁ ଛାତ୍ରୀଛାତ୍ର ରହୁଛନ୍ତି ଏହି ହଷ୍ଟେଲ ପାଇଁ ଆବେଦନ କରିପାରିବେ। ଏହାକୁ ଦେଖିଲେ ସେମାନେ ରହିବା ପାଇଁ ହଷ୍ଟେଲ ଜରୁରୀ। ଛାତ୍ର ସଂସଦ ପୂର୍ବତନ ସଭାପତି ସୁରେନ୍ଦ୍ର ମହାରଣା କହିଛନ୍ତି ଯେ, ୧୯୯୨ ଫେବୃୟାରୀରେ ଆର.କେ.ହଷ୍ଟେଲ ନୂତନ କୋଠା ନିର୍ମାଣ ହୋଇଥିଲା। ସେହିପରି ୧୯୯୩ରେ ମହିଳାଙ୍କ ପାଇଁ ସ୍ୱାମୀ ବିବେକାନନ୍ଦ ହଷ୍ଟେଲ ନିର୍ମାଣ ହୋଇଥିଲା। ଏହା ପରଠୁ କଲେଜ ଥିବା ସମୟରେ ଓ ବିଶ୍ୱବିଦ୍ୟାଳୟ ମାନ୍ୟତା ପାଇବା ପରେ ଏଠାରେ ଗୋଟିଏ ବି ହଷ୍ଟେଲ ହୋଇନି। ଏହାର ଭିତ୍ତିଭୂମି ବିକାଶ ଗ୍ରାଣ୍ଟ ପାଇଁ ପଛେ ବୋଲି ସେ କହିଛନ୍ତି। ସେହିପରି ପୂର୍ବତନ ଛାତ୍ର କେ.ସାଇକୁମାର କହିଛନ୍ତି ଯେ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ୨୫୦୦ ବିଦ୍ୟାର୍ଥୀଙ୍କ ପାଇଁ ୧୫ଟି ହଷ୍ଟେଲ ରହିଛି। ପାଖାପାଖି ୧୨୦୦ ବିଦ୍ୟାର୍ଥୀ ସେଠାରେ ରହୁଛନ୍ତି। ଏହାକୁ ତୁଳନା କଲେ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ଛାତ୍ରାବାସ ସଂଖ୍ୟା ପାଇଁ ଏହି ହଷ୍ଟେଲ ସମୁଦ୍ରକୁ ଶଙ୍ଖେ ସଦୃଶ। ଏନେଇ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତି ଗୀତାଞ୍ଜଳି ଦାଶଙ୍କୁ ପଚାରିବାରେ ସେ କହିଲେ ଯେ, ଏହି କ୍ୟାମ୍ପସ ଭିତରେ ନୂତନ ହଷ୍ଟେଲ ନିର୍ମାଣ କରିବାକୁ ଜାଗାର ଅଭାବ ରହିଛି। ଏହା ଦ୍ୱିତୀୟ କ୍ୟାମ୍ପସ ପାଇଁ ସରକାର ପଦକ୍ଷେପ ନେବା ଆବଶ୍ୟକ ରହିଛି। ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଛାତ୍ରାବାସକୁ ଦେଖିବାକୁ ଗଲେ ଏଠାରେ ୪ରୁ ୬ଟି ହଷ୍ଟେଲର ଆବଶ୍ୟକତା ରହିଛି। ଏନେଇ ସରକାରଙ୍କୁ ଅବଗତ କରାଯାଇଛି। ସରକାର ଖୁବ୍ ଶୀଘ୍ର ପଦକ୍ଷେପ ନେବେ ବୋଲି ଆଶା ରହିଥିବା ସେ କହିଛନ୍ତି।

# ସେଲ୍ସ ରିପ୍ରେଜେଣ୍ଟେଟିଭ ୟୁନିୟନର ଜିଲ୍ଲା ସମ୍ମିଳନୀ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ବ୍ରହ୍ମପୁର,୧୪।୯(ସୁବାସ ଚନ୍ଦ୍ର ପାଢ଼ୀ)

ଓଡ଼ିଶା ସେଲ୍ସ ରିପ୍ରେଜେଣ୍ଟେଟିଭ ୟୁନିୟନ(ଓସ୍ରୁ)ର ଗଞ୍ଜାମ ଜିଲ୍ଲା ସମ୍ମିଳନୀ ରବିବାର ଶହୀଦ ଲକ୍ଷଣ ନାୟକ କମ୍ୟୁନିଟି ହଲରେ ଅନୁଷ୍ଠିତ ହୋଇଥିଲା। ଓସ୍ରୁ ଜିଲ୍ଲା ସଭାପତି ସାଥି ଏ.ଭବାନି ଶଙ୍କର ପାତ୍ର ସଂଗଠନର ପତାକା ଉତ୍ତୋଳନ କରିଥିଲେ। ସିଆଇଟିୟୁର ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ବେହେରା ସମ୍ମିଳନୀକୁ ଉଦଘାଟନ କରି କେନ୍ଦ୍ର ସରକାରଙ୍କ ପୁଞ୍ଜିପତି ପୋଷଣ ନୀତିକୁ ବିରୋଧ କରିଥିଲେ। ଜିଲା ସମ୍ପାଦକ ସାଥି ସୁବୋଧ କୁମାର ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ସାଥି ବି.ଅଜିତ କୁମାର ପାତ୍ର ବାର୍ଷିକ ହିସାବ ଦେଇଥିଲେ। ଡା.ଜେ. ସାଗର ପୃଷ୍ଟି ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ ମେଡିକାଲ ରିପ୍ରେଜେଣ୍ଟେଟିଭମାନଙ୍କ ସମ୍ପର୍କରେ ଆଲୋଚନା କରିଥିଲେ। ଓସ୍ରୁର ରାଜ୍ୟ ସଭାପତି ଏବଂ ଯୁଗ୍ମ ସାଧାରଣ ସମ୍ପାଦକ ଭାସ୍କର ମିଶ୍ର ଏବଂ ନୃସିଂହ ପ୍ରସାଦ ବ୍ରହ୍ମା ସଂଗଠନର ଉନ୍ନତି ପାଇଁ ଆଲୋଚନା କରିବା ସହ ଔଷଧ ଉପରେ ଯେଉଁ ଦାବି ୨୦୦୯ରେ ଥିଲା ସେଥିପ୍ରତି କେନ୍ଦ୍ର ସରକାର ଗୁରୁତ୍ୱ ଦେବାକୁ ସ୍ପଷ୍ଟ କରିଥିଲେ। ସମସ୍ତ ଔଷଧ ଉପରେ ଶୂନ ପ୍ରତିଶତ ଜିଏସଟି ପାଇଁ ଆନ୍ଦୋଳନ ଚାଲୁ ରହିବ ବୋଲି କୁହାଯାଇଥିଲା। ସମ୍ମିଳନୀରେ ଜିଲା ସମ୍ପାଦକ ସୁବୋଧ କୁମାର ସାହୁ, ଜିଲା ଉପସଭାପତି ଏ.ଆନନ୍ଦ ରାଓ, ଜିଲା କୋଷାଧ୍ୟକ୍ଷ ବି.ଅଜିତ ପାତ୍ର ଉପସ୍ଥିତ ଥିଲେ।

# ରାମଚଣ୍ଡୀଙ୍କ ପୀଠରେ ଷୋଡ଼ଶ ପୂଜା ଆରମ୍ଭ


କଳସ ଯାତ୍ରା ପୂର୍ବରୁ ପୂଜାର୍ଚ୍ଚନା ଚାଲିଛି।

ଛତ୍ରପୁର,୧୪।୯(ସନ୍ତୋଷ ପାଢ଼ୀ)

ଛତ୍ରପୁରରୁ ୫ କି.ମି. ଦୂର ପର୍ବତ ଶିଖରରେ ବିଜେ ମା' ରାମଚଣ୍ଡୀଙ୍କ ପୀଠରେ ରବିବାରଠାରୁ ଷୋଡ଼ଶ ଉପଚାର ପୂଜା ଆରମ୍ଭ ହୋଇଛି। ଛତ୍ରପୁରରୁ ତାରାତାରିଣୀକୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗ ରାସ୍ତାରେ ଗଲେ ପଡ଼େ ମା'ଙ୍କ ପୀଠ। ଆଶ୍ୱିନ ଶୁକ୍ଳ ଅଷ୍ଟମୀ ଅର୍ଥାତ ମୂଳାଷ୍ଟମୀଠାରୁ ମହାଷ୍ଟମୀ ପର୍ଯ୍ୟନ୍ତ ଭକ୍ତମାନଙ୍କୁ ବିଭିନ୍ନ ବେଶରେ ଦର୍ଶନ ଦେବେ। ପ୍ରଥମ ଦିନ ମା'ଙ୍କ ଦୁର୍ଗା ବେଶରେ ଦର୍ଶନ ଦେଇଛନ୍ତି। ସକାଳେ ମହିଳାମାନେ ନିକଟସ୍ଥ ଋଷିକୁଲ୍ୟା ନଦୀରୁ କଳସୀରେ ପାଣି ଶୋଭାଯାତ୍ରାରେ ମନ୍ଦିର ନିକଟରେ ପହଞ୍ଚିଥିଲେ। ସେହିପରି ନବମୀରେ ନାରାୟଣୀ, ଦଶମୀରେ ଈଶାନୀ, ଏକାଦଶୀରେ ବିଷ୍ଣୁମାୟା,ଦ୍ୱାଦଶୀରେ ଶିବା, ତ୍ରୟୋଦଶୀରେ ସତୀ, ଚତୁର୍ଦ୍ଦଶୀରେ ନିତ୍ୟା, ଅମାବାସ୍ୟାରେ ସତ୍ୟା, ଶୁକ୍ଳପକ୍ଷ ପ୍ରତିପଦାରେ ଭଗବତୀ, ଦ୍ୱିତୀୟାରେ ସର୍ବାଣୀ, ତୃତୀୟାରେ ସର୍ବମଙ୍ଗଳା, ଚତୁର୍ଥୀରେ ଅମ୍ବିକା, ପଞ୍ଚମୀରେ ବୈଷ୍ଣବୀ, ଷଷ୍ଠୀରେ ଗୌରୀ, ସପ୍ତମୀରେ ପାର୍ବତୀ ଏବଂ ମହାଷ୍ଟମୀରେ ଦେବୀ ସନାତନୀ ବେଶରେ ସଜେଇ ହେବେ। ପ୍ରତିଦିନ ସୂର୍ଯ୍ୟ ପୂଜା, କୁମ୍ଭ ପୂଜା, ଆଳତି, ଚଣ୍ଡୀ ହୋମ ଏବଂ ମହାପୂଜା ହେବ। ଭକ୍ତଙ୍କ ଆର୍ଥିକ ସହଯୋଗରେ ମନ୍ଦିର କମିଟି ପକ୍ଷରୁ ପୀଠ ପରିସରର ଏକ ଘରେ ପୂଜା ଶେଷ ପର୍ଯ୍ୟନ୍ତ ଅଖଣ୍ଡ ଦୀପ ଜଳାଯିବ।

### ଆନ୍ଦୋଳନ ଚେତାବନୀ ପରେ ମିଳିଲା ପିଇବା ପାଣି

ବ୍ରହ୍ମପୁର,୧୪।୯(ସ୍ମୃତି ରଞ୍ଜନ ମହାଲିକ)

ବ୍ରହ୍ମପୁର ମହାନଗର ନିଗମ (ବିଏମସି) ୧୪ ନଂ ୱାର୍ଡ ଅନ୍ତର୍ଗତ ପଞ୍ଚୁ ଦେଉଳ ସାହିରେ ଦୀର୍ଘ ୬ ମାସ ଧରି ପାଣି ସମସ୍ୟା ଲାଗି ରହିଛି। ଡ୍ରେନ କାମ କାରଣରୁ ସାହିର ୨ ପାର୍ଶ୍ୱ ରାସ୍ତାକୁ ଖୋଳି ଦିଆଯାଇଛି। ଗତ ୨ଦିନ ଧରି ସାହି ବାସିନ୍ଦା ପିଇବା ପାଣିରୁ ବଞ୍ଚିତ ହୋଇଥିଲେ। ସ୍ଥାନୀୟ ବାସିନ୍ଦା ଅସନ୍ତୋଷ ପ୍ରକାଶ କରିଥିଲେ। ପାଣି ଯୋଗାଣ ଦାବିରେ ମୁଖ୍ୟ ରାସ୍ତା ଅବରୋଧ କରି ଆନ୍ଦୋଳନ ପାଇଁ ସାହି ବାସିନ୍ଦା ଚେତାବନୀ ଦେଇଥିଲେ। ଯାହାକୁ ନେଇ ବିଏମସି କମିଶନର ଓ ବିଧାୟକ ତତ୍ପର ହୋଇ ରବିବାର ପିଇବା ପାଣି ଯୋଗାଇ ଦିଆଯାଇଛି। ଅନ୍ୟପଟେ ସାହିକୁ ଆସିବା ପାଇଁ ରହିଥିବା ୨ ପାର୍ଶ୍ୱ ରାସ୍ତାକୁ ବନ୍ଦ କରାଯାଇଥିଲା। ଯଦ୍ୱାରା ସ୍ଥାନୀୟ ବାସିନ୍ଦାଙ୍କ ପିଇବା ପାଣି ସମସ୍ୟା ଥିବା ବେଳେ ରାସ୍ତା ଅବରୋଧ କାରଣରୁ କୌଣସି କାମରେ ଯାଇପାରୁ ନ ଥିଲେ। କିନ୍ତୁ ବିଧାୟକ ଓ ବିଏମସି କମିଶନରଙ୍କ ହସ୍ତକ୍ଷେପ ପରେ ଅବରୋଧ ରାସ୍ତା ମଧ୍ୟ ଖୋଲାଯାଇଛି। ସାହ ରାସ୍ତା ତୁରନ୍ତ ମରାମତି ପାଇଁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

# ଫ୍ରେଣ୍ଡସ ହେଲପିଙ୍ଗ କ୍ଲବର ଶିକ୍ଷା ସମ୍ମାନ କାର୍ଯ୍ୟକ୍ରମ


କାର୍ଯ୍ୟକ୍ରମରେ ଉପସ୍ଥିତ ଗୁରୁ ଓ କ୍ଲବର ସଦସ୍ୟମାନେ।

ବ୍ରହ୍ମପୁର,୧୪।୯(ସୁବାସ ଚନ୍ଦ୍ର ପାଢ଼ୀ)

ସ୍ଥାନୀୟ ଫ୍ରେଣ୍ଡସ ହେଲପିଙ୍ଗ କ୍ଲବ କାର୍ଯ୍ୟାଳୟ ସ୍ନେହମ ଠାରେ ରବିବାର ଶିକ୍ଷା ସମ୍ମାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଅନୁଷ୍ଠିତ ସଭାରେ ସଭାପତି ସତ୍ୟକାମ ପାତ୍ର ସଭାପତିତ୍ୱ କରିଥିଲେ। ପଦ୍ମଶ୍ରୀ ପ୍ରଫେସର ଡା.କୃଷ୍ଣ ମୋହନ ପାଠୀ ମୁଖ୍ୟଅତିଥି ଥିଲେ। ସଭାପତି କହିଥିଲେ ଯେ, ଶିକ୍ଷକ ମାନଙ୍କୁ ସମ୍ମାନିତ କରିବା ଶିକ୍ଷା ଏହି କାର୍ଯ୍ୟକ୍ରମ ଉଦ୍ଦିଷ୍ଟ। ସମ୍ପାଦକ ଏମ.ପ୍ରବୀନ ସମ୍ପାଦକୀୟ ବିବାବରଣୀ ରଖିଥିଲେ। ପ୍ରାରମ୍ଭରେ ପ୍ରଫେସର କୃଷ୍ଣମୋହନ ପାଠୀଙ୍କୁ ସମ୍ମାନିତ କରାଯାଇଥିଲା । ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପରିବେଶ ବିଭାଗର ମୁଖ୍ୟ ପ୍ରଫେସର ଅଞ୍ଜନ କୁମାର ପୃଷ୍ଟି, ମହୁଡା ଫାର୍ମାସି କଲେଜର ଆସିଷ୍ଟାଣ୍ଟ ପ୍ରଫେସସର ଡ.ସରିତା ପ୍ରିୟଦର୍ଶିନୀ ନାୟକ, ଗଂଜାମ ଜିଲା ଅତିରିକ୍ତ ଶିକ୍ଷା ଅଧିକାରୀ ସସନମୁ ଧନଞ୍ଜୟ, ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟର ଆସିଷ୍ଟାଣ୍ଟ ପ୍ରଫେସର ବିଦ୍ୟୁତ୍‌ପ୍ରଭା ସାହୁ, ବେଦପାଠଶାଳାର ଶିକ୍ଷକ ସନ୍ତୋଷ କୁମାର ରଥ ଓ ସଂକଳ୍ପ ସିନିୟର ସେକେଣ୍ଡାରୀ ବିଦ୍ୟାଳୟର ଶିକ୍ଷୟିତ୍ରୀ ସଂସାଦ ବେଗୁମଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଆବାହକ ଇଂଜିନିଅର ପ୍ରଶାନ୍ତ କୁମାର ପାତ୍ର ପରିଚାଳନା କରିଥିଲେ ଓ ବସନ୍ତ କୁମାର ସାହୁ ସମସ୍ତ ଗୁରୁଙ୍କ ପରିଚୟ ଦେଇଥିଲେ। ଡ.ଟି.ପ୍ରକାଶ ରାଓ, ଡ.ଶେଷକର ରାଓ, ପୂର୍ବତନ ସଭାପତି ପି.ଶ୍ରୀନିବାଶ ରାଓ, ଜମ୍ମୁଳା ସୁରେଶ, ଭି.ଭେଙ୍କଟ ରତ୍ନମ ରାଜୁ, ଉପସଭାପତି ଅନୀଲ ଚୌଧୁରୀ, କେ.ନନ୍ଦେଷ୍ଣୁ ସେନାପତି ସହଯୋଗ କରିଥିଲେ। ଏ.ସତ୍ୟନାରାୟଣ ଗୁପ୍ତା ଧନ୍ୟବାଦ ଦେଇଥିଲେ।

# କେସି ହାଇସ୍କୁଲ ପୁରାତନ ଛାତ୍ରଙ୍କ ବନ୍ଧୁ ମିଳନ

ବ୍ରହ୍ମପୁର,୧୪।୯(ସ୍ମୃତି ରଞ୍ଜନ ମହାଲିକ)

କେସି ହାଇସ୍କୁଲ ୧୯୯୩ ପୁରାତନ ଛାତ୍ରଙ୍କୁ ନେଇ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ରବିବାର ହିଲପାଟଣାଠାରେ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ବିଦ୍ୟାଧର ମହାରଣା, ଅରୁଣ ସାବତ ଓ କୃଷ୍ଣ ଚୌଧୁରୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିକ୍ଷାବିତ ତ୍ରିନାଥ ମହାରଣା, ସନ୍ତୋଷ କୁମାର ମିଶ୍ର ଓ ଏଚ ଭି ରାଓ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ପ୍ରାଚୀନ ଶିକ୍ଷା ଓ ଗୁରୁ ଶିଷ୍ୟଙ୍କ ସଂପର୍କରେ ଶିକ୍ଷାବିତମାନେ ମତ ପ୍ରକାଶ କରିଥିଲେ। ପୁରାତନ ଛାତ୍ର ପ୍ରଶାନ୍ତ ଦଳାଇ ନାଟକ ମାଧ୍ୟମରେ ଗୁରୁ ଶିଷ୍ୟଙ୍କ ସଂପର୍କକୁ ପ୍ରଦର୍ଶନ କରିଥିଲେ। ବର୍ତ୍ତମାନ ସ୍ଥିତିରେ କେସି ହାଇସ୍କୁଲର ହୃତ ଗୌରବ ଫେରାଇ ଆଣିବାକୁ ପୁରାତନ ଛାତ୍ର ଏକାଠି ହେବା ପାଇଁ ଶିକ୍ଷାବିତମାନେ ପରାମର୍ଶ ଦେଇଥିଲେ। ସନ୍ତୋଷ କୁମାର ସାହୁ, ରାମ ଚନ୍ଦ୍ର ମିଶ୍ରଙ୍କ ସମେତ ବହୁ ପୁରାତନ ଛାତ୍ର ପରିଚାଳନାରେ ସହଯୋଗ କରିଥିଲେ।

### ୯ ଜୁଆଡ଼ି ଗିରଫ

ବ୍ରହ୍ମପୁର,୧୪।୯(ସୁବାସ ଚନ୍ଦ୍ର ପାଢ଼ୀ)

ଟାଉନ ଥାନା ପୋଲିସ ଶନିବାର ରାତି ଏକ ଜୁଆ ଆଡ୍ଡାରେ ଚଢଉ କରି ୯ ଜୁଆଡ଼ିଙ୍କୁ ଗିରଫ କରିଛି। ବ୍ୟାଙ୍କ କଲୋନୀରେ ଜୁଆ ଖେଳ ଚାଲିଥିବା ଖବର ମିଳିବା ପରେ ଏକ ଟିମ ସେଠାରେ ଚଢଉ କରିଥିଲେ। ପୋଲିସକୁ ଦେଖି କେତେ ଚମ୍ପଟ ମାରିଥିଲେ। ୯ଜଣ ଧରାପଡିଥିଲେ। ପୋଲିସ ସେଠାରୁ ୩୩,୯୬୦ ଟଙ୍କା, ୯ ମୋବାଇଲ ଓ ୬ ବାଇକ ଜବତ କରିଥିଲା। ପୋଲିସ ଏନେଇ ନଂ.୪୦୨/୨୫ରେ ଏକ ମାମଲା ରୁଜୁ କରିଛି।

# ବନ୍ଧୁକ ଦେଖାଇ ମୋବାଇଲ ଓ ଟଙ୍କା ଲୁଟ୍

ବ୍ରହ୍ମପୁର,୧୪।୯(ସୁବାସ ଚନ୍ଦ୍ର ପାଢ଼ୀ)

ସଦର ଥାନା ଅନ୍ତର୍ଗତ ଲାଠିରେ ଜଣେ ବ୍ୟକ୍ତିଙ୍କୁ ବନ୍ଧୁକ ଦେଖାଇ ମୋବାଇଲ ଓ ଟଙ୍କା ଲୁଟ ହୋଇଛି । ଏ ନେଇ ସଦର ଥାନାରେ ଅଭିଯୋଗ ହୋଇଛି । ଲାଠି ଗ୍ରାମ ମେନ ରୋଡ଼ର ସୁବାସ ମହାରଣା(୫୦) ଶନିବାର କୌଣସି କାମରେ ବ୍ରହ୍ମପୁର ଯାଇଥିଲେ। ରାତି ୯ଟାରେ ଘରକୁ ଫେରୁଥିଲେ। ସରସ୍ୱତୀ ନଗର ନିକଟ ଶଙ୍ଖ ପାଖରେ ଜଣେ ଯୁବକ ସ୍କୁଟିରେ ଆସି ତାଙ୍କୁ ଅଟକାଇଲେ ।ସେ ନ ରହିବାରୁ ପୁଣି ଗାଁ ନିକଟସ୍ଥ ନିଶାକେନ୍ଦ୍ର ପାଖରେ ପୁଣି ସୁବାସଙ୍କ ସାଇକେଲ ଆଗକୁ ସ୍କୁଟି ଆଣି ଗାଳି ଗୁଲଜ କରିବା ସହ ବନ୍ଧୁକ ଦେଖାଇ ତାଙ୍କୁ ଭୟଭୀତ କରିଥିଲେ। ପରେ ତାଙ୍କ ମୋବାଇଲ ଓ କିଛି ଟଙ୍କା ଲୁଟିନେଇଥିଲେ । ପୋଲିସ ଘଟଣାର ତଦନ୍ତ କରୁଛି ।

### ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ୨୦୦୦ ଗଛ ଲାଗିବ

ବ୍ରହ୍ମପୁର,୧୪।୯(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଏନଏସଏସ ଜରିଆରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହେବ। ବିଶ୍ୱବିଦ୍ୟାଳୟ ନର୍ସରୀ ନିକଟ କ୍ୟାମ୍ପସରେ ମା' ପାଇଁ ଗଛଟିଏ ଯୋଜନାରେ ୨୦୦୦ ଗଛ ଲାଗିବ ବୋଲି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଏକ ପ୍ରେସ ବିଜ୍ଞପ୍ତି ଜରିଆରେ ପ୍ରକାଶ କରିଛନ୍ତି। ଏହି ଅବସରରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା ଆସିବା କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ନୂଆ କନଫରେନ୍ସ ହଲରେ ଏକ ବୈଠକ ହେବ ବୋଲି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଜଣାଇଛନ୍ତି।

### ଗଜପତି ନଗର ଶିଶୁ ବିଦ୍ୟା ମନ୍ଦିରରେ ଆଲୋଚନାଚକ୍ର



ବ୍ରହ୍ମପୁର,୧୪।୯(ସ୍ମୃତି ରଞ୍ଜନ ମହାଲିକ)

ଗଜପତିନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଗଞ୍ଜାମ ବିଭାଗ ସ୍ତରୀୟ କିଦ୍ୱତ ପରିଷଦ ଆଲୋଚନାଚକ୍ର ରବିବାର ଅନୁଷ୍ଠିତ ହୋଇଯାଇଛି। ଅତିଥି ରୂପେ ଦକ୍ଷିଣ ପୂର୍ବ ସଂଭାଗର ସଭାପତି ଡ ତାରା ପ୍ରସାଦ ଦାଶ, କୋଷାଧ୍ୟକ୍ଷ ପ୍ରଦୀପ ଦାଶ, ଜିଲା ବିଭାଗ ନିରୀକ୍ଷକ ସରୋଜ କୁମାର ପଟ୍ଟନାୟକ ଓ ବିଭାଗ ପ୍ରମୁଖ ଉପେନ୍ଦ୍ର କୁମାର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଭାରତୀୟ ସମ୍ବିଧାନ ଓ ନାଗରିକ କର୍ତ୍ତବ୍ୟ ସଂପର୍କରେ ଆଲୋଚନା ହୋଇଥିଲା। ସଂକୁଳ ସଂଯୋଜକ ଓ ପ୍ରମୁଖଙ୍କ ସମେତ ୬୦ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ପ୍ରଧାନଚାର୍ଯ୍ୟ ଶରତ ଚନ୍ଦ୍ର ମୁନୀ ଅତିଥି ପରିଚୟ ଦେଇଥିଲେ। ଉପସଭାପତି ନରେଶ କୁମାର ପଟ୍ଟନାୟକ, କୋଷାଧ୍ୟକ୍ଷ କବିରାଜ ସାହୁ, ସହ ସଂପାଦିକା ସାବିତ୍ରୀ ମହାପାତ୍ର ଉପସ୍ଥିତ ଥିଲେ। ସଂକୁଳ ପ୍ରମୁଖ ଦିଲୀପ କୁମାର ଧନ୍ୟବାଦ ଦେଇଥିଲେ।

# ବଜ୍ରପାତ ରୋକୁଛି ତାଳଗଛ

- ଗଞ୍ଜାମରେ ଚାଲିଛି 'ମିଶନ୍ ତାଳଗଛ'
- ୩ ବର୍ଷ ମଧ୍ୟରେ ୫୦ ହଜାର ଚାରା ରୋପଣ ଲକ୍ଷ୍ୟ : ରବୀନ୍ଦ୍ର

ଗଞ୍ଜାମ,୧୪।୯(ଅଖିଳ ତରାଇ)


ରଷିକୁଲ୍ୟା ସମୁଦ୍ର କଇଁଛ ସୁରକ୍ଷା ସମିତି ସଦସ୍ୟ ତାଳ ମଞ୍ଜି ପୋତୁଛନ୍ତି ।

ଓଡ଼ିଶାରେ ବଜ୍ରପାତ ଏକ ଘାତକ ବିପଦ ହୋଇ ଉଭା ହୋଇଛି। ଗଞ୍ଜାମ ଜିଲାରେ ସ୍ଥିତି ଆହୁରି ଜଟିଳ। ଗତ ତିନି ବର୍ଷରେ ଏଠାରେ ବଜ୍ରପାତରେ ୫୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ଯାଇଛି। ଅନେକେ ଆହତ ହୋଇଛନ୍ତି। ଏହି ମୃତ୍ୟୁସଂଖ୍ୟା ହ୍ରାସ କରିବା ପାଇଁ ରାଜ୍ୟ ସରକାର ତାଳଗଛ ରୋପଣ ଉପରେ ଗୁରୁତ୍ୱ ଦେଉଛନ୍ତି। ସ୍ୱେଚ୍ଛାସେବୀ ସଂଗଠନଗୁଡ଼ିକ ସହାୟତାରେ ଏହି ଅଭିଯାନ ଆରମ୍ଭ ହୋଇଛି। ଉଚ୍ଚ ତାଳ ଗଛ ପ୍ରଥମେ ବଜ୍ରକୁ ଆକର୍ଷଣ କରି ମାଟିରେ ପ୍ରବାହିତ କରିଦିଏ, ଯାହା ମଣିଷ ଜୀବନ ରକ୍ଷା କରେ ବୋଲି ଗବେଷଣାରୁ ଜଣାପଡିଛି। ଗଞ୍ଜାମରେ ମିଶନ ତାଳ ଗଛର ନେତୃତ୍ୱ ନେଇଛନ୍ତି ରଷିକୁଲ୍ୟା ସମୁଦ୍ର କଇଁଛ ସୁରକ୍ଷା ସମିତି ସମ୍ପାଦକ ରବୀନ୍ଦ୍ରନାଥ ସାହୁ। ସେ 'ମିଶନ୍ ତାଳଗଛ ୨୦୨୪' ଆରମ୍ଭ କରି ପ୍ରଥମ ପର୍ଯ୍ୟାୟରେ ୧୨ ହଜାର ତାଳଚାରା ରୋପଣ କରିଥିଲେ। ଏହାର ସଫଳତା ପାଇଁ ୨୦୨୫ରେ ରାଜ୍ୟ ସରକାରଙ୍କଠାରୁ ତାଙ୍କୁ 'ପ୍ରକୃତି ମିତ୍ର' ପୁରସ୍କାର ମିଳିଛି। ରବୀନ୍ଦ୍ରଙ୍କ ନେତୃତ୍ୱରେ କେତେ ଜଣ ଯୁବକ ଓ ସାମାଜିକ କର୍ମୀ ବିଭିନ୍ନ ଗାଁରୁ ପାଚିଲା ତାଳ ସଂଗ୍ରହ କରୁଛନ୍ତି। ଏଗୁଡ଼ିକୁ ଶୁଖାଇବା ପରେ ମଞ୍ଜି ବାହାର କରି ୬ ଇଞ୍ଚ ଗଭୀର ଗାତ ଖୋଳି ପୋତୁଛନ୍ତି। ଏବେ ଉପକୂଳବର୍ତ୍ତୀ ଅଞ୍ଚଳରେ ପ୍ରାୟ ୨୦ ହଜାର ଚାରା ରୋପଣ ପାଇଁ ପ୍ରୟାଗୀ ଗାଁଠାରୁ ଗୋପାଳପୁର ପର୍ଯ୍ୟନ୍ତ ଏହି ଅଭିଯାନ ଚାଲିଛି। ଗତବର୍ଷ ଭଳି ଏବର୍ଷ ମଧ୍ୟ ଗଞ୍ଜାମ ବ୍ଲକର ପୁରୁଣାବନ୍ଧ, ପାଳିବନ୍ଧ, ଲଙ୍କାପଡ଼ିଆ ୧୫୦୦ ଏବଂ ଅଗସ୍ତିନୂଆଗାଁରେ ୭୦୦ରୁ ଊର୍ଦ୍ଧ୍ୱ ମଞ୍ଜି ପୋତାଯାଇଛି। ତାମ୍ପରା ହ୍ରଦରେ ୨୦୦୦ ଓ ରଷିକୁଲ୍ୟା ନଦୀ ପାର୍ଶ୍ୱରେ ୧୨୦୦ରୁ ଊର୍ଦ୍ଧ୍ୱ ତାଳ ଚାରା ରୋପଣ ହୋଇଛି। ମଞ୍ଜିରୁ ଗଛ ହେବାକୁ ୮–୧୦ ମାସ ଏବଂ ଫଳ ଫଳିବାକୁ ୧୨ ବର୍ଷରୁ ଅଧିକ ସମୟ ଲାଗେ। ୩ ବର୍ଷ ମଧ୍ୟରେ ୫୦ ହଜାର ଚାରା ରୋପଣ ଲକ୍ଷ୍ୟ ରଖାଯାଇଛି। ଗତ ଜୁଲାଇରୁ ଆରମ୍ଭ ହୋଇଥିବା ଏହି ମିଶନ ସେପ୍ଟେମ୍ବରରେ ଶେଷ ହେବ।

ଗତ ୧୧ ବର୍ଷରେ ରାଜ୍ୟରେ ଏହି ପ୍ରାକୃତିକ ବିପର୍ଯ୍ୟୟରେ ୪ ହଜାରରୁ ଅଧିକ ଲୋକ ପ୍ରାଣ ହରାଇଛନ୍ତି। ଏମାନଙ୍କ ମଧ୍ୟରେ ଅଧିକାଂଶ ଚାଷୀ ଏବଂ ଗ୍ରାମୀଣ ବାସିନ୍ଦା ରହିଛନ୍ତି। ଏଥିସହ ପୂର୍ବ ବର୍ଷ ଲଗାଯାଇଥିବା ଚାରାରେ ଔଷଧ ସିଞ୍ଚନ କରାଯାଉଛି। ଏହି ମିଶନକୁ ଓଡ଼ିଶା ଜୈବବିବିଧତା ବୋର୍ଡ ଏବଂ ବନ ବିଭାଗ ପକ୍ଷରୁ ସହଯୋଗ କରୁଛନ୍ତି। କଇଁଛ ସୁରକ୍ଷା ସମିତିର ସଦସ୍ୟ ଆର୍ ଗଣେଶ ରେଡ୍ଡୀ, ଦିୱାନ୍ ବେହେରା, ଶୁଭମ୍ ରେଡ୍ଡୀ, ରମେଶ ରେଡ୍ଡୀ, ଆଶିଷ ଦାସ, ପି.ପ୍ରଭାକର ମିଶନରେ ସାମିଲ ହୋଇଛନ୍ତି। ତାଳଗଛ କେବଳ ବଜ୍ରପାତରୁ ରକ୍ଷା ନୁହେଁ, ଏହା ମାଟି କ୍ଷୟ ରୋକେ। ଅମ୍ଳଜାନ ଯୋଗାଏ ଏବଂ ପ୍ରଦୂଷଣ ନିୟନ୍ତ୍ରଣ କରେ। ବାୟା ଚଢ଼େଇ, ଶୁଆ ଏବଂ ଶାଗୁଣା ଭଳି ପକ୍ଷୀମାନେ ଏଥିରେ ବସା ବାନ୍ଧନ୍ତି। ପୂର୍ବରୁ ଓଡ଼ିଶାର ଗାଁଗୁଡ଼ିକରେ ତାଳଗଛ ଭରପୂର ଥିଲା, ଏହା କାଟିବା ଯୋଗୁ ସଂଖ୍ୟା ହ୍ରାସ ପାଇଛି। ୨୦୨୪ରୁ ରାଜ୍ୟ ସରକାର ତାଳଗଛ କାଟିବାକୁ ଅବୈଧ ଘୋଷଣା କରିଛନ୍ତି। ସାଂସ୍କୃତିକ ଦୃଷ୍ଟିରୁ ତାଳପତ୍ର ପୋଥି ଲେଖା ପାଇଁ ବ୍ୟବହୃତ ହୋଇ ଐତିହ୍ୟ ସଂରକ୍ଷଣ କରେ। ଧାର୍ମିକ ଅନୁଷ୍ଠାନରେ ମଧ୍ୟ ଏହାର ଭୂମିକା ରହିଛି ବୋଲି ରବୀନ୍ଦ୍ର କହିଛନ୍ତି।

# ଘର ସାମ୍ନାରୁ ନାବାଳିକାଙ୍କୁ ଅପହରଣ

**ବାସୁଦେବପୁର,୧୪।୯ (ନାରାୟଣ ପ୍ରସାଦ ବାରିକ୍)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଚୁଡ଼ାମଣି ସାମୁଦ୍ରିକ ଥାନା ଅଧୀନ ରାଧାନାଥପୁର ଆଡ଼ିଆ ଗ୍ରାମରେ ଶନିବାର ରାତିରେ ଜଣେ ବ୍ୟକ୍ତିଙ୍କ ଘର ସାମ୍ନାରୁ ତାଙ୍କ ନାବାଳିକା ଝିଅକୁ ଦୁର୍ବୃତ୍ତମାନେ ଅପହରଣ କରିନେଇଛନ୍ତି। ଭଦ୍ରକ ଏସ୍‌ପି ମନୋଜ ରାଉତଙ୍କ ନିର୍ଦ୍ଦେଶକ୍ରମେ ବାସୁଦେବପୁର ପୋଲିସ ସେହି ଅଞ୍ଚଳର ବିଭିନ୍ନ ରାସ୍ତାକୁ ବ୍ଲକେଡ୍ କରି ଛାନ୍‌ଭିନ୍ କରିଛି। ଏନେଇ ନାବାଳିକାଙ୍କ ଅଜାଙ୍କ ଅଭିଯୋଗକ୍ରମେ ଚୁଡ଼ାମଣି ସାମୁଦ୍ରିକ

## ବିଭିନ୍ନ ରାସ୍ତାକୁ ନାକାବନ୍ଦୀ କରି ପୋଲିସର ଛାନ୍‌ଭିନ୍

ଥାନାରେ ଏକ ମାମଲା (ନଂ. ୭୪/୨୫) ରୁଜୁ ହୋଇଛି। ରବିବାର ଏସ୍‌ପି ରାଉତ ଉକ୍ତ ଗ୍ରାମରେ ପହଞ୍ଚି ନାବାଳିକାଙ୍କ ପରିବାର ଓ ଗ୍ରାମବାସୀଙ୍କ ସହ ଆଲୋଚନା କରିଛନ୍ତି।

ସୂଚନା ଅନୁଯାୟୀ, ୮ ବର୍ଷୀୟା ନାବାଳିକା ରାତି ପ୍ରାୟ ୮ଟା ବେଳେ ଶୌଚହେବାକୁ ଘରୁ ବାହାରକୁ ଆସିଥିଲେ। ଏହି ସମୟରେ ପୂର୍ବରୁ ଅନ୍ଧାରରେ ରାସ୍ତାରେ ଜଗି ରହିଥିବା ୨ଜଣ ଅଚିହ୍ନା ଯୁବକ ଜୋରଜବରଦସ୍ତି ତାଙ୍କୁ ଉଠାଇ ନେଇ ବାଇକ୍‌ରେ ବସାଇ ଚମ୍ପଟ ମାରିଥିଲେ। ନାବାଳିକାଙ୍କ ବଡ଼ଭଉଣୀ ଏହା ଦେଖି ଘର ଲୋକଙ୍କୁ ଡାକ ପକାଇଥିଲେ। ପରିବାର ଲୋକ ଓ ପଡ଼ୋଶୀ ଆଖପାଖ ଅଞ୍ଚଳ ଖୋଜାଖୋଜି କରିବା ପରେ ନାବାଳିକାଙ୍କର କୌଣସି ସୁରାକ୍ ନ ପାଇ ଚୁଡ଼ାମଣି ସାମୁଦ୍ରିକ ଥାନାକୁ ଜଣାଇଥିଲେ। ପରେ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ବାସୁଦେବପୁର ଥାନାଧିକାରିଣୀ ଲୋପାମୁଦ୍ରା ନାୟକ, ନାୟକାଣିଡିହି ଥାନାଧିକାରିଣୀ ରାଜଲକ୍ଷ୍ମୀ ନାୟକ, କଷିଆ ସାମୁଦ୍ରିକ ଥାନାଧିକାରିଣୀ ସାବିତ୍ରୀ ପଣ୍ଡା, ଚୁଡ଼ାମଣି ସାମୁଦ୍ରିକ ଥାନାଧିକାରିଣୀ ବନାନୀ ବେହେରା ପ୍ରମୁଖ ବାସୁଦେବପୁରର ବିଭିନ୍ନ ରାସ୍ତାକୁ ବ୍ଲକେଡ୍ କରି ଅପହୃତା ନାବାଳିକାଙ୍କୁ ଉଦ୍ଧାର ପାଇଁ ଉଦ୍ୟମ ଚଳାଇଛନ୍ତି। ଭଦ୍ରକ ସଦର ଏସ୍‌ଡିପିଓ ବିଚିତ୍ରାନନ୍ଦ ସେଠୀ ଏହି ଘଟଣାର ତଦନ୍ତ ଦାୟିତ୍ୱ ନେଇଛନ୍ତି। ଖୁବ୍‌ଶୀଘ୍ର ନାବାଳିକାଙ୍କୁ ଉଦ୍ଧାର କରାଯିବ ବୋଲି ଏସ୍‌ପି ପ୍ରତିଶ୍ରୁତି ଦେଇଛନ୍ତି।

## ସୁରକ୍ଷାବଳ ସହ ଗୁଳି ବିନିମୟ

# ମାଓବାଦୀ ସବ୍ ଜୋନାଲ କମାଣ୍ଡର ନିହତ

**ରାଉରକେଲା,୧୪।୯(ସଙ୍ଗୀତା ଜେନା)**

ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତରେ ମାଓବାଦୀ ଦମନ ପ୍ରକ୍ରିୟା ଜୋରଦାର କରାଯାଇଛି। କ୍ରମବର୍ଦ୍ଧିଷ୍ଣୁ ଅପରାଧ ନିୟନ୍ତ୍ରଣ ପାଇଁ ପ୍ରାୟ ୨ବର୍ଷ ହେଲା ଉକ୍ତ ଅଞ୍ଚଳରେ କୋମ୍ବିଂ ଅପରେଶନ କରାଯାଉଛି। ଏହି କ୍ରମରେ ରବିବାର ସକାଳ ୬ଟାରେ ସୀମାନ୍ତ ସରଣ୍ଡା ଅଞ୍ଚଳରେ କୋମ୍ବିଂ ବେଳେ ସୁରକ୍ଷାବଳ ଏବଂ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ଏଥିରେ ସୁରକ୍ଷାବଳଙ୍କ ଗୁଳିମାଡ଼ରେ ଜଣେ ମାଓବାଦୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ମାଓବାଦୀ ସବ୍ ଜୋନାଲ କମାଣ୍ଡର ମୁଖଦେବ ଯାଦବ। ତାଙ୍କ ମୁଣ୍ଡ ଉପରେ ୫ ଲକ୍ଷ ଟଙ୍କା ପୁରସ୍କାର ରାଶି ଘୋଷଣା ହୋଇଥିଲା। ଏ ନେଇ ସିଆର୍‌ପିଏଫ୍ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

ସୂଚନା ଅନୁଯାୟୀ, ସରଣ୍ଡା ଜଙ୍ଗଲ ସଂଲଗ୍ନ ମାନାଟୁ ଜଙ୍ଗଲରେ ସୁରକ୍ଷାବଳ ଏବଂ ପ୍ରତିବନ୍ଧିତ ମାଓବାଦୀ ସଙ୍ଗଠନ ଟିଏସ୍‌ପିଏସ୍ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ପାଲାମୁ ଏସ୍‌ପି ରିଷ୍ମା ରାମେଶନଙ୍କ ନେତୃତ୍ୱରେ ସୁରକ୍ଷାବଳଙ୍କ ଗୁଳିମାଡ଼ର ସାମ୍ନା କରି ନ ପାରି ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ଯାଞ୍ଚ ବେଳେ ଘଟଣାସ୍ଥଳରେ ସବ୍ ଜୋନାଲ



କୋମ୍ବିଂ ବେଳେ ଜବତ ମାଓବାଦୀ ସାମଗ୍ରୀ।

କମାଣ୍ଡର ମୁଖଦେବଙ୍କ ମୃତଦେହ ମିଳିଥିଲା। ସେହିପରି ଗୋଟିଏ ଇନସାସ୍ ରାଇଫଲ୍, ପିସ୍ତଲ, ଗୁଳି ଓ ମାଗାଜିନ୍ ସହ ଅନ୍ୟ ସାମଗ୍ରୀ ଜବତ ହୋଇଛି। ସେପ୍ଟେମ୍ବର ୩ ରାତିରେ ଉକ୍ତ ମାଓବାଦୀ ସଙ୍ଗଠନ ସହିତ ଗୁଳି ବିନିମୟ ସମୟରେ ପାଲାମୁ ଜିଲାର ୨ ଜଣ ଯବାନ୍ ଶହୀଦ ହୋଇଥିଲେ। ପରେ ସୁରକ୍ଷାବଳ ପକ୍ଷରୁ କୋମ୍ବିଂ ଅପରେଶନ କରାଯାଇ ଟିଏସ୍‌ପିଏସି ସୁପ୍ରିମୋ ଶଶିକାନ୍ତ ଗୁଞ୍ଜୁ ଟାର୍ଗେଟ କରାଯାଇଥିଲା। ତାଙ୍କ ମୁଣ୍ଡ ଉପରେ ୧୦ଲକ୍ଷ ଟଙ୍କା ପୁରସ୍କାର ରାଶି ରହିଥିଲା। ରବିବାର ସକାଳେ କୋମ୍ବିଂ ଅପରେଶନ ସମୟରେ ମାଓବାଦୀମାନେ ସୁରକ୍ଷାବଳଙ୍କ ଉପରକୁ ଆଖିବୁଜା ଗୁଳିଚାଳନା କରିଥିଲେ। ଏହାର ଜବାବରେ ୨୦୯ କୋବ୍ରା, ଜାଗୁଆର ଏବଂ ସିଆର୍‌ପିଏଫ୍ (ଏସ୍‌ଟିଏଫ୍) ସମେତ ସୁରକ୍ଷାବଳଙ୍କ ପାଲଟା ଗୁଳିମାଡ଼ କରିଥିଲେ। ସୁଯୋଗ ନେଇ ମାଓବାଦୀମାନେ ଘଟଣାସ୍ଥଳ ଛାଡ଼ି ଫେରାର ହୋଇଯାଇଥିଲେ। ନିହତ ମାଓବାଦୀଙ୍କ ମୃତଦେହ ଜବତ ହୋଇଛି ଏବଂ କୋମ୍ବିଂ ଅପରେଶନ ଜାରି ରହିବ ବୋଲି ଏସ୍‌ପି ରାମେଶନ୍ କହିଛନ୍ତି।

## ୨ ଯୁବକଙ୍କୁ ଅପହରଣ ସହ ଆକ୍ରମଣ ଓ ଗୁଳିମାଡ଼ ଘଟଣା

# ପୂର୍ବ ଶତ୍ରୁତାରୁ ହତ୍ୟା ଉଦ୍ୟମ: ୩ ଗିରଫ

**ଖୋର୍ଦ୍ଧା,୧୪।୯(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ଜିଲା ବୋଲଗଡ଼ ଥାନା ଅଧୀନ ହାଟବସ୍ତ ଛକରୁ ୨ଯୁବକଙ୍କୁ ଅପହରଣ ପରେ ଆକ୍ରମଣ ଓ ଗୁଳିମାଡ଼ ଘଟଣାର ପର୍ଦ୍ଦାଫାଶ୍ କରିଛି ପୋଲିସ। ଏହି ମାମଲାରେ ୩ ଅଭିଯୁକ୍ତଙ୍କୁ ଗିରଫ ପରେ ରବିବାର କୋର୍ଟଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ବାଙ୍କୋଇର ଭିକାରି ଜୟସିଂହ ଓରଫ ହାଡ଼ିଆ(୨୩), ବାବୁଲୁ ବରାଡ଼ ଓରଫ ବବୁଲୁ(୨୧) ଏବଂ ଅଜିତ କୁମାର ଦଳେଇ ଓରଫ ବାବୁ (୪୦)। ସେମାନଙ୍କଠାରୁ ୨ଟି ବାଇକ (ନଂ ଓଡି୦୨-ଏଜେଡ୍-୪୦୮୨ ଏବଂ ଓଡି୩୩ କ୍ୟୁ-୫୧୮୪), ଖଣ୍ଡା, ୩ଟି ଖୋକା ଜବତ କରାଯାଇଛି। ଏହି ଘଟଣାର ଅନ୍ୟତମ ଅଭିଯୁକ୍ତ ସୂର୍ଯ୍ୟକାନ୍ତ ଛୋଟରାୟ ଓରଫ ସିଲୁଙ୍କ ସମେତ ଅନ୍ୟମାନେ ଫେରାର ଅଛନ୍ତି। ପୂର୍ବ ଶତ୍ରୁତାରୁ ଅଭିଯୁକ୍ତମାନେ ସମ୍ପୃକ୍ତ ଯୁବକ ଦ୍ୱୟଙ୍କୁ ହତ୍ୟା ଉଦ୍ୟମ କରିଥିଲେ ବୋଲି ପୋଲିସ ପ୍ରାଥମିକ ଅନୁସନ୍ଧାନରୁ ଜାଣିବାକୁ ପାଇଛି।

ପୋଲିସ ସୂଚନା ଅନୁଯାୟୀ, ଗତ ୧୦ ତାରିଖ ରାତିରେ ହାଟବସ୍ତ ଛକରେ ପ୍ରାୟ ୧୦ରୁ ୧୨ଜଣ ଯୁବକ ବିଭିନ୍ନ ପ୍ରକାର ମାରଣାସ୍ତ୍ର ଧରି ୬ଟି ବାଇକରେ ଆସି

## ଖଣ୍ଡା, ଖୋକା, ୨ ବାଇକ ଜବତ



ଗିରଫ ୩ ଅଭିଯୁକ୍ତ ଏବଂ ଜବତ ଖଣ୍ଡା ଓ ଗୁଳି।

ପହଞ୍ଚିଥିଲେ। ଘଟଣାସ୍ଥଳରେ ସେମାନେ ବଡ଼କୁମାରୀ ଗ୍ରାମର ମାନସ ଜେନା ଓ ଦୀପକ ପରିଡ଼ାଙ୍କୁ ଖଣ୍ଡାରେ ଆକ୍ରମଣ ସହ ଗୁଳିମାଡ଼ କରି ଅପହରଣ କରିନେବା ପରେ ହତ୍ୟା ଧମକ ଦେଇଥିଲେ। ପରେ ଅଭିଯୁକ୍ତମାନେ ମାନସ ଓ ଦୀପକଙ୍କୁ ପଟାବନ୍ଧା ଡ୍ୟାମ୍ ଆଡ଼କୁ ନେଇଯାଇ ସେଠାରେ ଉଲଗ୍ନ କରିଥିଲେ। ହତ୍ୟା ଉଦ୍ଦେଶ୍ୟରେ ମାନସଙ୍କୁ ଘେରିଯାଇ ଖଣ୍ଡାରେ ମୁଣ୍ଡ, ମୁହଁ, ହାତ ଏବଂ ଶରୀରର ଅନ୍ୟ ସ୍ଥାନରେ ଆକ୍ରମଣ, ଛୁରାଘାତ, ଗୁଳିମାଡ କରିଥିଲେ। ଦୀପକଙ୍କ ମୁଣ୍ଡରେ ବୋତଲରେ ପିଟିଦେବା ସହ ଖଣ୍ଡାରେ ହାଣିଥିଲେ। ଏହାପରେ ଅଭିଯୁକ୍ତମାନେ ଉଭୟଙ୍କୁ ଫତେଗଡ଼ ଥାନା ଅନ୍ତର୍ଗତ ବାଲିଆପଟା ଜଙ୍ଗଲ ଅଞ୍ଚଳକୁ ନେଇଯାଇଥିଲେ। ସେଠାରେ ସେମାନଙ୍କୁ ଜୋରଜବରଦସ୍ତ ଅପରିଷ୍କାର ପାଣି ପିଆଇ ଛାଡ଼ିଦେଇଥିଲେ। ମାନସଙ୍କ ବେକରୁ ସୁନାଚେନ ଓ ମୋବାଇଲ ଫୋନ ଛଡାଇ ନେଇଥିଲେ। ଏହି ଘଟଣା ସମ୍ପର୍କରେ ଫତେଗଡ଼ ପୋଲିସ ଖବର ପାଇ ଅଭିଯୁକ୍ତମାନଙ୍କୁ ଧରିବାକୁ ଉଦ୍ୟମ କରୁଥିବାବେଳେ ସେମାନେ ପୋଲିସ ଉପରକୁ ଗୁଳି ଚଳାଇଥିଲେ। ଏନେଇ ଫତେଗଡ ଥାନାରେ ବିଏନ୍‌ଏସ୍ ଦଫା ୧୧୫(୨),୧୦୯/୧୨୬/(୨),୧୩୨/୩(୫), ଆମର୍ସ ଆକ୍ଟ ୨୫/୨୭ ଅନୁଯାୟୀ ଏକ ମାମଲା (ନଂ. ୨୯୩/୨୫) ରୁଜୁ ହୋଇଛି। ବୋଲଗଡ଼ ପୋଲିସ ପହଞ୍ଚି ଆହତ ଦ୍ୱୟଙ୍କୁ ଉଦ୍ଧାର କରି ପ୍ରଥମେ ରାଜସୁନାଖଳା ଡାକ୍ତରଖାନାରେ ଭର୍ତ୍ତିକରିଥିଲା। ପରେ ଉଭୟଙ୍କୁ ଭୁବନେଶ୍ୱର ଏମ୍‌ସକୁ ସ୍ଥାନାନ୍ତର କରାଯାଇଥିଲା। ଆହତ ମାନସଙ୍କ ଭାଇ ନିହାରଙ୍କ ଅଭିଯୋଗ କ୍ରମେ ଥାନାରେ ବିଏନ୍‌ଏସ୍ ଦଫା ୧୨୬(୨)/୨୯୬/୧୧୫(୨)/୧୧୭(୨)/୧୧୮(୨)/୧୦୯/୧୪୦(୩)/୩୦୩/୩୫୧(୨)/୩(୫) ଏବଂ ୨୫/୨୭ ଆର୍ମସ ଆକ୍ଟରେ ଏକ ମାମଲା (ନଂ. ୨୦୭/୨୫) ରୁଜୁ ହୋଇଥିଲା।

ଏସ୍‌ପି ବିବେକାନନ୍ଦ ଶର୍ମାଙ୍କ ନିର୍ଦ୍ଦେଶ କ୍ରମେ ସଦର ଏସ୍‌ଡିପିଓ ଅନିଲ ମହାନ୍ତିଙ୍କ ନେତୃତ୍ୱରେ ବୋଲଗଡ଼ ଥାନାଧିକାରୀ ସ୍ନିଗ୍ଧାମୟୀ ବରାଳ, ସଦର ଥାନାଧିକାରୀ କାହ୍ନୁଚରଣ ସ୍ୱାଇଁ, ଆଦର୍ଶ ଥାନାଧିକାରୀ ସଞ୍ଜୟ ନାୟକ, ବେଗୁନିଆ ଥାନାଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡା, ଏସ୍‌ଆଇ ଏଲ୍.ପି. ପାଢ଼ୀ, ଏଏସ୍‌ଆଇ ଟି.କେ. ନାୟକ, ପି.କେ. ଦଳାଇ ପ୍ରମୁଖଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଥିଲେ। ୩ଜଣଙ୍କୁ ଗିରଫ କରାଯାଇଥିବାବେଳେ ଅନ୍ୟମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଏସ୍‌ପି ଶର୍ମା ସୂଚନା ଦେଇଛନ୍ତି।

# ସୀମାନ୍ତରେ ଗୁଳି ବିନିମୟ, ଜଣେ ମାଓବାଦୀ ନିହତ

**ମାଲକାନଗିରି,୧୪।୯(ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ବିଜାପୁର ଜିଲାରେ ସୁରକ୍ଷାକର୍ମୀ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟି ଜଣେ ମାଓବାଦୀ ନିହତ ହୋଇଛନ୍ତି। ମୃତ ମାଓବାଦୀଙ୍କ ନାମ ଅରୁଣ ମାଡକାମ ବୋଲି ଜଣାପଡ଼ିଛି। ତାଙ୍କ ଉପରେ ୮ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯାଇଥିଲା। ସୂଚନା ଅନୁଯାୟୀ, ମାଓବାଦୀଙ୍କ ଗତିବିଧି ସମ୍ପର୍କରେ ଖବର ପାଇ ବିଜାପୁର ଡିଆର୍‌ଜି, ଏସ୍‌ଟିଏଫ୍ ଓ କୋବ୍ରା ୨୦୨ ଯବାନମାନେ ମିଳିତ ଭାବେ ବିଜାପୁର ଜିଲାର କାକେକୋର୍ମା ଜଙ୍ଗଲରେ ସର୍ଚ୍ଚ ଅପରେଶନ କରିଥିଲେ। ଏହି ସମୟରେ ଯବାନ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟିଥିଲା। ଏଥିରେ ମାଓବାଦୀମାନେ ଯବାନମାନଙ୍କ ଆକ୍ରମଣକୁ ପ୍ରତିହତ



ଜବତ ହୋଇଥିବା ମାଓବାଦୀ ସାମଗ୍ରୀ।

କରି ନ ପାରି ଜଙ୍ଗଲ ମଧ୍ୟରେ ଛତ୍ରଭଙ୍ଗ ଦେଇଥିଲେ। ଯବାନଙ୍କ ସର୍ଚ୍ଚ ଅପରେଶନ ସମୟରେ ମାଓବାଦୀ ଅରୁଣଙ୍କ ମୃତଦେହ ଜବତ କରାଯାଇଥିଲା। ଏଥିସହ ଘଟଣାସ୍ଥଳରେ ୧୨ ବନ୍ଧୁକ, ବିଜିଏଲ୍ ଲଞ୍ଚର, ବିସ୍ଫୋରକ ସାମଗ୍ରୀ, ସ୍କାନର ସେଟ୍, ସୋଲାରପ୍ଲେଟ, ମାଓବାଦୀ ପୁସ୍ତିକା ଏବଂ ଔଷଧ ଆଦି ସାମଗ୍ରୀ ଜବତ କରାଯାଇଛି।

## BUSINESS



ଜୟଆଲୁକ୍କାସ୍ ପକ୍ଷରୁ ତେଲଙ୍ଗାନାର କୁକାଟପଲ୍ଲୀରେ ଗ୍ରାଣ୍ଡ ନୂତନ ଦ୍ୱିତୀୟ ଶୋ'ରୁମ୍ ଉଦ୍‌ଘାଟନ ଅବସରରେ ପିଏସି ଅଧକ୍ଷ ତଥା ସେରଲିଙ୍ଗମପଲ୍ଲୀ ବିଧାୟକ ଆରେକାପୁଡ଼ି ଗାନ୍ଧୀ, ବିବେକାନନ୍ଦ ନଗର କଲୋନି କର୍ପୋରେଟର ରୋଜା ଦେବୀ, ଜୟଆଲୁକ୍କାସ୍‌ର କାର୍ଯ୍ୟକାରୀ ନିର୍ଦ୍ଦେଶକ ଆଣ୍ଟୋନି ଜୋସ୍, ଥମାସ୍ ମାଥ୍ୟୁ, ସିଓଓ ହେନ୍‌ରୀ ଜର୍ଜ, ରିଟେଲ ମୁଖ୍ୟ ରାଜେଶ କୃଷ୍ଣନ୍, ମାର୍କେଟିଂ ମୁଖ୍ୟ ଅନୀଶ ଭାର୍ଗୀସ, ଆଞ୍ଚଳିକ ପରିଚାଳକ ସୁନୀଲ ପିଏସ୍ ପ୍ରମୁଖ ଉପସ୍ଥିତ ଅଛନ୍ତି।



ଜୟଆଲୁକ୍କାସ୍ ପକ୍ଷରୁ ତାମିଲନାଡୁର ତାଞ୍ଜାଭୁର୍‌ରେ ଗ୍ରାଣ୍ଡ ନୂତନ ଦ୍ୱିତୀୟ ଶୋ'ରୁମ୍ ଉଦ୍‌ଘାଟନ ଅବସରରେ ତାଞ୍ଜାଭୁର୍ ନଗର ନିଗମର ମେୟର ଥିରୁ ସାନ ରାମାନାଥାନ୍, ଜୟଆଲୁକ୍କାସ୍‌ର କାର୍ଯ୍ୟକାରୀ ନିର୍ଦ୍ଦେଶକ ଆଣ୍ଟୋନି ଜୋସ୍ ଓ ଥମାସ୍ ମାଥ୍ୟୁ, ସିଓଓ ହେନ୍‌ରୀ ଜର୍ଜ, ରିଟେଲ ମୁଖ୍ୟ ରାଜେଶ କୃଷ୍ଣନ୍, ମାର୍କେଟିଂ ମୁଖ୍ୟ ଅନୀଶ ଭାର୍ଗୀସ ପ୍ରମୁଖ ଉପସ୍ଥିତ ଅଛନ୍ତି।

# 'ହ୍ୱାଇଟ ଗୁଡ୍ସ' ପାଇଁ ପିଏଲ୍‌ଆଇ ଯୋଜନାର ପୁନଃ ଆବେଦନ

**ଭୁବନେଶ୍ୱର,୧୪।୯(ଅନୁରାଧା ମହାରଣା)**



କେନ୍ଦ୍ର ସରକାର ଏୟାର କଣ୍ଡିଶନର ଓ ଏଲ୍‌ଇଡି ଲାଇଟ ଆଦି 'ହ୍ୱାଇଟ ଗୁଡ୍ସ' ପାଇଁ ପ୍ରଡକ୍ସନ ଲିଙ୍କ୍‌ଡ ଇନ୍‌ସେଣ୍ଟିଭ (ପିଏଲ୍‌ଆଇ) ଯୋଜନାର ଆବେଦନ ୱିଣ୍ଡୋ ୩୦ ଦିନ ପାଇଁ ପୁନଃ ଖୋଲିଛନ୍ତି। ଏହା ସୋମବାରରୁ ଅକ୍ଟୋବର ୧୪ ପର୍ଯ୍ୟନ୍ତ ଖୋଲା ରହିବ। ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ କହିଛି, ଶିଳ୍ପ ଜଗତର ଅଧିକ ନିବେଶ ଚାହିଦାକୁ ଦେଖି ଏହି ନିଷ୍ପତ୍ତି ନିଆଯାଇଛି। ଏହା ପରେ କୌଣସି ଆବେଦନ ଗ୍ରହଣ କରାଯିବ ନାହିଁ। ନୂଆ ଆବେଦନକାରୀ, ବର୍ତ୍ତମାନର ଲାଭାର୍ଥୀ ଯେଉଁମାନେ ଉଚ୍ଚ ଲକ୍ଷ୍ୟ ହାସଲ କରିବାକୁ ଚାହାନ୍ତି କିମ୍ବା ଅଧିକ ନିବେଶ ପାଇଁ ପ୍ରସ୍ତାବ ଦେଉଛନ୍ତି ଏବଂ ସେମାନଙ୍କ ଗୋଷ୍ଠୀ କମ୍ପାନୀ ଆବେଦନ କରୁଛନ୍ତି, ସେମାନେ ନିର୍ଦ୍ଧାରିତ ସର୍ତ୍ତ ସହ ଆବେଦନ କରିପାରିବେ। ଚତୁର୍ଥ ପର୍ଯ୍ୟାୟରେ ସ୍ୱୀକୃତ ଆବେଦନକାରୀ ସର୍ବାଧିକ ୨ ବର୍ଷ ପାଇଁ ପିଏଲ୍‌ଆଇ ପାଇବେ। ସରକାରଙ୍କ ତଥ୍ୟ ଅନୁସାରେ, ଏହି ଯୋଜନାରେ ବର୍ତ୍ତମାନ ସୁଦ୍ଧା ୮୩ଟି କମ୍ପାନୀକୁ ଲାଭାର୍ଥୀ ଭାବେ ଚୟନ କରାଯାଇଛି। ଏମାନେ ୧୦,୪୦୬ କୋଟି ଟଙ୍କା ନିବେଶ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏହି ନିବେଶ ଏସି ଓ ଏଲ୍‌ଇଡି ଲାଇଟ୍‌ର ସମ୍ପୂର୍ଣ୍ଣ ମୂଲ୍ୟ ଶୃଙ୍ଖଳରେ ଉପକରଣ ଉତ୍ପାଦନକୁ ବୃଦ୍ଧି କରିବ, ଯେଉଁଥିରେ ବର୍ତ୍ତମାନ ଭାରତରେ ପର୍ଯ୍ୟାପ୍ତ ମାତ୍ରାରେ ଉତ୍ପାଦନ ହେଉ ନ ଥିବା ଉପକରଣ ମଧ୍ୟ ଅନ୍ତର୍ଭୁକ୍ତ ରହିଛି। ୨୦୨୧ ଏପ୍ରିଲ ୭ରେ ଏହି ଯୋଜନାକୁ କେନ୍ଦ୍ରୀୟ କ୍ୟାବିନେଟ ଅନୁମୋଦନ କରିଥିଲା। ଏହା ୨୦୨୧-୨୨ରୁ ୨୦୨୮-୨୯ ପର୍ଯ୍ୟନ୍ତ ୭ ବର୍ଷ ପାଇଁ କାର୍ଯ୍ୟକାରୀ ହେବ ଏବଂ ଏହାର କ୍ୟାପିଟାଲ ଏକ୍ସପେଣ୍ଡିଚର ଖର୍ଚ୍ଚ ୬,୨୩୮ କୋଟି ଟଙ୍କା। ସୂଚନା ଥାଉକି, ପିଏଲ୍‌ଆଇ ଯୋଜନା ହେଉଛି ଭାରତ ସରକାରଙ୍କ ଏକ ପ୍ରମୁଖ ଶିଳ୍ପ ନୀତି। ଏହା ଅଧୀନରେ କମ୍ପାନୀଗୁଡ଼ିକୁ ସେମାନଙ୍କ ସମୃଦ୍ଧିଶୀଳ ଉତ୍ପାଦନ ଆଧାରରେ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଏ। ଏହା ଭାରତକୁ ବିଶ୍ୱ ଉତ୍ପାଦନ କେନ୍ଦ୍ର କରିବା ସହ 'ମେକ୍ ଇନ୍ ଇଣ୍ଡିଆ' ଓ 'ଆତ୍ମନିର୍ଭର ଭାରତ'କୁ ସଶକ୍ତ କରି ଘରୋଇ ଉତ୍ପାଦନ, ନୂଆ ରୋଜଗାର ଓ ରପ୍ତାନି କ୍ଷମତା ବୃଦ୍ଧି ଲକ୍ଷ୍ୟ ରଖିଛି।

# ବିଓଆଇ ପକ୍ଷରୁ ରି-କେୱାଇସି ପରିପୂର୍ତ୍ତି ଅଭିଯାନ

**ଭୁବନେଶ୍ୱର,୧୪।୯(ଅନୁରାଧା ମହାରଣା)**

ବ୍ୟାଙ୍କ ଅଫ୍ ଇଣ୍ଡିଆ (ବିଓଆଇ), ଭୁବନେଶ୍ୱର ରିଜିଅନ ପକ୍ଷରୁ ପୁରୀ ଜିଲା ଅରଖକୁଦା ଓ ଗୋପିନାଥପୁର ପଞ୍ଚାୟତରେ ରି-କେୱାଇସି ପରିପୂର୍ତ୍ତି ଅଭିଯାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବ୍ୟାଙ୍କର ଭୁବନେଶ୍ୱର ଅଞ୍ଚଳର ଉପଆଞ୍ଚଳିକ ପ୍ରବନ୍ଧକ ଶ୍ୟାମଳ କୁମାର ଦାସ, ଅରଖକୁଦା ପଞ୍ଚାୟତର ସରପଞ୍ଚ ସୁମିତ୍ରା ବେହେରା, ଗୋପିନାଥପୁର ପଞ୍ଚାୟତର ସରପଞ୍ଚ ସରୋଜ କୁମାର ଲେଙ୍କା ଏବଂ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆର ଅଧିକାରୀ ସନ୍ତୋଷ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ରି-କେୱାଇସି, ପିଏମ୍‌ଜେଜେୱାଇ, ପିଏମ୍‌ଏସ୍‌ବିୱାଇ, ଅଟଳ ପେନ୍‌ସନ ଯୋଜନା ଏବଂ ଓ ଅମୁଦ୍‌ସମ୍ୟାନ ଆଦି ଗୁରୁତ୍ୱପୂର୍ଣ୍ଣ ବିଷୟରେ ସଚେତନତା ସୃଷ୍ଟି କରାଯାଇଥିଲା। ଉପ-ଆଞ୍ଚଳିକ ପ୍ରବନ୍ଧକ ଦାସ ସମାଜରେ ସାମାଜିକ ସୁରକ୍ଷା ଯୋଜନାର ପ୍ରଭାବ ଉପରେ ଗୁରୁତ୍ୱାରୋପ କରିଥିବା ସହ ଗ୍ରାମାଞ୍ଚଳରେ ବ୍ୟାଙ୍କିଙ୍ଗ୍ ସେବାର ପ୍ରବେଶ ଉପରେ ଗୁରୁତ୍ୱ ଦେଇଥିଲେ।

# ୟୁପିଆଇ ଟ୍ରାଞ୍ଜାକ୍ସନ ସୀମା ୧୦ ଲକ୍ଷକୁ ବୃଦ୍ଧି

**ଭୁବନେଶ୍ୱର,୧୪।୯(ଅନୁରାଧା ମହାରଣା)**

ନ୍ୟାଶନାଲ ପେମେଣ୍ଟସ କର୍ପୋରେଶନ ଅଫ ଇଣ୍ଡିଆ (ଏନପିସିଆଇ) ସେପ୍ଟେମ୍ବର ୧୫ରୁ ପର୍ସନ-ଟୁ-ମର୍ଚ୍ଚାଣ୍ଟ (ପି୨ଏମ) ୟୁପିଆଇ ଟ୍ରାଞ୍ଜାକ୍ସନର ସୀମା ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି କରିଛି। ଏହା ଦ୍ୱାରା ୟୁପିଆଇ ବ୍ୟବହାର କରୁଥିବା ବଡ଼ ନେଣଦେଣ ଆହୁରି ସହଜ ହେବ। କ୍ୟାପିଟାଲ ମାର୍କେଟରେ ନିବେଶ ଓ ବୀମା ପ୍ରିମିୟମ ପେମେଣ୍ଟର ସୀମା ୨ ଲକ୍ଷରୁ ୫ ଲକ୍ଷ ଟଙ୍କାଙ୍କୁ ବୃଦ୍ଧି କରାଯାଇଛି। ମାତ୍ର ଦିନକୁ ସର୍ବାଧିକ ୧୦ ଲକ୍ଷ ଟଙ୍କାରୁ ଅଧିକ ପେମେଣ୍ଟ କରାଯାଇ ପାରିବ ନାହିଁ। କ୍ୟାପିଟାଲ ମାର୍କେଟ, ବୀମା ପ୍ରିମିୟମ, କ୍ରେଡିଟ କାର୍ଡ ବିଲ, ଟ୍ରାଭେଲ ଓ ସରକାରୀ ଇ-ମାର୍କେଟପ୍ଲେସ (ଜିଇଏମ) ଭଳି କ୍ଷେତ୍ରରେ ପ୍ରତି ଟ୍ରାନ୍ସାକ୍ସନର ସୀମା ୨ ଲକ୍ଷରୁ ୫ ଲକ୍ଷ ଟଙ୍କା ହୋଇଛି। ଗହଣା ଓ ବ୍ୟାଙ୍କିଂ ସେବା ୟୁପିଆଇ ମାଧ୍ୟମରେ ଗହଣା କ୍ରୟର ସୀମା ପ୍ରତି ଟ୍ରାଞ୍ଜାକ୍ସନ ୧ ଲକ୍ଷରୁ ବଢ଼ି ୨ ଲକ୍ଷ ଟଙ୍କା କରାଯାଇଛି। ଏହି କ୍ଷେତ୍ରରେ ଦୈନିକ ସର୍ବାଧିକ ୬ ଲକ୍ଷ ଟଙ୍କା ଟ୍ରାଞ୍ଜାକ୍ସନ କରାଯାଇ ପାରିବ। ଡିଜିଟାଲ ଅନବୋର୍ଡିଂ ମାଧ୍ୟମରେ ଫିକ୍ସଡ ଡିପୋଜିଟ ଭଳି ବ୍ୟାଙ୍କିଂ ସେବା ପାଇଁ ପ୍ରତି ଟ୍ରାଞ୍ଜାକ୍ସନ ୫ ଲକ୍ଷ ଟଙ୍କା ସୀମା ରହିଛି। ତେବେ, ପର୍ସନ-ଟୁ-ପର୍ସନ (ପି୨ପି) ପେମେଣ୍ଟର ଦୈନିକ ସୀମା ୧ ଲକ୍ଷ ଟଙ୍କା ଅପରିବର୍ତ୍ତିତ ରହିଛି। ଏନପିସିଆଇର ଏହି ପଦକ୍ଷେପ ବଡ଼ ନେଣଦେଣକୁ ସହଜ କରି ଗ୍ରାହକ ଅଭିଜ୍ଞତା ଉନ୍ନତ କରିବା ଲକ୍ଷ୍ୟ ରଖିଛି। ଏହା ବିଭିନ୍ନ କ୍ଷେତ୍ରରେ ପେମେଣ୍ଟ ପ୍ରକ୍ରିୟାକୁ ସୁଗମ କରିବ ଏବଂ ଉପଭୋକ୍ତା ଓ ବ୍ୟବସାୟୀ ଉଭୟଙ୍କୁ ଉପକୃତ କରିବ।

# କମିବନି ୫ଟଙ୍କିଆ ଚିପ୍ସ, ବିସ୍କୁଟ ଦାମ

**ଭୁବନେଶ୍ୱର,୧୪।୯**

କେନ୍ଦ୍ର ସରକାର ଜିଏସଟି ସଂସ୍କାରରେ ବଡ଼ ପରିବର୍ତ୍ତନ ଆଣିଛନ୍ତି, ଯାହା ଦୈନନ୍ଦିନ ଜୀବନରେ ବ୍ୟବହୃତ ଜିନିଷକୁ ଶସ୍ତା କରିବ। ଜିଏସଟି କାଉନସିଲ ଅନେକ ଜିନିଷରେ ଟିକସ ହାର ହ୍ରାସ କରି ୫% ଓ ୧୮% ଦୁଇଟି ଟିକସ ହାରକୁ ଅନୁମୋଦନ କରିଛି। ନୂଆ ହାର ୨୨ ସେପ୍ଟେମ୍ବର ୨୦୨୫ରୁ ଲାଗୁ ହେବ। ଏହାଦ୍ୱାରା ବିସ୍କୁଟ, ସାବୁନ, ଟୁଥପେଷ୍ଟ ଭଳି ଜିନିଷ ଶସ୍ତା ହେବ।ତେବେ, ମନିକଂଟ୍ରୋଲ ଡଟ କମର ରିପୋର୍ଟ ଅନୁସାରେ, ଏଫଏମସିଜି କମ୍ପାନୀମାନେ କହିଛନ୍ତି ଯେ ୫ ଟଙ୍କାର ଚିପ୍ସ, ବିସ୍କୁଟ, ୧୦ ଟଙ୍କାର ସାବୁନ ଓ ୨୦ ଟଙ୍କାର ଟୁଥପେଷ୍ଟର ଦାମ ଅପରିବର୍ତ୍ତିତ ରହିବ। କାରଣ, ଭାରତୀୟ ଗ୍ରାହକ ଏହି ମାନକ ମୂଲ୍ୟରେ ଅଭ୍ୟସ୍ତ। ୧୦ କିମ୍ବା ୨୦ ଟଙ୍କା ବଦଳରେ ୯ କିମ୍ବା ୧୮ ଟଙ୍କା କଲେ ଗ୍ରାହକଙ୍କ ମନରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇପାରେ, ଯାହା ସେମାନଙ୍କ କ୍ରୟ ଅଭ୍ୟାସ ଓ ବିକ୍ରି ଉପରେ ପ୍ରଭାବ ପକାଇବ। ଏହି ପଦକ୍ଷେପ ଗ୍ରାହକଙ୍କ ସୁବିଧା ଓ ବଜାର ସ୍ଥିରତା ମଧ୍ୟରେ ସନ୍ତୁଳନ ରକ୍ଷା କରିବ।

## ଜନ୍ମଦିନର ଶୁଭେଚ୍ଛା

ନାମ: ........................................
ବୟସ: ........................................
ଜନ୍ମ ତାରିଖ: ........................................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସ୍କୁଲ ହଷ୍ଟେଲରେ ୧୩ ଛାତ୍ରୀ ଅସୁସ୍ଥ, କାରଣ ଅସ୍ପଷ୍ଟ

**ଜୟପୁର,୧୪।୯(ପବନ ପାଣିଗ୍ରାହୀ)**

କୋରାପୁଟ ଜିଲା କୁନ୍ଦୁରା ବ୍ଲକ୍ ଭେଜାହାଣ୍ଡି ୟୁପିଏସ୍ ନୋଡାଲ ସ୍କୁଲ ହଷ୍ଟେଲର ୧୩ଜଣ ଛାତ୍ରୀ ରବିବାର ଅସୁସ୍ଥ ହୋଇପଡ଼ିଛନ୍ତି। ସେମାନଙ୍କୁ ଜୟପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଗତ ୩ ଦିନ ଭିତରେ ମୋଟ ୨୪ ଜଣ ଛାତ୍ରୀ ଝାଡ଼ାରେ ଆକ୍ରାନ୍ତ ହୋଇଛନ୍ତି। ତେବେ ଏହାର କାରଣ ଅସ୍ପଷ୍ଟ ରହିଛି।

ସୂଚନା ଅନୁଯାୟୀ, ୩ ଦିନ ତଳେ ଉକ୍ତ ହଷ୍ଟେଲର ୯ଜଣ ଦଶମ ଶ୍ରେଣୀ ଛାତ୍ରୀ ଝାଡ଼ାରେ ଆକ୍ରାନ୍ତ ହୋଇଥିଲେ। ସେମାନଙ୍କୁ କୁନ୍ଦୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୬ଜଣ ସୁସ୍ଥ ହୋଇଥିବା ବେଳେ ୩ ଜଣଙ୍କୁ ଜିଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଶନିବାର ଅନ୍ୟ ୪ ଛାତ୍ରୀ ଝାଡ଼ା ହେବାରୁ ସେମାନଙ୍କୁ ହଷ୍ଟେଲରେ ଔଷଧ ଦେଇ ଚିକିତ୍ସା କରାଯାଇଥିଲା। ରବିବାର ହଷ୍ଟେଲର ଷଷ୍ଠ, ସପ୍ତମ ଓ ଦଶମ ଶ୍ରେଣୀର ୧୩ ଛାତ୍ରୀ ଝାଡ଼ାରେ ଆକ୍ରାନ୍ତ ହେବାରୁ ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିବା ୱାର୍ଡେନ୍ ତନୁଶ୍ରୀ ଜେନା ସୂଚନା ଦେଇଛନ୍ତି। ଛାତ୍ରୀମାନଙ୍କ ଚିକିତ୍ସା ଜାରି ରହିଛି। ସେମାନଙ୍କ ମଧ୍ୟରେ ଝାଡ଼ା ବ୍ୟତୀତ ଅନ୍ୟ କୌଣସି ଲକ୍ଷଣ ଦେଖାଯାଉ ନ ଥିବା ୱାର୍ଡେନ୍ କହିଛନ୍ତି। ଆକ୍ରାନ୍ତ ସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ନୋଡାଲ ସ୍କୁଲରେ ଶହେ ସିଟ୍ ବିଶିଷ୍ଟ ହଷ୍ଟେଲରେ ୪ର୍ଥରୁ ୧୦ମ ଶ୍ରେଣୀର ଛାତ୍ରୀ ରହୁଛନ୍ତି। ହଷ୍ଟେଲରେ ସ୍ୱାସ୍ଥ୍ୟ କର୍ମୀଙ୍କ ଟିମ୍ ପହଞ୍ଚି ଅନ୍ୟ ଛାତ୍ରୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିବା ଜଣାପଡ଼ିଛି।

**୩ ଦିନରେ ୨୪ ଛାତ୍ରୀ ଝାଡ଼ାରେ ଆକ୍ରାନ୍ତ**


SPOT ADMISSION 2025-27
B.Ed
Approved by NCTE & Govt of Odisha
BAJIRAO B.ED ACADEMY LLP
Education For All !!!
Near Ganjam Kala Parishad, Berhampur -760001
99380 25554
63708 53214

VIKRAMA SIMHAPURI UNIVERSITY, Andra Pradesh
YOGI VEMANA UNIVERSITY, Andra Pradesh
Equivalent to Utkal & FM University
B.Ed. Regular (2025-27)
₹80,000/-
Total Course Fee
Counselling Centre - Odisha
Khan Nagar, Badambadi, Cuttack-12
7749063161
9439857522


**ବାକ୍ସରେ ଛାତ୍ରଙ୍କୁ ପୂରାଇବା ଘଟଣା**

# ଛାତ୍ରାବାସ ଦାୟିତ୍ୱରୁ ହଟିଲେ ଶିକ୍ଷୟିତ୍ରୀ

**ବଣାଇଁ,୧୪।୯(ପ୍ରଦୀପ ତ୍ରିପାଠୀ)**

ସୁନ୍ଦରଗଡ଼ ଜିଲା ଗୁରୁଣ୍ଡିଆ ବ୍ଲକ ଅନ୍ତର୍ଗତ ଜର୍ଡା ସରକାରୀ ନୋଡାଲ ହାଇସ୍କୁଲର ଛାତ୍ରାବାସରୁ ଶୁକ୍ରବାର ଜଣେ ଛାତ୍ର ଅଚେତ ଅବସ୍ଥାରେ ବାକ୍ସ ଭିତରୁ ଉଦ୍ଧାର ହେବା ଘଟଣାରେ ପ୍ରଶାସନ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ଛାତ୍ରାବାସ ଦାୟିତ୍ୱରେ ଥିବା ଶିକ୍ଷୟିତ୍ରୀ ମୀନା କିଷାନଙ୍କୁ ଦାୟିତ୍ୱରୁ ହଟାଯାଇଛି। ଏଣିକି ଜଣେ ନୁହେଁ, ସମସ୍ତ ଶିକ୍ଷକ ରୋଷ୍ଟର କ୍ରମରେ ଛାତ୍ରାବାସ ଦାୟିତ୍ୱ ତୁଲାଇବେ ବୋଲି ପ୍ରଧାନ ଶିକ୍ଷକ ଗଙ୍ଗାଧର ସେଠ୍ ସୂଚନା ଦେଇଛନ୍ତି। ଗୁରୁଣ୍ଡିଆ ପୋଲିସ ଘଟଣାର ତଦନ୍ତ ଚଳାଇଛି।

ସୂଚନା ଅନୁଯାୟୀ, ଜର୍ଡା ସରକାରୀ ନୋଡାଲ ହାଇସ୍କୁଲର ଛାତ୍ରାବାସରୁ ଗତ ୧୨ ତାରିଖରେ ଜଣେ ଛାତ୍ରଙ୍କୁ ଅଚେତ ଅବସ୍ଥାରେ ବାକ୍ସ ଭିତରୁ ଉଦ୍ଧାର କରାଯାଇଥିଲା। ମାଡ଼ ଭୟରେ ଉକ୍ତ ଛାତ୍ରଙ୍କୁ ତାଙ୍କର ଜଣେ ସହପାଠୀ ଏକ ବାକ୍ସ ଭିତରେ ପୂରାଇ ଦେଇଥିବା ପରିବାର ଲୋକେ ଅଭିଯୋଗ କରିଥିଲେ। ଏହି ଘଟଣା ପ୍ରଚାରିତ ହେବା ପରେ ଶନିବାର ବଣାଇଁ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ସ୍ୱଦୀପ ଟପ୍ପୋ, ଗୁରୁଣ୍ଡିଆ ବିଡିଓ ହାବିଲ ହାଖା, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ବିଦ୍ୟାଳୟରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ସ୍କୁଲର ପ୍ରଧାନ ଶିକ୍ଷକ ପିଟିଏ କମିଟି ବୈଠକ ଡାକି ଛାତ୍ରାବାସ ଦାୟିତ୍ୱରେ ଥିବା ଶିକ୍ଷୟିତ୍ରୀ ମୀନାଙ୍କୁ ଦାୟିତ୍ୱରୁ ହଟାଇଛନ୍ତି। ଛାତ୍ରାବାସ ଦାୟିତ୍ୱରେ ଥିବା ଶିକ୍ଷୟିତ୍ରୀ ବିଦ୍ୟାଳୟରେ ନ ରହି କୁଚିଣ୍ଡାରୁ ଯିବା ଆସିବା କରିଥାନ୍ତି। ଅଭିଭାବକମାନେ ଶିକ୍ଷକଙ୍କ ଭରସାରେ ପିଲାଙ୍କୁ ଛାଡ଼ି ଦେଉଥିବା ବେଳେ ଏଭଳି ଦାୟିତ୍ୱହୀନତା ସରକାରୀ ଛାତ୍ରାବାସ ପରିଚାଳନାକୁ ବଦ୍‌ନାମ କରିଥିବା ସ୍ପଷ୍ଟ ହୋଇଯାଇଛି। ସ୍ଥାନୀୟ ବାସିନ୍ଦା ଛାତ୍ରାବାସ ଦାୟିତ୍ୱରେ ଥିବା ଶିକ୍ଷୟିତ୍ରୀଙ୍କୁ ଦାୟୀ କରିଥିବା ବେଳେ ଆଜିକୁ ପ୍ରାୟ ୮ ବର୍ଷ ହେଲା ସେ ଏହି ଦାୟିତ୍ୱ ତୁଲାଉଥିବା ଓ ପୂର୍ବରୁ ଛାତ୍ରମାନେ ତାଙ୍କ ନାଁରେ ଅଭିଯୋଗ ଆଣିଥିବା କହିଛନ୍ତି। ତାଙ୍କ ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

ଉଲ୍ଲେଖଯୋଗ୍ୟ, କୌଣସି କାରଣ ଯୋଗୁ ତୃତୀୟ ଶ୍ରେଣୀର ଛାତ୍ର ଏବଂ ତାଙ୍କର ସହପାଠୀଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏଥିରେ ଭୟଭୀତ ହୋଇ ମାଡ଼ ଭୟରେ ଜଣେ ସହପାଠୀ ତାଙ୍କୁ ଏକ ବାକ୍ସ ଭିତରେ ପୂରାଇ ଦେଇଥିଲେ। ପ୍ରାର୍ଥନା କ୍ଲାସ ପରେ ରୋଲ୍ ନମ୍ବର ପଡ଼ିବା ସମୟରେ ଛାତ୍ର ଜଣକ ଅନୁପସ୍ଥିତ ଥିବା ଜଣାପଡ଼ିଥିଲା। ଏହା ଦେଖି ୱାର୍ଡେନ ପ୍ରଧାନଶିକ୍ଷକଙ୍କୁ ଜଣାଇ ସମସ୍ତେ ଖୋଜିଥିଲେ। କୌଣସି ସ୍ଥାନରେ ତାଙ୍କୁ ନ ପାଇବା ପରେ ତାଙ୍କ ଘରକୁ ଫୋନ କରିଥିଲେ। ପରିବାର ଲୋକେ ଛାତ୍ରାବାସରେ ପହଞ୍ଚି ଖୋଜାଖୋଜି କରିଥିଲେ। ଏହି ସମୟରେ ଏକ ବନ୍ଦ ବାକ୍ସ ଭିତରୁ କିଛି ଶବ୍ଦ ଶୁଣାଯାଇଥିଲା। ପରିବାର ଲୋକେ ଖୋଲିବା ପରେ ଅଚେତ ଅବସ୍ଥାରେ ଛାତ୍ରଙ୍କୁ ଉଦ୍ଧାର କରିଥିଲେ। ପରେ ତାଙ୍କୁ ଜର୍ଡା ଡାକ୍ତରଖାନାରେ ଚିକିତ୍ସା କରିବା ପରେ ଘରକୁ ନେଇଯାଇଥିଲେ।

# ସୁରଟରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ



ଶିବରାମ ପଲେଇ (ଫାଇଲ ଫଟୋ)

**ଧରାକୋଟ,୧୪।୯(ବିଷ୍ଣୁ କେଶରୀ ଆଚାର୍ଯ୍ୟ)**

ଗଞ୍ଜାମ ଜିଲା ଧରାକୋଟ ବ୍ଲକର ଓଳମ୍ବା ପଞ୍ଚାୟତ ଅନ୍ତର୍ଗତ କସେଇ ଗ୍ରାମର ଜଣେ ଯୁବକଙ୍କ ସୁରଟରେ ମୃତ୍ୟୁ ଘଟିଛି। ସେ ହେଲେ ଏହି ଗ୍ରାମର ପୀତବାସ ପଲେଇଙ୍କ ପୁଅ ଶିବରାମ (୩୦)। ଶିବରାମ ଗୁଜରାଟର ସୁରଟରେ ଏକ ସୂତା କଳରେ ଦୀର୍ଘ ୧୦ ବର୍ଷ ଧରି ଶ୍ରମିକ ରୂପେ କାମ କରୁଥିଲେ। ସେଠାରେ ସେ ଅପେକ୍ଷା ନଗର ହାଉସିଂ ବୋର୍ଡରେ ରହୁଥିଲେ। ଶନିବାର ରାତି ୯ଟାରେ ପାଣି ମୋଟର ସୁଇଚ ମାରିବା ବେଳେ ଅଚାନକ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ସେ ଗୁରୁତର ହୋଇ ପଡ଼ିଥିଲେ। ତାଙ୍କୁ ତୁରନ୍ତ ନିକଟସ୍ଥ ମେଡିକାଲକୁ ନିଆଯାଇଥିଲାସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶିବରାମ ପରିବାର ଅତି ଗରିବ ଶ୍ରେଣୀର। ସେ ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିଲେ। ଶିବରାମଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ପ୍ରଶାସନ ନିକଟରେ ଗ୍ରାମବାସୀ ଦାବି କରିଛନ୍ତି। ତେବେ ଗ୍ରାମକୁ ମୃତଦେହ ଆଣି ନ ପାରି ପରିବାର ଲୋକେ ସୁରଟରେ ସହଯୋଗୀମାନଙ୍କ ସହାୟତାରେ ତାଙ୍କର ସତ୍କାର କରିଥିବା ଜଣାପଡ଼ିଛି।

# ୨୦୨୯ ଆମର: କେ.ସି. ବେଣୁଗୋପାଳ

**ଗାନ୍ଧୀ ଜୟନ୍ତୀରୁ ରାଜ୍ୟସାରା ପଦଯାତ୍ରା**

**ଭୁବନେଶ୍ୱର,୧୪।୯(ରବିନାରାୟଣ ଜେନା)**

କୌଣସି ନେତା ବଡ଼ କିମ୍ବା ଛୋଟ ନୁହନ୍ତି। ସମସ୍ତେ କଂଗ୍ରେସ ନେତା। ଓଡ଼ିଶାରେ ଭକ୍ତଚରଣ ଦାସଙ୍କ ନେତୃତ୍ୱରେ କଂଗ୍ରେସ ଠିକଣା ବାଟରେ ଚାଲୁଛି। ଦଳର ନେତା ଓ କର୍ମୀମାନେ କଠିନ ପରିଶ୍ରମ କଲେ ଉଭୟ ଭାଜପା-ବିଜେଡିକୁ ହରାଇବା ସମ୍ଭବ। ୨୦୨୯ ଆମର ହେବ ବୋଲି ଏଆଇସିସି ସାଧାରଣ ସମ୍ପାଦକ(ସଙ୍ଗଠନ) କେ.ସି. ବେଣୁଗୋପାଳ କହିଛନ୍ତି।




ରବିବାର କଂଗ୍ରେସ ଭବନରେ ପଲିଟିକାଲ ଆଫେୟାର୍ସ କମିଟି ବୈଠକରେ ବେଣୁଗୋପାଳ କହିଛନ୍ତି, ଜାତୀୟ ସ୍ତରରେ ଯେଉଁଭଳି ଲଢ଼େଇ ହେଉଛି ସେଭଳି ଓଡ଼ିଶାରେ ଭୋଟ ଚୋରି ପ୍ରସଙ୍ଗ ସହ ମହିଳାଙ୍କୁ ନ୍ୟାୟ, ଆଦିବାସୀ ଓ ବେରୋଜଗାର ମୁଖ୍ୟ ପ୍ରସଙ୍ଗ ହେବ। ଖୁବ୍ କମ୍‌ଦିନ ମଧ୍ୟରେ ଓଡ଼ିଶାରେ ଭାଜପା ଆଣ୍ଟି ପିପୁଲ ହୋଇଯାଇଛି। ଭାଜପା ସରକାର ବିରୋଧରେ କେନ୍ଦ୍ରରେ ଯେମିତି ଲଢ଼େଇ ଚାଲିଛି ଓଡ଼ିଶାରେ ବି ସେମିତି ଲଢ଼େଇ ଜୋରଦାର ହେବ।

ସେ କହିଛନ୍ତି, ଭୋଟର ପରିଚୟପତ୍ର ସ୍ୱତନ୍ତ୍ର ସଘନ ସଂଶୋଧନ(ଏସ୍ଆଇଆର) ଦେଶର ଗଣତନ୍ତ୍ରକୁ ଧ୍ୱଂସ କରିବାର ଯୋଜନା କରୁଛି। ଏହା କେବଳ ଭୋଟ ଚୋରି ପାଇଁ ଉଦ୍ଦିଷ୍ଟ। ନିର୍ବାଚନ କମିଶନ ନିରପେକ୍ଷ ହୋଇ ରହିନାହିଁ। ଭୋଟ ଚୋରି ମାଧ୍ୟମରେ ହିଁ ଭାଜପା ଗୋଟିଏ ପରେ ଗୋଟିଏ ରାଜ୍ୟରେ କ୍ଷମତାସୀନ ହେବାକୁ ଚେଷ୍ଟା କରୁଛି। ତେଣୁ ଓଡ଼ିଶାରେ ଆଗ୍ରେସିଭ ଢଙ୍ଗରେ କାମ କରିବାକୁ ହେବ।

ସେ ଆହୁରି କହିଛନ୍ତି, କିଛି ଦିନରେ ସୃଜନ ପ୍ରକ୍ରିୟାରେ ଦେଶର ସମସ୍ତ ଜିଲାରେ ସଙ୍ଗଠନ ହୋଇଯାଇଥିବ। ଆସନ୍ତା ୩୦ ସେପ୍ଟେମ୍ବର ସୁଦ୍ଧା ଓଡ଼ିଶାର ସମସ୍ତ ୩୫ ସାଙ୍ଗଠନିକ ଜିଲାର ସଭାପତି ଚୟନ କାର୍ଯ୍ୟ ଶେଷ ହେବ। ଦଳର ନେତା ରାହୁଲ ଗାନ୍ଧୀଙ୍କ ମାର୍ଗଦର୍ଶନରେ ଗୁଜରାଟରେ ହୋଇଥିବା ୧୦ ଦିନିଆ ପ୍ରଶିକ୍ଷଣ ଶିବିର ଶୈଳୀରେ ଓଡ଼ିଶା କଂଗ୍ରେସ ମଧ୍ୟ ଅନୁରୂପ କାର୍ଯ୍ୟକ୍ରମ କରିବ।

ଏହି ଅବସରରେ ବେଣୁଗୋପାଳ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ଦ୍ୱାରା ପ୍ରସ୍ତାବିତ ଗାନ୍ଧୀ ଜୟନ୍ତୀଠାରୁ ହେବାକୁ ଥିବା ବର୍ଷବ୍ୟାପୀ ପଦଯାତ୍ରାକୁ ପ୍ରଶଂସା କରି କହିଲେ, ଏଥିରେ ଯେପରି ସମସ୍ତ ସକ୍ରିୟ ନେତା ଓ କର୍ମୀ ଭାଗ ନିଅନ୍ତି ତାହା ଦେଖିବାକୁ ହେବ। ପି.ଏ.ସି. ବୈଠକରେ ଅଧ୍ୟକ୍ଷତା କରି ଏଆଇସିସିର ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁ କହିଥିଲେ, କଂଗ୍ରେସ ଏବେ ରାଜ୍ୟରେ ଆଗକୁ ବଢ଼ୁଛି। ପିସିସି ସଭାପତି କହିଲେ, ସଂଗଠନ ସୃଜନରେ ଅଗଣିତ କଂଗ୍ରେସ ନେତା ଓ କର୍ମୀଙ୍କ ଅକ୍ଲାନ୍ତ ପରିଶ୍ରମ ବୃଥା ଯିବନାହିଁ। ଆସନ୍ତା ଅକ୍ଟୋବର ୨ରୁ ବର୍ଷବ୍ୟାପୀ ପଦଯାତ୍ରାରେ ଭାଗନେବାକୁ ସେ ଦଳର ନେତା ଓ କର୍ମୀଙ୍କୁ ଆହ୍ୱାନ କରିଥିଲେ।

ପିଏସି ବୈଠକରେ ଦୁଇଟି ପ୍ରମୁଖ ପ୍ରସଙ୍ଗକୁ ନେଇ ଜୋର୍ ଚର୍ଚ୍ଚା ହୋଇଥିଲା। ସେଥିମଧ୍ୟରେ ଜିଲା ସଭାପତି ଚୟନ ଓ ଭୋଟ ଚୋରି କାର୍ଯ୍ୟକ୍ରମକୁ ଜୋରଦାର କରିବାକୁ ନିଷ୍ପତ୍ତି ହୋଇଛି। ଏହାସହିତ ତୃଣମୂଳ ସ୍ତରକୁ ମଜଭୁତ କରିବା ସହ ବିଧାନସଭା ଭିତରେ ଓ ବାହାରେ ଲଢ଼େଇ ହେବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ବୈଠକରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ପ୍ରମୁଖ ଉପସ୍ଥିତ ଥିଲେ।

# ହାତ ଧରିଲେ ହରିଶଙ୍କର

**ଭୁବନେଶ୍ୱର,୧୪।୯(ରବିନାରାୟଣ ଜେନା)**

ନିକଟରେ ବିଜେଡି ଛାଡ଼ିଥିବା ଛାତ୍ରନେତା ତଥା ରେଭେନ୍ସା କଲେଜର ପୂର୍ବତନ ଛାତ୍ରସଂଘ ସଭାପତି ହରିଶଙ୍କର ରାଉତ ରବିବାର ହାତ ଧରିଛନ୍ତି। କଂଗ୍ରେସ ଭବନଠାରେ ଅନୁଷ୍ଠିତ ମିଶ୍ରଣପର୍ବରେ ଏଆଇସିସି ସଙ୍ଗଠନ ସମ୍ପାଦକ କେ.ସି. ବେଣୁଗୋପାଳଙ୍କ ଉପସ୍ଥିତିରେ ହରିଶଙ୍କର ତାଙ୍କର ସମର୍ଥକଙ୍କ ସହ କଂଗ୍ରେସରେ ସାମିଲ ହୋଇଛନ୍ତି। ଏହି ଅବସରରେ ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁ ଏବଂ ପିସିସି ସଭାପତି ଭକ୍ତ ଚରଣ ଦାସ ପ୍ରମୁଖ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ହରିଶଙ୍କରଙ୍କୁ କଂଗ୍ରେସ ଦଳକୁ ସ୍ୱାଗତ କରିଥିଲେ। ଏହି ଅବସରରେ ଭକ୍ତ କହିଥିଲେ, ରାଜ୍ୟରେ ଭାଜପା ଓ ବିଜେଡି ଲୋକଙ୍କଠାରୁ ଆସ୍ଥା ହରାଇ ସାରିଛନ୍ତି। କଂଗ୍ରେସ ଏବେ ଏକମାତ୍ର ବିକଳ୍ପ। ମିଶ୍ରଣ ପର୍ବ କାର୍ଯ୍ୟକ୍ରମକୁ ଏଆଇସିସି ଓଡ଼ିଶା ସହ ପ୍ରଭାରୀ ଶାହନୱାଜ ଚୌଧୁରୀ ସଂଯୋଜନା କରିଥିବା ବେଳେ ଏମ୍‌ପି ସପ୍ତଗିରି ଉଲ୍ଲାକା, ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ୍, ପିସିସି କୋଷାଧ୍ୟକ୍ଷ ସିଦ୍ଧାର୍ଥ ସ୍ୱରୂପ ଦାଶ, ରାଜ୍ୟ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ସେବା ପକ୍ଷରେ ୧ଲକ୍ଷ ଚାରା ଲଗାଇବ ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚା

**ଭୁବନେଶ୍ୱର,୧୪।୯(ରବିନାରାୟଣ ଜେନା)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୫ତମ ଜନ୍ମଦିବସ ଉପଲକ୍ଷେ ଭାଜପା ପକ୍ଷରୁ ଆରମ୍ଭ ହେବାକୁ ଥିବା ସେବାପକ୍ଷରେ ଅନୁସୂଚିତ ଜାତି ମୋର୍ଚ୍ଚା ୧ଲକ୍ଷ ଚାରା ରୋପଣ କରିବ। ଭାଜପା କାର୍ଯ୍ୟାଳୟଠାରେ ରବିବାର ଅନୁସୂଚିତ ଜାତି ମୋର୍ଚ୍ଚା ପକ୍ଷରୁ ଅନୁଷ୍ଠିତ ବୈଠକରେ ଭାଜପା ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାର କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗରିବ ଓ ଦଳିତ ବର୍ଗର ଉତ୍ଥାନ ଲାଗି ବିଭିନ୍ନ କଲ୍ୟାଣକାରୀ ଯୋଜନା ପ୍ରଣୟନ ସହ ଅନୁସୂଚିତ ଜାତିର ଆର୍ଥିକ ବିକାଶଠାରୁ ଆରମ୍ଭ କରି ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ଭଳି ଅନେକ ଉଲ୍ଲେଖନୀୟ କାର୍ଯ୍ୟ କରିଚାଲିଛନ୍ତି। ତାଙ୍କ ଜନ୍ମଦିନ ସେପ୍ଟେମ୍ବର ୧୭ରୁ ଅକ୍ଟୋବର ୨ ଗାନ୍ଧୀ ଓ ଶାସ୍ତ୍ରୀଙ୍କ ଜୟନ୍ତୀ ପର୍ଯ୍ୟନ୍ତ ସେବା ପକ୍ଷ ଭାବେ ପାଳନ କରାଯିବ। ଏହି ଅବସରରେ ରାଜ୍ୟ ଭାଜପା ମୁଖପାତ୍ର ତଥା ଅନୁସୂଚିତ ଜାତି ମୋର୍ଚ୍ଚାର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ଦିଲୀପ ମଲ୍ଲିକ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନରୁ ଆରମ୍ଭ ହେବାକୁ ଥିବା ସେବା ପକ୍ଷରେ ଚାରା ରୋପଣ, ସ୍ୱଚ୍ଛତା ଅଭିଯାନ, ସ୍ୱାସ୍ଥ୍ୟ ଶିବିର ଓ ମୋଦିଜୀଙ୍କ ଜୀବନ ଉପରେ ପ୍ରଦର୍ଶନୀ ଆୟୋଜନ କରାଯିବ। ସେବା ପକ୍ଷରେ ମଣ୍ଡଳସ୍ତରରେ "ମା' ପାଇଁ ଗଛଟିଏ" କାର୍ଯ୍ୟକ୍ରମ କରାଯାଇ ସମୁଦାୟ ୧ ଲକ୍ଷ ଚାରା ରୋପଣ କରି ସବୁଜ ପରିବେଶର ବାର୍ତ୍ତା ଦିଆଯିବ। ବୈଠକରେ ଅନୁସୂଚିତ ଜାତି ମୋର୍ଚ୍ଚାର ରାଜ୍ୟ ସାଧାରଣ ସମ୍ପାଦକ ସୀମାଞ୍ଚଳ ଖଟେଇ ପ୍ରମୁଖ ଉପସ୍ଥିତ ଥିଲେ।


# Classified Everyday
**0674-2580101, 9692975378**



**REAL ESTATE SALE**

ଭୁବନେଶ୍ୱର ପଟିଆ ନିକଟବର୍ତ୍ତୀ New ODM Global School-2 ଏବଂ KIIT କଲେଜରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଏବଂ investment ପ୍ଲଟ୍ କିଣି ଗୃହ ନିର୍ମାଣ କରନ୍ତୁ। 9692276835, 7077632085. D-1698

ଭୁବନେଶ୍ୱର ନଖରାଛକରୁ ୨ K.M. ଦୂରରେ ଘରବାରି ପ୍ଲଟ 8,40,000/- ରେ ମିଳୁଛି। 8093465134. D-1923

ଭୁବନେଶ୍ୱର NISER, IIT ଜଟଣୀ ପାଖରେ ପ୍ରସ୍ତାବିତ BDA 200ft ରୋଡକୁ ଲାଗି investment ପ୍ଲଟ୍ ପୋଜେସନ ଥାଇ Sqft.- 650/-, 850/- ବିକ୍ରି ହେଉଛି- 9337166296. D-1942

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Newly open health benefits spa by experts therapist con 8658088274. D-1866

Newly open Jyoti SPA positively health benefits (expert therapist). 8458067955. D-76936

The massage felt totally professional! & comfortable at all times- 7978109255. D-76492

**AFFIDAVIT**

I, Hadibandhu Behera, S/o- Late Kunthu Behera, Village- Chitalpur (saradhabereni), P.O.- Chitalpur, P.S.- Rasol, Dist.- Dhenkanal solemnly declare that I have changed my name from Hadi Behera to Hadibandhu Behera and father's name from Kuntha Behera to Kunthu Behera, dated- 08.09.2025 before Executive Magistrate, Hindol. D-1978

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

Shantilata Jena, W/o- Krushna Chandra Jena, Village- Mulubasanta, P.S.- Mahanga, Dist.- Cuttack- 754204, Odisha, State by virtue of affidavit No.- 7135, dt- 07.08.2025 before Executive Magistrate, Cuttack that I have changed my name Shanti Malik to Shantilata Jena and Shantilata Jena and Shanti Malik is one and same person. D-1981

Nakula Charan Jena, S/o- Maguni Jena, Village- Mulabasanta, P.S.- Mahanga, Dist.- Cuttack, Odisha- 754204, state virtue of affidavit No.- 7136, dt- 07.08.2025 before Executive Magistrate, Cuttack that I have changed Nakula Malik to Nakula Charan Jena Nakula Charan Jena and Nakula Malik is one and same person. D-1982

By virtue of an affidavit sworn before Executive Magistrate, Bhadrak, I Mamina Jena (33 yrs), W/o- Dipuna Jena, Vill/P.O.- Totapada, P.S.- Ghanteswar, Dist.- Bhadrak declare that I have changed my name in my Lic policy bearing No. 596882629 from Purnima Jena to Mamina Jena for all future purposes. D-1979

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

By virtue of an affidavit sworn before the Executive Magistrate, Garadpur, dated- 30.06.2025. I, Tapan Kumar Dash, resident of Village- Pandia, P.O.- Tikanpur, P.S.- Patkura, District.- Kendrapara, Odisha, do hereby declare that: The name of my son has been changed from "Srutiranjan Dash" to "Smruti Ranjan Dash". His Date of Birth, which was earlier recorded as "05/05/2008," stands corrected to "05/03/2009." Henceforth, my son shall be known and recognized as "Smruti Ranjan Dash", Date of Birth "05/03/2009" for all official records, documents and legal purposes.
Sd./- Tapan Kumar Dash
(Father of Smruti Ranjan Dash) D-1894

By virtue of an affidavit sworn before Notary Public, Bhubaneswar, date-08.09.2025, I, S. Surya Narayan Reddy, resident of Plot No-242, Sikharchandi Nagar, Near Tumbeswari Temple, P.O.- KIIT, P.S.- Infocity, Bhubaneswar, Dist.- Khordha, Odisha, declare that I have changed my minor son name from S.Navin Kumar to S.Naveen Kumar Reddy. Henceforth, he shall be known as S.Naveen Kumar Reddy for all purposes. D-1983

By virtue of an affidavit sworn before Executive Magistrate, Bhubaneswar, dated- 11.09.2025, I, Bijaya Kumar Parida, S/o- Kamalakanta Parida, Permanent resident of At- Sahani Sahi, Nuapada, P.O.- Nuapada, P.S.- Balipatna, Dist.- Khordha, Odisha, PIN- 752102, currently residing At- Sahani Sahi, Nuapada, P.O.- Nuapada, P.S.- Balipatna, Dist.- Khordha, Odisha, PIN- 752102, declare that I have changed my name from Bijay Kumar Parida to Bijaya Kumar Parida. Henceforth, I shall be known as Bijaya Kumar Parida for all purposes. D-1980

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

**ମନେ ପଡ଼ନ୍ତି**

ପଞ୍ଚମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



୰ମାଳତୀ ଲତା ପଣ୍ଡା
N6-505, Jaydev Vihar
ତିରୋଧାନ: ୧୧।୧୦।୨୦୨୦
ମା ତୋର ପବିତ୍ର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଭଗବାନଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ତୋର ପିଲାମାନେ
ଧ-୧୯୭୭

**ଚତୁର୍ଦ୍ଦଶ ଶ୍ରାଦ୍ଧବାର୍ଷିକୀ**



୰ ବିରଞ୍ଚି ନାରାୟଣ ଦାସ
ବମିଖାଲ, ଭୁବନେଶ୍ୱର
ସବୁକିଛି ଏଇଠି ତ ଅଛି,
କେବଳ ତୁମେ ନାହଁ ମୋ ସାଥେ।
ତୁମ ବିନା ଜୋଛନାରେ ଜଳିଯାଏ ମନ,
କିଏ ବା ଧରିବ ହାତ ଜୀବନର କଣ୍ଟାପଥେ॥
ସ୍ମୃତିର ପୃଷ୍ଠାରେ ରହିଗଲ ତୁମେ,
ଜୀବନର ପ୍ରତିଟି ପାହାଚେ।
ସବୁଠାରେ ତୁମର ଛବି,
ଆଖି ଆଗରେ ସଦା ନାଚେ॥
ତୁମର ପତ୍ନୀ, କନ୍ୟା, ବନ୍ଧୁ ଓ ପରିବାରବର୍ଗ
ଧ-୧୯୮୫

# ଦେଶର ବିକାଶରେ ଇଞ୍ଜିନିୟରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

## ଆଜି ଜାତୀୟ ଇଞ୍ଜିନିୟର୍ସ ଦିବସ



ଦେଶର ଅଭିବୃଦ୍ଧି ଓ ବିକାଶରେ ଇଞ୍ଜିନିୟରଙ୍କର ଭୂମିକା ଅନସ୍ୱୀକାର୍ଯ୍ୟ। ରାସ୍ତା, କୋଠା, ବନ୍ଧଗୁଡ଼ିକଠାରୁ ଆରମ୍ଭକରି କଳକାରଖାନା, ଯାନବାହନ, ବିଦ୍ୟୁତ ଉତ୍ପାଦନ, ଜଳସେଚନ ଆଦି ଦ୍ୱାରା ଦେଶର ପ୍ରଗତି ହୋଇଥାଏ। ଦେଶ ନିର୍ମାଣରେ ଏମାନଙ୍କର ଗୁରୁତ୍ୱକୁ ସ୍ୱୀକୃତି ଜଣାଇବା ପାଇଁ ପ୍ରତିବର୍ଷ ସେପ୍ଟେମ୍ବର ୧୫ରେ 'ଜାତୀୟ ଇଞ୍ଜିନିୟର୍ସ ଦିବସ' ପାଳନ କରାଯାଉଛି। ଏହି ଦିବସକୁ ଚୟନ କରିବାର ଉଦ୍ଦେଶ୍ୟ ଭାରତର ବିଶିଷ୍ଟ ଇଞ୍ଜିନିୟର ତଥା ଆଧୁନିକ ଭାରତର ଅନ୍ୟତମ ନିର୍ମାତା ସାର୍ ମୋକ୍ଷଗୁଣ୍ଡମ ବିଶ୍ୱେଶ୍ୱରାୟାଙ୍କ ଜନ୍ମ ଦିବସ। ଏଣୁ ଏହା ମଧ୍ୟ ହେଉଛି ତାଙ୍କ ପ୍ରତି ଆମର ଶ୍ରଦ୍ଧାଞ୍ଜଳି।

ବିଶ୍ୱେଶ୍ୱରାୟା ୧୮୬୧ ସେପ୍ଟେମ୍ବର ୧୫ରେ କର୍ନାଟକର ମୁଦେନହାଲିଠାରେ ଭୂମିଷ୍ଠ ହୋଇଥିଲେ। ପୁଣେର ବିଜ୍ଞାନ କଲେଜରୁ ସିଭିଲ ଇଞ୍ଜିନିୟରିଂ ସ୍ନାତକ ଡିଗ୍ରୀ ହାସଲ ପରେ ସେ ତତ୍କାଳୀନ ବ୍ରିଟିଶ ସରକାରଙ୍କ ଅଧୀନରେ କାର୍ଯ୍ୟ କରିଥିଲେ। ସେ ଅନେକ ବନ୍ଦର ଡିଜାଇନ୍ ଓ ନିର୍ମାଣ କରିଥିଲେ। ତେବେ ନଦୀ ବନ୍ଧ ପାଇଁ ସ୍ୱୟଂକ୍ରିୟ ଫାଟକ ଉଦ୍ଭାବନ ହେଉଛି ତାଙ୍କର ବଡ଼ କୃତି। ସେ ୧୯୦୮ରେ ସରକାରଙ୍କଠାରୁ ସ୍ୱେଚ୍ଛାକୃତ ଅବସର ନେଇ ହାଇଦ୍ରାବାଦରେ ମୁଖ୍ୟଯନ୍ତ୍ରୀ ଭାବେ ଯୋଗ ଦେଇଥିଲେ। ସେଠାରେ ସେ ମୁସି ନଦୀ ବନ୍ୟାରୁ ସହରକୁ ରକ୍ଷାକରିବା ପାଇଁ ଉପାୟ ବାହାର କରିଥିଲେ। ଏହାପରେ ମହୀଶୂର ରାଜ୍ୟର ମୁଖ୍ୟଯନ୍ତ୍ରୀ ଭାବେ ଯୋଗଦେଲେ। ମହୀଶୂର କୃଷ୍ଣରାଜସାଗର ବନ୍ଧ ହେଉଛି ତାଙ୍କର କାର୍ଯ୍ୟ। ବିଶ୍ୱେଶ୍ୱରାୟା ମହୀଶୂର ରାଜ୍ୟର ଦେୱାନ ମଧ୍ୟ ଥିଲେ। ଏହି ସମୟରେ ସେ ରାଜ୍ୟରେ ଅନେକ ସ୍କୁଲ ସ୍ଥାପନ କରିଥିଲେ। ଚନ୍ଦନ କାଠରୁ ସାବୁନ୍ ଓ ତେଲ ପ୍ରସ୍ତୁତ ପାଇଁ କାରଖାନା ସହ ଏକ ଲୁହା ଇସ୍ପାତ କାରଖାନା ମଧ୍ୟ ପ୍ରତିଷ୍ଠା କରିଥିଲେ। ଏଥିସହ ବାଙ୍ଗାଲୋରଠାରେ ଗୋଟିଏ କଲେଜ ମଧ୍ୟ ସ୍ଥାପନ କରିଥିଲେ। ବ୍ରିଟିଶ ସରକାର ତାଙ୍କୁ ୧୯୧୫ରେ 'ନାଇଟ୍' ଉପାଧି ପ୍ରଦାନ କରିଥିଲେ। ଦେଶ ସ୍ୱାଧୀନ ହେବା ପରେ ଭାରତ ସରକାର ତାଙ୍କୁ ୧୯୫୫ ମସିହାରେ ଦେଶର ସର୍ବୋଚ୍ଚ ବେସାମରିକ ସମ୍ମାନ 'ଭାରତ ରତ୍ନ' ପ୍ରଦାନ କରିଥିଲେ। ସେ ଜୀବନ ସାରା ସଚ୍ଚୋଟ, କର୍ମତତ୍ପର ଓ ନିଷ୍ଠାବାନ୍ ହୋଇ କାର୍ଯ୍ୟ କରିଥିଲେ। ଏହି ଭବ୍ୟପ୍ରତିଷ୍ଠ ଇଞ୍ଜିନିୟର ୧୯୬୨ ଏପ୍ରିଲ ୧୪ ରେ ଇହଲୀଳା ସମ୍ବରଣ କରିଥିଲେ। ଆଜିର ଦିବସରେ ଆମେ ତାଙ୍କର ସ୍ମୃତିକୁ ମନେ ପକାଇ ଦେଶକୁ ଇଞ୍ଜିନିୟରିଂ କ୍ଷେତ୍ରରେ ଆଗେଇ ନେବାକୁ ସଂକଳ୍ପ କରିବା। ତେବେ ଚଳିତ ବର୍ଷ ଇଞ୍ଜିନିୟର୍ସ ଦିବସର ଆଲୋଚ୍ୟ ବିଷୟ ହେଉଛି 'ଗଭୀର ପ୍ରଯୁକ୍ତି ଏବଂ ଇଞ୍ଜିନିୟରିଂ ଉତ୍କର୍ଷ : ଭାରତର ପ୍ରଯୁକ୍ତିବିଦ୍ୟାକୁ ଆଗକୁ ନେବା''।

**–ଇଂ. ମାୟାଧର ସ୍ୱାଇଁ,**
ମୋ : ୯୪୩୮୬୯୩୭୨୪

# ଗଣତନ୍ତ୍ରର ନୀତିଗୁଡ଼ିକୁ ପ୍ରୋତ୍ସାହନ ସହ ବଜାୟ ରଖିବାକୁ ପ୍ରାଧାନ୍ୟ



## ଅନ୍ତର୍ଜାତୀୟ ଗଣତନ୍ତ୍ର ଦିବସ

ପ୍ରତିବର୍ଷ ସେପ୍ଟେମ୍ବର ୧୫ରେ ପାଳିତ ହୋଇଆସୁଛି ଅନ୍ତର୍ଜାତୀୟ ଗଣତନ୍ତ୍ର ଦିବସ। ଏହି ଦିବସ ପାଳନର ଉଦ୍ଦେଶ୍ୟ, ଗଣତାନ୍ତ୍ରିକ ନୀତିଗୁଡ଼ିକୁ ପ୍ରୋତ୍ସାହିତ କରିବା, ମାନବାଧିକାରକୁ ବଜାୟ ରଖିବା, ଅଂଶଗ୍ରହଣକୁ ଉତ୍ସାହିତ କରିବା ଏବଂ ଅନ୍ତର୍ଭୁକ୍ତ ସମାଜକୁ ପ୍ରୋତ୍ସାହନ ଦେବା। ଏଥିସହ ଏହି ଦିବସ ସ୍ୱାଧୀନତାର ସୁରକ୍ଷା, ନିରପେକ୍ଷ ଏବଂ ସମାନ ସରକାରୀ ବ୍ୟବସ୍ଥା ଗଠନରେ ସମସ୍ତ 'ସ୍ୱର'ର ଯୋଗଦାନକୁ ଗୁରୁତ୍ୱ ପ୍ରଦାନ କରିଥାଏ। ସୂଚନାଯୋଗ୍ୟ ୨୦୦୭ରେ ଗଣତନ୍ତ୍ରର ନୀତିଗୁଡ଼ିକୁ ପ୍ରୋତ୍ସାହନ ସହ ବଜାୟ ରଖିବା ପାଇଁ ମିଳିତ ଜାତିସଂଘ ସାଧାରଣ ପରିଷଦ ଦ୍ୱାରା 'ଜାତୀୟ ଗଣତନ୍ତ୍ର ଦିବସ' ପାଳନ ଲାଗି ନିଷ୍ପତ୍ତି ନିଆଯାଇଥିଲା। ତେବେ ଏହି ଦିବସର ଉତ୍ପତ୍ତି ୧୯୮୮ ମସିହାରେ ଆରମ୍ଭ ହୋଇଥିବା ନୂତନ ଏବଂ ପୁନଃସ୍ଥାପିତ ଗଣତନ୍ତ୍ର ଉପରେ ଅନ୍ତର୍ଜାତୀୟ ସମ୍ମିଳନୀରୁ ସୃଷ୍ଟି ହୋଇଥିଲା। ଏଥିସହ ଏହା ଏକ ପ୍ରମୁଖ ମାଇଲଖୁଣ୍ଟ ଥିଲା କାରଣ ୧୯୯୭ ସେପ୍ଟେମ୍ବର ୧୫ରେ ଗଣତନ୍ତ୍ର ଉପରେ ସାର୍ବଜନୀନ ଘୋଷଣାପତ୍ର ଆନ୍ତଃ-ସଂସଦୀୟ ସଂଘ ଦ୍ୱାରା ଗୃହୀତ ହୋଇଥିଲା। ତେବେ ୨୦୦୮ ସେପ୍ଟେମ୍ବର ୧୫ରେ ପ୍ରଥମ ଅନ୍ତର୍ଜାତୀୟ ଗଣତନ୍ତ୍ର ଦିବସ ୪୬ଟି ଜାତୀୟ ସଂସଦ ଦ୍ୱାରା ପାଳନ କରାଯାଇଥିଲା।

# ନୂଆବର୍ଷରେ ଅନନ୍ୟା, କାର୍ତ୍ତିକଙ୍କ ଯୋଡ଼ି


ଅନନ୍ୟା ପାଣ୍ଡେ

**ମୁମ୍ବାଇ:** ଅଭିନେତ୍ରୀ ଅନନ୍ୟା ପାଣ୍ଡେ ଏବଂ ଅଭିନେତା କାର୍ତ୍ତିକ ଆର୍ଯ୍ୟନଙ୍କ ଆଗାମୀ ଫିଲ୍ମ 'ତୁ ମେରୀ ମେ ତେରା, ମେ ତେରା ତୁ ମେରୀ' ଫିଲ୍ମ ଆସନ୍ତା ଡିସେମ୍ବର ୩୧ରେ ରିଲିଜ୍ ହେବ। ପୂର୍ବରୁ ଏହି ଫିଲ୍ମ ଫେବୃଆରୀ ୧୩ରେ ରିଲିଜ୍ ହେବ ବୋଲି ଘୋଷଣା ହୋଇଥିଲା। ତେବେ ଫିଲ୍ମଟିକୁ ଦେଢ଼ ମାସ ପୂର୍ବରୁ ଶୀଘ୍ର ରିଲିଜ୍ କରାଯିବ ବୋଲି ଫିଲ୍ମ ନିର୍ମାତା ନିଷ୍ପତ୍ତି ନେଇଛନ୍ତି। ଏନେଇ ଅନନ୍ୟା ଏବଂ କାର୍ତ୍ତିକ ଏକ ଇନ୍ଷ୍ଟାଗ୍ରାମ ପୋଷ୍ଟ ମାଧ୍ୟମରେ ସୂଚନା ଦେଇଛନ୍ତି। କ୍ୟାପ୍ଶନ୍‌ରେ ଉଭୟେ ଲେଖିଛନ୍ତି, ଚଳିତବର୍ଷର ଶେଷ ଦିନ ଆପଣ ଆମ ସହ ବିତାଇବେ ଏବଂ ନୂଆବର୍ଷ ଆମ ସହ ପାଳିବେ। ସମୀର ବିଦ୍ୱାନ୍ସଙ୍କ ନିର୍ଦ୍ଦେଶିତ ଏବଂ ଧର୍ମା ପ୍ରଡକ୍ସନ ବ୍ୟାନରରେ ନିର୍ମିତ ଏହି ଫିଲ୍ମରେ ଅନନ୍ୟା ଏବଂ କାର୍ତ୍ତିକଙ୍କ ବ୍ୟତୀତ ଅଭିନେତା ଜ୍ୟାକି ଶ୍ରଫ୍ ଏବଂ ଅଭିନେତ୍ରୀ ନୀନା ଗୁପ୍ତାଙ୍କୁ ମଧ୍ୟ ଦେଖିବାକୁ ମିଳିବ। ପୂର୍ବରୁ ୨୦୧୯ରେ ରିଲିଜ୍ ହୋଇଥିବା 'ପତି, ପତ୍ନି ଔର ୱ୍' ଫିଲ୍ମରେ କାର୍ତ୍ତିକ ଏବଂ ଅନନ୍ୟାଙ୍କୁ ଏକାଠି ଦେଖିବାକୁ ମିଳିଥିଲା। ଉକ୍ତ ଫିଲ୍ମରେ ଅଭିନେତ୍ରୀ ଭୂମି ପେଡ୍ନାକର ମଧ୍ୟ ନଜରକୁ ଆସିଥିଲେ।

# ଶୌଚାଳୟ ପାଲଟିଛି ଟୁରିଷ୍ଟ ହଟ୍‌ସ୍ପଟ୍

ବେଜିଂ

ଚାଇନାର ଗାନ୍‌ସୁ ପ୍ରଦେଶସ୍ଥିତ ଡୁନ୍‌ହୁଆଙ୍ଗ୍ ନାଇଟ୍ ମାର୍କେଟରେ ଥିବା ଏକ ନୂତନ ସାର୍ବଜନୀନ ଶୌଚାଳୟକୁ ନେଇ ସମ୍ପ୍ରତି ସୋସିଆଲ ମିଡିଆରେ ଚର୍ଚ୍ଚା ଲାଗି ରହିଛି। ସାଧାରଣତଃ ଲୋକମାନେ ଶୌଚାଳୟକୁ କେବଳ ଏକ ଆବଶ୍ୟକତା ବୋଲି ଭାବିଥାନ୍ତି। ତେବେ ଭାଇରାଲ ହେଉଥିବା ଶୌଚାଳୟଟିକୁ ଏପରି ଭାବରେ ଡିଜାଇନ୍ କରାଯାଇଛି, ଯାହା ସମ୍ପ୍ରତି ଏହାକୁ ଏକ ଟୁରିଷ୍ଟ ହଟ୍‌ସ୍ପଟ୍‌ରେ ପରିଣତ କରିଛି। ଏବେ ଏହି ଶୌଚାଳୟ ଡୁନ୍‌ହୁଆଙ୍ଗ୍ ପବ୍ଲିକ୍ ପିୟୋର୍ କଲ୍‌ଚରାଲ୍ ସ୍ପେସ୍ ନାମରେ ପ୍ରସିଦ୍ଧି ଲାଭ କରିଛି, ଯାହାକୁ ଦେଖିବାକୁ ଦୂର ଦୂରାନ୍ତରରୁ ଲୋକ ଆସୁଛନ୍ତି। ୨ ମହଲା ବିଶିଷ୍ଟ ଏହି ସାର୍ବଜନୀନ ଶୌଚାଳୟରେ ଡୁନ୍‌ହୁଆଙ୍ଗ୍‌ର ସଂସ୍କୃତିକୁ ନେଇ ବିଭିନ୍ନ ଚିତ୍ର କଳା ପ୍ରଦର୍ଶିତ ହୋଇଛି। ଏହାର ପ୍ରତ୍ୟେକ କୋଣରେ କଳା ଏବଂ



ଐତିହ୍ୟର ସ୍ପର୍ଶ ଅନୁଭବ କରିହେବ। ଏହି କାରଣରୁ ପର୍ଯ୍ୟଟକମାନେ ଏହାକୁ କେବଳ ଏକ ଶୌଚାଳୟ ନୁହେଁ ବରଂ ଏକ ସାଂସ୍କୃତିକ ସ୍ଥାନ ବୋଲି ବିବେଚନା କରୁଛନ୍ତି। ଏହି ଶୌଚାଳୟରେ ମା'ଶିଶୁ କୋଠରି, ଶିଶୁ ସୁରକ୍ଷା ଆସନ, ଅଟୋ କ୍ଲିନିଂ ସିଷ୍ଟମ ଏବଂ ବୟସ୍କ ଓ ଅକ୍ଷମଙ୍କ ପାଇଁ ସୁବିଧା ରହିଛି।

---

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, ANGUL**
E-Mail : sencrwangul@yahoo.co.in, Ph. : 06764-236404

No. 2721// Dt. 12.09.2025

**1st Corrigendum to Bid Identification No. Bridge Online-AGL-12/2025-26**

**No.O-769** : Due to some technical error in website of wamis, the last date of Online for bidding and opening of the date has been modified as follows in respect of tender for the work "Construction of weir Adjacent to H.L. Bridge over Badajor Nallah on PWD Road to Madrangmunda Road in the District of Dhenkanal for the year 2025-26" invited vide Tender Call Notice Bid Identification No. Bridge Online-AGL-12/2025-26 by the Procurement officer Chief Construction Engineer, Rural Works Circle, Angul.

| Availability of Tender on-line for bidding | | Date & Time of opening Technical Bid |
|---|---|---|
| From | To | |
| 03.09.2025 at 10.00 A.M. | 22.09.2025 upto 3.00 P.M. | 22.09.2025 at 3.30 A.M. |

All other terms and conditions remain unchanged.
OIPR-25180/11/0074/2526 Sd./- Chief Construction Engineer

---

**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BALASORE**
E-Mail ID: serw_balasore@yahoo.in, Ph. No.: 06782-260318, Balia, Balasore

No. O-770

**"e" Procurement Notice for Road Work**
Identification No. Online Tender - Road N.C.B. No. 30 for 2025-26

Letter No. 3201 Date: 10.09.2025

1. Name of the Work : (MMSY - Improvement to existing RD road and MMSY-CMRL)
2. Total No. of Work : 67 Nos. of Work.
3. Estimated Cost : As per annexure
4. Eligible Class of Contractor : As per annexure
5. Period of Completion : As per annexure
6. Other details :

| Procurement Officer | Bid Identification No. | Availability of tender Online for Bidding | | Last date & time of seeking tender clarification | Date & time of Opening of Tender in O/o. S.E.R.W. Circle, Balasore | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Balasore | NCB No. 30 of 2025-26 | 18.09.2025 at 11.00 A.M. | 03.10.2025 upto 5.00 P.M. | 03.10.2025 upto 5.00 P.M. | 04.10.2025 at 11.00 A.M. | Will be intimated later |

- Further details can be seen from the website: **www.tendersodisha.gov.in**.

OIPR-25105/11/0082/2526 Sd./- Chief Construction Engineer, R.W. Circle, Balasore

---

**OFFICE OF THE COLLECTOR & DISTRICT MAGISTRATE, CUTTACK**

Letter No. 1265/Culture Dt.12.09.2025

**RFP FOR SELECTION OF EVENT MANAGEMENT AGENCY FOR HISTORIC BALIJATRA, CUTTACK - 2025**

No. F-57: Sealed proposals are invited from Event Management Agencies for on-ground Delivery and Event Management of the **Historic Balijatra Cuttack - 2025** to be held from Dt.05.11.2025 to 12.11.2025 through an open RFP. The detailed information may be downloaded from the Cuttack District website **(cuttack.odisha.gov.in)**.

The bids should be submitted in the prescribed format along with all relevant documents duly signed and sealed. The bid should reach the office of the Collector, Cuttack **on or before Dt.03.10.2025 by 3 P.M.** either by Courier/Speed Post/Registered Post. **No Drop Box facility and hand delivery is available**. The Office of the Collector, Cuttack shall not be responsible for delay in postal delivery or similar reason. The District Administration, Cuttack reserves the right to accept or reject any or all bids without assigning any reason thereof.

For any specific queries kindly Contact Cell No.: **9437222160/9437666453**.

OIPR-24367/11/0008/2526 Sd./- Collector, Cuttack

---

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍- (୦୬୭୪) ୨୩୯୩୫୨୪
ଏପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ:(୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ https://oshb.org

ପତ୍ରସଂଖ୍ୟା ୧୯୧ ତା.୬.୯.୨୫

**ବିଜ୍ଞାପନ**

**No.CAD-1775**:ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଗୃହ ନଂ.ଏମ.ଆଇ.ଜି-୮୦ (MIG-80), କପିଳପ୍ରସାଦ, ୨ୟ ପର୍ଯ୍ୟାୟ, ଭୁବନେଶ୍ୱର ଗୃହ ନିର୍ମାଣ ପ୍ରକଳ୍ପରେ ଶ୍ରୀ ପ୍ରଦୀପ କୁମାର ଭୂୟାଁ, ପିତା-ଭାସ୍କର ଚନ୍ଦ୍ର ଭୂୟାଁ, ସା-ପ୍ଲଟ ନଂ.-୬୩୦, ରାମେଶ୍ୱର ପାଟଣା, ରଥ ରୋଡ, ପୋ-ଓଲ୍ଡ ଟାଉନ, ଥାନା-ଶ୍ରୀ ଲିଙ୍ଗରାଜ, ଜିଲ୍ଲା-ଖୋର୍ଦ୍ଧାଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନଗ୍ରହୀତା ଶ୍ରୀ ପ୍ରଦୀପ କୁମାର ଭୂୟାଁ ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀ ଦେବାଶିଷ ଜେନା, ପିତା-ସତ୍ୟପ୍ରିୟ ଜେନା, ସା-ବ୍ରହ୍ମ କୁନ୍ଦଳ, ପୋ-ରେତଙ୍ଗ, ଥାନା-ଏୟାରଫିଲ୍ଡ, ଜିଲ୍ଲା-ଖୋର୍ଦ୍ଧାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି ।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି /ଆପତ୍ତି ଥାଏ, ତାହେଲେ ଏହି ନୋଟିସ୍ ପ୍ରକାଶନର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି /ଅଭିଯୋଗ ଗ୍ରହଣ କରାଯିବ ନାହିଁ ଏବଂ ଗୃହଟିର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ ।

ସ୍ୱା./- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR-13030/11/0854/2526

---

**ODISHA UNIVERSITY OF TECHNOLOGY AND RESEARCH**
P.O.:MAHALAXMI VIHAR, BHUBANESWAR - 751 029

Notice No. OUTR/SBSH/CY/2025-26/22 Date:10-09-2025

No.KK-230 : **Online-Tenders through e-procurement** under two bid systems are invited from Original Equipment Manufacturers/ Distributers/Authorised Dealers/Agencies for "Supply, Installation and commissioning of "High Temperature Furnace for School of Basic Sciences & Humanities (Chemistry)" at **OUTR, Bhubaneswar"**

Date & Time of available inTenders Odisha Portal : 10-09-2025 at 06.00 P.M.

Last date and time of submission of Bid : 09-10-2025 upto 6.00 P.M.

For details : Please visit : http://tendersodisha.gov.in & http://www.outr.ac.in

For Technical query please contact:Prof. B.R.Das, Head, SBSH
Phone No- 9337673699, Email:- hodchemistry@outr.ac.in

OIPR-16005/11/0130/2526 REGISTRAR

---

**OFFICE OF THE TRANSPORT COMMISSIONER-CUM-CHAIRMAN STATE TRANSPORT AUTHORITY ODISHA, CUTTACK**

**TENDER CALL NOTICE**

Notice No:LXVI-27/2022/13558 Date 12.09.2025

No.JJ-49: Bidders are invited for a Tender for Selection of Agency for Providing Manpower for the office of Transport Commissioner and Sub-Ordinate Offices by the Office of Transport Commissioner for online submission latest by **08.10.2025.**

For details, please visit the websites www.odishatransport.gov.in and www.gem.gov.in.

By the orders of Transport Commissioner
Odisha
Sd./- Additional Commissioner Transport (Admin.)
STA, Odisha, Cuttack

OIPR-38003/11/0091/2526

---

**OFFICE OF THE REGULATED MARKET COMMITTEE JEYPORE, DIST-KORAPUT**
At- Umuri (Phulabada), Po-Railway Station-764001
E-mail: Secretaryrmcjeypore@yahoo.in

Memo No.1242/RMC/2025 Dt.12.09.2025

**E-PROCUREMENT (INVITATION FOR BIDS)**
**BID IDENTIFICATION NO.RMC/JEYPORE-02/2025-26**

No.H-24: The Sub-Collector-cum-Chairman, RMC, Jeypore invites percentage BID through e-procurement in double cover system according to norms of e-procurement.

1. Type of Work : Civil Construction work as in the DTCN
2. Total No. of Work : 03 (Three)
3. Tender Amount Cost : Rs.8.00 Crores to 10.00 Crores
4. Period of Completion : 11 (Eleven) Calendar Months
5. Date & Time availability of BID document in the Portal : From 10.00 AM of Dt.13.09.2025 to 05.00 PM of 22.09.2025
   Date & Time of opening of Tender : Date 23.09.2025 at 11.00 AM

Further the details of e-tender documents can be had from the e-Procurement Portal www.tendersodisha.gov.in Corrigendum if any, shall only be published in above website.

Sd./- Sub-Collector-cum-Chairperson
RMC, Jeypore

OIPR-01577/11/0004/2526

---

**ଓଡ଼ିଶା ସରକାର**
**ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ**
**Government of Odisha,**
**Panchayati Raj & D.W.Department**
ଓଡ଼ିଶା ଲୋକସେବା ଭବନ, ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧
Odisha Lok Seva Bhawan, Sachibalaya Marg,
Bhubaneswar-751001
Fax:0674-2391413, E-mail: prsec.or@nic.in

No.PR-RH-ESTT-0001-2025- 25348/PR&DW Date:13.09.2025

**TENDER NOTICE**

No.i- Sealed tenders are invited from eligible organisations for selection of Service Providing Agencies to provide manpower for State Project Management Unit under Pradhan Mantri Awas Yojana (Gramin). The details of the tenders are available on https://panchayat.odisha.gov.in/ and https://rh.odisha.gov.in/

Interested bidders may submit their bids through Registered/Speed Post/Courier to Director Special Projects, Panchayati Raj and Drinking Water Department, Lokseva Bhawan, Bhubaneswar, Odisha, Pin-751001 from 15.09.2025 to 04.10.2025 upto 5 PM.

Sd./- Director Special Projects
Panchayati Raj &
Drinking Water Department

OIPR-19001/11/0030/2526

---

**OFFICE OF THE REVENUE DIVISIONAL COMMISSIONER CENTRAL DIVISION, ODISHA, CUTTACK**

No. Z-03/2024-25/9978/Niz. Dated: 11.09.2025

**TENDER CALL NOTICE**

No. F-58: Sealed quotations/tenders are invited from interested reputed travel agencies/tour operators/private individuals for providing 2 (two) Nos. of Zest/Tigor/Swift Dzire/Xcent/Etios AC Petrol/Diesel driven vehicles for official use of Addl. Secretary to RDC-cum-Registrar, Office of the LAR and R Authority, Cuttack and Join Director, SSD, Office of the RDC (CD), Cuttack on monthly rent basis. The application form of quotation/tender call notice, terms and conditions along with general information for hiring of vehicles etc. will be available with the **Senior Administrative Officer, Office of the Revenue Divisional Commissioner, (Central Division), Odisha, Cuttack** from 12.09.2025 or can be downloaded from website **https://cuttack.odisha.gov.in** & **https://rdccdcuttack.nic.in** from date **12.09.2025 to 24.09.2025**.

Sd./- Revenue Divisional Commissioner
Central Division, Cuttack

OIPR-24170/11/0007/2526

---

**DR. ABHIN CHANDRA HOMOEOPATHIC MEDICAL COLLEGE & HOSPITAL**
Unit - III, Kharvela Nagar, Bhubaneswar, Odisha
email: drachmch@gmail.com, Ph. No.: 0674-2391737

No. 2096 Date: 13.09.25

**NOTIFICATION**

No. E-385: It is hereby notified that as per the recommendation of the technical committee meeting held on 04.09.2025, the extensions for the schedules of tenders (reference No. 1859/Dr ACHMC, Dated: 11.08.2025 and 1860/Dr ACHMC, Dated: 11.08.2025) are made as follows.

- The schedule of sale of the tender book for both tenders is extended to 03.10.2025 upto 4.00 P.M.
- The last date of the submission of the tender documents is extended to 03.10.2025 at 5 P.M.
- The technical bids of both tenders will be opened on 04.10.2025 at 11.30 A.M.

The rest of the terms & conditions of above mentioned tenders will be remained unchanged.

OIPR-10030/11/0011/2526 Sd./- Principal-cum-Superintendent

---

**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE ADDITIONAL CHIEF ENGINEER**
**K B K-II, MINOR IRRIGATION CIRCLE, JEYPORE**
sekbkmi2@gmail.com

**NATIONAL COMPETITIVE BIDDING**
**e-PROCUREMENT NOTICE NO. ONLINE - ACEKBK-IIMIC-01/2025-26**

Letter No.1212 Dt.11.09.2025

**No.A-617** : The **Additional Chief Engineer, K.B.K-II, M.I. Circle, Jeypore** on behalf of **Governor of Odisha** invites **Percentage Rate Bids** in Double Cover System through On-line mode only for the work "Renovation to Siltiguda MIP" in Rayagada Block of Rayagada District under DPIW (Dam Protection and Improvement Work) Scheme for the year 2025-26 as per Annexure to this bid notice from the Class of eligible contractors as mentioned in Column-6 (Six). The bid should be submitted online in the website www.tendersodisha.gov.in by eligible contractors.

| | | | |
|---|---|---|---|
| 1. | Name of the work | : | Renovation to Siltiguda MIP in Rayagada Block of Rayagada District under DPIW (Dam Protraction and Improvement Work) Scheme for the year 2025-26 |
| 2. | Total No. of works | : | **01 (One) No.** |
| 3. | Tender Cost | : | Approximately **Rs.180.00 Lakh** |
| 4. | Class of Contractor | : | As mentioned against work |
| 5. | Period of completion | : | As mentioned against work |
| 6. | Date and time of availability of Bid | : | **From 10.00 AM on 17.09.2025** and upto **5.30 PM on 03.10.2025** Document in portal |
| 7. | Last date / time for receipt of Bid | : | **Upto 5.30 PM on 03.10.2025** Document in portal |
| 8. | Date / Time of opening of Technical Bid | : | **From 11.00 AM on 04.10.2025 At O/o ACE, K.B.K-II, M.I. Circle, Jeypore** |
| 9. | Name and Address of Officer | : | **Additional Chief Engineer, O/o ACE, K.B.K-II, M.I.Circle, Jayanagar, Jeypore-764005** |
| 10. | Mode of Payment of Bid cost and Bid security | : | Online |

Sd./- Additional Chief Engineer
K.B.K-II, M.I.Circle, Jeypore

OIPR-32262/11/0004/2526

---

**Bhubaneswar Development Authority**
Akash Shova Building, Sachivalaya Marg, Bhubaneswar-751001, Odisha,
Ph : 0674-2396437

**Notice No.17544/BDA** **Date : 08.09.2025**
BDA-Estate2-AL107-0108-2025

Expression of Interest (EOI)
For
**Redevelopment of Priyadarshini Market Complex on PPP Mode**

**No.CAD-1760** : The **Bhubaneswar Development Authority (BDA)** is in the process of "Redeveloping of Priyadarshini Market Complex on PPP Mode".

The BDA invites interested entities to submit their EOI for Redevelopment of Priyadarshini Market Complex on PPP Mode. The experience and expertise sought from the bidding entity(ies) include development of residential/commercial/intuitional/commercial-cum-residential/high rise building etc.

Interested firms are requested to submit their documents in the manner specified in the Notice for EOI, available at the BDA website (https://www.bda.gov.in).

The last date of submission : **23.09.2025**

BDA reserves the right to cancel this invitation and / or invite fresh EOI / Bid / RFP with or without amendments to this invitation, without liability or any obligation for such invitation and without assigning any reason. BDA reserves the right to accept or reject any or all proposals without assigning any reason whatsoever.

Sd./- Secretary
Bhubaneswar Development Authority

OIPR-13033/11/0379/2526

---

ଇ-ମେଲ: mokhordha@gmail.com

**ଓଡ଼ିଶା ସରକାର**
**ଖଣି ଉପ-ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ, ଖୋର୍ଦ୍ଧା କ୍ଷେତ୍ର, ଖୋର୍ଦ୍ଧା**

ସଂଖ୍ୟା: ୨୧୧୧ ତା: ୧୨।୦୯।୨୦୨୫

**ଟେଣ୍ଡର ନିମନ୍ତ୍ରଣ ବିଜ୍ଞପ୍ତି**

No. G-39: ମାଇନ୍ସ ଏବଂ ମିନେରାଲ (ଡେଭଲପମେଣ୍ଟ ଆଣ୍ଡ ରେଗୁଲେସନ୍) ଆକ୍ଟ, ୧୯୫୭ର ଧାରା ୧୫ରେ ରାଜ୍ୟ ସରକାରଙ୍କୁ ଦିଆଯାଇଥିବା କ୍ଷମତା ଅନୁସାରେ ଏବଂ ସମୟ ସମୟରେ ସଂଶୋଧିତ ଓଡ଼ିଶା ମାଇନୋରାଲ୍ ମିନେରାଲ କନ୍ସେସ୍ ନିୟମ, ୨୦୧୬ ଅନୁଯାୟୀ ୦୮ ସଂଖ୍ୟକ ଲଘୁଖଣିଜ ଉତ୍ସର ଇ-ନିଲାମ ମାଧ୍ୟମରେ ଲିଜ୍ ଅନୁଦାନ ପାଇଁ ଟେଣ୍ଡର ଆହ୍ୱାନ କରାଯାଉଛି।

ତଦନୁସାରେ, କ୍ୱାରି ଲିଜ୍ ଅନୁଦାନ ପାଇଁ 'ଫର୍ମ-ଏମ୍' ଫର୍ମାଟ୍‌ରେ (ଉଭୟ ଡିଜିଟାଲ ଓ ଫିଜିକାଲ) ବୈଷୟିକ ବିଡ୍ ଆମନ୍ତ୍ରଣ କରାଯାଉଛି।

ଇଲେକ୍ଟ୍ରୋନିକ୍ ନିଲାମରେ ଅଂଶଗ୍ରହଣ ପାଇଁ ଯୋଗ୍ୟ ସର୍ତ୍ତ, ତାରିଖ ଏବଂ ସମୟ ଟେଣ୍ଡର ଡକ୍ୟୁମେଣ୍ଟରେ ପ୍ରଦାନ କରାଯାଇଛି। କ୍ୱାରିଗୁଡ଼ିକ ପାଇଁ ଇ-ନିଲାମ ପ୍ରକ୍ରିୟାର ସମୟସାରଣୀ, ବିଜ୍ଞପ୍ତି, ଅପ୍‌ଡେଟ୍ ଏବଂ ଅନ୍ୟାନ୍ୟ ବିବରଣୀ ସହିତ ଟେଣ୍ଡର ଡକ୍ୟୁମେଣ୍ଟକୁ **https://www.mstceommerce.com** ୱେବ୍‌ସାଇଟରୁ ଡାଉନଲୋଡ୍ କରାଯାଇପାରିବ।

ଆଗ୍ରହୀ ବିଡରମାନେ ଉପରୋକ୍ତ ୱେବ୍‌ସାଇଟ୍‌ରେ ନିଜକୁ ପଞ୍ଜୀକୃତ କରିପାରିବେ। ସଫଳ ପଞ୍ଜୀକରଣ ପରେ ଇ-ନିଲାମ ପ୍ରକ୍ରିୟାରେ ଅଂଶଗ୍ରହଣ ପାଇଁ ବିଡରମାନେ ଲଗଇନ୍ ଆଇଡି ଏବଂ ପାସ୍‌ୱାର୍ଡ଼ ପାଇବେ। ମଡେଲ ଟେଣ୍ଡର ଡକ୍ୟୁମେଣ୍ଟ ଏବଂ ମିନେରାଲ ବ୍ଲକ ସାରାଂଶ ଉପରୋକ୍ତ ୱେବ୍‌ସାଇଟ୍‌ରେ ମାଗଣାରେ ଉପଲବ୍ଧ।

ଇଚ୍ଛୁକ ବିଡରମାନେ ନିଜର ଲଗ୍‌ଇନ୍ ୟୁଜର ID ଏବଂ ପାସ୍‌ୱାର୍ଡ଼ ବ୍ୟବହାର କରି ଫର୍ମ – Mରେ ଆବଶ୍ୟକୀୟ ବିବରଣୀ ଏବଂ ପ୍ରଯୁଜ୍ୟ ବାଧ୍ୟତାମୂଳକ ଡକ୍ୟୁମେଣ୍ଟ ଦାଖଲ କରିବେ। 'ଫର୍ମ-ଏମ୍'ର ସଫଳ ଦାଖଲ ପାଇଁ ବିଡରମାନେ ଇ-ନିଲାମ ପୋର୍ଟାଲରେ ଉପଲବ୍ଧ 'ବିଡର ମାନୁଆଲ'କୁ ଅନୁସରଣ କରିବା ଉଚିତ। ଇ-ଟେଣ୍ଡର ଦାଖଲ ପାଇଁ ବିଡରଙ୍କୁ ଦିଆଯାଇଥିବା ଅବଧି, ଖବରକାଗଜ ଏବଂ MSTC ୱେବ୍‌ସାଇଟରେ ଟେଣ୍ଡର ବିଜ୍ଞପ୍ତି ପ୍ରକାଶ ହେବା ଦିନଠାରୁ ଗଣନା କରାଯିବ।

**ସମୟ ସାରଣୀ:**
ଟେଣ୍ଡର ଡକ୍ୟୁମେଣ୍ଟରେ ସବିଶେଷ ସମୟ ସାରଣୀ ଉପଲବ୍ଧ ଅଛି।
ଟେଣ୍ଡର ଆବେଦନର ଶେଷ ତାରିଖ: ୦୯।୧୦।୨୦୨୫
ଆବେଦନ (ବୈଷୟିକ ବିଡ୍) ଖୋଲିବା ତାରିଖ: ୧୩।୧୦।୨୦୨୫
ନିଲାମ ତାରିଖ: ୨୭।୧୦।୨୦୨୫ରୁ ୦୭।୧୧।୨୦୨୫

| କ୍ର. ନଂ. | କ୍ଷେତ୍ର | ଜିଲ୍ଲା | ତହସିଲ | ସୋର୍ସର ନାମ | ମିନେରାଲ | ଲାଣ୍ଡ ସେଡ୍ୟୁଲ | | | | | ପରିମାଣ | MAC per $M^3$ (in Rs.) | MGQ Per Year |
|---|---|---|---|---|---|---|---|---|---|---|---|---|---|
| | | | | | | ମୌଜା | ଖତିୟାନ ନଂ. | ପ୍ଲଟ ନଂ. | କିସମ | କ୍ଷେତ୍ରଫଳ (ଏକର) | | | |
| ୧ | ଖୋର୍ଦ୍ଧା | ଖୋର୍ଦ୍ଧା | ଟାଙ୍ଗୀ | ଜରିପୁଟ କଳାପଥର – ଏ | କଳାପଥର | ଜରିପୁଟ | ୨୯୬ | ୧୧୧୨ | ମୁଣ୍ଡିଆ | ୩.୦୦ | ଗଚ୍ଛିତ ଅଛି | ୫୫୭.୦୦ | ୧୫୦୦୦ ବର୍ଗ ମିଟର |
| ୨ | ଖୋର୍ଦ୍ଧା | ଖୋର୍ଦ୍ଧା | ଟାଙ୍ଗୀ | ଜରିପୁଟ କଳାପଥର – ବି | କଳାପଥର | ଜରିପୁଟ | ୨୯୬ | ୧୧୧୨ | ମୁଣ୍ଡିଆ | ୩.୦୦ | ଗଚ୍ଛିତ ଅଛି | ୫୫୭.୦୦ | ୧୫୦୦୦ ବର୍ଗ ମିଟର |
| ୩ | ଖୋର୍ଦ୍ଧା | ଖୋର୍ଦ୍ଧା | ଟାଙ୍ଗୀ | ଜରିପୁଟ କଳାପଥର – ସି | କଳାପଥର | ଜରିପୁଟ | ୨୯୬ | ୧୧୧୨ | ମୁଣ୍ଡିଆ | ୩.୦୦ | ଗଚ୍ଛିତ ଅଛି | ୫୫୭.୦୦ | ୧୫୦୦୦ ବର୍ଗ ମିଟର |
| ୪ | ଖୋର୍ଦ୍ଧା | ଖୋର୍ଦ୍ଧା | ଟାଙ୍ଗୀ | ରାମଚନ୍ଦ୍ରପୁର ମାଙ୍କଡ଼ା ପଥର-୧ | ମାଙ୍କଡ଼ା ପଥର | ରାମଚନ୍ଦ୍ରପୁର | ୪୬୩ | ୬୫୧ | ପୁରାତନ ପତିତ | ୦.୮୬୮ | ଗଚ୍ଛିତ ଅଛି | ୧୬୦.୦୦ | ୨୭୦୦ ବର୍ଗ ମିଟର |
| ୫ | ଖୋର୍ଦ୍ଧା | ଖୋର୍ଦ୍ଧା | ଟାଙ୍ଗୀ | ରାମଚନ୍ଦ୍ରପୁର ମାଙ୍କଡ଼ା ପଥର-୨ | ମାଙ୍କଡ଼ା ପଥର | ରାମଚନ୍ଦ୍ରପୁର | ୪୬୮ | ୬୪୦ | ପଥର ଟାଙ୍ଗୀ | ୪.୮୨୫ | ଗଚ୍ଛିତ ଅଛି | ୫୭.୦୦ | ୨୭୦୦ ବର୍ଗ ମିଟର |
| ୬ | ଖୋର୍ଦ୍ଧା | ଖୋର୍ଦ୍ଧା | ଟାଙ୍ଗୀ | ତଳଗଡ଼କୁହୁଡ଼ି ମାଙ୍କଡ଼ା ପଥର-୭ | ମାଙ୍କଡ଼ା ପଥର | ତଳଗଡ଼କୁହୁଡ଼ି | ୨୨୬ | ୨୮୩ | ପୁରାତନ ପତିତ | ୫.୦୦ | ଗଚ୍ଛିତ ଅଛି | ୫୭.୦୦ | ୪୦୦୦ ବର୍ଗ ମିଟର |
| ୭ | ଖୋର୍ଦ୍ଧା | ଖୋର୍ଦ୍ଧା | ଟାଙ୍ଗୀ | ତଳଗଡ଼କୁହୁଡ଼ି ମୋରମ – ୧ | ମୋରମ | ତଳଗଡ଼କୁହୁଡ଼ି | ୨୨୬ | ୧୫୫ | ପୁରାତନ ପତିତ | ୨.୦୦ | ଗଚ୍ଛିତ ଅଛି | ୧୬୭.୦୦ | ୨୦୦୦ ବର୍ଗ ମିଟର |
| ୮ | ଖୋର୍ଦ୍ଧା | ଖୋର୍ଦ୍ଧା | ବୋଲଗଡ଼ | ଶ୍ରୀଚନ୍ଦନପୁର କଳାପଥର | କଳାପଥର | ଶ୍ରୀଚନ୍ଦନପୁର | ୫୬୨ | ୦୧ | ପାହାଡ଼ | ୪.୬୨୫ | ଗଚ୍ଛିତ ଅଛି | ୩୪୫.୦୦ | ୬୦୦୦ ବର୍ଗ ମିଟର |

OIPR-30030/11/0008/2526 ସ୍ୱା./- ଖଣି ଅଧିକାରୀ, ଖୋର୍ଦ୍ଧା

## ଡେଭିସ୍ କପ୍ କ୍ୱାଲିଫାୟର୍ସରେ ଭାରତ

ବିଲ, ୧୪।୯: ଏଠାରେ ଚାଲିଥିବା ସୁଇଜରଲାଣ୍ଡ ବିପକ୍ଷ ୱାର୍ଲ୍ଡ ଗ୍ରୁପ୍-ଆଇ ମୁକାବିଲାକୁ ଭାରତ ୩-୧ ବ୍ୟବଧାନରେ ଜିତିବା ସହ ଡେଭିସ କପ୍ କ୍ୱାଲିଫାୟର୍ସରେ ସ୍ଥାନ ହାସଲ କରିଛି। ମୁକାବିଲାର ପ୍ରଥମ ଦିନ ଦୁଇଟି ସିଙ୍ଗଲ୍ସ ମ୍ୟାଚ୍ ଜିତିଥିବା ଭାରତୀୟ ଦଳ ଦ୍ୱିତୀୟ ଦିନରେ ଡବଲ୍ସ ମୁକାବିଲାରେ ପରାଜୟର ସମ୍ମୁଖୀନ ହୋଇଥିଲା। ଏନ୍ ଶ୍ରୀରାମ ବାଲାଜୀ ଓ ରିଥଭିକ ବୋଲିପାଲି ପ୍ରାୟ ଅଢ଼େଇ ଘଣ୍ଟା ଧରି ଚାଲିଥିବା ମ୍ୟାଚ୍‌ରେ ୭-୬(୩), ୪-୬, ୫-୭ ସେଟ୍‌ରେ ଜାକୁବ ପଲ ଓ ଡୋମିନିକ ଷ୍ଟ୍ରିକରଙ୍କଠାରୁ ପରାସ୍ତ ହୋଇଥିଲେ। ଏହାପରେ ରିଟର୍ନ ସିଙ୍ଗଲ ମ୍ୟାଚ୍‌ରେ ସୁଇଜରଲାଣ୍ଡ ଦଳ ପକ୍ଷରୁ ଏକ ଷ୍ଟ୍ରାଟେଜିକ ପରିବର୍ତ୍ତନ କରାଯାଇଥିଲା। ଜେରୋମ କିମ୍‌ଙ୍କ ବଦଳରେ ଦଳ ପକ୍ଷରୁ ଜୁନିୟର ଅଷ୍ଟ୍ରେଲିଆନ୍ ଓପନ ଚାମ୍ପିୟନ ବର୍ନେଟଙ୍କୁ କୋର୍ଟ ପଠାଯାଇଥିଲା। ହେଲେ ନାଗଲ ମ୍ୟାଚ୍‌କୁ ୬-୧, ୬-୩ ସେଟ୍‌ରେ ଜିତି ନେଇଥିଲେ। ଭାରତ ୩୨ ବର୍ଷର ବ୍ୟବଧାନରେ କୌଣସି ୟୁରୋପିଆନ ଦେଶକୁ ଆୱେ ମୁକାବିଲାରେ ପରାସ୍ତ କରିଛି। ଅନ୍ତିମ ଥର ୧୯୯୩ରେ ଲିଆଣ୍ଡର ପେସ ଓ ରମେଶ କ୍ରିଷ୍ଣନଙ୍କ ନେତୃତ୍ୱରେ ଭାରତ ଏକ ଆୱେ ମ୍ୟାଚ୍‌ରେ ଫ୍ରାନ୍ସକୁ ପରାସ୍ତ କରିଥିଲା। ଡେଭିସ କପ୍ କ୍ୱାଲିଫାୟର୍ସର ପ୍ରଥମ ରାଉଣ୍ଡ ମ୍ୟାଚ୍ ଆସନ୍ତା ବର୍ଷ ଜାନୁଆରୀରେ ଖେଳାଯିବ।

# ଭାରତକୁ ରୌପ୍ୟ ପଦକ

**ଏସିଆ କପ୍ ମହିଳା ହକି**

ହାଙ୍ଗଝୋ, ୧୪।୯ (ପି.ଟି.)



ଭାରତ ଓ ଚାଇନା ମଧ୍ୟରେ ଅନୁଷ୍ଠିତ ଫାଇନାଲର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

ଏସିଆ କପ୍ ମହିଳା ହକି ଟୁର୍ନାମେଣ୍ଟର ଫାଇନାଲରେ ହାରି ଭାରତ ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଛି। ଫଳରେ ଆସନ୍ତାବର୍ଷ ନେଦରଲାଣ୍ଡ ଓ ବେଲଜିୟମରେ ହେବାକୁଥିବା ମହିଳା ବିଶ୍ୱକପ୍ ପାଇଁ ସିଧାସଳଖ ଯୋଗ୍ୟତା ହାସଲ ସୁଯୋଗ ହାତଛଡ଼ା କରିଛି। ରବିବାର ଅନୁଷ୍ଠିତ ଫାଇନାଲରେ ଚାଇନା ୪-୧ ଗୋଲ୍‌ରେ ଭାରତକୁ ହରାଇ ସ୍ୱର୍ଣ୍ଣ ପଦକ ଜିତିଛି। ନବନୀତ କୌର ଖେଳର ପ୍ରଥମ ମିନିଟ୍‌ରେ ଏକ ପେନାଲ୍ଟି କର୍ନରକୁ ଗୋଲ୍‌ରେ ପରିଣତ କରି ଭାରତକୁ ୧-୦ ଅଗ୍ରଣୀ କରାଇଥିଲେ। ପରେ ଚାଇନା ୪ଟି ଗୋଲ୍ ସ୍କୋର କରି ମ୍ୟାଚକୁ ଜିତିନେଇଥିଲା। ଦଳ ପକ୍ଷରୁ ଜିଆି ଓଉ (୨୧ତମ ମିନିଟ), ହଙ୍ଗ୍‌ଲି (୪୧ତମ), ମିରଙ୍ଗ ଜୋଉ (୫୧ତମ) ଓ ଜିଆକ୍ସି ଝୋଙ୍ଗ୍ (୫୩ତମ) ପ୍ରମୁଖ ଗୋଲ୍ ସ୍କୋର କରିଥିଲେ। ଏସିଆ କପ୍ ଟାଇଟଲ ଜିତିବା ସହ ଚାଇନା ସିଧାସଳଖ ବିଶ୍ୱକପ୍ ଯୋଗ୍ୟତା ହାଦଲ କରିଛି। ଅନ୍ୟପକ୍ଷରେ ସୁଯୋଗ ହାତଛଡ଼ା କରିଥିବା ଭାରତକୁ ବିଶ୍ୱକପ୍ ଯୋଗ୍ୟତା ହାସଲ କରିବା ପାଇଁ ଏଣକି କ୍ୱାଲିଫାୟରର ସହାୟତା ନେବାକୁ ପଡ଼ିବ।

ଭାରତ ୨୦୦୪ ଓ ୨୦୧୭ରେ ୨ ଥର ସ୍ୱର୍ଣ୍ଣ ପଦକ ଜିତିଥିବାବେଳେ ୧୯୯୯ ଓ ୨୦୦୯ରେ ରୌପ୍ୟ ପଦକ ହାସଲ କରିଥିଲା। ସେହିପରି ଦଳକୁ ୧୯୯୩, ୨୦୧୩ ଓ ୨୦୨୨ରେ ବ୍ରୋଞ୍ଜ ପଦକ ମିଳିଥିଲା। ଅନ୍ୟପକ୍ଷରେ ଚାଇନା ପୂର୍ବରୁ ୨୦୦୨, ୨୦୦୬, ୨୦୧୦ ଓ ୨୦୨୨ରେ ୪ ଥର ସ୍ୱର୍ଣ୍ଣ, ୧୯୯୦, ୨୦୦୭ ଓ ୨୦୧୪ରେ ୩ ଥର ରୌପ୍ୟ ଏବଂ ୧୯୯୯ ଓ ୨୦୦୪ରେ ବ୍ରୋଞ୍ଜ ପଦକ ହାସଲ କରିଛି। ଚଳିତ ଟୁର୍ନାମେଣ୍ଟରେ ଉଭୟ ଦଳ ମଧ୍ୟରେ ସୁପର-୪ରେ ମୁକାବିଲା ହୋଇଥିଲା। ଏଥିରେ ଚାଇନା ୪-୧ ଗୋଲରେ ଭାରତକୁ ପରାସ୍ତ କରିଥିଲା। ଫାଇନାଲରେ ତାହାର ପୁନରାବୃତ୍ତି ଘଟିଛି। କୋରିଆକୁ ହରାଇ ଜାପାନ ତୃତୀୟ ଏଠାରେ ଅନୁଷ୍ଠିତ ଏସିଆ କପ୍ ମହିଳା ହକିରେ ଜାପାନ ତୃତୀୟ ସ୍ଥାନ ଅଧିକାର କରିଛି। ଦୁଇ ପରାଜିତ ସେମିଫାଇନାଲିଷ୍ଟଙ୍କ ମଧ୍ୟରେ ଅନୁଷ୍ଠିତ ମ୍ୟାଚରେ ଜାପାନ ୨-୧ ଗୋଲରେ ଦକ୍ଷିଣ କୋରିଆକୁ ପରାସ୍ତ କରିଛି। ମ୍ୟାଚର ୧୧ତମ ମିନିଟରେ ପାର୍କ ୟେନଗୁନଙ୍କ ଗୋଲ ବଳରେ କୋରିଆ ଅଗ୍ରଣୀ ହାସଲ କରିଥିଲା। ମାତ୍ର ଦଳ ଏଥିରୁ ଫାଇଦା ଉଠାଇ ପାରି ନ ଥିଲା। ୨୦ତମ ମିନିଟରେ ଜାପାନର ଶିହୋ କୋବାୟାକାୱା ଗୋଲ୍‌ଟି ପରିଶୋଧ କରି ପ୍ରଥମାର୍ଦ୍ଧ ବେଳକୁ ମ୍ୟାଚକୁ ୧-୧ ସ୍ଥିତିକୁ ନେଇ ଆସିଥିଲେ। ତୃତୀୟ କ୍ୱାର୍ଟରରେ ଉଭୟ ଦଳ କଡ଼ା ଟକ୍କର ଦେଇଥିବାବେଳେ ୪ର୍ଥ ତଥା ଅନ୍ତିମ କ୍ୱାର୍ଟରରେ ଜାପାନର ହିରୋକା ମୁରାୟାମା ସ୍କୋର କରିଥିବା ଗୋଲଟି ଶେଷରେ ନିର୍ଣ୍ଣାୟକ ହୋଇଥିଲା।

## ଭାରତୀୟ ଦଳରେ କିଟ୍‌ର ଆର୍ଯ୍ୟନ

**ରାଜ୍ୟଗୋଷ୍ଠୀ ବିଚ୍ ହ୍ୟାଣ୍ଡବଲ**

ଭୁବନେଶ୍ୱର, ୧୪।୯ (ତପନ ସ୍ୱାଇଁ)



ଆର୍ଯ୍ୟନ ବ୍ରାହ୍ମୀନ

ମାଳଦ୍ୱୀପର କୁଲ୍ହୁଡୁଫୁସିଠାରେ ସୋମବାରଠାରୁ ୨୪ ତାରିଖ ପର୍ଯ୍ୟନ୍ତ ପ୍ରଥମ ରାଜ୍ୟଗୋଷ୍ଠୀ ବିଚ ହ୍ୟାଣ୍ଡବଲ ପ୍ରତିଯୋଗିତା ହେବାକୁ ଯାଉଛି। ଭାରତୀୟ ଦଳରେ ଓଡ଼ିଶାର ଏକମାତ୍ର ଖେଳାଳି ଆର୍ଯ୍ୟନ ବ୍ରାହ୍ମୀନ ସ୍ଥାନ ପାଇଛନ୍ତି। ଆର୍ଯ୍ୟନ ଏବେ କିଟ୍ ବିଶ୍ୱବିଦ୍ୟାଳୟରେ ଯୋଗ ଓ ନେଚରୋପାଥିର ପିଜି ପ୍ରଥମ ବର୍ଷ ଛାତ୍ର। ଆର୍ଯ୍ୟନ ଗତ ମେ'ମାସରେ ଓମାନଠାରେ ହୋଇଯାଇଥିବା ଏସିଆ ପୁରୁଷ ବିଚ୍ ହ୍ୟାଣ୍ଡବଲରେ ଅଂଶ ଗ୍ରହଣ କରିଥିଲେ। ଏବେ ରାଜ୍ୟଗୋଷ୍ଠୀ ବିଚ ହ୍ୟାଣ୍ଡବଲ ପାଇଁ ମନୋନୀତ ହୋଇଥିବାରୁ ଆର୍ଯ୍ୟନଙ୍କୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ, ଓଡ଼ିଶା ହ୍ୟାଣ୍ଡବଲ ସଂଘ ସଭାପତି ବିପ୍ଳବ ଚୌଧୁରୀ, ସମ୍ପାଦକ ମାନସ କୁମାର ସିଂ, କୋଷାଧ୍ୟକ୍ଷ ଶୀତେନ୍ଦ୍ରନାଥ ଦାସ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

## ଆତିକା ମିର ୟୁଏଇ କାର୍ଟିଂ ରେସ ଜିତିଲେ

ଦୁବାଇ, ୧୪।୯ (ପି.ଟି.)

ଭାରତର ୧୦ ବର୍ଷୀୟା ରେସିଂ ପ୍ରୋଡିଜି ଆତିକା ମିର ରବିବାର ପ୍ରଥମ ମହିଳା ଭାବେ ମିନିମ୍ୟାକ୍ସ କାଟେଗୋରୀରେ ୟୁଏଇ କାର୍ଟିଂ ରେସ୍ ଜିତି ଇତିହାସ ରଚିଛନ୍ତି। ଏହି ପ୍ରବଳ ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ରେସରେ ୧୪ ଡ୍ରାଇଭର ଭାଗ ନେଇଥିବା ବେଳେ ସେମାନଙ୍କ ମଧ୍ୟରେ ଏକମାତ୍ର ବାଳିକା ଥିଲେ ଆତିକା। ସେ ଦୁବାଇ କାର୍ଟଡ୍ରୋମଠାରେ ଅନୁଷ୍ଠିତ ଡିଏଏମ୍‌ସି ଚାମ୍ପିୟନଶିପ୍ ଓପନରକୁ ପୋଲ ପୋଜିଶନରୁ ଜିତିଛନ୍ତି। ତାଙ୍କ ପ୍ରତିଭାକୁ ଚିହ୍ନି ପାରି ଫର୍ମୁଲା-୧ ତାଙ୍କ ସହିତ ଚଳିତ ବର୍ଷ ଏଫ୍-୧ ଏକାଡେମୀ ଡିସ୍କାଇଡି ପ୍ରୋଗ୍ରାମ ଲାଗି ଚୁକ୍ତି କରିଥିଲା। ଏ କ୍ଷେତ୍ରରେ ମଧ ସେ ପ୍ରଥମ ମହିଳା ଥିଲେ।

# ଯସ୍ମିନ, ମୀନାକ୍ଷୀଙ୍କୁ ସ୍ୱର୍ଣ୍ଣ, ନୂପୁରଙ୍କୁ ରୌପ୍ୟ



ଭାରତୀୟ ବକ୍ସିଂ ଫେଡେରେଶନ ସଭାପତି ଅଜୟ ସିଂ ଓ ଅନ୍ୟମାନଙ୍କ ସହ ପଦକ ବିଜୟୀ ବକ୍ସର।

**ବିଶ୍ୱ ବକ୍ସିଂ ଚାମ୍ପିୟନଶିପ୍**

ଲିଭରପୁର, ୧୪।୯ (ପି.ଟି.)

ଭାରତୀୟ ବକ୍ସର ଯସ୍ମିନ ଲାମ୍ବୋରିଆ ଓ ମୀନାକ୍ଷୀ ହୁଦା ଏଠାରେ ଚାଲିଥିବା ବିଶ୍ୱ ବକ୍ସିଂ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ଲାଭ କରିଥିବାବେଳେ ନୂପୁର ଶେଓରାନ ଓ ପୂଜାରାଣୀ ଅଣ ଅଲିମ୍ପିକ କାଟେଗୋରିରେ ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ଜିତିଛନ୍ତି। ଯସ୍ମିନ ଶନିବାର ବିଳମ୍ବିତ ରାତିରେ ୫୭ କେଜି ଶ୍ରେଣୀ ଫାଇନାଲରେ ପ୍ୟାରିସ ଅଲିମ୍ପିକ୍ସ ରୌପ୍ୟ ବିଜେତା ପୋଲାଣ୍ଡର ଜୁଲିଆ ସିଜରମେଟାଙ୍କୁ ୪-୧ (୩୦-୨୭, ୨୯-୨୮, ୩୦-୨୭, ୨୮-୨୯, ୨୯-୨୮)ରେ ହରାଇ ଦେଇଛନ୍ତି। ନବାଗତ ମୀନାକ୍ଷୀ ରବିବାର ସମାନ ବ୍ୟବଧାନରେ ୪୮କେଜି ଶ୍ରେଣୀ ଫାଇନାଲରେ ପ୍ୟାରିସ ଅଲିମ୍ପିକ୍ସ ବ୍ରୋଞ୍ଜ ବିଜେତା କାଜାଖସ୍ତାନର ନାଜିମ୍ କିଜାଇବେଙ୍କୁ ହରାଇ ଜୁଲାଇରେ ଅନୁଷ୍ଠିତ ବିଶ୍ୱକପ୍ ପରାଜୟର ପ୍ରତିଶୋଧ ନେଇଛନ୍ତି। ଏଠାରେ ବିଜୟ ଦ୍ୱାରା ଯସ୍ମିନ ୯ମ ଓ ମୀନାକ୍ଷୀ ୧୦ମ ଭାରତୀୟ ମହିଳା ବକ୍ସର ଭାବେ ବିଶ୍ୱ ଚାମ୍ପିୟନ ହୋଇପାରିଛନ୍ତି। ପୂର୍ବରୁ ଯେଉଁ ୮ଜଣ ବିଶ୍ୱ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ଜିତିଛନ୍ତି, ସେମାନେ ହେଲେ ୬ଥର ବିଜେତା ମେରୀକମ୍ (୨୦୦୨, ୨୦୦୫, ୨୦୦୬, ୨୦୦୮, ୨୦୧୦ ଓ ୨୦୧୮), ଦୁଇଥର ବିଜେତା ନିଖତ ଜରିନ୍ (୨୦୦୨ ଓ ୨୦୨୩), ସରିତା ଦେବୀ (୨୦୦୬), ଜେନି ଆର୍‌ଏଲ୍ (୨୦୦୬), ନୀତୁ ଘାଙ୍ଘାସ୍ (୨୦୨୩), ଲଭଲିନା ବର୍ଗୋହେନ (୨୦୨୩) ଓ ସ୍ୱିଟି ବୁରା (୨୦୨୩)। ଅନ୍ୟପକ୍ଷରେ ନୂପୁର ୮୦+କେଜି କାଟେଗୋରିରେ ରୌପ୍ୟ ଏବଂ ପୂଜା ୮୦କେଜି କାଟେଗୋରିରେ ରୌପ୍ୟ ହାସଲ କରିଛନ୍ତି। ନୂପୁର ଶନିବାର ରାତିରେ ଅନୁଷ୍ଠିତ ଦ୍ୱିତୀୟ ଫାଇନାଲରେ ପୋଲାଣ୍ଡର ଆଗାଟା କାଜମାରାସ୍କାଙ୍କଠାରୁ ୨-୩ରେ ଅଳ୍ପକେ ହାରିଯାଇଥିଲେ। ଏହା ପୂର୍ବରୁ ପୂଜା ସ୍ଥାନୀୟ ଫେଭରାଇଟ ଏମିଲି ଆସକ୍ୱିଥଙ୍କଠାରୁ ବିଭାଜିତ ନିଷ୍ପତ୍ତି ୧-୪ରେ ହାରିଯାଇଥିଲେ।

## ଭାରତ 'ଏ' ଦଳରେ ଅଭିଷେକ, ଅର୍ଶଦୀପ

ମୁମ୍ବାଇ, ୧୪।୯ (ପି.ଟି.)

ଅଷ୍ଟ୍ରେଲିଆ 'ଏ' ବିପକ୍ଷ ଦ୍ୱିତୀୟ ଓ ତୃତୀୟ ଦିନିକିଆ ପାଇଁ ରବିବାର ଭାରତ 'ଏ' ଦଳ ଘୋଷଣା କରାଯାଇଛି। ଏଥିରେ ଓପନର ଅଭିଷେକ ଶର୍ମା ଓ ବାମହାତୀ ପେସର ଅର୍ଶଦୀପ ସିଂଙ୍କୁ ନିଆଯାଇଛି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ସିନିୟର ସିଲେକ୍ସନ ପ୍ୟାନେଲ ଆହୁରି ମଧ୍ୟ ଶେଷ ଦୁଇଟି ମ୍ୟାଚ ପାଇଁ ତିଳକ ବର୍ମା ଓ ହର୍ଷିତ ରାଣାଙ୍କୁ ସାମିଲ କରିଛି। ଏହି ୪ଜଣ ଖେଳାଳି ଏସିଆକପ୍ ପାଇଁ ବର୍ତ୍ତମାନ ୟୁଏଇରେ ଅଛନ୍ତି। ସେପ୍ଟେମ୍ବର ୨୮ରେ ଟୁର୍ନାମେଣ୍ଟ ଶେଷ ହେଲେ ସେମାନେ ଯାଇ ଭାରତୀୟ 'ଏ' ଦଳରେ ଯୋଗଦେବେ। ଲକ୍ଷ୍ନୌରେ ଦୁଇଟି ୪ ଦିନିଆ ଅନ୍ ଅଫିସିଆଲ ଟେଷ୍ଟ ମ୍ୟାଚ ଖେଳିସାରିବାର କିଛିଦିନ ପରେ ଦୁଇଟି 'ଏ' ଦଳ କାନପୁରର ଗ୍ରିନ୍‌ପାର୍କ ଷ୍ଟାଡିୟମରେ ୫୦ ଓଭର ବିଶିଷ୍ଟ ୩ ମ୍ୟାଚ ସିରିଜ ଖେଳିବେ। ସେପ୍ଟେମ୍ବର ୩୦ରେ ଖେଳାଯିବାକୁଥିବା ପ୍ରଥମ ମ୍ୟାଚରେ ରଜତ ପଟିଦାର ଭାରତ 'ଏ' ଦଳର ନେତୃତ୍ୱ ନେବାକୁଥିବା ବେଳେ ତିଳକ ଅବଶିଷ୍ଟ ଦୁଇଟି ମ୍ୟାଚରେ ଅଧିନାୟକତ୍ୱ କରିବେ। ଭାରତ 'ଏ' ଦଳ ମନୋନୀତ କରିଥିବା ଅଜିତ ଅଗରକରଙ୍କ ନେତୃତ୍ୱାଧୀନ ସିନିୟର ସିଲେକ୍ସନ କମିଟି ପ୍ରଥମ ଦିନିକିଆ ପାଇଁ ୧୩ ଜଣିଆ ଦଳ ମନୋନୀତ କରିଥିବା ବେଳେ ଦ୍ୱିତୀୟ ଓ ତୃତୀୟ ମ୍ୟାଚ ପାଇଁ ୧୫ ଖେଳାଳି ବାଛିଛନ୍ତି। ଦିଲ୍ଲୀର ବାମହାତୀ ବ୍ୟାଟର ପ୍ରିୟାଂଶ ଆର୍ଯ୍ୟ ଓ ସିମରଜିତ ସିଂ କେବଳ ଓପନିଂ ମ୍ୟାଚ ଖେଳିବେ।





ଟୋକିଓରେ ଚାଲିଥିବା ୱାର୍ଲ୍ଡ ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ୧୦୦ ମିଟର ଇଭେଣ୍ଟରେ ପୁରୁଷ ବିଭାଗ ଚାମ୍ପିୟନ ଜାମାଇକାର ଓବ୍ଲିକ୍ ସେଭିଲେ ଓ ମହିଳା ବର୍ଗ ଚାମ୍ପିୟନ ଆମେରିକାର ମେଲିସା ଜେଫର୍ସନ-ଉଡେନ।

## ରାଜ୍ୟ ହୁଇଲଚେୟାର ରଗ୍‌ବୀ ଚୟନ ଟ୍ରାଏଲ୍ସ

ଭୁବନେଶ୍ୱର, ୧୪।୯ (ତପନ ସ୍ୱାଇଁ)

ରାଜ୍ୟ ହୁଇଲଚେୟାର ରଗ୍‌ବୀ ଚୟନ ଟ୍ରାଏଲ୍ସ କଳିଙ୍ଗ ଷ୍ଟାଡିୟମର ବାସ୍କେଟବଲ କୋର୍ଟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟର ବିଭିନ୍ନ ଜିଲାରୁ ୬୦ରୁ ଉର୍ଦ୍ଧ୍ୱ ଦିବ୍ୟାଙ୍ଗ କ୍ରୀଡ଼ାବିତ ଅଂଶଗ୍ରହଣ କରିଥିଲେ। ଏଥିରୁ ପ୍ରଦର୍ଶନ ଭିତ୍ତିରେ ମନୋନୀତ ୧୨ କ୍ରୀଡ଼ାବିତଙ୍କୁ କଳିଙ୍ଗ ଷ୍ଟାଡିୟମରେ ଆସନ୍ତା ୧୮ରୁ ୨୯ ଯାଏ କ୍ୟାମ୍ପରେ ପ୍ରଶିକ୍ଷଣ ଦିଆଯିବ। ସେମାନଙ୍କ ମଧ୍ୟରୁ ୮ ଜଣଙ୍କୁ ଚୟନ କରାଯାଇ ମଧ୍ୟପ୍ରଦେଶରେ ହେବାକୁଥିବା ଜାତୀୟ ପାରା ହୁଇଲଚେୟାର ରଗ୍‌ବୀ ପ୍ରତିଯୋଗିତାରେ ଅଂଶଗହଣ ପାଇଁ ପଠାଯିବ। ଏହି ପ୍ରତିଯୋଗିତା ଅକ୍ଟୋବର ୩ରୁ ୫ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ପାରା ସ୍ପୋର୍ଟ୍ସ ଆସୋସିଏଶନର କର୍ମକର୍ତ୍ତାଙ୍କ ସହ ରଗ୍‌ବୀ କୋଚ ସୁରେନ୍ଦ୍ର କୁମାର ଜେନା ଟ୍ରାଏଲ୍ସକୁ ପରିଚାଳନା କରିବା ସହ କ୍ୟାମ୍ପ ପାଇଁ ଖେଳାଳି ଚୟନ କରିଥିଲେ। ଶେଷରେ ସଭାପତି କମଳାକାନ୍ତ ରଥ କ୍ରୀଡ଼ାବିତ୍‌ଙ୍କୁ ସାର୍ଟିଫିକେଟ ପ୍ରଦାନ କରିଥିଲେ।

## ବାଳକ, ବାଳିକାରେ ଭୁବନେଶ୍ୱର ଚାମ୍ପିୟନ

**ମିନି ଜୁନିୟର ହ୍ୟାଣ୍ଡବଲ**

ଭୁବନେଶ୍ୱର, ୧୪।୯ (ଅନାଦି କର)

ଓଡ଼ିଶା ରାଜ୍ୟ ହ୍ୟାଣ୍ଡବଲ ଆସୋସିଏଶନ ତରଫରୁ ରବିବାର ବିଡାନାସୀ ଖେଳପଡ଼ିଆରେ ଦ୍ୱାଦଶ ଓଡ଼ିଶା ମିନି ଜୁନିୟର ହ୍ୟାଣ୍ଡବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ କଟକ, ଭୁବନେଶ୍ୱର, ଖୋର୍ଦ୍ଧା, ବରଗଡ଼, ବାଲେଶ୍ୱର, ଢେଙ୍କାନାଳ, କେନ୍ଦ୍ରାପଡ଼ାର ବାଳକ ଓ ବାଳିକା ଖେଳାଳିମାନେ ଭାଗ ନେଇଥିଲେ। ଅନ୍ନବ କୁମାର ସିହ୍ନା ଖେଳ ପରିଚାଳନା କରିଥିଲେ। ବାଳକ ବିଭାଗରେ ଭୁବନେଶ୍ୱର ଚାମ୍ପିୟନ ଓ କଟକ ରନରଅପ୍ ହୋଇଥିଲା। ବାଳିକା ବିଭାଗରେ ଭୁବନେଶ୍ୱର ଚାମ୍ପିୟନ ଓ ଖୋର୍ଦ୍ଧା ରନରଅପ୍ ହୋଇଥିଲା। ଏହି ପ୍ରତିଯୋଗିତାରୁ ବଛାଯାଇଥିବା ଖେଳାଳି ଆସନ୍ତା ୨୬ ତାରିଖରୁ ଆରମ୍ଭ ହେବାକୁ ଥିବା ଜାତୀୟ ପ୍ରତିଯୋଗିତାରେ ଓଡ଼ିଶାର ପ୍ରତିନିଧିତ୍ୱ କରିବେ। ପୁରସ୍କାର ବିତରଣ ଉତ୍ସବରେ କଟକ ମେୟର ସୁବାସ ସିଂ ମୁଖ୍ୟ ଅତିଥି ଏବଂ ସନ୍ତୋଷ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଓଡ଼ିଶା ରାଜ୍ୟ ହ୍ୟାଣ୍ଡବଲ ଆସୋସିଏଶନର ସଭାପତି ଗୋପୀନାଥ ସାହୁ, ସମ୍ପାଦକ ବୀରେନ୍ଦ୍ର କୁମାର ବେହେରା, ଉପ ସଭାପତି ପ୍ରେମାନନ୍ଦ ବିହାରୀ, ଯୁଗ୍ମ ସମ୍ପାଦକ ଯଶବନ୍ତ ବରମୁରୁ ଓ ଟ୍ରେଜରର ଉପେନ୍ଦ୍ରନାଥ ଦାସ ଓ ଅନ୍ୟ ଜିଲାର ସଭାପତି ଓ ସମ୍ପାଦକ ଉପସ୍ଥିତ ଥିଲେ।



ଚାମ୍ପିୟନ ଭୁବନେଶ୍ୱର ଦଳର ବାଳିକା ଓ ବାଳକ ଦଳ।

## ଏଏଫ୍‌ସି ଏସିଆନ କପ୍ କ୍ୱାଲିଫାୟର୍ସ: ଫେରିଲେ ଛେତ୍ରୀ

ନୂଆଦିଲ୍ଲୀ, ୧୪।୯ (ପି.ଟି.)

କାଫା ନେଶନ୍ସ କପ୍ ଫୁଟବଲ ଟୁର୍ନାମେଣ୍ଟରେ ଭାରତ ପୋଡିୟମରେ ସ୍ଥାନ ହାସଲ କରିବା ପରେ ଜାତୀୟ ପୁରୁଷ ଦଳର ମୁଖ୍ୟ କୋଚ୍ ଖାଲିଦ ଜମିଲ ଆଗାମୀ ସିଙ୍ଗାପୁର ବିପକ୍ଷ ଏଏଫ୍‌ସି ଏସିଆ କପ୍ କ୍ୱାଲିଫାୟର ମ୍ୟାଚ୍ ପାଇଁ ରବିବାର ୩୦ ଜଣିଆ ସମ୍ଭାବ୍ୟ ଦଳ ଘୋଷଣା କରିଛନ୍ତି। କାଫା ନେଶନ୍ସରେ ଖେଳି ନ ଥିବା ସୁନୀଲ ଛେତ୍ରୀ ଦଳକୁ ଫେରିଛନ୍ତି। ଆସନ୍ତା ୨୦ ତାରିଖରୁ ବେଙ୍ଗାଲୁରୁରେ ପ୍ରସ୍ତୁତି କ୍ୟାମ୍ପ ଆରମ୍ଭ ହେବ ଓ ଖେଳାଳିମାନେ ଗୋଟିଏ ଦିନ ପୂର୍ବରୁ ଭେନ୍ୟୁରେ ପହଞ୍ଚିବେ। ମୋହନ ବାଗାନ ଏସ୍‌ଜି ଓ ଏଫ୍‌ସି ଗୋଆର ଖେଳାଳିମାନେ ସେମାନଙ୍କ ଏଏଫ୍‌ସି ଚାମ୍ପିୟନ୍ସ ଲିଗ୍ ୨ ମ୍ୟାଚ୍ ଖେଳିସାରିଥିବାରୁ କ୍ୟାମ୍ପରେ ଯୋଗ ଦେବେ। ଏଥିସହିତ ୨୩ ବର୍ଷରୁ କମ ଭାରତୀୟ ଦଳର ଦୁଇ ଖେଳାଳିଙ୍କ ସହ ମୋଟ ୫ ଖେଳାଳିଙ୍କ ଷ୍ଟାଣ୍ଡବାଇ ରଖାଯାଇଛି। ଭାରତୀୟ ଦଳ ଆସନ୍ତା ଅକ୍ଟୋବର ୯ ଓ ୧୪ ତାରିଖରେ ସିଙ୍ଗାପୁରକୁ ଭେଟିବ। ଏହି ମ୍ୟାଚ୍ ଲାଗି ସମ୍ଭାବ୍ୟ ଦଳରୁ ଖେଳାଳିଙ୍କୁ ଚୟନ କରାଯିବ।

## ସ୍କୁଲ୍ସ ଓପନ ଚେସ୍: ଶିବମ୍ ଚାମ୍ପିୟନ

ଭୁବନେଶ୍ୱର, ୧୪।୯ (ତପନ ସ୍ୱାଇଁ)




ପୁରସ୍କାର ସହ କୃତୀ ପ୍ରତିଯୋଗୀମାନେ।

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ଚନ୍ଦ୍ରଶେଖରପୁରସ୍ଥିତ ସ୍ନିଗ୍ଧା ଏକାଡେମୀରେ ସ୍କୁଲ୍ସ ଓପନ ଚେସ୍ ଚାମ୍ପିୟନଶିପ୍ ରବିବାର ଅନୁଷ୍ଠିତ ହୋଇଯାଇଛି। ୫ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ଜେ.ଭି. ଶିବମ୍ ପୂରା ୫ ପଏଣ୍ଟ ପାଇ ଚାମ୍ପିୟନ ହୋଇଛନ୍ତି। ସତ୍ୟମ୍ ସ୍ୱରୂପ ସାହୁ, ଦିବ୍ୟାଂଶୁ କୁମାର ପଶାୟତ, ସାତ୍ତ୍ୱିକ ତ୍ରିପାଠୀ ଓ ଆଶୁତୋଷ ଅରୁଣ ଦାସ ଟପ୍-୫ ଫିନିଶ୍ କରିଛନ୍ତି। ବିଭିନ୍ନ ବୟସ ଏବଂ ବାଳିକା ବର୍ଗର ଶ୍ରେଷ୍ଠ ଖେଳାଳିଙ୍କୁ ଏଜ୍ ଗ୍ରୁପ୍ ଏବଂ ଅନ୍ୟ ଚେସ୍ ପ୍ରତିଭାଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଛି। ସ୍ନିଗ୍ଧା ଏକାଡେମୀର ପରିଚାଳନା ନିର୍ଦ୍ଦେଶକ ବିଚିତ୍ରା ରଥ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଆୟୋଜକ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଓ ଟୁର୍ନାମେଣ୍ଟ ନିର୍ଦ୍ଦେଶକ କନୋଜ କୁମାର ବେହେରା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

## କିସ୍ ବାଳିକା ଓ ବାଳକ ଦଳ ଚାମ୍ପିୟନ

**ସବ୍‌ଜୁନିୟର ରଗ୍‌ବୀ**

ଭୁବନେଶ୍ୱର, ୧୪।୯ (ତପନ ସ୍ୱାଇଁ)

କଳିଙ୍ଗ ଷ୍ଟାଡିୟମରେ ରବିବାର ଉଦ୍‌ଯାପିତ ଅଲ୍ ଓଡ଼ିଶା ଆନ୍ତଃଜିଲା ୧୫ ବର୍ଷରୁ କମ୍ ସବ୍‌ଜୁନିୟର ରଗ୍‌ବୀ ୭ଏସ୍ ଚାମ୍ପିୟନଶିପ୍‌ରେ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ସାଇନ୍ସେସ (କିସ୍) ବାଳିକା ଓ ବାଳକ ଦଳ ଚାମ୍ପିୟନ ହୋଇଛି। କିସ୍ ବାଳକ ବର୍ଗ ଫାଇନାଲରେ ୨୫-୦ରେ ମୟୂରଭଞ୍ଜକୁ ଏବଂ ବାଳିକା ବର୍ଗ ଫାଇନାଲରେ ଜଗତ୍‌ସିଂହପୁରକୁ ୨୦-୦ରେ ପରାସ୍ତ କରିଛି। କେନ୍ଦୁଝର ବାଳିକା ଓ ବାଳକ ଦଳ ତୃତୀୟ ସ୍ଥାନ ଅଧିକାର କରିଛି। ରାଜ୍ୟ ରଗ୍‌ବୀ ଫୁଟବଲ ଆସୋସିଏଶନ ସମ୍ପାଦକ ଉପେନ୍ଦ୍ର କୁମାର ମହାନ୍ତି, କୋଷାଧ୍ୟକ୍ଷ ଶକ୍ତିରଞ୍ଜନ ମହାନ୍ତି, ବାଲେଶ୍ୱର ରଗ୍‌ବୀ ଫୁଟବଲ ଆସୋସିଏଶନ ସଭାପତି ପ୍ରଭାକର ମିଶ୍ର, ଜାତୀୟ ରଗ୍‌ବୀ ଖେଳାଳି ତଥା ବୈଷୟିକ ଅଧିକାରୀ ସୁରେନ୍ଦ୍ର ଜେନା, ମୁନା ମୁର୍ମୁ, ରାଜକିଶୋର ହେମ୍ବ୍ରମ, ଦିବ୍ୟ ରଞ୍ଜନ ଦାସ ଓ ଧୀରେନ ରାଉତ ପ୍ରମୁଖ ଉଦ୍‌ଯାପନୀ ଉତ୍ସବରେ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ।





ବାଳିକା ଓ ବାଳକ ବର୍ଗ ଚାମ୍ପିୟନ କିସ୍ ଦଳର ଖେଳାଳିମାନେ ଅତିଥିଙ୍କ ଗହଣରେ।

# ଭୟଙ୍କର ପରମାଣୁ ଶକ୍ତି



ଡ. କମଳାକାନ୍ତ ଜେନା

''ପାରମ୍ପରିକ ଶକ୍ତି ଉତ୍ସ ସାଙ୍ଗକୁ ପରମାଣୁ ଶକ୍ତି, ପବନ ଶକ୍ତି ଓ ଜୁଆର ଶକ୍ତିର ବ୍ୟବହାର ହେଉଛି। ବିଶେଷକରି ପରମାଣୁ ଶକ୍ତିର ବ୍ୟବହାର ଅସୁରକ୍ଷିତ। ଏହାର ଉତ୍ପାଦନ କ୍ଷେତ୍ରରେ ସାମାନ୍ୟ ଅସାବଧାନତା ଶହ ଶହ ଜୀବନ ନେଇପାରେ। ଏହାର ବିକିରଣଜନିତ କୁପ୍ରଭାବ ପାଞ୍ଚ ପିଢ଼ି ପର୍ଯ୍ୟନ୍ତ ରହିପାରେ। କିନ୍ତୁ ଅଳ୍ପ ଖର୍ଚ୍ଚରେ ଅଧିକ ପରମାଣୁ ଶକ୍ତି ଉତ୍ପାଦନ ସମ୍ଭବ। ତେଣୁ ସେଥିରେ ରହିଥିବା ବିପଦକୁ ଏଡ଼େଇବା ସକାଶେ ଆମେ ଯଥେଷ୍ଟ ସାବଧାନତା ଅବଲମ୍ବନ କରିପାରିବା। ଏହାର ମାରାତ୍ମକ ବିକିରଣ ଯେମିତି ପରିବେଶ ଓ ମାନବଜାତିର କ୍ଷତି ନ କରିବ, ସେଥିପ୍ରତି ପ୍ରଥମେ ଯତ୍ନବାନ ହେବା।''



କାମ କରିବା ପାଇଁ ଓ କଳକାରଖାନା ଚାଲିବା ନିମିତ୍ତ ଶକ୍ତି ଖର୍ଚ୍ଚ ହୁଏ। ଶକ୍ତିର ଅନେକ ରୂପ ରହିଛି। ଆମକୁ ଖାଦ୍ୟରୁ ଶକ୍ତି ମିଳେ, କିନ୍ତୁ କୋଇଲା, ଡିଜେଲ, ପେଟ୍ରୋଲ ବା ବିଜୁଳି ଶକ୍ତିରେ କଳକାରଖାନା ଓ ମୋଟରଗାଡ଼ି ଚାଲେ। ଆମେ ଯେଉଁ ଶକ୍ତି ବ୍ୟବହାର କରୁ, ସେସବୁ ବିଭିନ୍ନ ଉପାୟରେ ସୂର୍ଯ୍ୟଠାରୁ ଆସିଛି। ସୂର୍ଯ୍ୟଠାରୁ ନିରବଚ୍ଛିନ୍ନ ଭାବରେ ଆସୁଥିବା ଶକ୍ତି ସହାୟତାରେ ପୃଥିବୀରେ ଜୀବନ ସମ୍ଭବ ହୋଇପାରିଛି। ଏମିତି ୫୦୦ କୋଟି ବର୍ଷ ଧରି ଚାଲିଛି, ଆହୁରି ୭୦୦ କୋଟି ବର୍ଷ ଚାଲିବ। ସୂର୍ଯ୍ୟଠାରୁ ତାପ ଶକ୍ତି ଓ ଆଲୋକ ଶକ୍ତି ଆମ ପାଖକୁ ଆସୁଥିବ। ଆମେ ଆଲୋକ ଓ ତାପ ପାଇବା ପାଇଁ ସାଧାରଣତଃ କାଠ, କୋଇଲା ଓ ତେଲ ଜାଳୁ। କିନ୍ତୁ ସୂର୍ଯ୍ୟ ଭିତରେ ସେସବୁ ଜଳେ ନାହିଁ, ବରଂ ଉଦ୍‌ଜାନ ସହିତ ଉଦ୍‌ଜାନ ମିଶି ହିଲିୟମ୍ ସୃଷ୍ଟି ହୁଏ। ସେଥିରେ ବିପୁଳ ଶକ୍ତି ଉତ୍ପନ୍ନ ହୁଏ। ସେହି ଶକ୍ତିର ନାମ 'ପରମାଣୁ ଶକ୍ତି' (ଆଟମିକ୍ ଏନର୍ଜି)। ଭବିଷ୍ୟତରେ ପରମାଣୁ ଶକ୍ତି ହିଁ ସମସ୍ତ ଶକ୍ତି ଚାହିଦାର ଚରମ ଉତ୍ସ ବୋଲି ଆଜି ଚର୍ଚ୍ଚା ହେଉଛି।

କୋଇଲା, ପେଟ୍ରୋଲ ଓ ଡିଜେଲ ଭଳି ପାରମ୍ପରିକ ଶକ୍ତି ଉତ୍ସ ଆଜି ସରିବାକୁ ବସିଛି। ସେଗୁଡ଼ିକ ତିଆରି ହେବା ପାଇଁ ଲକ୍ଷ ଲକ୍ଷ ବର୍ଷ ଲାଗିଥିଲା। କିନ୍ତୁ ଦିନ କେଇଟାରେ ସରିଯିବ। ତେଣୁ ଏମିତି ଶକ୍ତିର ସନ୍ଧାନ ଜାରି ରହିଛି, ଯାହା ସରିବ ନାହିଁ। ସୌରଶକ୍ତି ନିଃସନ୍ଦେହରେ ଏହି କ୍ଷେତ୍ରରେ ସବୁଠାରୁ ନିର୍ଭରଯୋଗ୍ୟ ଦିଗ। କିନ୍ତୁ ସଂପ୍ରତି ଏହାର ଉତ୍ପାଦନ କ୍ଷମତା ସନ୍ତୋଷଜନକ ନୁହେଁ। ଆମର ଆବଶ୍ୟକତାକୁ ପୂରଣ କରିବା ଭଳି ସୌରଶକ୍ତିରୁ ଯଥେଷ୍ଟ ବିଜୁଳିଶକ୍ତି ଉତ୍ପାଦନ ହୋଇପାରୁ ନାହିଁ। ତେଣୁ ପାରମ୍ପରିକ ଶକ୍ତି ଉତ୍ସ ସାଙ୍ଗକୁ ପରମାଣୁ ଶକ୍ତି, ପବନ ଶକ୍ତି ଓ ଜୁଆର ଶକ୍ତିର ବ୍ୟବହାର ହେଉଛି। ବିଶେଷକରି ପରମାଣୁ ଶକ୍ତିର ବ୍ୟବହାର ଅସୁରକ୍ଷିତ। ଏହାର ଉତ୍ପାଦନ କ୍ଷେତ୍ରରେ ସାମାନ୍ୟ ଅସାବଧାନତା ଶହ ଶହ ଜୀବନ ନେଇପାରେ। ଏହାର ବିକିରଣଜନିତ କୁପ୍ରଭାବ ପାଞ୍ଚ ପିଢ଼ି ପର୍ଯ୍ୟନ୍ତ ରହିପାରେ। କିନ୍ତୁ ଅଳ୍ପ ଖର୍ଚ୍ଚରେ ଅଧିକ ପରମାଣୁ ଶକ୍ତି ଉତ୍ପାଦନ ସମ୍ଭବ। ତେଣୁ ସେଥିରେ ରହିଥିବା ବିପଦକୁ ଏଡ଼ାଇବା ସକାଶେ ଆମେ ଯଥେଷ୍ଟ ସାବଧାନତା ଅବଲମ୍ବନ କରିପାରିବା। ଏହାର ମାରାତ୍ମକ ବିକିରଣ ଯେମିତି ପରିବେଶ ଓ ମାନବଜାତିର କ୍ଷତି ନ କରିବ, ସେଥିପ୍ରତି ପ୍ରଥମେ ଯତ୍ନବାନ ହେବା।

ଆମର ବିଜୁଳି ଶକ୍ତି ଦରକାର। ତେଣୁ ଶକ୍ତି ଯେଉଁ ରୂପରେ ଥିଲେ ବି ଆମେ ତାକୁ ବିଜୁଳି ଶକ୍ତିରେ ପରିଣତ କରୁ। ବିଜୁଳି ଶକ୍ତି ଉତ୍ପାଦନ ସକାଶେ ଅଧିକ କୋଇଲା ବ୍ୟବହୃତ ହୁଏ। ତାପଜ ବିଦ୍ୟୁତ୍ କେନ୍ଦ୍ରରେ କୋଇଲାକୁ ଜାଳି ପାଣି ଗରମ କରାଯାଏ। ସେଥିରୁ ସୃଷ୍ଟି ହେଉଥିବା ଜଳୀୟବାଷ୍ପ ଦ୍ୱାରା ଟର୍ବାଇନ୍ ବୁଲିଲେ ବିଜୁଳି ଶକ୍ତି ଉତ୍ପନ୍ନ ହୁଏ। ପରମାଣୁ ଶକ୍ତି ଉତ୍ପାଦନ କେନ୍ଦ୍ରରେ କୋଇଲା ବଦଳରେ ପରମାଣୁ ଶକ୍ତି ବ୍ୟବହାର କରାଯାଏ। ନିଉକ୍ଲୀୟ ଜାଳେଣିରୁ ମିଳୁଥିବା ତାପକୁ ବ୍ୟବହାର କରି ପାଣି ଗରମ କରାଯାଏ। ବର୍ତ୍ତମାନ ପାଇଁ ଏହା ହେଉଛି ପରମାଣୁ ଶକ୍ତିକୁ ଜନସାଧାରଣଙ୍କ ବ୍ୟବହାର ଉପଯୋଗୀ କରିବାର ଏକମାତ୍ର ଉପାୟ। ଭାରତର ତାରାପୁର, କୋଟା, କାଇଗା, ନାରୋରା, କଳ୍ପକମ୍ ଓ କାକ୍ରାପାଡ଼ାଠାରେ ରହିଥିବା ଆମର ପରମାଣୁ ରିଆକ୍ଟରଗୁଡ଼ିକରୁ ବିଜୁଳି ଶକ୍ତି ଉତ୍ପାଦନ କରାଯାଉଛି।

ପରମାଣୁ ଶକ୍ତି ଉତ୍ପାଦନରେ ନୀତିନିୟମ ନ ମାନିଲେ ଓ ଏହାର ତେଜସ୍କ୍ରିୟ ପାଉଁଶକୁ ସୁରକ୍ଷିତ ଭାବରେ ସମୁଦ୍ର ତଳେ ନ ପୋତିଲେ ବିକିରଣ ଓ ପ୍ରଦୂଷଣଜନିତ କ୍ଷତି ହେବ। ଏହାକୁ ଶାନ୍ତିପୂର୍ଣ୍ଣ ପ୍ରୟୋଗ ବୋଲି ଦାବି କରିପାରିବା ନାହିଁ। ଏହାର ଶାନ୍ତିପୂର୍ଣ୍ଣ ବ୍ୟବହାର ବିକାଶ ପ୍ରକ୍ରିୟାର ସହାୟକ ହେବ। ନ ହେଲେ ପ୍ରଳୟ ସୃଷ୍ଟି କରିବ।


ଏହି ପରମାଣୁ ଶକ୍ତି ଦିନେ ହିରୋସୀମା ଓ ନାଗାସାକି ସହରକୁ ଧ୍ୱଂସ କରିଦେଇଥିଲା। ଦ୍ୱିତୀୟ ବିଶ୍ୱଯୁଦ୍ଧ ଚାଲିଥାଏ। ୧୯୪୫ ଅଗଷ୍ଟ ୬ ତାରିଖ ସକାଳେ ଜାପାନର ହିରୋସୀମା ସହର ଉପରେ ହଠାତ୍ ନିଆଁର ଝଡ଼ ମାଡ଼ି ଆସିଲା। ସାରା ସହର ପ୍ରଚଣ୍ଡ କମ୍ପନରେ ଥରିଗଲା। ଲୋକମାନେ କିଛି ବୁଝିବା ଆଗରୁ ନିଆଁରେ ପୋଡ଼ି ପାଉଁଶ ହୋଇଗଲେ। ତାହା କୌଣସି ପ୍ରାକୃତିକ ଦୁର୍ବିପାକ ନ ଥିଲା, ବରଂ ଆମେରିକାର ପରମାଣୁ ବୋମା ଜାପାନ ଉପରେ ପଡ଼ିଥିଲା, ଯାହାର ନାମ ଥିଲା 'ଲିଟିଲ ବୟ'। ପରମାଣୁ ବୋମା ବିସ୍ଫୋରଣ ହେତୁ କେଇଟା ମାତ୍ର ସେକେଣ୍ଡ ଭିତରେ ସାରା ସହର ଧ୍ୱସ୍ତବିଧ୍ୱସ୍ତ ହୋଇଗଲା। ଅଗଷ୍ଟ ୯ ତାରିଖରେ ସେମିତିକା ଆଉ ଏକ ପରମାଣୁ ବୋମା 'ଫ୍ୟାଟ ମ୍ୟାନ୍' ନାଗାସାକି ସହରକୁ ଧୂଳିସାତ୍ କରିଦେଲା। ଦୀର୍ଘ ୮୦ ବର୍ଷ ତଳର ଦୁଇଟା ପରମାଣୁ ବୋମାର ପ୍ରଳୟ ମାନବଜାତି ଭୁଲିନାହିଁ। ସେଠାରେ ରହୁଥିବା ଲୋକମାନେ ଏବେ ବି ତେଜସ୍କ୍ରିୟ ବିକିରଣର ଶିକାର ହେଉଛନ୍ତି। ମାନବ ଜୀବନ ବିପକ୍ଷରେ ପରମାଣୁ ଶକ୍ତିର ଏଭଳି ପ୍ରୟୋଗ ନିୟମ ବିରୁଦ୍ଧ। ମଣିଷ ହୃଦୟରୁ ମାନବିକତା ଲୋପ ପାଇଗଲେ ପରମାଣୁ ଶକ୍ତିର ଅପପ୍ରୟୋଗ ପୃଥିବୀକୁ ଧ୍ୱଂସ ମୁହଁକୁ ଠେଲି ଦେଇପାରିବ। ଶକ୍ତି ଉତ୍ପାଦନ କ୍ଷେତ୍ରରେ ଶୃଙ୍ଖଳା ଏକାନ୍ତ କାମ୍ୟ।

– କୋଅର୍ଡିନେଟର, ସ୍ନାତକୋତ୍ତର
ପ୍ରାୟୋଗିକ ପଦାର୍ଥବିଜ୍ଞାନ ବିଭାଗ,
ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ, ଭଦ୍ରକ
ମୋ : ୯୪୩୯୫୦୧୬୫୧



# ଦୀର୍ଘକାଳୀନ କିଡ୍‌ନୀ ରୋଗ

କିଡ୍‌ନୀଦ୍ୱୟ ଆମ ଶରୀରର ଖୁବ୍ ଗୁରୁତ୍ୱପୂର୍ଣ୍ଣ ତଥା ଅପରିହାର୍ଯ୍ୟ ଅଙ୍ଗ। ଏହା ପ୍ରତିନିୟତ ଶରୀରରୁ ଅତିରିକ୍ତ ଜଳ ଏବଂ ବର୍ଜ୍ୟ ନିଷ୍କାସନ କରି ରକ୍ତ ବିଶୋଧନ କରିଥାଏ। ଶରୀରରେ ଜଳ ଏବଂ ଲବଣ ଅଂଶର ସନ୍ତୁଳନ, ରକ୍ତଚାପ ନିୟନ୍ତ୍ରଣ, ଲୋହିତ ରକ୍ତକଣିକା ସଂଶ୍ଳେଷଣ ଆଦି ବିଭିନ୍ନ କାର୍ଯ୍ୟ ସମ୍ପାଦନ କରି ଏହା ଆମକୁ ସୁସ୍ଥ ରଖେ। ଦୀର୍ଘକାଳୀନ କିଡ୍‌ନୀ ରୋଗ ପାଇଁ ମୁଖ୍ୟତଃ ଦାୟୀ ହେଉଛି ଡାଇବେଟିସ୍ ଏବଂ ଉଚ୍ଚ ରକ୍ତଚାପ। ଏହା ଧୀରେ ଧୀରେ କିଡ୍‌ନୀକୁ ଅକାମୀ କରିଦିଏ। ଶରୀରରୁ ଅତିରିକ୍ତ ଜଳ ଏବଂ ବର୍ଜ୍ୟ ନିଷ୍କାସନ କିଡ୍‌ନୀ ପକ୍ଷେ ସମ୍ଭବ ହୋଇପାରେ ନାହିଁ। ୟୁରିନାରି ଟ୍ରାକ୍ ଇନ୍‌ଫେକଶନ ବା ମୂତ୍ରମାର୍ଗରେ ଜୀବାଣୁ ସଂକ୍ରମଣକୁ ଚିକିତ୍ସା ନ କଲେ ତାହା କିଡ୍‌ନୀ କାର୍ଯ୍ୟକୁ ଅକ୍ଷମ କରିପକାଏ। ନେଫ୍ରୋଟିକ୍ ସିଣ୍ଡ୍ରୋମରେ ପରିସ୍ରାରେ ନିଷ୍କାସନ ହୁଏ ବହୁ ପରିମାଣରେ ପ୍ରୋଟିନ୍। ଫଳରେ ରକ୍ତରେ ଆଲ୍‌ବୁମିନ୍ ନାମକ ପ୍ରୋଟିନ୍‌ର ମାତ୍ରା କମିଯାଏ। ଶରୀରରେ ଜଳ ଜମିଯାଇ ପେଟ, ମୁହଁ, ଗୋଡ଼ ଏବଂ ପାଦ ଫୁଲିଯାଏ। ଏଥିପାଇଁ ଯଥେଷ୍ଟ ପାଣି ପିଅନ୍ତୁ। ଦିନକୁ ଅତିକମ୍‌ରେ ଆଠ ଗ୍ଲାସ ପାଣି ପିଇଲେ ଶରୀରରୁ ବିଷାକ୍ତ ଉପାଦାନ ନିଷ୍କାସନ ହୋଇଯିବ। ସୁଷମ ଖାଦ୍ୟ ଖାଆନ୍ତୁ। ଯଥେଷ୍ଟ ଫଳ ଏବଂ ତଟକା ପନିପରିବା ଖାଆନ୍ତୁ। ନିଶାଦ୍ରବ୍ୟ ସେବନ ବର୍ଜନ କରନ୍ତୁ। ଡାଇବେଟିସ୍ କିମ୍ବା ରକ୍ତଚାପ ଥିଲେ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଔଷଧ ଖାଆନ୍ତୁ। ନିୟମିତ ବ୍ୟାୟାମ କରନ୍ତୁ। ବେଶି ଲୁଣ ଖାଆନ୍ତୁ ନାହିଁ। ଡାକ୍ତରଙ୍କ ପରାମର୍ଶ ବିନା ଔଷଧ ଖାଆନ୍ତୁ ନାହିଁ। କିଡ୍‌ନୀ ରୋଗର ନିର୍ଣ୍ଣୟ ପାଇଁ ନିୟମିତ ସମୟ ଅନ୍ତରାଳରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନିଅନ୍ତୁ। ମନେରଖନ୍ତୁ ଯେ, କିଡ୍‌ନୀ ରୋଗ ହେଲେ ଅନେକ କ୍ଷେତ୍ରରେ କୌଣସି ଲକ୍ଷଣ ପ୍ରକାଶ ପାଇ ନ ଥାଏ।



# ଜାଣିରଖନ୍ତୁ




ଶରୀର ପୋଷଣ ପାଇଁ ଖାଦ୍ୟ ଆବଶ୍ୟକ। ଭୋଜନ ଗ୍ରହଣ ସମୟରେ ବାର୍ତ୍ତାଳାପ ନ କରିବା ଏବଂ ଟିଭି ନ ଦେଖିବା ଭଲ। ଖାଇବାର ଅଧ ଘଣ୍ଟାଏରୁ ଘଣ୍ଟାଏ ଭିତରେ ପାଣି ପିଅନ୍ତୁ। ଖାଦ୍ୟ ଖାଇବା ମଝିରେ ପାଣି ପିଇବା ଅଭ୍ୟାସ ବଦଳାଇବାକୁ ଚେଷ୍ଟା କରନ୍ତୁ। କାରଣ ଏହା ପାଚନକ୍ରିୟାକୁ ପ୍ରଭାବିତ କରିଥାଏ। ଖାଇବା ପରେ ପରେ ଥଣ୍ଡା ପାନୀୟ ପିଅନ୍ତୁ ନାହିଁ କିମ୍ବା ଆଇସ୍‌କ୍ରିମ୍ ଖାଆନ୍ତୁ ନାହିଁ। ବାରମ୍ବାର ଖାଇବା, ଅତ୍ୟଧିକ ପରିମାଣରେ ଖାଇବା, ତେଲ, ମାଛ, ମାଂସ ଓ ଅଣ୍ଡାଦି ଗରିଷ୍ଠ ଭୋଜନ ନିୟମିତ ବା ଅତ୍ୟଧିକ ଖାଇବା ଶରୀର ପାଇଁ କ୍ଷତିକାରକ। ଯଦି ଏହାର ପରିପାକ ଠିକ୍ ରୂପେ ନ ହୁଏ, ତେବେ ଏହାକୁ ଅପକ୍ୱ ଅନ୍ନ କୁହାଯାଏ। ଏହା ଦ୍ୱାରା ପେଟରେ ଟକ୍ସିକ୍ ବା ବିଷ ସୃଷ୍ଟି ହୋଇଥାଏ। ଏହାଫଳରେ ଗ୍ୟାଷ୍ଟ୍ରିକ ସମସ୍ୟା ଦେଖାଦେଇଥାଏ।

# ଭାଇରସ୍ ନିୟନ୍ତ୍ରଣର ସରଳ ଉପାୟ



ଅନେକ ସମୟରେ ଆମେ ବ୍ୟାକ୍ଟେରିଆ କିମ୍ବା ଭାଇରସ୍ ଦ୍ୱାରା ଆକ୍ରାନ୍ତ ହୋଇଥାଉ। ଫଳରେ ଏଥିଯୋଗୁ ଆମେ କେତେକ ରୋଗର ଶିକାର ହେଉ। ହେଲେ ବ୍ୟାକ୍ଟେରିଆ, ଭାଇରସ୍‌କୁ ପ୍ରତିହତ କରିବାର କେତୋଟି ସରଳ ତଥା ସହଜ ଉପାୟ ଆମ ହାତ ପାଆନ୍ତାରେ ରହିଛି। ଏଥିପାଇଁ ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ଦୃଢ଼ ରହିବା ନିହାତି ଦରକାର। ଆମ ଶରୀରରେ ଏଗୁଡିକ କାୟା ବିସ୍ତାର କରିବା ପଛରେ କେତେକ କାରଣ ରହିଛି। ଆମେ ଯଦି ଅପରିଷ୍କାର ହାତକୁ ଠିକ୍ ଭାବରେ ନ ଧୋଇ ଖାଦ୍ୟ ଖାଉ ତେବେ ଶରୀର ଭିତରକୁ ଭାଇରସ ଯିବାର ଏହା ଏକ ସହଜ ମାଧ୍ୟମ ପାଲଟିଥାଏ। ଅପରିଷ୍କାର ସ୍ଥାନରେ ଅଧିକ ସମୟ ରହିଲେ ତାହା ମଧ୍ୟ ଏହାର ଏକ କାରଣ ସାଜିଥାଏ। କାରଣ ଅସ୍ୱାସ୍ଥ୍ୟକର ପରିବେଶ ଅଧିକ ପରିମାଣରେ ଭାଇରସ ସୃଷ୍ଟି କରେ। ତେଣୁ ସେଭଳି ପରିବେଶରେ ଅଧିକ ସମୟ ରହିଲେ ଆମର ଶ୍ୱାସକ୍ରିୟା ବାଟେ ଭାଇରସ ଶରୀର ଭିତରକୁ ପ୍ରବେଶ କରନ୍ତି। ତେଣୁ ଏଭଳି ସ୍ଥାନରେ କାମ କରୁଥିଲେ ମାସ୍କ ବ୍ୟବହାର କରନ୍ତୁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ନିଜେ ପରିଷ୍କାର ପରିଚ୍ଛନ୍ନ ରହିବା। ଖାଇବା ପୂର୍ବରୁ ଭଲ ଭାବରେ ସାବୁନ୍‌କିମ୍ବା ହ୍ୟାଣ୍ଡୱାଶ ଦ୍ୱାରା ହାତ ଧୁଅନ୍ତୁ।

# ଅବସାଦ ଆଶଙ୍କା ଦୂର କରେ ଭିଟାମିନ୍‌ଯୁକ୍ତ ଖାଦ୍ୟ



ଅବସାଦ ବା ଡିପ୍ରେସନ ଏଭଳି ଏକ ସମସ୍ୟା, ଯାହା ପରୋକ୍ଷରେ ଶରୀରର ଅନେକ କ୍ଷତି କରିଥାଏ। ତେଣୁ ଏଭଳି ସମସ୍ୟାଠାରୁ କିପରି ଦୂରେଇ ରହିବେ, ସେ ନେଇ ସତର୍କ ହେବା ନିହାତି ଦରକାର। ତେବେ ଏଭଳି ଆଶଙ୍କାଠାରୁ ଦୂରେଇ ରଖିବାର ଏକ ଜିନିଷ ଅନେକାଂଶରେ ସହାୟକ ହୋଇଥାଏ। ତାହା କ'ଣ ଜାଣନ୍ତି ? ଭିଟାମିନ୍‌ଯୁକ୍ତ ଖାଦ୍ୟ। ଏଭଳି ଖାଦ୍ୟ ଖାଇବା ଦ୍ୱାରା ଜଣେ ଅବସାଦଠାରୁ କେତେକାଂଶରେ ନିଜକୁ ଦୂରେଇ ରଖିପାରିବ ବୋଲି କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ମନୋବିଜ୍ଞାନୀମାନେ ଏକ ରିପୋର୍ଟରେ ଉଲ୍ଲେଖ କରିଛନ୍ତି। 'ଅବସାଦ ଆଶଙ୍କା ଏବଂ ଭିଟାମିନ୍‌ଯୁକ୍ତ ଖାଦ୍ୟ' ଶୀର୍ଷକ ବିଷୟକୁ ନେଇ ସେମାନେ ଏକ ସର୍ଭେ କରିଥିଲେ। ଏହି ସମୟରେ ସେମାନେ ଅବସାଦର ଶିକାର ହୋଇଥିବା କେତେକ ବ୍ୟକ୍ତିଙ୍କୁ ଭିଟାମିନ୍‌ଯୁକ୍ତ ଖାଦ୍ୟ ଖାଇବାକୁ ପରାମର୍ଶ ଦିଆଯାଇଥିଲା। ଅନ୍ୟପକ୍ଷରେ ନିୟମିତ ସମୟ ବ୍ୟବଧାନରେ ଏହାର ପ୍ରଭାବ ଅବସାଦ ଉପରେ କିପରି ପଡୁଛି ତାହାକୁ ତନ୍ନ ତନ୍ନ କରି ତର୍ଜମା କରାଯାଇଥିଲା। ଏହାଦ୍ୱାରା ସେମାନଙ୍କ ମଧ୍ୟରୁ ପ୍ରାୟ ୪୫% ବ୍ୟକ୍ତି ନିଜକୁ ଅବସାଦଠାରୁ କେତେକାଂଶରେ ଦୂରେଇ ରଖିବାରେ ସକ୍ଷମ ହୋଇଥିଲେ ବୋଲି ସର୍ଭେ ରିପୋର୍ଟରୁ ଜଣାପଡ଼ିଛି। ତେଣୁ ଆମକୁ ପ୍ରତିଦିନ ସନ୍ତୁଳିତ ତଥା ଭିଟାମିନ୍‌ଯୁକ୍ତ ଖାଦ୍ୟ ଠିକ୍ ପରିମାଣରେ ଖାଇବା ନିହାତି ଜରୁରୀ।

# ଉପକାରୀ ଆଖୁରସ



ଆଖୁରସରେ ଅନେକ ପ୍ରକାର ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ଏହାକୁ ପିଇବା ଦ୍ୱାରା ଶରୀରରେ ଶକ୍ତି ସଞ୍ଚାର ହୋଇଥାଏ। ଏଥିରେ ଏଭଳି ତତ୍ତ୍ୱ ରହିଛି, ଯାହା ଡାଇବେଟିସ୍ ରୋଗୀଙ୍କ ପାଇଁ ଉପକାରୀ। ଏହା ରକ୍ତରେ ଶର୍କରା ପରିମାଣକୁ କେତେକାଂଶରେ ସନ୍ତୁଳିତ ରଖିଥାଏ। ଏହାର ଆଉ ଏକ ଖାସ୍ ଗୁଣ ରହିଛି। ଆଖୁ ରସରେ ପୋଟାସିୟମ ଏବଂ କ୍ୟାଲ୍‌ସିୟମ ଭରି ରହିଛି। ତେଣୁ ଏହାକୁ ପିଇଲେ ତାହା ଦାନ୍ତମୂଳକୁ ଦୃଢ଼ କରିବା ସହ ଦାନ୍ତଜନିତ ସମସ୍ୟାରୁ କେତେକାଂଶରେ ରକ୍ଷା କରିଥାଏ। ଆଖୁରସରେ ମଧ୍ୟ ଆଣ୍ଟି ଅକ୍ସିଡାଣ୍ଟ ଗୁଣ ଅଛି। ଏହାକୁ ପିଇବା ଦ୍ୱାରା ଖାଦ୍ୟ ହଜମ ଠିକ୍ ଭାବେ ହୋଇଥାଏ। ସବୁଠାରୁ ଖାସ୍ କଥା ହେଲା, ଏହା ମଧ୍ୟ ପାକସ୍ଥଳୀ ସଂକ୍ରମଣ ଆଶଙ୍କାକୁ କେତେକାଂଶରେ ଦୂରେଇ ରଖିଥାଏ। କେବଳ ସେତିକି ନୁହେଁ, ଅସ୍ଥି ଏବଂ ମାଂସପେଶୀକୁ ମଜଭୁତ କରିବାରେ ମଧ୍ୟ ଏହା ସାହାଯ୍ୟ କରିଥାଏ। ଅଷ୍ଟିଓପୋରୋସିସ୍, ଆଣ୍ଠୁଗଣ୍ଠି ବାତ ହେବା ଆଦିରୁ ମଧ୍ୟ ଏହା ସୁରକ୍ଷା ପ୍ରଦାନ କରେ। ଆଖୁ ରସରେ ଭିଟାମିନ୍-ସି ଭରି ରହିଛି। ତେଣୁ ଏହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ ଏବଂ ବାହ୍ୟ ଜୀବାଣୁ ଆକ୍ରମଣରୁ ମଧ୍ୟ ରକ୍ଷା କରିଥାଏ। ଏଥିରେ ଗ୍ଲାଇକୋ ଏସିଡ୍ ଥିବାରୁ ଏହା ଚର୍ମରେ ଥିବା କୋଷକୁ କ୍ଷୟ ହେବାକୁ ଦିଏ ନାହିଁ, ଯଦ୍ୱାରା ଚର୍ମର ଚମକ୍ ବଢ଼ିଥାଏ। ଶରୀରରେ ଯଦି କୋଲେଷ୍ଟରଲ୍ କିମ୍ବା ସୋଡିୟମ୍‌ର ପରିମାଣ କମିଯାଏ, ତେବେ ଆଖୁରସ ପିଇବା ଦ୍ୱାରା ଏହା ସନ୍ତୁଳିତ ଅବସ୍ଥାକୁ ଆସିଥାଏ।

# ସ୍ୱାସ୍ଥ୍ୟ ସୂଚନା

➤ଯଦି ଆପଣଙ୍କର ଆଣ୍ଠୁଗଣ୍ଠିଜନିତ ସମସ୍ୟା ରହିଛି, ତେବେ ଶିଡ଼ିଚଢ଼ାରୁ ନିଜକୁ ଯେତେ ବିରତ ରଖିବେ ସେତେ ଭଲ। ଏଥିପାଇଁ ରୁମାଟଏଡ୍ ବିଶେଷଜ୍ଞଙ୍କ ସହ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ।

➤ନିଜର ମାନସିକତାକୁ ସବୁବେଳେ ସକାରାତ୍ମକ ରଖିବାକୁ ଚେଷ୍ଟା କରନ୍ତୁ। ଏହାଦ୍ୱାରା ଆପଣ ନିଜର ଦୈନନ୍ଦିନ କାମ ଠିକ୍ ଭାବରେ କରିପାରିବେ।

➤ଆମ ଶରୀରରେ ଜଳୀୟ ଅଂଶ ସନ୍ତୁଳିତ ରହିବା ନିହାତି ଦରକାର। ତେଣୁ ପ୍ରତିଦିନ ଅତିକମ୍‌ରେ ୨-୩ ଲିଟର ପାଣି ପିଅନ୍ତୁ। ଯଦି ଆପଣଙ୍କର କିଡ୍‌ନୀଜନିତ ସମସ୍ୟା ରହିଛି, ତେବେ କେତେ ପାଣି ପିଇବେ ସେ ନେଇ କିଡ୍‌ନୀ ଡାକ୍ତରଙ୍କଠାରୁ ବୁଝି ନିଅନ୍ତୁ।

➤ପ୍ରତିଦିନ ତଟକା ଫଳମୂଳରୁ ପ୍ରସ୍ତୁତ ଜୁସ୍ ପିଅନ୍ତୁ। ଏଥିରୁ ଶରୀରକୁ ଅନେକ ପ୍ରକାର ଉପକାରୀ ତତ୍ତ୍ୱ ମିଳିଥାଏ।

➤ଔଷଧ ବିଷୟରେ ଯେତେ ଅଭିଜ୍ଞତା ଥିଲେ ମଧ୍ୟ ଏ ନେଇ ମନରେ ଉଠୁଥିବା ପ୍ରଶ୍ନଗୁଡ଼ିକୁ ସମାଧାନ କରିବା ପାଇଁ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।

➤ପ୍ରତିଦିନ ସକାଳେ କିଛି ସମୟ ଖାଲି ପାଦରେ ଚାଲନ୍ତୁ। ଏହାଦ୍ୱାରା ଶରୀର ଭିତରେ ଥିବା ସ୍ନାୟୁଗୁଡ଼ିକ ଆହୁରି ସକ୍ରିୟ ହୋଇଥାଆନ୍ତି।

➤ଯଦି ଆପଣଙ୍କର ବ୍ଲଡପ୍ରେସର ସମସ୍ୟା ରହିଛି, ତେବେ ଲୁଣଜାତୀୟ ଖାଦ୍ୟ ଯେତେ କମ୍ ଖାଇବେ ସେତେ ଭଲ। କାରଣ ଏହାର ପରିମାଣ ଅଧିକ ହେଲେ ତାହା ବ୍ଲଡପ୍ରେସରକୁ ଅସନ୍ତୁଳିତ ରଖିଥାଏ।



# ଯୋଗ: କିଛି କଥା



ଆଜିକାଲି ନିଜକୁ ସୁସ୍ଥ ଏବଂ ଫିଟ୍ ରଖିବା ଅପରିହାର୍ଯ୍ୟ ହୋଇପଡ଼ିଛି। ଏଥିପାଇଁ ଖାଦ୍ୟପେୟ, ଏକ ସନ୍ତୁଳିତ ଜୀବନଶୈଳୀ, ବ୍ୟାୟାମ ଆଦିର ଆବଶ୍ୟକତା ରହିଛି। ବର୍ତ୍ତମାନ ଏହି ତାଲିକାରେ ପ୍ରମୁଖ ସ୍ଥାନ ଅଧିକାର କରିଛି ଯୋଗ। ଏହାଦ୍ୱାରା ଜଣେ ନିଜକୁ ଅନେକାଂଶରେ ସୁସ୍ଥ ରଖିପାରୁଛି। ଏଥିରୁ ମଧ୍ୟ ମାନସିକ ଶାନ୍ତି ମିଳିଥାଏ। ତେବେ ଯୋଗ କରିବା ପୂର୍ବରୁ ଏ ବିଷୟରେ ଭଲ ଭାବରେ ଅବଗତ ହେବା ନିହାତି ଦରକାର। ତେଣୁ ଯଦି ଏ ନେଇ ନିଷ୍ପତ୍ତି ନେଇଛନ୍ତି, ତେବେ ପ୍ରଥମେ ଜଣେ ଅଭିଜ୍ଞ ଯୋଗ ଏକ୍ସପର୍ଟଙ୍କ ସହ ଆଲୋଚନା କରନ୍ତୁ। କେଉଁ କେଉଁ ଯୋଗ କଲେ ତାହା ଆପଣଙ୍କ ପାଇଁ ଲାଭପ୍ରଦ ସାବ୍ୟସ୍ତ ହେବ ସେହି ବିଷୟରେ ସେ ସବିଶେଷ ସୂଚନା ଦେଇପାରିବେ। ବର୍ତ୍ତମାନ ଯୋଗ ଚାହିଦା ସମଗ୍ର ବିଶ୍ୱରେ କାହିଁରେ କେତେ। ଏହାକୁ ଆହୁରି ପ୍ରସାର କରିବାକୁ ପ୍ରତିବର୍ଷ ଜୁନ୍ ୨୧ ତାରିଖରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯାଉଛି। ଯୋଗ କରିବା ପୂର୍ବରୁ ମନକୁ ଚାପମୁକ୍ତ ରଖନ୍ତୁ। ସକାଳୁ ଏକ ଶାନ୍ତ ପରିବେଶରେ ଯୋଗ କରନ୍ତୁ। ଏହି ସମୟରେ ଏକାଗ୍ରତା ହେଉଛି ବଡ଼ କଥା। ନିୟମିତ ଯୋଗ କଲେ ତାହାର ସୁପ୍ରଭାବ ଧୀରେ ଧୀରେ ଅନୁଭବ କରିହୁଏ। ନିଜ ଘରେ ହେଉ ଅବା ପାର୍କରେ କିମ୍ବା କୌଣସି ଯୋଗ ଅନୁଷ୍ଠାନରେ ଆପଣ ଯୋଗ କରିପାରିବେ। ପ୍ରତିଦିନ କିଛି ସମୟ ଯୋଗ କଲେ ତଦ୍ୱାରା ଆପଣ ନିଜକୁ ଟେନ୍‌ସନଠାରୁ କେତେକାଂଶରେ ଦୂରେଇ ରଖିପାରିବେ। ଏହାର ସୁପ୍ରଭାବ ଶରୀରର ଅନେକ ଅଙ୍ଗପ୍ରତ୍ୟଙ୍ଗ ଉପରେ ପଡ଼ିଥାଏ।

# ଏସିଆ କପ୍: ପାକିସ୍ତାନ ବିପକ୍ଷରେ ଭାରତୀୟ ବୋଲର ପ୍ରଭାବୀ



ଉଇକେଟ ନେବା ପରେ ଅକ୍ଷର ପଟେଲଙ୍କୁ କୁଲଦୀପ ଯାଦବଙ୍କ ବଧେଇ।

**ଦୁବାଇ, ୧୪।୯**

ଏସିଆ କପ୍ କ୍ରିକେଟରେ ରବିବାର ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱି ଭାରତ ଓ ପାକିସ୍ତାନ ମଧ୍ୟରେ ହାଇପ୍ରୋଫାଇଲ ମ୍ୟାଚ ଅନୁଷ୍ଠିତ ହୋଇଛି। ଏଥିରେ ଭାରତୀୟ ବୋଲରମାନେ ଚମତ୍କାର ବୋଲିଂ କରି ପାକିସ୍ତାନକୁ ବଡ଼ ସ୍କୋର କରିବାକୁ ଦେଇ ନାହାନ୍ତି। ପାକିସ୍ତାନ ୨୦ ଓଭରରେ ୯ ଉଇକେଟ ହରାଇ ୧୨୭ ରନ ସଂଗ୍ରହ କରିଛି। ଏକାକୀ ଶାହିବଜାଦା ଫରହାନ ଭାରତୀୟ ବୋଲରଙ୍କୁ କିଛି ପରିମାଣରେ ସଫଳ ମୁକାବିଲା କରି ସର୍ବାଧିକ ୪୦ (୪୪ ବଲ, ୧ ଚୌକା, ୩ ଛକା) ରନ ସଂଗ୍ରହ କରିଛନ୍ତି। ଅଧିନାୟକ ସଲମାନ ଆଘାଙ୍କ ସମେତ ଅନ୍ୟ ସମସ୍ତ ବ୍ୟାଟର ନିରାଶା ଜନକ ବ୍ୟାଟିଂ କରିଛନ୍ତି। ଭାରତ ପକ୍ଷରୁ ହାର୍ଦ୍ଦିକ ପାଣ୍ଡ୍ୟା ଉଇକେଟ ହାସଲ ଅଭିଯାନ ପ୍ରଥମ ଓଭରରୁ ଆରମ୍ଭ କରିଥିବାବେଳେ ମଧ୍ୟଭାଗରେ ଦୁଇ ସ୍ପିନର କୁଲଦୀପ ଯାଦବ ଓ ଅକ୍ଷର ପଟେଲ ପାକିସ୍ତାନକୁ ସ୍ପିନ୍ ଜାଲରେ ଫସାଇବାରେ ସକ୍ଷମ ହୋଇଥିଲେ।

ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ ପାକିସ୍ତାନ ଅଧିନାୟକ ସଲମାନ ଆଘା। ଭାରତ ପକ୍ଷରୁ ବୋଲିଂ ଓପନ କରିଥିବା ହାର୍ଦ୍ଦିକ ପାଣ୍ଡ୍ୟା ପ୍ରଥମ ବଲ୍‌କୁ ୱାଇଡ୍ ପକାଇଥିବାବେଳେ ଦ୍ୱିତୀୟ ବଲ୍‌ରେ ସଇମ ଆୟୁବଙ୍କୁ ଆଉଟ କରି ପାକିସ୍ତାନକୁ ଶକ୍ତ ଝଟ୍‌କା ଦେଇଥିଲେ। ଭାରତର ଷ୍ଟ୍ରାଇକ୍ ବୋଲର ଯଶପ୍ରୀତ୍ ବୁମ୍‌ରା ମଧ୍ୟ ନିରାଶ କରି ନ ଥିଲେ। ସେ ନିଜ ପ୍ରଥମ ଓଭରରେ ଅଭିଜ୍ଞ ମହମ୍ମଦ ହାରିସଙ୍କୁ ପ୍ୟାଭିଲିୟନ ପଠାଇ ପାକିସ୍ତାନକୁ ବ୍ୟାକ୍‌ଫୁଟ୍‌କୁ ଠେଲି ଦେଇଥିଲେ। ଓପନର ଶାହିବଜାଦା ଫରହାନ ସତର୍କତାର ଭାରତୀୟ ବୋଲରଙ୍କୁ ମୁକାବିଲା କରିଥିଲେ ହେଁ ସ୍ପିନର ଆସିବାପରେ ରନ୍‌ହାର ଧିମେଇ ଯାଇଥିଲା। ଅକ୍ଷର ପଟେଲ ଚମତ୍କାର ବୋଲିଂ କରି ଫଖର ଜମନ ଓ ଆଘାଙ୍କୁ ଆଉଟ କରିଥିବାବେଳେ ପାକିସ୍ତାନ ୧୦ ଓଭରରେ ୪ ଉଇକେଟ ହରାଇ କେବଳ ୪୯ ରନ କରିବାକୁ ସକ୍ଷମ ହୋଇଥିଲା। ଆୟୁବ (୦) ଗୋଲ୍‌ଡେନ ଡକ୍‌ରେ ଆଉଟ ହୋଇଥିବାବେଳେ ହାରିସ ୩, ଜମନ ୧୭ ଓ ଆଘା ୩ ରନର ଯୋଗଦାନ ଦେଇଥିଲେ। ତାରକା ସ୍ପିନର କୁଲଦୀପ ଯାଦବ ମଧ୍ୟ ପଛରେ ରହି ନ ଥିଲେ। ସେ ନିଜ ଦ୍ୱିତୀୟ ଓଭରର ୪ର୍ଥ ଓ ୫ମ ବଲ୍‌ରେ ୨ଟି ଉଇକେଟ ହାସଲ କରି ମ୍ୟାଚକୁ ଏକପାଖିଆ କରି ଦେଇଥିଲେ। ସେ ଏହି ଓଭରର ୪ର୍ଥ ବଲ୍‌ରେ ହାସନ ନୱାଜ (୫)ଙ୍କୁ ଅକ୍ଷର ପଟେଲଙ୍କ ହାତରେ କ୍ୟାଚ କରାଇଥିବାବେଳେ ୫ମ ବଲ୍‌ରେ ମହମ୍ମଦ ନୱାଜ (୦)ଙ୍କୁ ଶିକାର ବନାଇଥିଲେ। ଶାହିବଜାଦା ଫରହାନ ସର୍ବାଧିକ ୪୦ (୪୪ ବଲ, ୧ ଚୌକା, ୩ ଛକା) ରନ କରିଛନ୍ତି। ଶେଷ ଭାଗରେ ଶାହିନ ଶାହା ଆଫ୍ରିଦୀ କେତେକ ଦର୍ଶନୀୟ ଶଟ୍ ଖେଳିବାରୁ ପାକିସ୍ତାନ ସମ୍ମାନଜନକ ସ୍କୋରରେ ପହଞ୍ଚି ପାରିଥିଲା। ଭାରତ ପକ୍ଷରୁ କୁଲଦୀପ ଯାଦବ ୩ଟି, ଅକ୍ଷର ପଟେଲ ଓ ଯଶପ୍ରୀତ୍ ବୁମ୍‌ରା ୨ଟି ଲେଖାଏ ଏବଂ ହାର୍ଦ୍ଦିକ ପାଣ୍ଡ୍ୟା ଓ ବରୁଣ ଚକ୍ରବର୍ତ୍ତୀ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ପାକିସ୍ତାନ ୨୦ ଓଭରରେ ୧୨୭/୯ (ଶାହିବଜାଦା ଫରହାନ-୪୦, ଶାହିନ ଶାହ ଆଫ୍ରିଦୀ-୩୩*, ଫଖର ଜମନ-୧୭, କୁଲଦୀପ ଯାଦବ-୩/୧୮, ଅକ୍ଷର ପଟେଲ-୨/୧୮, ଯଶପ୍ରୀତ୍ ବୁମ୍‌ରା-୨/୨୮, ହାର୍ଦ୍ଦିକ ପାଣ୍ଡ୍ୟା-୧/୩୪, ବରୁଣ ଚକ୍ରବର୍ତ୍ତୀ-୧/୨୪)।

## ଗ୍ୟାରୀ ଷ୍ଟିଡ୍ ଆନ୍ଧ୍ର କୋଚ୍

**ନୂଆଦିଲ୍ଲୀ, ୧୪।୯ (ପି.ଟି.):** ଆନ୍ଧ୍ର କ୍ରିକେଟ୍ ଆସୋସିଏଶନ (ଏସିଏ) ଶନିବାର ନ୍ୟୁଜିଲାଣ୍ଡର ପୂର୍ବତନ କ୍ରିକେଟର ତଥା କୋଚ୍ ଗ୍ୟାରୀ ଷ୍ଟିଡ୍‌ଙ୍କୁ ୨୦୨୫-୨୬ ରଣଜୀ ଟ୍ରଫି ସିଜନ ଲାଗି ମୁଖ୍ୟ କୋଚ୍ ଘୋଷଣା କରିଛି। ଷ୍ଟିଡ୍ ୨୦୧୮ରୁ ଚଳିତବର୍ଷ ପର୍ଯ୍ୟନ୍ତ ନ୍ୟୁଜିଲାଣ୍ଡ ଦଳର ମୁଖ୍ୟ କୋଚ୍ ଥିଲେ। ତାଙ୍କ କାର୍ଯ୍ୟକାଳରେ ନ୍ୟୁଜିଲାଣ୍ଡ ୩ଟି ଆଇସିସି ଟୁର୍ନାମେଣ୍ଟର ଫାଇନାଲରେ ଖେଳିଥିଲା। ଏପରି କି ନ୍ୟୁଜିଲାଣ୍ଡ ୨୦୧୯-୨୧ ୱାର୍ଲ୍ଡଚାମ୍ପିୟନଶିପ୍ ଫାଇନାଲ ମଧ୍ୟ ଜିତିଥିଲା। ସେ ନ୍ୟୁଜିଲାଣ୍ଡ ମହିଳା ଦଳର ମଧ୍ୟ କୋଚ୍ ଥିଲେ।

## ମେଘନାଙ୍କୁ ପ୍ରଥମ ପଦକ

**ନିଙ୍ଗ୍‌ବୋ, ୧୪।୯ (ପି.ଟି.):** ସିଜନ ଶେଷ ଆଇଏସ୍‌ଏସ୍‌ଏଫ୍ ୱାର୍ଲ୍ଡକପ୍ ରାଇଫଲ/ପିସ୍ତଲ ଚାମ୍ପିୟନଶିପ୍‌ରେ ଭାରତର ମେଘନା ସାଜାନାର ମହିଳା ୧୦ ମିଟର ଏୟାର ରାଇଫଲ ଇଭେଣ୍ଟରେ ଏକ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ବିଶ୍ୱକପ୍‌ରେ ମେଘନାଙ୍କର ଏହା ହେଉଛି ପ୍ରଥମ ପଦକ। ଏହି ପଦକ ସହ ଭାରତ ୫ପଦକ ସହ ଇଭେଣ୍ଟରେ ଏହାର ଅଭିଯାନ ଶେଷ କରିଛି। ୮ ବର୍ଷରେ ମେଘନାଙ୍କର ଏହାଥିଲା ପ୍ରଥମ ବିଶ୍ୱକପ୍ ଫାଇନାଲ। ସେ ୨୩୦.୦ ଶଟ୍ ସହ ନରୱେର ଜିନେଟ୍ ହେଗ୍ ଡ୍ୟୁଷ୍ଟାଡ୍‌ଙ୍କ ପଛରେ ବ୍ରୋଞ୍ଜ ଜିତିଥିଲେ।

## ଶେରାୱତ ଅଯୋଗ୍ୟ ଘୋଷିତ

**ବିଶ୍ୱ କୁସ୍ତି ଚାମ୍ପିୟନଶିପ୍**

**ନୂଆଦିଲ୍ଲୀ, ୧୪।୯ (ପି.ଟି.)**

ଅଧିକ ଓଜନ ଯୋଗୁ ଭାରତର ଅଲିମ୍ପିକ ପଦକ ବିଜେତା ଅମନ ଶେରାୱତ କ୍ରୋଏସିଆର ଜାଗ୍ରେବଠାରେ ଚାଲିଥିବା ବିଶ୍ୱ କୁସ୍ତି ଚାମ୍ପିୟନଶିପ୍‌ରେ ଅଯୋଗ୍ୟ ଘୋଷିତ ହୋଇଛନ୍ତି। ଫଳତଃ ଭାରତୀୟ କୁସ୍ତି ଦଳକୁ ଶକ୍ତ ଧକ୍କା ଲାଗିଛି। ଅମନ ଗତ ବର୍ଷ ପ୍ୟାରିସ ଗେମ୍ସରେ ଏକ ବ୍ରୋଞ୍ଜ ଜିତିଥିଲେ। ପୁରୁଷ ଫ୍ରିଷ୍ଟାଇଲ ୫୭କେଜି ଶ୍ରେଣୀରେ ଓଜନ ବେଳେ ତାଙ୍କ ଓଜନ ୧.୭ କେଜି ଅଧିକ ଥିବା ଦେଖିବାକୁ ମିଳିଥିଲା। ଭାରତୀୟ ଦଳର ଜଣେ ସଦସ୍ୟ କହିଛନ୍ତି, ଅମନ ତାଙ୍କ ଓଜନ ବଜାୟ ନ ରଖିପାରିବା ଦୁର୍ଭାଗ୍ୟଜନକ ଓ ଆଶ୍ଚର୍ଯ୍ୟଜନକ ମଧ୍ୟ। ୱେଟ୍ ସ୍କେଲରେ ଛିଡ଼ା ହେବାବେଳେ ଧାର୍ଯ୍ୟ ଓଜନଠାରୁ ତାଙ୍କ ଓଜନ ୧୭୦୦ଗ୍ରାମ୍ ଅଧିକ ଥିବା ପରିଲକ୍ଷିତ ହୋଇଥିଲା। ଏହା ଆଦୌ ଗ୍ରହଣଯୋଗ୍ୟ ନୁହେଁ। ସେଠିକାର ଜଳବାୟୁ ସହିତ ଅଭ୍ୟସ୍ତ ହେବା ଲାଗି ଜାଗ୍ରେବ୍‌ରେ ଭାରତୀୟ କୁସ୍ତି ଯୋଦ୍ଧାମାନଙ୍କର ଆଗୁଆ ଏକ କ୍ୟାମ୍ପର ଆୟୋଜନ କରାଯାଇଥିଲା। ଓଜନକୁ ସଜାଡ଼ିବା ଲାଗି ଯଥେଷ୍ଟ ସମୟ ଥିଲା। ୨୨ବର୍ଷୀୟ ଅମନ ଛତ୍ରସାଲ ଷ୍ଟାଡିୟମରେ ଟ୍ରେନିଂ ନେଇଥାନ୍ତି। ଭାରତୀୟଙ୍କ ମଧ୍ୟରେ ସେ ଅନ୍ୟତମ ପ୍ରମୁଖ ପଦକ ଦାବିଦାର ଥିଲେ।

## ସାତ୍ୱିକ-ଚିରାଗ, ଲକ୍ଷ୍ୟ ସେନ୍ ରନରଅପ୍

**ହଂକଂ ଓପନ ବ୍ୟାଡ୍‌ମିଣ୍ଟନ**

**ହଂକଂ, ୧୪।୯ (ପି.ଟି.):** ଭାରତର ଷ୍ଟାର ପୁରୁଷ ସିଙ୍ଗଲ୍ସ ଖେଳାଳି ଲକ୍ଷ୍ୟ ସେନ୍ ଏବଂ ଟପ୍ ପୁରୁଷ ଡବଲ୍ସ ଯୋଡ଼ି ସାତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟି ଏଠାରେ ଚାଲିଥିବା ହଂକଂ ଓପନ ସୁପର ୫୦୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ରନରଅପ୍ ସହ ସେମାନଙ୍କ ଅଭିଯାନ ଶେଷ କରିଛନ୍ତି। ସେ ରବିବାର ଅନୁଷ୍ଠିତ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ଲକ୍ଷ୍ୟ ବିଶ୍ୱର ୪ ନମ୍ବର ମାନ୍ୟତାପ୍ରାପ୍ତ ଲି' ଶି ଫେଙ୍ଗ୍‌ଙ୍କଠାରୁ ୧୫-୨୧, ୧୨-୨୧ରେ ହାରିଯାଇଛନ୍ତି। ଗତ ନଭେମ୍ବରରେ ଅନୁଷ୍ଠିତ ସୟଦ ମୋଦୀ ସୁପର ୩୦୦ ପରେ ଲକ୍ଷ୍ୟଙ୍କର ଏହା ଥିଲା ପ୍ରଥମ ଫାଇନାଲ। ଲକ୍ଷ୍ୟ ଏହି ଚାଇନିଜ ଖେଳାଳିଙ୍କ ସହ ଜୁନିୟର ସ୍ତରରୁ ଆରମ୍ଭ କରି ଏପର୍ଯ୍ୟନ୍ତ ୧୪ ଥର ମୁକାବିଲା କରି ସାରିଲେଣି। ତାଙ୍କ ବିପକ୍ଷରେ ଲକ୍ଷ୍ୟଙ୍କର ବିଜୟ ପରାଜୟ ରେକର୍ଡ ୭-୬ ରହିଛି। କିନ୍ତୁ ଚଳିତ ସିଜନରେ ଉଭୟ ଅଲ୍ ଇଂଲଣ୍ଡ ଓ ଚାଇନା ଓପନରେ ଲକ୍ଷ୍ୟଙ୍କ ବିପକ୍ଷରେ ପ୍ରାଧାନ୍ୟବିସ୍ତାର କରି ଖେଳିଛନ୍ତି। ଏହି ଚାଇନିଜ ଖେଳାଳି ରବିବାର ଅନୁଷ୍ଠିତ ଫାଇନାଲରେ ବିଶ୍ୱର ୯ ନମ୍ବର ର୍‍ୟାଙ୍କିଙ୍ଗ ଭାରତୀୟ ଯୋଡ଼ି ଅଲିମ୍ପିକ ରୌପ୍ୟ ପଦକ ବିଜେତା ୬ଷ୍ଠ ର୍‍ୟାଙ୍କିଙ୍ଗପ୍ରାପ୍ତ ଚାଇନାର ଲିଆଙ୍ଗ ୱି କେଙ୍ଗ୍ ଓ ୱାଙ୍ଗ୍ ଚାଙ୍ଗ୍ ଯୋଡ଼ିଙ୍କଠାରୁ ୨୧-୧୯, ୧୪-୨୧, ୧୭-୨୧ରେ ହାରିଯାଇଛନ୍ତି। ଥାଇଲାଣ୍ଡ ଓପନ ଜିତିବାର ୧୬ ମାସ ପରେ ଏହାଥିଲା ସେମାନଙ୍କର ପ୍ରଥମ ଫାଇନାଲ। ସାତ୍ୱିକ-ଚିରାଗ ପୂର୍ବରୁ ଖେଳିଥିବା ସମସ୍ତ ଚାରି ସୁପର ୫୦୦ ଫାଇନାଲରେ ବିଜୟ ଲାଭ କରି ରେକର୍ଡ କରିଥିଲେ। ରବିବାର ପରାଜୟ ଦ୍ୱାରା ଏଥିରେ ବ୍ରେକ୍ ଲାଗିଛି। ଚଳିତ ସିଜନରେ ୬ଟି ଟୁର୍ନାମେଣ୍ଟରେ ସେମିଫାଇନାଲରେ ପ୍ରବେଶ କରିଥିବା ଭାରତୀୟ ଯୋଡ଼ି ଲିଆଙ୍ଗ ଓ ୱାଙ୍ଗ୍‌ଙ୍କ ବିପକ୍ଷରେ ଏହି ଟୁର୍ନାମେଣ୍ଟ ପୂର୍ବରୁ ବିଜୟ ପରାଜୟ ରେକର୍ଡ ୩-୬ ରହିଥିଲା।










4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ